ବର୍ଷ-୫୨ : ସଂଖ୍ୟା-୩ ମାର୍ଚ୍ଚ, ୨୦୨୧ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମାର୍ଚ୍ଚ, ୨୦୨୧


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ୨୧ ଫେବ୍ରୁଆରୀ, ୨୦୨୧ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ପ୍ରଥମେ ଈଶ୍ୱର | ··· | ଶ୍ରୀମା | ··· | ୬ |
| ମା'ଙ୍କ ପ୍ରତି ଉନ୍ମୀଳନ ଓ ସମର୍ପଣ | ··· | ଶ୍ରୀଅରବିନ୍ଦ | ··· | ୭ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ (ପଞ୍ଚମ ଅଧ୍ୟାୟ) | | | | |
| ଦିବ୍ୟ ସତ୍ୟ ଓ ପଥ | ··· | ଶେଖ ଅବଦୁଲ କାଶମ | ··· | ୯ |
| ଅସରନ୍ତି ତାରା ଫୁଲର ହସ (କବିତା) | ··· | ଶାନ୍ତି ମହାନ୍ତି | ··· | ୧୩ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୯୪) | ··· | ··· | ··· | ୧୪ |
| ଶ୍ରୀମା କିଏ ? ତାଙ୍କ କାର୍ଯ୍ୟ କ'ଣ ? | ··· | ରାମକୃଷ୍ଣ ଦାସ | ··· | ୧୮ |
| କ୍ରୋଧାଗ୍ନି (କବିତା) | ··· | ସନ୍ତୋଷ ରଥ | ··· | ୨୧ |
| ଭାରି ଭଲ ଲାଗେ (କବିତା) | ··· | ଦୀପ୍ତି ମିଶ୍ର | ··· | ୨୨ |
| ଉଜ୍ଜ୍ୱଳ ଭବିଷ୍ୟତ୍ ! | ··· | ମନୋଜ ଦାସ | ··· | ୨୩ |
| ଏକ ଅନାଗତ ଭବିଷ୍ୟତର ଆଭିମୁଖ୍ୟ | ··· | ପ୍ରପତ୍ତି | ··· | ୨୫ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୪୯) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୭ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୭୭) | ··· | ସାହାନା ଦେବୀ | ··· | ୩୦ |
| କବି ନିଶିକାନ୍ତ (୮) | ··· | ··· | ··· | ୩୨ |
| ସୁଷ୍ଠୁତାର ପରମ ଗୋପନୀୟତା (୯) | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୩୬ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୧୦) | ··· | ଗୟାଧର ଦାଶ | ··· | ୩୯ |
| ଅଧ୍ୟବସାୟ ସମ୍ପର୍କରେ | ··· | କୁମାର ଚନ୍ଦ୍ର ମିଶ୍ର | ··· | ୪୩ |
| ଦିବାସ୍ୱପ୍ନ (୩) | ··· | ଗିଜୁଭାଇ ବଧେକା | ··· | ୪୮ |
| ଦାତା | ··· | ଶ୍ରୀମା | ··· | ୫୩ |
| ଦେବତା ମନୋନୟନ ସମସ୍ୟା | ··· | ମନୋଜ ଦାସ | ··· | ୫୬ |


❖

# ପ୍ରାର୍ଥନା

ହେ ପ୍ରଭୁ, ହେ ଶାଶ୍ୱତ ଗୁରୁ, ଯାହାଙ୍କୁ ଆମେ ନା କୌଣସି ନାମ ଦେଇପାରିବୁ ନା ବୁଝିପାରିବୁ, କିନ୍ତୁ ଯାହାଙ୍କୁ ଆମେ ପ୍ରତି ମୁହୂର୍ତ୍ତରେ ଅଧିକରୁ ଅଧିକ ଉପଲବ୍ଧି କରିବାକୁ ଚାହୁଁ, ଆମ ବୁଦ୍ଧିକୁ କର ଜ୍ଞାନାଲୋକିତ, ଆମ ହୃଦୟକୁ କର ଜ୍ଞାନୋଦ୍ଭାସିତ, ଆମ ଚେତନାକୁ କର ରୂପାନ୍ତରିତ; ପ୍ରତ୍ୟେକେ ହୁଅନ୍ତୁ ପ୍ରକୃତ ଜୀବନ-ସଚେତନ, ପରିତ୍ୟାଗ କରନ୍ତୁ ଅହଂଭାବ ଏବଂ ତା'ର ଅନୁଧାବକ ଦୁଃଖ ଓ ବେଦନା ଏବଂ ଯାବତୀୟ ଶାନ୍ତି ଓ ସୁଖର ଉତ୍ସ ତୁମର ଦିବ୍ୟ ତଥା ବିଶୁଦ୍ଧ ପ୍ରେମରେ ନିଅନ୍ତୁ ଆଶ୍ରୟ । ତୁମକୁ ନେଇ ପରିପୂର୍ଣ୍ଣ ମୋ ହୃଦୟ ଅସୀମତା ଅଭିମୁଖେ ପ୍ରସାରିତ ହେବା ପରି ମନେହୁଏ ଏବଂ ତୁମ ଉପସ୍ଥିତି ଯୋଗୁଁ ଜ୍ଞାନଦୀପ୍ତ ମୋର ବୁଦ୍ଧି ବିଶୁଦ୍ଧତମ ହୀରକ ଭଳି ହୁଏ ଜ୍ୟୋତିର୍ମୟ । ତୁମେ ହିଁ ସେ ଅଦ୍ଭୁତ ଯାଦୁକର, ଯିଏ ସବୁକୁ କରେ ରୂପାନ୍ତରିତ, କୁରୂପ ଭିତରୁ ବିକଶିତ କରାଏ ସୌନ୍ଦର୍ଯ୍ୟ, ଅନ୍ଧକାର ଭିତରୁ ଆଲୋକ, ପଙ୍କ ମଧ୍ୟରୁ ନିର୍ମଳ ନୀର, ଅଜ୍ଞାନରୁ ଜ୍ଞାନ ଏବଂ ଅହଂଭାବ ଭିତରୁ ଉତ୍କର୍ଷ ।

ତୁମ ଭିତରେ, ତୁମ ଦ୍ୱାରା, ତୁମ ପାଇଁ ଆମେ ଜୀବନଧାରଣ କରୁ ଏବଂ ତୁମ ବିଧାନ ହିଁ ଆମ ଜୀବନର ପରମ ବିଧାତା ହେଉ ।

ତୁମ ଇଚ୍ଛା ହିଁ ସର୍ବତ୍ର କାର୍ଯ୍ୟକାରୀ ହେଉ, ତୁମ ଶାନ୍ତି ହିଁ ସମଗ୍ର ଧରିତ୍ରୀ ଉପରେ ରାଜୁତି କରୁ ।

ମାର୍ଚ୍ଚ ୧୯, ୧୯୧୪ — ଶ୍ରୀମା



# ୨୧ ଫେବ୍ରୁଆରୀ, ୨୦୨୧ରେ ଆଶ୍ରମରେ ବିତରିତ ବାଣୀ

Kind, smiling, close and helpful, not easily turned away or discouraged, insistent even after repeated failure, her hand sustains our every step on condition that we are single in our will and straightforward and sincere.

– Sri Aurobindo

ଦୟା ଓ ସ୍ମିତହାସ୍ୟ ସହ ସେ ଆମମାନଙ୍କ ପାଖରେ ରହିଛନ୍ତି ଏବଂ ସାହାଯ୍ୟ କରୁଛନ୍ତି, ସହଜରେ ସେ ବିମୁଖ ବା ନିରାଶ ହୁଅନ୍ତି ନାହିଁ, ପୁନଃ ପୁନଃ ବ୍ୟର୍ଥତା ସତ୍ତ୍ୱେ ବି ସମାନ ଭାବରେ ଉତ୍ସାହ ଦେଉଛନ୍ତି, ପ୍ରତି ପଦରେ ସେ ଆମମାନଙ୍କ ହାତ ଧରି ନେଇ ଚାଲୁଛନ୍ତି; ତାଙ୍କର ଏକମାତ୍ର ଦାବି : ଆମମାନଙ୍କ ସଂକଳ୍ପ ଯେପରି ଏକମୁଖୀ ହୁଏ ଏବଂ ଆମେମାନେ ଯେପରି ହେଉ ସରଳ ଓ ଏକନିଷ୍ଠ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୦୩)

## ଶ୍ରୀଅରବିନ୍ଦ

This too must now be overpassed and left,
As all must be until the Highest is gained
In whom the world and self grow true and one:
Till That is reached our journeying cannot cease.

ସଂପ୍ରତି ଏହାକୁ ବି ଅବଶ୍ୟ ଅତିକ୍ରମ କରିଯିବାକୁ ଓ ଛାଡ଼ି ଆସିବାକୁ ହେବ, ସବୁକିଛିକୁ ହିଁ ଏମିତି ପାର ହୋଇ ଆସିବାକୁ ପଡ଼ିବ ଯଦବଧି ପ୍ରାପ୍ତ ନ ହୋଇଛନ୍ତି ସେହି ସମୁଚ୍ଚତମ ଯାହାଙ୍କ ମଧ୍ୟରେ ଜଗତ୍ ଓ ଆତ୍ମା ହୋଇଉଠେ ସତ୍ୟ ଏବଂ ଏକାକାର : ସେଠାରେ ଉପନୀତ ନ ହେବାଯାଏ ଆମ ପଥଯାତ୍ରାର ଅବସାନ ହିଁ ନାହିଁ ।

Always a nameless goal beckons beyond,
Always ascends the zigzag of the gods
And upward points the spirit's climbing Fire.

ନିରନ୍ତର ଏକ ଅନାମା ଲକ୍ଷ୍ୟ ସେପାରିରୁ ଇସାରା ଦେଇ ଡାକୁଛି, ନିରନ୍ତର ଉତ୍ତରିତ ହେବାରେ ଲାଗିଛି ଦେବତାମାନଙ୍କର ସର୍ପିଳ ଗତି ଏବଂ ଉର୍ଦ୍ଧ୍ୱାଭିମୁଖୀ ହୋଇ ଉଠିଚାଲିଛି ଚେତନାର ଆରୋହୀ ଅଗ୍ନି ।

This breath of hundred-hued felicity
And its pure heightened figure of Time's joy,
Tossed upon waves of flawless happiness,
Hammered into single beats of ecstasy,
This fraction of the spirit's integer
Caught into a passionate greatness of extremes,
This limited being lifted to zenith bliss,
Happy to enjoy one touch of things supreme,
Packed into its sealed small infinity,
Its endless time-made world outfacing Time,
A little output of God's vast delight.

ବହୁବର୍ଣ୍ଣ ଆନନ୍ଦର ଏଇ ଯେ ନିଃଶ୍ୱାସ ଆଉ ତା'ର ଶୁଦ୍ଧ ସମୃଦ୍ଧ ମୂର୍ତ୍ତି, କାଳଗତ ପୁଲକରେ ଯାହା ପରିପ୍ଲୁତ ହୋଇଥିଲା, ନିଖୁଣ ସୁଖର ତରଙ୍ଗମାଳାରେ ଯାହା ଇତସ୍ତତଃ ଉତ୍କ୍ଷେପିତ ହୋଇ ଭାସି ଚାଲିଥିଲା, ଉଲ୍ଲାସର ଅଖଣ୍ଡ ସ୍ପନ୍ଦନରାଜିରେ ସବଳେ ଗଢ଼ା ଯାଇଥିଲା ଯେଉଁ ମୂର୍ତ୍ତିଟି, ଚରମ-ପ୍ରାନ୍ତଯୁଗଳର ଏକ ଆବେଗଘନ ଆଲିଙ୍ଗନରେ ଆବଦ୍ଧ ପୂର୍ଣ୍ଣ ଆତ୍ମାର ଏଇ ଯେ ଭଗ୍ନାଂଶ, ମହାନନ୍ଦର ଶିଖରକୁ ଉନ୍ନୀତ ଏଇ ଯେ ସସୀମ ସତ୍ତା, ପରମ ବସ୍ତୁସକଳର ଏକ ହିଁ ସ୍ପର୍ଶଲାଭରେ ଯାହା ତୁଷ୍ଟ ହେଉଥିଲା, ଆପଣାର ଅବରୁଦ୍ଧ ଅନନ୍ତତା ମଧ୍ୟରେ, ମହାକାଳକୁ ପରାଭୂତ କରୁଥିବା ତା'ର ଅନ୍ତହୀନ କାଳକୃତ ଜଗତ୍ ମଧ୍ୟରେ ତାହା ଖୁନ୍ଦିଖାନ୍ଦି ଭରି ଦେଇଥିଲା ଭଗବାନଙ୍କ ବିପୁଳ ଆହ୍ଲାଦର ଏକ କ୍ଷୁଦ୍ର ପରିଣାମ ।

The moments stretched towards the eternal Now,
The hours discovered immortality,
But, satisfied with their sublime contents,
On peaks they ceased whose tops half-way to Heaven
Pointed to an apex they could never mount,
To a grandeur in whose air they could not live.

ମୁହୂର୍ତ୍ତସକଳ ପ୍ରସାରିତ ହୋଇ ଯାଉଥିଲେ ଚିରନ୍ତନ ବର୍ତ୍ତମାନ ଆଡ଼କୁ, କାଳଖଣ୍ଡମାନ ଅମରତ୍ୱର ଆବିଷ୍କାର କରୁଥିଲେ, ପରନ୍ତୁ ସେସବୁର ମହନୀୟ ସମ୍ପଦକୁ ନେଇ ସନ୍ତୁଷ୍ଟ ହୋଇ ଅଟକି ଯାଉଥିଲେ ସେହି ଶିଖରାବଳୀ ଉପରେ, ଯେଉଁଗୁଡ଼ିକର ଚୂଡ଼ା ସ୍ୱର୍ଗ ଦିଗରେ ଅର୍ଦ୍ଧ-ପଥ ସାଜି ସୂଚାଇ ଦେଉଥିଲେ ସମୁଚ୍ଚତମ ସେଇ ଶେଷଚୂଡ଼ା ଯାହାକୁ ସେମାନେ କଦାପି ଆରୋହଣ କରିପାରୁ ନଥିଲେ, ସେଇ ଉତ୍ତୁଙ୍ଗ ମହିମା ଯାହାର ସମୀରଣରେ ଜୀବନଧାରଣ କରିବାକୁ ସେମାନେ ଥିଲେ ଅସମର୍ଥ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ପ୍ରଥମେ ଈଶ୍ୱର

## ଶ୍ରୀମା

### (୧)

*ପ୍ରଶ୍ନ: ''ଈଶ୍ୱର ସବୁବେଳେ ପ୍ରଥମେ ଆସିବା ଉଚିତ''– (ଶ୍ରୀଅରବିନ୍ଦ) ମୁଁ ଏକଥା ବୁଝିପାରୁନି । ''ପ୍ରଥମେ ଆସିବା ଉଚିତ'' ମାନେ କ'ଣ ?*

**ଶ୍ରୀମା** : ତା' ଅର୍ଥ ହେଲା – ଅନ୍ୟ ସବୁ ବିଚାର ଆସିବା ପୂର୍ବରୁ ପ୍ରଥମେ ହିଁ ଈଶ୍ୱର ବିଚାର୍ଯ୍ୟ । ଏବଂ ଅନ୍ୟ ସବୁ ବିଚାର ଯାହା ଈଶ୍ୱର ସଂବନ୍ଧୀୟ ନୁହେଁ, ସେଗୁଡ଼ିକ ହେଲା ଦ୍ୱିତୀୟ ସ୍ତରୀୟ ବିଚାର । ସେଗୁଡ଼ିକର କିଛି ମୂଲ୍ୟ ନାହିଁ ।... ଉଦାହରଣ ସ୍ୱରୂପ : ତୁମକୁ ଯେତେବେଳେ କିଛି ଗୋଟାଏ ବାଛି ନେବାକୁ ପଡୁଛି ସେତେବେଳେ ତୁମକୁ ଐଶ୍ୱରିକ ପ୍ରେରଣାନୁସାରେ ବାଛି ନେବାକୁ ପଡ଼ିବ କିଂବା ଯାହା ତୁମକୁ ଈଶ୍ୱରଙ୍କର ଅଧିକ ସନ୍ନିକଟ କରାଇ ପାରିବ କିଂବା ଯାହା ତୁମକୁ ଈଶ୍ୱରଙ୍କୁ ପାଇବା ପାଇଁ କ୍ଷେତ୍ର ଯୋଗାଇ ଦେଇପାରିବ, ତାହାହିଁ ତୁମକୁ ବାଛିବାକୁ ହେବ । କାରଣ, ଈଶ୍ୱର ହିଁ ପ୍ରଥମେ ଆସନ୍ତି । ଅନ୍ୟସବୁ ବ୍ୟକ୍ତିଗତ ସ୍ୱାର୍ଥ କିଂବା ବ୍ୟକ୍ତିଗତ ସୁଖାଦି ପରେ ଆସିବ । ପ୍ରଥମେ ଈଶ୍ୱର । ଏବଂ ଈଶ୍ୱରଙ୍କ ପାଖରେ ପ୍ରଥମେ ନିଜକୁ ଉତ୍ସର୍ଗ କରିବା ଉଚିତ । ଆଉ ସବୁକଥା ପରେ ଆସିବ । ଯଦି ଏହାସବୁ ଆସିଲା ତ ଆସିଲା; ଯଦି ନ ଆସିଲା ବି କିଛି ଯାଏ ଆସେ ନାହିଁ । ଯାହା ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ ତାହା ହେଲା ଈଶ୍ୱରଙ୍କୁ ଅନ୍ୱେଷଣ କରିବା । ଏଇଟା ହିଁ ପ୍ରଥମ କଥା । ଏହି କଥାଟି ହିଁ ସବୁ କଥା ପୂର୍ବରୁ ଆସିବା ଉଚିତ । ଏହାହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା । ଏହାହିଁ ଶ୍ରୀଅରବିନ୍ଦଙ୍କ କଥିତ ସେହି ବାକ୍ୟଟିର ଅର୍ଥ ।

### (୨)

ପ୍ରଥମ କଥା ହେଲା ଆଗ ଈଶ୍ୱରଙ୍କୁ ଲୋଡ଼ିବା ଏବଂ ଏତିକି ମଧ୍ୟ ସଠିକ କରି ବୁଝିବା ଯେ ପ୍ରଥମେ ଈଶ୍ୱର, ତା'ପରେ ଯାଇ ଆଉ ଯେଉଁ କଥା । ଏଇଟା ହିଁ ହେଲା ଗୁରୁତ୍ୱପୂର୍ଣ୍ଣ । ଏଇଟା ହିଁ ପ୍ରଥମ ସର୍ତ୍ତ; ଆଉ ସବୁକଥା ପରେ ଆସିପାରେ, ଏଇଟା ହିଁ **ସାରସର୍ତ୍ତ** । କିନ୍ତୁ ଅନ୍ୟ ପକ୍ଷରେ ତୁମେ ଦେଖ, ଯଦି କେବେ କେବେ ତୁମ ଜୀବନର ସବୁକିଛି ଭିତରେ, କେବେ ଥରେ ହୁଏତ ତୁମର ଜୀବନ ଠିକ୍‌ଠାକ୍ ଚାଲିଛି, ତୁମର କୌଣସି ଜଞ୍ଜାଳ ଉପସ୍ଥିତ ମୁହୂର୍ତ୍ତରେ ନାହିଁ, ତୁମର ହୁଏତ ସେତେବେଳେ ମୁଣ୍ଡରେ ଅନ୍ୟ କିଛି ଚିନ୍ତା ନାହିଁ, ହଠାତ୍ ତୁମେ ନିଜକୁ କହି ଉଠିଲ – ''ଆଃ ! ବର୍ତ୍ତମାନ ମୋତେ ଈଶ୍ୱରଙ୍କୁ ଲୋଡ଼ିବାକୁ ବହୁତ ଭଲ ଲାଗିବ !''– ଦେଖ ! ଏପରି ଭାବରେ ତା'ହେଲେ ତୁମକୁ ତାଙ୍କୁ ପାଇବା ଲାଗି ହଜାର ହଜାର ବର୍ଷ ଲାଗି ଯାଇପାରେ ।

କିନ୍ତୁ ତୁମ ଜୀବନରେ ଈଶ୍ୱର ଯଦି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହୁଅନ୍ତି, ତାହା ହିଁ ଯଦି ତୁମର ଏକମାତ୍ର ଲକ୍ଷ୍ୟ ହୁଏ, ଯଦି ଆଉ ସବୁକଥା ଏଇ ଲକ୍ଷ୍ୟର ପଛକୁ ରୁହେ ଏବଂ ତୁମେ ଯଦି ଈଶ୍ୱରଙ୍କ ବ୍ୟତୀତ ଆଉ କିଛି ଚାହୁଁ ନ ଥାଅ, ତା'ହେଲେ – ଈଶ୍ୱର ପ୍ରାପ୍ତି ହିଁ ତୁମର ସବୁକଥାରେ ପ୍ରଥମ ସର୍ତ୍ତ ହୋଇ ରହିବ । ତୁମକୁ ପ୍ରଥମେ ଏତିକି ହିଁ ପ୍ରତିଷ୍ଠା କରିବାକୁ ପଡ଼ିବ, ପରେ ଯାଇ ଆମେ ଆଉ ଅନ୍ୟ ବିଷୟରେ କହିବା । ପ୍ରଥମେ ଈଶ୍ୱର, ବାକୀ ଅନ୍ୟ ସବୁକଥା ବିଚାର୍ଯ୍ୟ ନୁହେଁ, କେବଳ ଈଶ୍ୱର ହିଁ ଏକମାତ୍ର **ଈପ୍ସିତ** ବିଷୟ, ଏବଂ ତାଙ୍କୁ ପାଇବା ଲାଗି ଜଣେ ତା' ଜୀବନର ସବୁକିଛିକୁ ପରିତ୍ୟାଗ କରିବା ଲାଗି ପ୍ରସ୍ତୁତ ହେବା ଉଚିତ । ଜୀବନରେ ଏହା ହିଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ । ଏତିକି ସ୍ଥିର ହୋଇ ଗଲେ ତୁମେ ଜୀବନରେ ସେ ଆଡ଼କୁ ଅନ୍ତତଃ ପାଦେ ମାତ୍ର ଅଗ୍ରସର ହେବା ଲାଗି କ୍ଷେତ୍ର ପ୍ରସ୍ତୁତ କରିପାରିବ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ମା'ଙ୍କ ପ୍ରତି ଉନ୍ମୀଳନ ଓ ସମର୍ପଣ

## ଶ୍ରୀଅରବିନ୍ଦ

ଯୋଗସାଧନାର ଅର୍ଥ ହେଉଛି ସମସ୍ତ ଆସକ୍ତିକୁ ଅତିକ୍ରମ କରି କେବଳ ଭଗବତ୍ ଅଭିମୁଖୀ ହେବାର ସଂକଳ୍ପ । ଯୋଗରେ ପ୍ରଧାନ କଥା ହେଲା ପ୍ରତିପଦରେ ଦିବ୍ୟକୃପା ଉପରେ ନିର୍ଭର କରିବା, ନିଜର ସମସ୍ତ ଚିନ୍ତା ଓ ଭାବନାକୁ ଅବିରାମ ଭଗବାନଙ୍କ ଦିଗରେ ଚାଳନା କରିବା ଏବଂ ତାଙ୍କ ନିକଟରେ ନିଜକୁ ସମର୍ପଣ କରିବା ଯେପର୍ଯ୍ୟନ୍ତ ସତ୍ତାର ଉନ୍ମୀଳନ ନ ହୋଇଛି ଏବଂ ଆଧାର ଭିତରେ ମା'ଙ୍କ ଶକ୍ତି କାର୍ଯ୍ୟ କରୁଥିବାର ସାଧକ ଅନୁଭବ ନ କରିଛି ।

*

ଉନ୍ମୀଳିତ ହେବାର ଅର୍ଥ ହେଉଛି ମା'ଙ୍କ ଆଡ଼କୁ ନିଜକୁ ଖୋଲି ଧରିବା ଯେପରି କି ତୁମ ମଧ୍ୟରେ ତାଙ୍କ ଶକ୍ତି କ୍ରିୟା କରିବ, ତୁମ ଭିତରର କୌଣସି କିଛି ଯେପରି ତାଙ୍କ କାର୍ଯ୍ୟରେ ଅସମ୍ମତି ପ୍ରକାଶ ନ କରେ ବା ବାଧା ନ ଦିଏ । ମନ ଯଦି ତାହାର ନିଜର ଧାରଣାବଳୀରେ ଆବଦ୍ଧ ରହେ ଓ ମା'ଙ୍କୁ ତା' ମଧ୍ୟରେ ଦିବ୍ୟଜ୍ୟୋତିଃ ଓ ସତ୍ୟ ଆଣିବାକୁ ନ ଦିଏ, ପ୍ରାଣ ଯଦି ତା'ର କାମନା-ବାସନାକୁ ଜାବୁଡ଼ି ଧରି ରହେ ଏବଂ ମା'ଙ୍କର ଶକ୍ତି ଯେଉଁ ଯଥାର୍ଥ ଉଦ୍ୟୋଗ ଓ ପ୍ରେରଣା ଆଣିଥାଏ ତାହାକୁ ପ୍ରବେଶ କରିବାକୁ ନ ଦିଏ, ଦେହ ଯଦି ତା'ର କାମନା-ବାସନା, ଅଭ୍ୟାସ ଓ ଜଡ଼ତା ମଧ୍ୟରେ ଆବଦ୍ଧ ରହେ ଓ ତା' ଭିତରେ ଦିବ୍ୟାଲୋକ ଓ ଶକ୍ତିକୁ ପ୍ରବେଶ କରି କ୍ରିୟା କରିବାକୁ ନ ଦିଏ, ତେବେ ସେ ବ୍ୟକ୍ତି ମା'ଙ୍କ ପ୍ରତି ଉନ୍ମୀଳିତ ନୁହେଁ । ଅବଶ୍ୟ ହଠାତ୍ ଏକ ସଙ୍ଗେ ସମସ୍ତ ଗତିବୃତ୍ତିରେ ସମ୍ପୂର୍ଣ୍ଣ ଭାବେ ଉନ୍ମୀଳିତ ହେବା ସମ୍ଭବ ନୁହେଁ, ତେବେ ଆବଶ୍ୟକ ହେଉଛି ପ୍ରତ୍ୟେକ ଅଂଶରେ ଏକ କେନ୍ଦ୍ରୀୟ ଉନ୍ମୀଳନ ଏବଂ କେବଳ ମା'ଙ୍କ କ୍ରିୟାବଳୀକୁ ପ୍ରବେଶ କରିବାକୁ ଦେବା ପାଇଁ ସତ୍ତାର ପ୍ରତ୍ୟେକ ଅଂଶରେ ଏକ ଅଭୀପ୍ସା ଓ ସଂକଳ୍ପ; ବାକି ଯାହା ଆବଶ୍ୟକ ତାହା ଧୀରେ ଧୀରେ ହେବ ।

(୨୮.୧୦.୧୯୩୪)

*

ମା'ଙ୍କ ପ୍ରତି ଉନ୍ମୁକ୍ତ ରହିବାର ଅର୍ଥ ହେଉଛି ଦୃଢ଼ ବିଶ୍ୱାସର ସହ ବରାବର ଶାନ୍ତ ଓ ପ୍ରସନ୍ନ ରହିବା ଏବଂ କୌଣସି ପ୍ରକାର ଅସ୍ଥିରତା, ଶୋକ ବା ହତାଶାକୁ ପ୍ରଶ୍ରୟ ନ ଦେଇ ତାଙ୍କର ଶକ୍ତିକୁ ତୁମ ଭିତରେ କାର୍ଯ୍ୟ କରିବାକୁ ଦେବା ଯେପରି କି ତାହା ତୁମକୁ ଚାଳିତ କରେ ଏବଂ ଜ୍ଞାନ, ଶାନ୍ତି ତଥା ଆନନ୍ଦ ଆଣିଦିଏ । ତୁମେ ଯଦି ନିଜକୁ ଉନ୍ମୁକ୍ତ ରଖିପାରୁ ନାହଁ ତେବେ ଧୀର ସ୍ଥିର ଭାବରେ ନିରନ୍ତର ଅଭୀପ୍ସା କର ଯେପରି କି ତୁମେ ଉନ୍ମୁକ୍ତ ହୋଇ ପାରିବ ।

*

ତୁମକୁ କେବଳ ଅଭୀପ୍ସା କରିବାକୁ ହେବ, ମା'ଙ୍କ ପାଖରେ ନିଜକୁ ଖୋଲି ଧରିବାକୁ ହେବ, ତାଙ୍କ ଇଚ୍ଛାର ଯାହାକିଛି ବିରୋଧୀ ସେସବୁକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ ଏବଂ ତୁମ ଭିତରେ ତାଙ୍କୁ କାର୍ଯ୍ୟ କରିବାକୁ ଦେବାକୁ ହେବ । ତୁମର ସମସ୍ତ କାର୍ଯ୍ୟ କରିବ ତାଙ୍କରି ନିମନ୍ତେ ଏବଂ ଏହି ବିଶ୍ୱାସରେ ଯେ ତାଙ୍କରି ଶକ୍ତି ବଳରେ ହିଁ ତୁମେ ତାହା କରିପାରୁଛ । ତୁମେ ଯଦି ଏହି ଭାବରେ ଉନ୍ମୁକ୍ତ ରହ ତେବେ ଯଥାସମୟରେ ତୁମେ ଜ୍ଞାନ ଓ ଉପଲବ୍ଧି ପାଇପାରିବ ।

*

ବିଶ୍ୱାସ ଓ ଭରସା ସହ ମା'ଙ୍କର ସାହାଯ୍ୟ ପ୍ରତି ନିଜକୁ ଖୋଲି ଧର, ତାଙ୍କଠାରୁ ନିଜକୁ ଦୂରରେ ଅନୁଭବ ନ କରିବାର ଏହାହିଁ ଶ୍ରେଷ୍ଠ ମାର୍ଗ ।

*

ନିରନ୍ତର ସ୍ମରଣ ଦ୍ୱାରା ହିଁ ପୂର୍ଣ୍ଣ ଉନ୍ମୀଳନ ନିମନ୍ତେ ଆଧାର ପ୍ରସ୍ତୁତ ହୁଏ । ହୃଦୟର ଉନ୍ମୀଳନ ଫଳରେ ମା'ଙ୍କର ଉପସ୍ଥିତି ଅନୁଭୂତ ହେବାକୁ ଆରମ୍ଭ କରେ ଏବଂ ତାଙ୍କର ଉର୍ଦ୍ଧ୍ୱସ୍ଥ ଶକ୍ତି ପ୍ରତି ଉନ୍ମୁକ୍ତ ରହିଲେ ଉର୍ଦ୍ଧ୍ୱତନ ଚେତନାର ଶକ୍ତି ଶରୀର ଭିତରକୁ ଅବତରଣ କରି ଆସେ ଏବଂ ସମଗ୍ର ପ୍ରକୃତିର ରୂପାନ୍ତର ପାଇଁ ସେଠାରେ କ୍ରିୟା କରେ ।

(୦୭.୦୮.୧୯୩୪)

*

ହଁ, ମନକୁ ନୀରବ ଓ ଅଚଞ୍ଚଳ କରିବା ଦ୍ୱାରା ହିଁ ତୁମେ ମା'ଙ୍କୁ ଆବାହନ କରିବା ପାଇଁ ଓ ତାଙ୍କ ପ୍ରତି ଉନ୍ମୀଳିତ ହେବା ପାଇଁ ସକ୍ଷମ ହେବ । ତୁମର ଯେଉଁ ସୁଖପ୍ରଦ ଅନୁଭୂତି ହୋଇଥିଲା ତାହା ହେଉଛି ଚୈତ୍ୟପୁରୁଷଙ୍କ ସ୍ପର୍ଶ । ଏହି ପ୍ରକାର ସ୍ପର୍ଶସବୁ ଚୈତ୍ୟ-ଉନ୍ମୀଳନକୁ ପ୍ରସ୍ତୁତ କରେ ଯାହାକି ସଙ୍ଗରେ ଘେନି ଆସେ ଆନ୍ତର ଶାନ୍ତି, ପ୍ରେମ ଓ ଆନନ୍ଦ ।

(୧୭.୦୯.୧୯୩୪)

*

ତୁମେ ଯଦି ସମର୍ପଣ ନକର ତେବେ ମା'ଙ୍କ ପ୍ରତି ନିଜକୁ ଉନ୍ମୁକ୍ତ ରଖିବାର ବିଶେଷ କିଛି ଆଧ୍ୟାତ୍ମିକ ଅର୍ଥ ନାହିଁ । ଯେଉଁମାନେ ଏହି ଯୋଗର ସାଧକ ସେମାନଙ୍କଠାରୁ ଆତ୍ମ-ନିବେଦନ ଓ ସମର୍ପଣ ଦାବୀ କରାଯାଏ କାରଣ ଏକ ନିତ୍ୟବର୍ଦ୍ଧମାନ ସମର୍ପଣ ବିନା ଲକ୍ଷ୍ୟର ନିକଟବର୍ତ୍ତୀ ହେବା ସମ୍ପୂର୍ଣ୍ଣ ଅସମ୍ଭବ । ନିଜକୁ ଖୋଲି ଧରିବାର ଅର୍ଥ ହେଉଛି ତୁମ ଭିତରେ କାର୍ଯ୍ୟ କରିବା ପାଇଁ ମା'ଙ୍କ ଶକ୍ତିକୁ ଆବାହନ କରିବା ଏବଂ ତୁମେ ଯଦି ଏହା ନିକଟରେ ନିଜକୁ ସମର୍ପଣ ନ କର ତେବେ ତାହାର ଅର୍ଥ ହେଲା ସେହି ଶକ୍ତିକୁ ତୁମ ଭିତରେ ଆଦୌ କାର୍ଯ୍ୟ କରିବାକୁ ଦେଉ ନାହଁ କିଂବା ଏହି ସର୍ତ୍ତ ରଖୁଛ ଯେ ସେ ତାହାର ନିଜର ଧାରା, ଦିବ୍ୟ ସତ୍ୟର ଧାରାରେ କାର୍ଯ୍ୟ ନ କରି ତୁମର ଇଚ୍ଛାନୁସାରେ କାର୍ଯ୍ୟ କରୁ । ଏହି ପ୍ରକାର ଏକ ପରାମର୍ଶ ସାଧାରଣତଃ କୌଣସି ବିରୋଧୀ ଶକ୍ତିଠାରୁ କିଂବା ମନ ଓ ପ୍ରାଣର କୌଣସି ଅହଂଗତ ଉପାଦାନଠାରୁ ଆସିଥାଏ; ତାହାର କାରଣ ହେଲା — ଏମାନେ ଊର୍ଦ୍ଧ୍ୱତନ ଶକ୍ତି ବା ଅନୁକମ୍ପା ଚାହାନ୍ତି ସତ୍ୟ, କିନ୍ତୁ କେବଳ ନିଜର ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ — ଏମାନେ ଭାଗବତ ଉଦ୍ଦେଶ୍ୟ ସିଦ୍ଧି ସକାଶେ ବିଶ୍ୱରେ ରହିବାକୁ ଚାହାନ୍ତି ନାହିଁ, ଏମାନେ ପାଇବାକୁ ଚାହାନ୍ତି ଭଗବାନଙ୍କଠାରୁ ସବୁକିଛି କିନ୍ତୁ ନିଜକୁ ଦେବାକୁ ଚାହାନ୍ତି ନାହିଁ । ଅନ୍ୟ ପକ୍ଷରେ ଆତ୍ମା, ଯାହାକି ଆମ୍ଭମାନଙ୍କର ଯଥାର୍ଥ ସତ୍ୟ, ସେ ସର୍ବଦା ଭଗବତ୍ ଅଭିମୁଖୀ, ସେ ଆତ୍ମ-ସମର୍ପଣ କରିବାକୁ ଯେ କେବଳ ରାଜି ତାହା ନୁହେଁ, ସଦା ଉତ୍ସୁକ ଏବଂ ସଦା ହୃଷ୍ଟଚିତ୍ତ ।

ଏହି ଯୋଗରେ ସକଳ ମନୋଗତ ଆଦର୍ଶ ଓ ସଂସ୍କୃତିକୁ ଅତିକ୍ରମ କରିବାକୁ ହୁଏ । ଧାରଣା, ଆଦର୍ଶ ହେଲା ମାନସିକ ବିଷୟ ଏବଂ ଅର୍ଦ୍ଧସତ୍ୟ ମାତ୍ର; ବହୁତ ସମୟରେ ମନ କୌଣସି ଗୋଟିଏ ଆଦର୍ଶ ନେଇ ତୁଷ୍ଟ ରହେ, ଆଦର୍ଶ ଗଠନ କରି ଆନନ୍ଦ ପାଏ । କିନ୍ତୁ ଜୀବନ ଯେପରି ସେହିପରି ରହିଯାଏ, — ଅପରିବର୍ତ୍ତିତ ଅଥବା ସାମାନ୍ୟ ପରିବର୍ତ୍ତିତ, ତାହା ବି ପ୍ରଧାନତଃ ବାହାରେ । ଆଧ୍ୟାତ୍ମିକ ସାଧକ ଦିବ୍ୟ ଉପଲବ୍ଧିର ସନ୍ଧାନ ଛାଡ଼ି ଶୁଦ୍ଧ-ମାନସ-ଆଦର୍ଶ ଗଠନର ଅନୁସରଣ କରେ ନାହିଁ । ଆଦର୍ଶ ରଚନା ନୁହେଁ, ଦିବ୍ୟ ସତ୍ୟର ଉପଲବ୍ଧି ହିଁ ହେଲା ତାହାର ଲକ୍ଷ୍ୟ, ଇହଲୋକରେ ବା ପରଲୋକରେ; ଇହଲୋକର ଦିବ୍ୟ ସତ୍ୟକୁ ସିଦ୍ଧ କରିବାକୁ ହେଲେ ମନ-ପ୍ରାଣର ଦିବ୍ୟ ରୂପାନ୍ତର ଆବଶ୍ୟକ, ଆଉ ମା'ଙ୍କର ଭାଗବତୀ ଶକ୍ତିର କ୍ରିୟା ପାଖରେ ସମର୍ପଣ ବ୍ୟତୀତ ସେହି ରୂପାନ୍ତର କଦାପି ସମ୍ଭବପର ନୁହେଁ ।

ଅପୌରୁଷେୟ ପୁରୁଷର ସନ୍ଧାନ ହେଲା ସେହିମାନଙ୍କର ପନ୍ଥା ଯେଉଁମାନେ ଜୀବନକୁ ବର୍ଜନ କରିବାକୁ ଚାହାନ୍ତି, କିନ୍ତୁ ସାଧାରଣତଃ ସେମାନେ ନିର୍ଭର କରନ୍ତି ବ୍ୟକ୍ତିଗତ ପ୍ରୟାସ ଉପରେ, ଊର୍ଦ୍ଧ୍ୱତନ ଶକ୍ତି ନିକଟରେ ଆତ୍ମୋନ୍ମୀଳନ ବା ଆତ୍ମ-ସମର୍ପଣ ଉପରେ ନୁହେଁ । କାରଣ ନୈର୍ବ୍ୟକ୍ତିକ ତତ୍ତ୍ୱ ସାଧକକୁ ଚାଳନା କରେ ନାହିଁ ବା ସାହାଯ୍ୟ କରେ ନାହିଁ; କେବଳ ସାଧକକୁ ତାହା ପ୍ରାପ୍ତ କରିବାକୁ ହୁଏ ଏବଂ ପ୍ରତ୍ୟେକ ସାଧକ ନିଜର ଗ୍ରହଣ କ୍ଷମତା ଓ ନିଜର ସ୍ୱଭାବ ଅନୁସାରେ ତାହା ପ୍ରାପ୍ତ କରେ । ଅନ୍ୟ ପକ୍ଷରେ ମା'ଙ୍କ ପାଖେ ଉନ୍ମୀଳନ ଓ ସମର୍ପଣ ଦ୍ୱାରା ଦିବ୍ୟସତ୍ୟର ପୌରୁଷେୟ ବା ଅପୌରୁଷେୟ ସକଳ ଭାବ ହିଁ ଉପଲବ୍ଧି କରିପାରିବ ।

ସମର୍ପଣ ଉତ୍ତରୋତ୍ତର ବୃଦ୍ଧି ପାଇବା ଉଚିତ । ଆରମ୍ଭରୁ କେହି ପୂର୍ଣ୍ଣ ସମର୍ପଣ କରିପାରେ ନାହିଁ, ସେହି ସକାଶେ ଏହା ଖୁବ୍ ସ୍ୱାଭାବିକ ଯେ ମନୁଷ୍ୟ ନିଜର ଅନ୍ତରରେ ଦୃଷ୍ଟିପାତ କଲେ ଏହି ସମର୍ପଣ ଦେଖି ପାରିବ ନାହିଁ । କିନ୍ତୁ ସେହି ସକାଶେ ସମର୍ପଣର ନିୟମଟିକୁ ମାନିନେବା ପାଇଁ ହେବ ନାହିଁ ଏପରି ତ' ନୁହେଁ ! ମାନିନେବାକୁ ହିଁ ହେବ, ଏବଂ ଗୋଟିଏ ସ୍ତରରୁ ଆଉ ଗୋଟିଏ ସ୍ତରରେ, ଗୋଟିଏ ଭୂମିରୁ ଆଉ ଗୋଟିଏ ଭୂମିରେ, ଧୀର ସ୍ଥିର ଭାବରେ ଉଠିଯିବାକୁ ହେବ, କ୍ରମଶଃ ସ୍ୱଭାବର ସକଳ ଭାଗରେ ତାହାକୁ ପ୍ରତିଷ୍ଠିତ କରିବାକୁ ହେବ ।

(*ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ*ରୁ ସଂଗୃହୀତ ପୃ. ୨୩ -୨୯)

ଅନୁବାଦକ : ଶ୍ରୀ ରାମକୃଷ୍ଣ ଦାସ ଓ ଶ୍ରୀ ପ୍ରପତ୍ତି ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ

## (ପଞ୍ଚମ ଅଧ୍ୟାୟ)

## ଦିବ୍ୟ ସତ୍ୟ ଓ ପଥ

**ଶେଖ ଅବଦୁଲ କାଶମ**

ଯେଉଁ ପୂର୍ଣ୍ଣତା ଓ ମୁକ୍ତି ମନୁଷ୍ୟର ଲକ୍ଷ୍ୟ, ତାହା ପ୍ରାପ୍ତ ହୋଇପାରେ ପରମ ସତ୍ୟର ଉପଲବ୍ଧି ଦ୍ୱାରା । ପରମ ସତ୍ୟ କହିଲେ ଆମେ ସେହି ବିଶ୍ୱାତୀତ ଭଗବାନଙ୍କ ରହସ୍ୟକୁ ବୁଝିବା ଯିଏ କି ସମଗ୍ର ଓ ସର୍ବତ୍ର ବିଦ୍ୟମାନ (Who is all and every where), କିନ୍ତୁ ସମଗ୍ର ବିଶ୍ୱଠାରୁ ସେ ତଥାପି ବୃହତ୍ତର ଓ ମହତ୍ତର । ତାଙ୍କୁ ମନ ଦ୍ୱାରା ଚିନ୍ତା କରାଯାଇ ପାରିବ ନାହିଁ କି ଭାଷାରେ ବ୍ୟକ୍ତ କରାଯାଇ ପାରିବ ନାହିଁ । ଗୀତା ତାଙ୍କୁ ଅଚିନ୍ତ୍ୟ ରୂପ ଓ ଅବ୍ୟକ୍ତ ମୂର୍ତ୍ତି ବୋଲି ବର୍ଣ୍ଣନା କରିଛି । କୌଣସି ବସ୍ତୁ ତାଙ୍କୁ ଧାରଣ କରିପାରିବ ନାହିଁ । ଭଗବାନଙ୍କ ସତ୍ୟ ସନାତନ ସ୍ୱରୂପ ଜଡ଼ ଓ ପ୍ରାଣ ମଧ୍ୟରେ ପ୍ରକଟିତ ହୋଇ ନାହିଁ । ଆମେ ଯାହା ଦେଖୁ ତାହା ତାଙ୍କର ଏକ ରୂପ ମାତ୍ର, ତାହା ତାଙ୍କର ଶାଶ୍ୱତ ରୂପ ନୁହେଁ, ସ୍ୱରୂପ ବା ମୂଳ ରୂପ ନୁହେଁ । ଆମ ଧାରଣାରେ ଯାହା ସବୁଠୁ ବିରାଟ ବା ସୂକ୍ଷ୍ମ ତା'ଠାରୁ ମଧ୍ୟ ସେ ବିରାଟତର ଓ ସୂକ୍ଷ୍ମତର । କଠୋପନିଷଦ୍‌ରେ ତାଙ୍କ ବିଷୟରେ କୁହାଯାଇଛି – ''ଅଣୋରଣୀୟାନ୍ମହତୋ ମହୀୟାନ୍ ।'' ସବୁକିଛିର ଉତ୍ସ ସେହି ଶାଶ୍ୱତ, ଅନନ୍ତ ଓ ଅନିର୍ବଚନୀୟ ପରମସତ୍ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଆମକୁ ତାଙ୍କ ନିକଟରେ ଆମର ସମଗ୍ର ଜୀବନ, ପ୍ରକୃତି ଓ ଅସ୍ତିତ୍ୱକୁ ସମର୍ପଣ କରି ଦେବାକୁ ହେବ । ଏହା ହିଁ ଆମ ପକ୍ଷରେ ପୂର୍ଣ୍ଣତାର ବିଧାନ ଓ ଚୂଡ଼ାନ୍ତ ମାର୍ଗ ।

ସମଗ୍ର ବିଶ୍ୱଜଗତ୍, ଯାହାର ସୀମା ନିର୍ଦ୍ଧାରଣ କରିବା ଆମ ପକ୍ଷରେ ଅସମ୍ଭବ, ତାହା ପରମେଶ୍ୱରଙ୍କ ଦ୍ୱାରା ବିରଚିତ ଓ ବିଧୃତ ହୋଇଛି । ସେ ହିଁ ସକଳ ସୃଷ୍ଟି ମଧ୍ୟରେ ପରିବ୍ୟାପ୍ତ ହୋଇ ରହିଛନ୍ତି (ଯେନ ସର୍ବମିଦଂ ତତମ୍) । ତାଙ୍କର ଅବ୍ୟକ୍ତ ସ୍ୱରୂପ ଉପରେ ସକଳ ଜଗତ୍ ଆଧାରିତ (ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତମୂର୍ତ୍ତିନା) । ସେ ସମସ୍ତଙ୍କର ଧାରଣ-ପୋଷଣକାରୀ (ସର୍ବସ୍ୟ ଧାତାରମ୍) । ସତତ ପରିବର୍ତ୍ତନଶୀଳ ଏହି ଜଗତର ସମସ୍ତ ପ୍ରାଣୀ ଓ ସମସ୍ତ ବସ୍ତୁ ସମଷ୍ଟିଗତ ରୂପରେ ବା ସ୍ୱତନ୍ତ୍ର ଭାବରେ ତାହାଙ୍କୁ ଧାରଣ କରିପାରିବେ ନାହିଁ । ଶ୍ରୀକୃଷ୍ଣ କହୁଛନ୍ତି –''ମତ୍‌ସ୍ଥାନି ସର୍ବଭୂତାନି ନ ଚାହଂ ତେଷ୍ୱବସ୍ଥିତଃ'' (ଗୀତା-୯/୪) । ଅର୍ଥାତ୍ ''ସମସ୍ତ ପ୍ରାଣୀ ମୋ'ଠାରେ ରହିଛନ୍ତି, କିନ୍ତୁ ମୁଁ ସେମାନଙ୍କ ଭିତରେ ରହି ନାହିଁ ।'' ସମସ୍ତେ ପରମ ଈଶ୍ୱରଙ୍କ ଭିତରେ ଜୀବନଧାରଣ କରୁଛନ୍ତି ଓ ଚଳପ୍ରଚଳ ହେଉଛନ୍ତି, ମାତ୍ର ସେମାନଙ୍କ ଦ୍ୱାରା ପରମ ଈଶ୍ୱରଙ୍କ ଜୀବନ, କର୍ମ ଓ ଲୀଳା ପରିଚାଳିତ ହେଉ ନାହିଁ । ସମସ୍ତ ପ୍ରାଣୀ ନିଜ ନିଜର ସତ୍ୟ ଓ ସ୍ୱଭାବ ଭଗବାନଙ୍କଠାରୁ ଆହରଣ କରୁଛନ୍ତି । ତେଣୁ ସେମାନେ ହେଉଛନ୍ତି ତାଙ୍କର ଭୂତଭାବ (becomings) ଏବଂ ସେ ହେଉଛନ୍ତି ସେମାନଙ୍କର ସତ୍ତା (being) । ଭଗବାନଙ୍କ ଏହି ସ୍ୱରୂପ ଓ ସାମର୍ଥ୍ୟ ଦେଖି ଆମେ ନିଶ୍ଚୟ ଚମତ୍କୃତ ହେବା ଯେ ଯେଉଁ ବିଶ୍ୱ ଆମ ଦୃଷ୍ଟିରେ ସୀମାହୀନ ପ୍ରତୀତ ହେଉଛି ତାହା ତାଙ୍କର ଲୀଳା-ପ୍ରକଟନର ଏକ କ୍ଷୁଦ୍ର ବ୍ୟାପାର ମାତ୍ର । ତାଙ୍କ ଦିବ୍ୟ-ପ୍ରକଟନର ଅନନ୍ତ ବିସ୍ତାର ପ୍ରକୃତରେ ଏକ ପରମ ବିସ୍ମୟ ଅଟେ ।

ଭଗବାନ୍ ଦେଶ ଓ କାଳର ଉର୍ଦ୍ଧ୍ୱରେ ରହିଛନ୍ତି । ତେଣୁ ଯଦି ଆମେ କହୁ ଯେ ସବୁକିଛି ତାଙ୍କ ଭିତରେ ରହିଛି ଏହା ସମ୍ପୂର୍ଣ୍ଣ ଠିକ୍ ହେବ ନାହିଁ କାରଣ ଏହା ଦ୍ୱାରା ଆମେ ତାଙ୍କୁ ଏକ ଦେଶବାଚକ ଅଭିବ୍ୟକ୍ତି ଭିତରେ ଆବଦ୍ଧ କରିବାର ଭୁଲ୍ କରି ବସିବା । ଜଗତର ବସ୍ତୁସକଳ ସହିତ ତାଙ୍କର ଯେଉଁ ସମ୍ପର୍କ ତାହା ଏପରି କହିବା ଦ୍ୱାରା ବାସ୍ତବ ଭାବରେ ଓ ସମ୍ପୂର୍ଣ୍ଣ ରୂପେ ବ୍ୟକ୍ତ ହୋଇପାରୁ ନାହିଁ । ଭଗବାନ୍ ସବୁରି ଅନ୍ତରରେ ରହିଛନ୍ତି, ସବୁକୁ ବ୍ୟାପିକରି ରହିଛନ୍ତି, ସବୁକୁ ଅତିକ୍ରମ କରି ରହିଛନ୍ତି ଏବଂ ଦେଶ ଓ କାଳ ମଧ୍ୟରେ ବି ସେ ଅଭିବ୍ୟକ୍ତ ହୋଇଛନ୍ତି – ଏସବୁ କହିବା ଦ୍ୱାରା ଆମେ କେବଳ ତାଙ୍କ ଚେତନାର ନାନା ପଦ (terms) ଓ ପ୍ରତୀକକୁ ଉଲ୍ଲେଖ କରୁଛୁ । ତାଙ୍କ ବିଷୟରେ

ଏପରି ବହୁତ ବର୍ଣ୍ଣନା କଲା ପରେ ବି ତଥାପି ଆହୁରି ବହୁତ କଥା ଅକୁହା ହୋଇ ରହିଯାଏ । କାରଣ ସେ ହେଉଛନ୍ତି ଅବାଙ୍‌ମାନସଗୋଚର ।

ଗୀତା କହିଛି ଯେ ଈଶ୍ୱରଙ୍କର ଏକ ଯୋଗସାମର୍ଥ୍ୟ (ଯୋଗମୈଶ୍ୱରମ୍‌) ରହିଛି । ଏହାକୁ ଯୋଗମାୟା ବୋଲି କୁହାଯାଏ । ଏହି ଯୋଗସାମର୍ଥ୍ୟ ବା ଅଧ୍ୟାତ୍ମଚେତନାର ଶକ୍ତି ଦ୍ୱାରା ଭଗବାନ୍ ନିଜକୁ ଅନନ୍ତ ରୂପରେ ଅଭିବ୍ୟକ୍ତ କରିଛନ୍ତି । ଯେଉଁ ଶକ୍ତି ବା ଦିବ୍ୟ କୌଶଳ ଅପରିମେୟକୁ ଅସଂଖ୍ୟ ରୂପ ପ୍ରଦାନ କରେ ତାହାକୁ ମାୟା ବୋଲାଯାଏ । ''ମିମିତେ ଇତି ମାୟା'' – ଅର୍ଥାତ୍ ଯାହା ଅପରିମେୟକୁ ମାପକ୍ଷମ କରେ (what measures out the Immeasurable) ତାହା ହେଉଛି ମାୟା । ପ୍ରକୃତରେ ମାୟା ହେଉଛି ଭଗବାନଙ୍କ ଆତ୍ମଶକ୍ତି (self-power) ବା ଦେବାତ୍ମ ଶକ୍ତି । ଭଗବାନଙ୍କ ଆତ୍ମରୂପାୟନ ଏକ ଯାନ୍ତ୍ରିକ ବା ଜଡ଼ଗତ ରୂପାୟନ ନୁହେଁ, ଏହା ଅଧ୍ୟାତ୍ମ ତତ୍ତ୍ୱ ଉପରେ ଆଧାରିତ । ଭଗବାନ୍ ତାଙ୍କର ସମସ୍ତ ଆତ୍ମରୂପାୟନ ସହିତ ଏକୀଭୂତ ହୋଇ ରହିଛନ୍ତି, ଆଦୌ ବିଚ୍ଛିନ୍ନ ହୋଇ ରହି ନାହାନ୍ତି, ତଥାପି ସେ ସବୁର ଅତୀତ । ବିଶ୍ୱଗତ ସକଳ ସତ୍ତା ଓ ଚେତନାର ଊର୍ଦ୍ଧ୍ୱରେ ସେ ରହିଛନ୍ତି । ବିଶ୍ୱ ସୃଷ୍ଟିର କୌଣସି କିଛି ମଧ୍ୟରେ ସେ ସୀମାବଦ୍ଧ ନୁହନ୍ତି । ଶ୍ରୀକୃଷ୍ଣ କହୁଛନ୍ତି – ''ସମସ୍ତ ପ୍ରାଣୀଙ୍କୁ ଉତ୍ପନ୍ନ କରୁଥିବା ଓ ପ୍ରାଣୀମାନଙ୍କର ଧାରଣ ତଥା ଭରଣପୋଷଣ କରୁଥିବା ମୋର ସ୍ୱରୂପ ସେହି ପ୍ରାଣୀମାନଙ୍କଠାରେ ନାହିଁ (ଭୂତଭୃନ୍ନ ଚ ଭୂତସ୍ଥୋ ମମାତ୍ମା ଭୂତଭାବନଃ – ଗୀତା ୯/୫)

ଭଗବାନ୍ ବିଶ୍ୱାତୀତ (supracosmic), ମାତ୍ର କୌଣସି ଅର୍ଥରେ ବି ସେ ବିଶ୍ୱ ବହିର୍ଭୂତ (extra-cosmic) ନୁହନ୍ତି । ବିଶ୍ୱର ଆତ୍ମା ରୂପେ ସେ ବିଶ୍ୱର ସର୍ବତ୍ର ବ୍ୟାପ୍ତ ହୋଇ ରହିଛନ୍ତି । ଅଦ୍ୱିତୀୟ ଅନନ୍ତ ଭଗବାନଙ୍କ ବାହାରେ ଆଉ କିଛି ମାତ୍ର ନାହିଁ । ଭଗବାନଙ୍କର ଏକ ଭାସ୍ୱର ଅଲିପ୍ତ ଆତ୍ମସତ୍ତା (a luminous uninvolved presence of the self-being of God) ସର୍ବତ୍ର ବିରାଜମାନ କରୁଛି । ଗୀତାରେ ଶ୍ରୀକୃଷ୍ଣ ତାହାକୁ ''ମମାତ୍ମା'' (ମମ ଆତ୍ମା) ବୋଲି କହିଛନ୍ତି । ଅର୍ଥାତ୍ ବିଶ୍ୱର ସର୍ବଭୂତ ସହିତ ଭଗବାନଙ୍କର ନିତ୍ୟ ସମ୍ବନ୍ଧ ରହିଛି । ତାଙ୍କର ଉପସ୍ଥିତି ଯୋଗୁଁ ସମଗ୍ର ଅସ୍ତିତ୍ୱ ବିଶ୍ୱଲୀଳା ରୂପେ ପ୍ରକଟିତ ହେଉଛି ।

ପରମ ସତ୍ତା ଅଥବା ବିଶ୍ୱସତ୍ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କଲେ ନାନା ପ୍ରକାର ଅନୁଭୂତି ପ୍ରାପ୍ତ ହୋଇଥାଏ । ସେହି ଅନୁସାରେ ଜଗତର ମୂଳସତ୍ତାଙ୍କ ବିଷୟରେ ବିଭିନ୍ନ ପ୍ରକାର ଧାରଣା ବା ସିଦ୍ଧାନ୍ତ ସୃଷ୍ଟି ହୁଏ । ତେବେ ଭଗବାନଙ୍କର ଅକ୍ଷର ସତ୍ତା (Immutable being) ଓ କ୍ଷରସତ୍ତା (Mutable being) ମଧ୍ୟରେ ବା ସତ୍ତା (Being) ଏବଂ ସମ୍ଭୂତି (Becoming) ମଧ୍ୟରେ ଦେଖା ଯାଉଥିବା ବିରୋଧକୁ ଆମେ ଯଦି ସମନ୍ୱୟ କରିବାକୁ ଚାହୁଁ ତାହା ହେଲେ ଆମକୁ ଭଗବାନଙ୍କ ବିଶ୍ୱାତୀତ ସ୍ୱରୂପକୁ ଉପଲବ୍ଧି କରିବାକୁ ହେବ । ଭଗବାନଙ୍କ ସମ୍ବନ୍ଧରେ ଏହା ହେଉଛି ପ୍ରଥମ ସତ୍ୟ । ଏହା ଅନୁଭବ କରିବା ଆବଶ୍ୟକ ଯେ ଆମେ ଭଗବାନଙ୍କ ଭିତରେ ବାସ କରୁ, ବିଚରଣ କରୁ ଏବଂ ତାଙ୍କରି ମଧ୍ୟରେ ହିଁ ଆମର ସତ୍ତା ବିଦ୍ୟମାନ ।

ଆମେ ଯଦି ଆମ ଅଧ୍ୟାତ୍ମ ଚେତନାରେ ଭଗବାନଙ୍କ ସହିତ ଯୁକ୍ତ ହେବାକୁ ଚେଷ୍ଟା କରୁ ତାହାହେଲେ ତାଙ୍କ ସହିତ ଆମର ଯେଉଁ ପ୍ରକୃତ ସମ୍ବନ୍ଧ ରହିଛି ତାହା ଧୀରେ ଧୀରେ ଆମ ଆଗରେ ସ୍ପଷ୍ଟ ହେବାକୁ ଲାଗିବ । ଆମର ଆଧ୍ୟାତ୍ମିକ ଅନୁଭୂତି ଗଭୀରତର ଓ ବିସ୍ତୃତତର ହେଲେ ଆମେ ଜାଣିପାରିବା ଯେ ଆମର ଆତ୍ମସତ୍ତା ତାଙ୍କ ଆତ୍ମସତ୍ତା ସହିତ ଏକ; ଆମେ ତାଙ୍କଠାରୁ ଆଦୌ ଭିନ୍ନ ନୋହୁଁ । ଆତ୍ମାର ଭୂମିରେ ଆମେ ସମସ୍ତେ ଭଗବାନଙ୍କ ସହିତ ଏକ, ପରସ୍ପର ମଧ୍ୟ ଏକ; କେବଳ ବହିଃପ୍ରକାଶରେ ଭିନ୍ନତା ଦୃଶ୍ୟ ହୁଏ । ଏହି ବିଶ୍ୱଜଗତ୍ ଏବଂ ଏହା ମଧ୍ୟସ୍ଥ ସମସ୍ତ ପ୍ରାଣୀ ଓ ବସ୍ତୁ ଭଗବାନଙ୍କ ସ୍ୱୟଂ-ସଚେତନ ସତ୍ତାର ଏକ ନିତ୍ୟ ଓ ସତ୍ୟ ରୂପ । ସମସ୍ତେ ତାଙ୍କର ସତ୍ତାରୁ ହିଁ ସମ୍ଭୂତ । ଯେଉଁମାନେ ବିଶ୍ୱାତୀତ ପରମ ଅଦ୍ୱିତୀୟ ସତ୍ତାଙ୍କୁ ସତ୍ୟ ବୋଲି କହି ଏହି ଜଗତକୁ ଅସତ୍ୟ ଓ ମାୟାପୂର୍ଣ୍ଣ ବୋଲି କହନ୍ତି ସେମାନେ ସମସ୍ତେ ମଧ୍ୟ ତାଙ୍କରିଠାରୁ ହିଁ ଉତ୍ପନ୍ନ ହୋଇଛନ୍ତି, କେହି ବି ଏକ ଅଳୀକ ସୃଷ୍ଟି ନୁହନ୍ତି । ପ୍ରାଣୀ ଓ ପ୍ରାଣୀ ମଧ୍ୟରେ, ବସ୍ତୁ ଓ ବସ୍ତୁ ମଧ୍ୟରେ ତଥା ପ୍ରାଣୀ ଓ ବସ୍ତୁ ମଧ୍ୟରେ ଯେତେ ପ୍ରକାର ସମ୍ପର୍କ ରହିଛି ତାହାର ଉତ୍ସ ହେଉଛନ୍ତି ବିଶ୍ୱାତୀତ ସତ୍ତା । ବିଶ୍ୱାତୀତ ଭଗବାନଙ୍କଠାରୁ ହିଁ ସମସ୍ତଙ୍କର ସୃଷ୍ଟି ହୋଇଥିବାରୁ ତାଙ୍କ ସହିତ ସେମାନଙ୍କର ଏକ ଚିରନ୍ତନ ସମ୍ବନ୍ଧ ରହିଛି ଏବଂ ସମସ୍ତେ ତାଙ୍କରି ଦ୍ୱାରା ଆଶ୍ରିତ ।

ଜଣେ ଏକ ପ୍ରତ୍ୟକ୍ଷ ଅଧ୍ୟାତ୍ମ ଜ୍ଞାନ ଦ୍ୱାରା ସବୁକିଛିକୁ ହିଁ ଭଗବାନ୍ ରୂପେ ଦର୍ଶନ କରିପାରେ । ସେ ଅନୁଭବ କରିପାରେ ଯେ ଭଗବାନ୍ ଅକ୍ଷର ସତ୍ତା ରୂପେ ଅଗଣିତ ଜୀବମାନଙ୍କ

ମଧ୍ୟରେ ବିରାଜିତ ରହିଛନ୍ତି, ତାହାର ଅନ୍ତରରେ ଓ ବାହାରେ ଯାହାକିଛି ରହିଛି ସବୁ ହିଁ ସେହି ଭଗବାନ୍ । ଏହା ହେଉଛି ସର୍ବେଶ୍ୱରବାଦର ଏକତ୍ୱ ଯାହା ଏକ ଆଂଶିକ ଅନୁଭୂତି ମାତ୍ର । ଏହି ବିସ୍ତୃତ ଜଗତର ଅର୍ଥ ସମ୍ପୂର୍ଣ୍ଣ ବ୍ରହ୍ମ ନୁହେଁ । ଏହାର ଊର୍ଦ୍ଧ୍ୱରେ ଏକ ମହତ୍ତର ଦିବ୍ୟ ସନାତନ ସତ୍ତା ରହିଛି ଯାହା ଯୋଗୁଁ ସକଳ ବିଶ୍ୱ-ଅସ୍ତିତ୍ୱ ସମ୍ଭବ ହୋଇଛି । ଶ୍ରୀଅରବିନ୍ଦ କହିଛନ୍ତି – ''ଏହି ବିଶ୍ୱ ଭଗବାନଙ୍କର ସମଗ୍ର ଚରମ ସତ୍ୟ ନୁହେଁ, ଏହା କେବଳ ଏକ ଆତ୍ମାଭିବ୍ୟକ୍ତି, ତାଙ୍କରି ସତ୍ତାର ଏକ ସତ୍ୟ ଅଥଚ ନିମ୍ନସ୍ତରର ଗତିବୃତ୍ତି ।'' ଅର୍ଥାତ୍ ବିଶ୍ୱଜଗତ୍ ଅପେକ୍ଷା ଦିବ୍ୟ ପରମ ସତ୍ୟ ହେଉଛି ମହତ୍ତର, କିନ୍ତୁ ତଥାପି ସମସ୍ତ ସମଷ୍ଟିଗତ ଓ ବ୍ୟକ୍ତିଗତ ଜିନିଷ ସେହି ଭାଗବତ ସତ୍ତା ବ୍ୟତୀତ ଆଉ କିଛି ନୁହେଁ । ଅନ୍ୟ ପକ୍ଷରେ ବସ୍ତୁସକଳ କୌଣସି ଅଂଶରେ ବା ସମଷ୍ଟିରେ ସେହି ସମଗ୍ର ସତ୍ତା ନୁହନ୍ତି । ସକଳ ଆଧ୍ୟାତ୍ମିକ ଉପଲବ୍ଧି ପ୍ରତ୍ୟକ୍ଷ ବା ପରୋକ୍ଷ ରୂପେ ସେହି ପରମସତ୍ତାଙ୍କ ସହିତ ସମ୍ବନ୍ଧିତ ବା ତାଙ୍କ ଉପରେ ନିର୍ଭରଶୀଳ । ତେଣୁ କୌଣସି ଗୋଟିଏ ଆଧ୍ୟାତ୍ମିକ ଉପଲବ୍ଧି ଉପରେ ଜୋର୍ ଦେଲେ ଆମେ ଭ୍ରମରେ ପଡ଼ିବା । ବହୁବିଧ ଆଧ୍ୟାତ୍ମିକ ଉପଲବ୍ଧିସବୁର ଗଭୀର ସମନ୍ୱୟ ସାଧନ କରିବାକୁ ହେବ ।

ବିଶ୍ୱ ଓ ତାହାର ସମସ୍ତ ସତ୍ତା ସ୍ୱୟଂସ୍ଥିତ ଭାଗବତ ସତ୍ତା ମଧ୍ୟରେ ରହିଅଛି ଠିକ୍ ଯେପରି ଅନ୍ୟ ସମସ୍ତ କିଛି ଆକାଶର ମୂଳ ଶୂନ୍ୟ ମଧ୍ୟରେ ରହିଅଛି । ଶ୍ରୀକୃଷ୍ଣ କହୁଛନ୍ତି –

''ଯଥାକାଶସ୍ଥିତୋ ନିତ୍ୟଂ ବାୟୁଃ ସର୍ବତ୍ରଗୋ ମହାନ୍ ।
ତଥା ସର୍ବାଣି ଭୂତାନି ମତ୍ସ୍ଥାନୀତ୍ୟୁପଧାରୟ ॥''
(ଗୀତା, ୯/୬)

ଅର୍ଥାତ୍, ''ଯେପରି ମହାନ୍ ସର୍ବବ୍ୟାପୀ ସର୍ବତ୍ରଗାମୀ ବାୟୁତତ୍ତ୍ୱ ଆକାଶରେ ଓତପ୍ରୋତ ରହିଛି, ଠିକ୍ ସେହିପରି ସର୍ବଭୂତ ମଧ୍ୟ ମୋ ମଧ୍ୟରେ ଅବସ୍ଥିତ, – ଏହି ଭାବରେ ଏହାକୁ ତୁମେ କଳ୍ପନା କର ।''

ସ୍ୱୟଂସ୍ଥିତ ଅନନ୍ତ ହେଉଛନ୍ତି ଅଚଳ, ସ୍ଥିର ଓ ଅକ୍ଷର ଆଉ ବିଶ୍ୱସତ୍ତା ହେଉଛି ସର୍ବବ୍ୟାପୀ ଗତି ବା ''ସର୍ବତ୍ରଗଃ'' । ଅନନ୍ତ ଆତ୍ମା ହେଉଛି ଏକ, ଅନେକ ନୁହେଁ । କିନ୍ତୁ ବିଶ୍ୱସତ୍ତା ସର୍ବଭୂତରେ ବା ବହୁତ୍ୱ ଭିତରେ ନିଜକୁ ପ୍ରକାଶ କରିଛନ୍ତି । ଅନନ୍ତ ଅଦ୍ୱିତୀୟ ଆତ୍ମା ଏହି ସର୍ବଭୂତରେ କୌଣସିଥିରେ ବାସ କରେ ନାହିଁ ଅର୍ଥାତ୍ କେହି ତାହାକୁ ଧାରଣ କରିପାରେ ନାହିଁ, ଠିକ୍ ଯେପରି ଆକାଶ କୌଣସି ଆକୃତି ମଧ୍ୟରେ ଧୃତ ହୋଇପାରେ ନାହିଁ । ଯେମିତି ସମସ୍ତ ରୂପ ଆକାଶରୁ ଉତ୍ପତ୍ତି ଲାଭ କରିଥିଲେ ସୁଦ୍ଧା ସମସ୍ତ ରୂପର ସମାହାର ଆକାଶ ହୋଇପାରିବ ନାହିଁ; ସେମିତି ସର୍ବଭୂତ ଭଗବାନଙ୍କଠାରୁ ଉତ୍ପନ୍ନ ହୋଇଥିଲେ ମଧ୍ୟ ସେସବୁର ସମଷ୍ଟି ଭଗବାନ୍ ହୋଇପାରିବ ନାହିଁ । କିନ୍ତୁ ବିଶ୍ୱଗତ ଗତିଶୀଳତା ମଧ୍ୟରେ ଅଦ୍ୱିତୀୟ ଅନନ୍ତ ସତ୍ତା ନିବାସ କରୁଛନ୍ତି । ତେଣୁ ଏଠାରେ ଆମେ ଦୁଇ ପ୍ରକାର ସମ୍ପର୍କକୁ ଲକ୍ଷ୍ୟ କରୁଛୁ ଯାହା ଏକ ସଙ୍ଗେ ସତ୍ୟ । ଗୋଟିଏ ହେଉଛି ପରମ ଅଦ୍ୱିତୀୟ ସତ୍ତା ନିଜର ଅକ୍ଷରତ୍ୱରେ ସମସ୍ତଙ୍କୁ ଧାରଣ କରିଛନ୍ତି ଏବଂ ଅନ୍ୟଟି ହେଉଛି ସେହି ଏକ ହିଁ ସତ୍ତା ନିଜର ଦିବ୍ୟଶକ୍ତି ଦ୍ୱାରା ଅନେକଙ୍କ ମଧ୍ୟରେ ପ୍ରକାଶିତ ହୋଇଛନ୍ତି ଏବଂ ବିଶ୍ୱଗତ ଯାବତୀୟ ଗତିବୃତ୍ତିକୁ ପରିଚାଳନା କରୁଛନ୍ତି ।

ଗୀତା ପ୍ରଥମେ ବିଶ୍ୱାତୀତ ସତ୍ତା ଉପରେ ଗୁରୁତ୍ୱ ଦେଇଛି କାରଣ ବିଶ୍ୱାତୀତ ସତ୍ତାକୁ ଉପଲବ୍ଧି ନ କଲେ ବ୍ୟକ୍ତି ତାହାର ଉଚ୍ଚତମ ଲକ୍ଷ୍ୟପ୍ରାପ୍ତିରୁ ବଞ୍ଚିତ ହୋଇ ରହିଯିବ । ଦ୍ୱିତୀୟରେ ଗୀତା ଗୁରୁତ୍ୱ ଦେଇଛି ବିଶ୍ୱଗତ ସତ୍ତାର ଉପଲବ୍ଧି ଉପରେ । କାରଣ ଏହି ଉପଲବ୍ଧି ବିନା ଜଣେ ଭଗବାନଙ୍କ ବିଶ୍ୱଗତ ଲୀଳାର ତାତ୍ପର୍ଯ୍ୟ ଓ ସାର୍ଥକତାକୁ ଜାଣିପାରିବ ନାହିଁ । ତୃତୀୟରେ ଗୀତା ମାନବ ଶରୀରରେ ନିବାସ କରୁଥିବା ଅନ୍ତର୍ଯାମୀ ଭଗବାନଙ୍କୁ ଉପଲବ୍ଧି କରିବା ପାଇଁ ଜୋର୍ ଦେଇ କହିଛି । କାରଣ ଏହି ଉପଲବ୍ଧି ବିନା ବ୍ୟଷ୍ଟିସତ୍ତାର ଦିବ୍ୟ ସାର୍ଥକତା ଆମର ଅଗୋଚର ହୋଇ ରହିଯିବ । ବ୍ୟଷ୍ଟିସତ୍ତା ଭିତରେ ଭଗବାନ୍ ବିଦ୍ୟମାନ ବୋଲି ସ୍ୱୀକାର କଲେ ଆମେ ଉଚ୍ଚତମ ଆଧ୍ୟାତ୍ମିକ ସମ୍ଭାବନା ଲାଗି ଶ୍ରେଷ୍ଠ ପ୍ରେରଣା ଲାଭ କରିପାରିବା । ଗୀତା ପୁଣି ସମସ୍ତ ବସ୍ତୁ ମଧ୍ୟରେ ଭଗବାନଙ୍କ ପ୍ରକାଶର ଅନନ୍ତ ବିସ୍ତାର ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଛି । ଏହା ସ୍ପଷ୍ଟ ରୂପେ ଘୋଷଣା କରିଛି ଯେ ଜଗତରେ ଯାହାକିଛି ଅଛି ସେସବୁ ସେହି ଏକ ଅଦ୍ୱିତୀୟ ଭଗବାନଙ୍କ ପ୍ରକୃତି, ଶକ୍ତି ଓ ଜ୍ୟୋତିଃ ମଧ୍ୟରୁ ଉଦ୍ଭୂତ । ଏହି ବିଷୟକୁ ଉପଲବ୍ଧି କଲେ ଆମେ ଏପରି ଏକ ଭଗବତ୍ ଜ୍ଞାନ ଲାଭ କରିବା ଯଦ୍ଦ୍ୱାରା ଯଥାର୍ଥ ରୂପେ ଦିବ୍ୟକର୍ମ କରିବାକୁ ଆମେ ସମର୍ଥ ହେବା ଏବଂ ଭଗବତ୍ ଇଚ୍ଛା ଆମ ଭିତର ଦେଇ କାର୍ଯ୍ୟକାରୀ ହେବ ।

ଏକ ଓ ଅଦ୍ୱିତୀୟ ଭଗବାନ୍ ଚାରୋଟି ସ୍ଥିତିରେ ଭିନ୍ନ ଭିନ୍ନ ସ୍ୱରୂପ ଓ ବିଭାବ ସହ ରହିଛନ୍ତି – ଯଥା : ପରମେଶ୍ୱର, ଅକ୍ଷର ପୁରୁଷ, ମନୁଷ୍ୟ ମଧ୍ୟରେ ସ୍ଥିତ ବ୍ୟଷ୍ଟିଗତ ସତ୍ତା ଏବଂ ବିଶ୍ୱପ୍ରକୃତି ଓ ଜୀବସକଳଙ୍କ ମଧ୍ୟରେ ପ୍ରକଟିତ ଭାଗବତ ସତ୍ତା ।

ଭଗବାନ୍ ସ୍ୱୟଂ ହିଁ ପ୍ରକୃତି । ସେ ପ୍ରକୃତି ସହିତ ନିବିଡ଼ ଐକ୍ୟ ରଖି କାର୍ଯ୍ୟ କରନ୍ତି । ସେ ପ୍ରକୃତି ଭିତରେ ଥାଇ ସଂକଳ୍ପ କରନ୍ତି, ତାକୁ ବଳପୂର୍ବକ କାର୍ଯ୍ୟରେ ପ୍ରବୃତ୍ତ ହେବା ପାଇଁ ବାଧ କରନ୍ତି ଏବଂ କର୍ମର ଫଳ ନିୟନ୍ତ୍ରଣ କରନ୍ତି । ସେ ସର୍ବଭୂତରେ ନିରବ ଆତ୍ମା ରୂପେ ପ୍ରକୃତିର କର୍ତ୍ତା ହୋଇ ରହିଥା'ନ୍ତି । ସେ ଆମର ସତ୍ତାର ବିଧାନ ଅନୁଯାୟୀ କର୍ମ କରିବାକୁ ଆମକୁ ଅନୁମତି ଦିଅନ୍ତି (ସ୍ୱଭାବସ୍ତୁ ପ୍ରବର୍ତ୍ତତେ), ଆମର ସକଳ କର୍ମକୁ ଅବଲୋକନ କରନ୍ତି, ତାକୁ ସମର୍ଥନ କରନ୍ତି । ସେ ପୁଣି ବିଶ୍ୱାତୀତ ପରମସତ୍ତା ରୂପେ ସମସ୍ତ କିଛିର ଆଦି ସ୍ରଷ୍ଟା । ସେ ତାଙ୍କ ସୃଷ୍ଟି ମଧ୍ୟରେ ନିଜକୁ ହଜାଇ ଦିଅନ୍ତି ନାହିଁ । ସେ ସବୁକିଛିର ଅତୀତ, ସେ ସବୁକିଛିକୁ ପ୍ରକଟ ହେବା ଲାଗି ବାଧ କରନ୍ତି । ପ୍ରକୃତି ଦ୍ୱାରା ସମ୍ପାଦିତ ସକଳ କର୍ମର ସେ ହେଉଛନ୍ତି ଅଧୀଶ୍ୱର । ବ୍ୟଷ୍ଟିସତ୍ତା ମଧ୍ୟରେ ଭଗବାନ୍ ପ୍ରଚ୍ଛନ୍ନ ହୋଇ ରହିଛନ୍ତି । ପ୍ରକୃତିର ଅଜ୍ଞାନମୟ ଅବସ୍ଥା ଭିତରେ ସେ ବ୍ୟକ୍ତିର ଅହଂକୁ ନେଇ କାର୍ଯ୍ୟ କରନ୍ତି । ସେହି ଅହଂଭାବ ବ୍ୟକ୍ତିକୁ ଅଗ୍ରଗତିରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ପ୍ରତିବନ୍ଧକ ରୂପେ ମଧ୍ୟ କାର୍ଯ୍ୟ କରିଥାଏ । ଆମେ ଅହଂଗତ ଅଜ୍ଞାନକୁ ଅତିକ୍ରମ କରିପାରିଲେ ଭଗବାନଙ୍କ ସହିତ ଯୁକ୍ତ ହୋଇପାରିବା । ସର୍ବଭୂତକୁ ଧାରଣ କରିଥିବା ଅଦ୍ୱିତୀୟ ଭଗବାନଙ୍କ ସହିତ ଆମେ ଏକତ୍ୱ ଲାଭ କରିପାରିବା, ସାକ୍ଷୀ ଓ ଅକର୍ତ୍ତା ହୋଇପାରିବା । ଆମର ବ୍ୟଷ୍ଟିସତ୍ତା ଯଦି ପରମେଶ୍ୱରଙ୍କ ସହିତ ଯୁକ୍ତ ହୁଏ ତାହାହେଲେ ତାହାର ପ୍ରକୃତି କ୍ଷେତ୍ରରେ ମଧ୍ୟ ସେ ତାଙ୍କର ଯନ୍ତ୍ର ବା ନିମିତ୍ତ ହୋଇ କାର୍ଯ୍ୟ କରିପାରିବ ।

ପରମେଶ୍ୱର ଯେ ମନୁଷ୍ୟ ଶରୀରରେ ରହିଛନ୍ତି (ମାନୁଷୀଂ ତନୁମାଶ୍ରିତମ୍), ଏହି ସତ୍ୟକୁ ଆମକୁ ଉପଲବ୍ଧି କରିବାକୁ ହେବ । କାରଣ କର୍ମ, ଜ୍ଞାନ ଓ ପ୍ରେମର ପୂର୍ଣ୍ଣାଙ୍ଗ ପଥ ଅନୁସରଣ କରି ଆତ୍ମାର ମୁକ୍ତିସାଧନ କରିବାକୁ ହେଲେ ଏହି ସତ୍ୟର ଉପଲବ୍ଧି ଏକାନ୍ତ ଆବଶ୍ୟକ । ଏହା ବି ଉପଲବ୍ଧି କରିବାକୁ ହେବ ଯେ ଭଗବାନ୍ ହେଉଛନ୍ତି ''ଭୂତଭୃତ୍'', ଅର୍ଥାତ୍ ସେ ସର୍ବଭୂତଙ୍କୁ ନିଜର ସର୍ବବ୍ୟାପୀ ଆତ୍ମସତ୍ତା ମଧ୍ୟରେ ଧାରଣ କରି ରହିଛନ୍ତି । ସମଗ୍ର ବିଶ୍ୱର ସେ ହେଉଛନ୍ତି ଆଧ୍ୟାତ୍ମିକ ଭିତ୍ତି, ସର୍ବଭୂତଙ୍କ ଆବିର୍ଭାବର ଆଧ୍ୟାତ୍ମିକ କାରଣ । ଦିବ୍ୟ ଆତ୍ମା ସର୍ବଭୂତଙ୍କୁ ଧାରଣ କରି ରହିଛନ୍ତି ବୋଲି କହିବା ଦ୍ୱାରା ଏହା ବୁଝାଯାଏ ଯେ ସବୁକିଛି ତାଙ୍କର ସର୍ବବ୍ୟାପୀ ଆଧ୍ୟାତ୍ମିକ ଚେତନା ଭିତରେ ରହିଛି, ମୂଳତଃ ଜଡ଼ ଭାବରେ ନୁହେଁ । ଆମର ସ୍ଥୂଳ ମାନୁଷୀ ମନ ଭଗବାନଙ୍କ ଆଧ୍ୟାତ୍ମିକ ଅନନ୍ତ ବ୍ୟାପ୍ତିକୁ ଜଡ଼ ଜଗତରେ ଦେଶ ଓ କାଳର ସଂକୀର୍ଣ୍ଣ କଳ୍ପନା ଭିତରେ ସୀମିତ କରି ଦେଖେ । ଶ୍ରୀଅରବିନ୍ଦ ଏ ବିଷୟରେ ଆମକୁ ସ୍ପଷ୍ଟ ଧାରଣା ଦେବାକୁ ଯାଇ କହିଛନ୍ତି –

"In reality all even here is spiritual coexistence, identity and coincidence; but that is a fundamental truth which we cannot apply until we get back to the supreme consciousness."

(Essays on the Gita, P. 319)

ଅର୍ଥାତ୍ ''ପ୍ରକୃତରେ ଦେଖିବାକୁ ଗଲେ ଏଠାରେ ମଧ୍ୟ ସବୁକିଛି ଆଧ୍ୟାତ୍ମିକ ସହାବସ୍ଥାନ, ଐକ୍ୟ ଏବଂ ସହଘଟନ; କିନ୍ତୁ ତାହା ଏକ ମୌଳିକ ସତ୍ୟ ଯାହାକୁ କି ପରାଚେତନା ମଧ୍ୟକୁ ଫେରି ନ ଯିବା ପର୍ଯ୍ୟନ୍ତ ଆମେ ପ୍ରୟୋଗ କରିପାରିବା ନାହିଁ ।''

ଜୀବ ଯେତେବେଳେ ଅଜ୍ଞାନରେ ରହିଥାଏ ସେତେବେଳେ ସେ ପ୍ରକୃତିର ଅଧୀନ ହୋଇ ରହିଥାଏ (ଅବଶଂ ପ୍ରକୃତେର୍ବଶାତ୍) । ଅନ୍ୟ ପକ୍ଷରେ ଭଗବାନ୍ ତାଙ୍କର ଶକ୍ତି ସହ ପ୍ରକୃତିକୁ ଅନୁସରଣ କରନ୍ତି ଏବଂ ତାହାର ସମସ୍ତ କର୍ମର ପ୍ରବର୍ତ୍ତନ କରନ୍ତି, କିନ୍ତୁ ସେ ପ୍ରକୃତିରୁ ଭିନ୍ନ ହୋଇ ରହିଥା'ନ୍ତି । ପ୍ରକୃତି ଉପରେ ତାଙ୍କର ପୂର୍ଣ୍ଣ ପ୍ରଭୁତ୍ୱ ରହିଥାଏ, କାରଣ ସେ ତା'ର ଅଧ୍ୟକ୍ଷ ଅଟନ୍ତି (''ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍'' – ପ୍ରକୃତି ମୋର ଅଧ୍ୟକ୍ଷତାରେ ସମଗ୍ର ଚରାଚର ଜଗତକୁ ସର୍ଜନା କରେ ।) ଭଗବାନ୍ କୌଣସି ବାସନା ଦ୍ୱାରା ପ୍ରକୃତି ସହିତ ଲିପ୍ତ ହୋଇ ନ ଥା'ନ୍ତି । ପ୍ରକୃତିର କୌଣସି କର୍ମ ତାଙ୍କୁ ବନ୍ଧନରେ ପକାଇ ପାରେ ନାହିଁ । କାଳଚକ୍ରର ଗତିଧାରାରେ ସେ ଅପରିବର୍ତ୍ତନୀୟ ହୋଇ ରହିଥା'ନ୍ତି । ପ୍ରକୃତିର କୌଣସି ପରିବର୍ତ୍ତନ ତାଙ୍କୁ ପ୍ରଭାବିତ କରିପାରେ ନାହିଁ । ବିଶ୍ୱଜଗତର କ୍ଷର ଭାବ ତାଙ୍କର ଅକ୍ଷର ସତ୍ତାରେ କୌଣସି ପରିବର୍ତ୍ତନ ଆଣେ ନାହିଁ । ପରାତ୍ପର ଆତ୍ମା ମଧ୍ୟ ବିଶ୍ୱଗତ କ୍ରିୟା-ପ୍ରକ୍ରିୟା ଓ ଘଟଣାବଳୀ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ ।

ଯେଉଁମାନେ ଅହଂଭାବ ତ୍ୟାଗ କରି ଅନ୍ତରସ୍ଥ ଭଗବାନଙ୍କ ନିକଟରେ ନିଜକୁ ଖୋଲି ଧରନ୍ତି ସେମାନେ ଜାଣିପାରନ୍ତି ଯେ ମନୁଷ୍ୟ ମଧ୍ୟରେ ପ୍ରଚ୍ଛନ୍ନ ଭାବରେ ରହିଥିବା ଆତ୍ମା ସୀମିତ ମାନବ ପ୍ରକୃତି ଦ୍ୱାରା ବଦ୍ଧ ହେବା ପରି ମନେ ହେଲେ ମଧ୍ୟ ପ୍ରକୃତରେ ତାହା ସେହି ପରାତ୍ପର ଭଗବାନଙ୍କର ହିଁ ଏକ

ଅବିଚ୍ଛେଦ୍ୟ ଅଂଶ । ସେମାନେ ଦେଖି ପାରନ୍ତି ଯେ ଭଗବାନଙ୍କ ଦିବ୍ୟପ୍ରକୃତି ବିଶ୍ୱର ସବୁକିଛିରେ ପରିଣତ ହୋଇଛି । ଅଭିବ୍ୟକ୍ତ ଜଗତର ସବୁକିଛି ନିଜ ଅନ୍ତରସ୍ଥ ସତ୍ୟରେ ଏକ ଭଗବାନଙ୍କ ବ୍ୟତୀତ ଅନ୍ୟ କିଛି ନୁହେଁ । ଗୀତାରେ ସେଥିପାଇଁ କୁହାଯାଇଛି – ''ବାସୁଦେବଃ ସର୍ବମିତି'' । ବହୁତ୍ୱ ଭିତରେ ଭଗବାନଙ୍କ ଏକତ୍ୱ ହେଉଛି ସେହି ମହାନ୍ ସତ୍ୟ ଯାହାକୁ ଉପଲବ୍ଧି କଲେ ଜୀବନ ଓ କର୍ମର ମୌଳିକ ଓ ଗୁଣାତ୍ମକ ପରିବର୍ତ୍ତନ ଘଟେ । ବିଶ୍ୱାତୀତ, ବିଶ୍ୱଗତ ଓ ବ୍ୟଷ୍ଟିଗତ – ଭଗବାନଙ୍କ ଏହି ତିନୋଟି ସ୍ଥିତି ଏବଂ ସ୍ୱରୂପକୁ ଉପଲବ୍ଧି କରି କର୍ମକୁ ଯଜ୍ଞ ରୂପେ ସମ୍ପାଦନ କରିବା । ସର୍ବତ୍ର ତାଙ୍କୁ ଦର୍ଶନ କରି ତାଙ୍କର ସେବା ଓ ଆରାଧନା କରିବା ଏବଂ ନିଜର ସମଗ୍ର ସତ୍ତାକୁ ତାଙ୍କରି ପାଖରେ ସମର୍ପଣ କରିବା – ଏହା ହେଉଛି ଭଗବାନଙ୍କ ସମଗ୍ର ସତ୍ୟର ମାର୍ଗ । ପରମ ଉପାସ୍ୟ ଓ ସର୍ବଯଜ୍ଞର ଭୋକ୍ତା ସେହି ଭଗବାନଙ୍କ ସହ ନିତ୍ୟଯୁକ୍ତ ହୋଇ ତଥା ଦୃଢ଼ବ୍ରତୀ ହୋଇ ଆମକୁ ଏହି ମାର୍ଗରେ ଅଗ୍ରସର ହେବାକୁ ପଡ଼ିବ ।

(କ୍ରମଶଃ)

❑❑❑

# ଅସରନ୍ତି ତାରା ଫୁଲର ହସ

**ଶାନ୍ତି ମହାନ୍ତି**

ଅସରନ୍ତି ତାରା ଫୁଲର ହସ ପରି
ସେ ନିରୁଦ୍ଦିଷ୍ଟ ଅନ୍ଧାରରେ
ମୁଁ ତୁମକୁ ଖୋଜୁଥିଲି,
ତୁମେ ଥିବା ନ ଥିବାର ସବୁ ଦ୍ୱନ୍ଦ୍ୱକୁ
ପାଶୋରି ଦେଇ କେବଳ ଯାହା
ମୁଁ ତୁମକୁ ଖୋଜୁଥିଲି ।

କେଉଁଠି ନ ଖୋଜିବି କୁହ
ସାରା ଦେହ ତ ତୁମ ପ୍ରାପ୍ତିର
ଗହଳ ପ୍ରତ୍ୟାଶା,
ତୁମ ଅବୁଝା ଇସାରାର ଦୀପ୍ତ ନିରବତା
ତୁମ ସ୍ୱପ୍ନର ସହଚରୀ
ସଖୀ ତୁମ ଆଶାବରୀ ।...

ଯେତେଦିନ ଯାଏ ଆକାଶର ଶୂନ୍ୟତା
ହୃଦୟକୁ ବ୍ୟାପିଥିବ
ଏବଂ ଅଭଙ୍ଗା ଆଶାମାନଙ୍କର ଡେଣାରେ



ଇନ୍ଦ୍ରଧନୁର ପୃଥିବୀଟିଏ ଅଙ୍କା ହୋଇଥିବ
ସେତେଦିନ ଯାଏ ମୁଁ ଖୋଜୁଥିବି ।
ମହକର ଅଭେଦ୍ୟ ପଟୁଆର ନେଇ ଆସୁଥିବି ।...

ଆଜି ଜାଣିଲି ଅପେକ୍ଷାରେ ବି
ମହକ ଥାଏ,
ମୌସୁମୀର ବାସ୍ନା ପରି ପ୍ରାଣବନ୍ତ
ସବୁଜ ଆଶାର ଉଲ୍ଲାସ
ଜୀବନକୁ ତୋଳି ଧରିବାର
ସେ ମଧୁମୟ ହସ ।

ଆଜି ଯେମିତି ମନେ ହୁଏ
ମୁଁ ସେ ପ୍ରୀତିଲଗ୍ନା ମହୁମାଛି
ବିସ୍ମୟ ମଧୁର ଏକ ସାହଚର୍ଯ୍ୟର
ଅତୁଟ ବିଶ୍ୱାସ !
ଏବଂ ଅସରନ୍ତି ସମୟର
ଆରମ୍ଭ ଓ ଶେଷ !! ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୯୪)

### ପରବର୍ତ୍ତୀ ନିର୍ମାଣ-କାର୍ଯ୍ୟ (ଉତ୍ତରାର୍ଦ୍ଧ) :

ରଣଧୀର ଉପାଧ୍ୟାୟଙ୍କ ବର୍ଣ୍ଣନାରୁ ଉଦ୍ଧୃତି : ''୧୯୫୩ ପର୍ଯ୍ୟନ୍ତ ମା'ଙ୍କର ବ୍ୟକ୍ତିଗତ ବ୍ୟବହାର ପାଇଁ ଏକ କକ୍ଷ ନ ଥିଲା । ସେ ସାଧାରଣତଃ ଶ୍ରୀଅରବିନ୍ଦଙ୍କ କକ୍ଷକୁ ଲାଗି ହଲ୍ ଘରେ ('ସାଲୋଁ')ରେ ବିଶ୍ରାମ ନେଉଥିଲେ । କିନ୍ତୁ ବ୍ୟାବହାରିକ ଦୃଷ୍ଟିରୁ ଏହା ସର୍ବସାଧାରଣଙ୍କର (ଅର୍ଥାତ୍, ସାରାଦିନ ଭିତରେ କର୍ମରତ ଥିବା ଅନ୍ତେବାସୀମାନଙ୍କର) ଯାତାୟାତର ହଲ୍ ସ୍ୱରୂପ ଥିଲା । ତେଣୁ ମା'ଙ୍କର ଏକାନ୍ତରେ ବିଶ୍ରାମ ନେବା ପ୍ରାୟ ହେଉ ନ ଥିଲା । କିନ୍ତୁ ମା ଦିବ୍ୟ ଜନନୀ ହୋଇଥିବାରୁ ତାଙ୍କ ତୁଣ୍ଡରୁ ନିଜର ଅସୁବିଧା ସମ୍ବନ୍ଧେ ଶବ୍ଦଟିଏ ବି ଉଚ୍ଚାରିତ ହେଉ ନ ଥିଲା । ସେ ନିଜକୁ ସବୁ ପ୍ରକାର ଅସ୍ୱାଚ୍ଛନ୍ଦ୍ୟ, ବିଶୃଙ୍ଖଳା ଏବଂ ଅସୁବିଧା ମଧ୍ୟରେ ଖାପ ଖୁଆଇ ନେବାରେ ବେଶ୍ ଅଭ୍ୟସ୍ତ ହୋଇ ଉଠିଥିଲେ । ନିତି ମା'ଙ୍କର ଏହି ଅସୁବିଧାକୁ ମର୍ମେ ମର୍ମେ ଅନୁଭବ କରୁଥିଲେ ଦ୍ୟୁମାନ୍ । ସେ ମନେ ମନେ ଭାବିବାକୁ ଲାଗିଲେ ଯେ ମା'ଙ୍କ ସକାଶେ କିପରି ଏକ ସ୍ୱତନ୍ତ୍ର କକ୍ଷ ନିର୍ମାଣ କରାଯିବ ।...''

('The Story of the Main Building', P. 120)

ଏବେ ଦ୍ୟୁମାନ୍‌ଙ୍କ ସହିତ ସାକ୍ଷାତ୍‌କାରରୁ : ''ଦିନେ ଯଦିଓ ମା ଅସୁସ୍ଥ ଥିଲେ, ସେ ତଥାପି ସନ୍ଧ୍ୟାରେ ପ୍ଲେ-ଗ୍ରାଉଣ୍ଡକୁ ଗଲେ ତାଙ୍କର ନିତ୍ୟ-ନୈମିତ୍ତିକ କର୍ମ କରିବା ସକାଶେ । ପ୍ଲେ-ଗ୍ରାଉଣ୍ଡରୁ ଫେରି ଉପର ମହଲାକୁ ଉଠି ମୋତେ କହିଲେ, 'ଦ୍ୟୁମାନ୍, ମୋତେ ଗୋଟିଏ ତକିଆ ଦିଅ; ମୁଁ ଚିତ୍ ହୋଇ ବିଶ୍ରାମ ନେବାକୁ ଚାହେଁ ।' ମୁଁ ତୁରନ୍ତ ତାଙ୍କ ସକାଶେ ତକିଆ ଗୋଟିଏ ଆଣିଦେଲି । ମା ତାଙ୍କ କକ୍ଷ(ସାଲୋଁ)ର ସମସ୍ତ ଆଲୁଅ ଲିଭାଇ ବିଶ୍ରାମ ନେଲେ, ପୂରା ଅଧଘଣ୍ଟାଏ । ସେଦିନ ଏହି ଘଟଣା ପରେ ମୁଁ ଗଭୀର ଭାବରେ ଚିନ୍ତାମଗ୍ନ ହୋଇ ଉଠିଲି; ମନକୁ ମନ କହିଲି, 'ଆଜି ସିନା ସନ୍ଧ୍ୟା ପରେ ଏପରି ଅବସ୍ଥା ହେଲା; ଯଦି ଦିନବେଳା ଏପରି ଘଟିଥା'ନ୍ତା ତେବେ ମା ଏକାନ୍ତରେ ଓ ଏକାଦିକ୍ରମେ କେମିତି ଅବିଚଳିତ ଭାବେ ବିଶ୍ରାମ ନେଇଥା'ନ୍ତେ ?' ତେଣୁ କିଂକର୍ତ୍ତବ୍ୟବିମୂଢ଼ ହୋଇ ଏଇ ଘଟଣାର ଠିକ୍ ପରଦିନ ମୁଁ ମା'ଙ୍କୁ କହିଲି, 'ମା, ଯଦି ଦିନ ବେଳା ତୁମର କାଲି ଭଳି ପରିସ୍ଥିତି ଉପୁଜେ ତେବେ ତୁମେ ସେତେବେଳେ କ'ଣ କରିବ ? ତୁମର ଏକ ସ୍ୱତନ୍ତ୍ର କକ୍ଷ ରହିବା ଏକାନ୍ତ ଆବଶ୍ୟକ ନୁହେଁ କି ?'

''ସେହି ସମୟରେ ପୁରାଣୀଙ୍କ କକ୍ଷର ଛାତ ଉପରେ ମା'ଙ୍କ ସକାଶେ ଏକ ନୂତନ କକ୍ଷ ନିର୍ମାଣ କରାଯିବାର ପରିକଳ୍ପନା ଚାଲିଥିଲା । ମା ଏକଥା ଶୁଣି କହିଲେ, 'ନା, ନା, ମୋ ସକାଶେ ସେଠାରେ କକ୍ଷ ନିର୍ମାଣ କର ନାହିଁ ।' ମୁଁ କହିଲି, 'ମା, ଏହା ଆଶ୍ରମକୁ କୌଣସି ଖର୍ଚ୍ଚାନ୍ତରେ ପକାଇବ ନାହିଁ । ମୁଁ ବାହାରୁ ଏଥିପାଇଁ ସମସ୍ତ ଖର୍ଚ୍ଚପତ୍ର ଯୋଗାଡ଼ କରିବି ।' ତା'ପରେ ମା କହିଲେ, 'ଠିକ୍ ଅଛି । ତା'ହେଲେ ମୁଁ ବିଶ୍ରାମ ନେଉଥିବା ଏହି ହଲ୍ (ସାଲୋଁ) ଉପରେ ଏକ ଛୋଟ ପ୍ରକୋଷ୍ଠ ନିର୍ମାଣ କରି ଦିଅ ।'

''ମୁଁ ସେଇଠୁ ନବଜାତଙ୍କୁ କହିଲି, ଯିଏକି ମୋର ଜଣେ ଘନିଷ୍ଠ ବନ୍ଧୁ ଥିଲେ; ମା'ଙ୍କର ନୂତନ ପ୍ରକୋଷ୍ଠ ନିର୍ମାଣ ସକାଶେ ମୋତେ ଲକ୍ଷେ ଟଙ୍କା ଦିଅନ୍ତୁ । ସେ କାଳ ବିଳମ୍ବ ନକରି ମା'ଙ୍କ ପାଖକୁ ଲକ୍ଷେ ଟଙ୍କା ପଠାଇ ଦେଲେ । ମା ମୋତେ କହିଲେ, 'ମୁଁ ଟଙ୍କା ପାଇଛି ।' ମୁଁ ମା'ଙ୍କୁ କହିଲି, 'ମା, ଏଇ ଟଙ୍କା ଆଶ୍ରମର ଖର୍ଚ୍ଚପତ୍ର ତଦାରଖ କରୁଥିବା ସାଧକ-ବ୍ୟକ୍ତିଙ୍କୁ ଦେବି ନାହିଁ, କାରଣ ମୁଁ ତୁମର ନୂତନ ପ୍ରକୋଷ୍ଠ ନିର୍ମାଣ ସକାଶେ ଯଦି ତାଙ୍କ ପାଖରୁ ଅର୍ଥ ଚାହିଁବି ତେବେ କେହି କେହି ଅନ୍ତେବାସୀ କହିବାକୁ ଆରମ୍ଭ କରି ଦେବେ ଯେ ଦେଖ, ଏବେ ଶ୍ରୀଅରବିନ୍ଦ ନାହାନ୍ତି, ଆଶ୍ରମର ଟଙ୍କାପଇସାର ତ ଅଭାବ-ଅସୁବିଧା ଲାଗି ରହିଛି, ତଥାପି ମା ତାଙ୍କ ନିଜର ସୁଖସ୍ୱାଚ୍ଛନ୍ଦ୍ୟ ନିମନ୍ତେ ଅର୍ଥ ବ୍ୟୟ କରୁଛନ୍ତି ! ମା, ମୁଁ ଚାହେଁନି ଏ ଧରଣର ମନ୍ତବ୍ୟ ଦେବାକୁ ଆଶ୍ରମର କୌଣସି ଅନ୍ତେବାସୀ ଯେମିତି ସୁଯୋଗ ପାଆନ୍ତୁ ବୋଲି ।'

''ତେଣୁ ବୁଝିପାରୁଛ ତ, ନବଜାତଙ୍କର ଆନ୍ତରିକ ଭାବେ ଅର୍ପିତ ନୈବେଦ୍ୟ – ସେହି ଅର୍ଥରେ ମା'ଙ୍କର ଏହି

ନୂତନ ପ୍ରକୋଷ୍ଠଟି ନିର୍ମିତ ହୋଇ ମା'ଙ୍କୁ ଅର୍ପଣ କରାଯାଇଥିଲା ।

('How They came to Sri Aurobindo and The Mother...', P. 32-33)

ଏବେ ଶ୍ରୀନିବାସ ଆୟେଙ୍ଗାରଙ୍କ ଉକ୍ତିରେ : ''ଶ୍ରୀମା'ଙ୍କ ନୂତନ କକ୍ଷର ନିର୍ମାଣ ଜଣେ ନୈଷ୍ଠିକ ଭକ୍ତ (ନବଜାତ)ଙ୍କ ସ୍ୱତଃସ୍ଫୂର୍ତ୍ତ ଆର୍ଥିକ ସାହାଯ୍ୟ ତଥା ଅନ୍ୟ ଜଣେ ଭକ୍ତ ତଥା ସ୍ଥପତି ସୋଲି ଆଲ୍‌ବ୍ଲେସ୍ (Soli Albless)ଙ୍କ ନକ୍ସା ଓ ନିର୍ମାଣ କରିବାର ଦାୟିତ୍ୱ ବହନରୁ ସମ୍ଭବ ହୋଇଥିଲା । ସୋଲି ତାଙ୍କର ତଥା ଆଶ୍ରମର ବିଶ୍ୱସ୍ତ ସ୍ଥପତିମାନଙ୍କ ସହାୟତାରେ ଏହି ଗୁରୁଦାୟିତ୍ୱ ଆନନ୍ଦ ମନରେ ବହନ କରି ୧୯୫୩ର ଡିସେମ୍ବରର ପ୍ରଥମ ସପ୍ତାହରେ ବ୍ୟବହାର ଉପଯୋଗୀ ସମସ୍ତ ଆସବାବପତ୍ର ସହିତ ସମ୍ପୂର୍ଣ୍ଣ କରି ଦେଇଥିଲେ ।''

('The Story of the Main Building', P. 121)

ଚମ୍ପକଲାଲଙ୍କ ଉକ୍ତିରେ : ''୧୯୫୩ ମସିହା ୯ ଡିସେମ୍ବରର ସକାଳ ଧ୍ୟାନ ପରେ ଦ୍ୟୁମାନ୍‌ଙ୍କୁ ମା ଜଣାଇଲେ ଯେ ସେଇଦିନ ରାତିରୁ ସେ ଦ୍ୱି-ମହଲାରେ ତାଙ୍କର ନବନିର୍ମିତ ପ୍ରକୋଷ୍ଠକୁ ଯିବେ । ଏହା ପରଠୁ ମା ପ୍ରତିଦିନ ରାତିରେ ସେଇ ପ୍ରକୋଷ୍ଠରେ ରହିବାକୁ ଆରମ୍ଭ କଲେ ଏବଂ ପରେ ପରେ ଦିନବେଳା ବି ବେଶ୍ କିଛି ସମୟ ସେଠାରେ ବିତାଉଥିଲେ ।''

(ତତ୍ରୈବ, ପୃ. ୧୨୧)

(ମା'ଙ୍କ ବ୍ୟବହୃତ ଏହି ନୂତନ ପ୍ରକୋଷ୍ଠଟି ହେଉଛି ଏବେ ଆମେ ତାଙ୍କର ଜନ୍ମଦିନ ୨୧ ଫେବ୍ରୁଆରୀ ଦର୍ଶନ ଦିବସରେ ଏବଂ ୧୭ ନଭେମ୍ବର, ତାଙ୍କର ମହାପ୍ରୟାଣ ଦିବସରେ ଯେଉଁ ରୁମ୍ ଦର୍ଶନ କରୁଛୁ ।)

ଏବେ ଆଶ୍ରମର ପରବର୍ତ୍ତୀକାଳର ସ୍ଥପତି ବିଶ୍ୱନାଥ ଲାହିଡ଼ୀଙ୍କ ସହିତ ସାକ୍ଷାତ୍କାରରୁ କିଛି ଉଦ୍ଧୃତି :

*ପ୍ରଶ୍ନ : ମା'ଙ୍କର ନବନିର୍ମିତ କକ୍ଷଟିର ନିର୍ମାଣ କାର୍ଯ୍ୟରେ ଆପଣ ସମ୍ପୃକ୍ତ ଥିଲେ କି ?*

ବିଶ୍ୱନାଥ : କହିବାକୁ ଗଲେ, ନା । କାରଣ ସେ ସମୟରେ (୧୯୫୩ରେ) ମୁଁ 'ଡ୍ରଇଂ ଅଫିସ୍'ର ଦାୟିତ୍ୱରେ ନ ଥିଲି; 'ଇଲେକ୍‌ଟ୍ରିକ୍ ସର୍ଭିସ୍'ରେ କାମ କରୁଥିଲି । କିନ୍ତୁ ମା'ଙ୍କର ଏହି କକ୍ଷଟିର ନିର୍ମାଣ କାର୍ଯ୍ୟରେ ମୁଁ ଏବଂ ଉଦାର, ଆମେ ଦୁହେଁ କଂକ୍ରିଟ୍ ଢଳାଇରେ କମ୍ପନ ସୃଷ୍ଟି କରିବାର ମେସିନ୍ ଚଳାଉଥିଲୁ ।

*ପ୍ରଶ୍ନ : ଏହାର ନକ୍ସା ଅଙ୍କନ କିଏ କରିଥିଲେ ?*

ବିଶ୍ୱନାଥ : ସୋଲି ଆଲ୍‌ବ୍ଲେସ୍ ଏହାର ଡିଜାଇନ୍ କରିଥିଲେ; ଉମିର୍‌ଚାନ୍ଦ କାର୍ଯ୍ୟ ସମ୍ପାଦନା କରୁଥିଲେ ଏବଂ ମୁଁ ଆବଶ୍ୟକ ସ୍ଥଳେ ଏହାର ବିଭିନ୍ନ ପ୍ରକାର ଆନୁଷଙ୍ଗିକ କାମରେ ଅଳ୍ପ ଅଳ୍ପ ତଦାରଖ କରୁଥିଲି । ସୋଲିଙ୍କର ନକ୍ସାରେ କକ୍ଷଟିର ଝରକାଗୁଡ଼ିକ ବାହାର ପଟକୁ ଖୋଲୁଥିଲା ଏବଂ ବର୍ଷା ଋତୁରେ କକ୍ଷ ଭିତରକୁ ଅନାୟାସରେ ବର୍ଷା ପାଣି ପଶି ଆସୁଥିଲା । ଏଥିସକାଶେ ମା'ଙ୍କର ଅସୁବିଧାର ସୀମା ନ ଥିଲା । ତେଣୁ ଆମେ ଦୁହେଁ (ଉଦାର ଓ ମୁଁ) ସିଦ୍ଧାନ୍ତ ନେଲୁ ଯେ କକ୍ଷଟିର ବାହାରେ, ତିନି ପାର୍ଶ୍ୱରେ (ପୂର୍ବ ପାର୍ଶ୍ୱରେ ବାରଣ୍ଡା ନାହିଁ) ବାରଣ୍ଡା ନିର୍ମାଣ କରି ଝରକାଗୁଡ଼ିକ ଉପରେ ଆଜ୍‌ବେଷ୍ଟର ଛାତ ଦେବୁ । (ମା'ଙ୍କୁ ସମସ୍ତ କଥା ଜଣାଇ) ବାରଣ୍ଡା ସକାଶେ କକ୍ଷଟିର ତଳକାନ୍ଥରେ ଆମେ କଂକ୍ରିଟ୍ କେଣ୍ଟିଲିଭର୍ ବିମ୍‌ସ୍ ନିବନ୍ଧ କଲୁ ଏବଂ ତା'ପରେ ବାଲି-ସିମେଣ୍ଟରେ ବାରଣ୍ଡା ପ୍ରସ୍ତୁତ କଲୁ ଏବଂ ତା' ଉପରେ ଆଜ୍‌ବେଷ୍ଟର ଛାତ ସଂଯୋଗ କଲୁ । (ବର୍ତ୍ତମାନ ଆମେ ଯେପରି ଦେଖୁଛୁ) ଏହା ୧୯୫୮ରେ ହିଁ କରାଯାଇଥିଲା ।

(ତତ୍ରୈବ : ପୃ. ୧୨୬)

ବର୍ତ୍ତମାନ ମା'ଙ୍କର ଦୁଇ ମହଲା କକ୍ଷର ପୂର୍ବପଟକୁ ଥିବା ତାଙ୍କର 'ମ୍ୟୁଜିକ୍ ରୁମ୍' ଓ ପୂର୍ବପଟ ବାଲ୍‌କୋନି (ଟେରାସ୍) ନିର୍ମାଣ ସମ୍ବନ୍ଧେ ଉଦାରଙ୍କ ବିବୃତ୍ତିରୁ :

''ମା'ଙ୍କୁ ଜନୈକ ଭକ୍ତ ଜର୍ମାନ୍ ପ୍ରସ୍ତୁତ ଏକ ଅତ୍ୟୁତ୍କୃଷ୍ଟ ଓ୍ୱର୍‌ଲିଡ୍‌ଜାର୍ (Wurlidzer) ଇଲେକ୍‌ଟ୍ରିକ୍ ଅର୍ଗାନ୍ ଉପହାର ସ୍ୱରୂପ ଅର୍ପଣ କରିଥିଲେ । ମା ପ୍ରାୟ ନିତି ଏଇଟିକୁ ବଜାଉ ଥିଲେ; ଏହା ପବିତ୍ରଙ୍କ କକ୍ଷ (ନୂତନ ସେକ୍ରେଟେରୀଏଟ୍)ରେ ରହିଥିଲା । ଏବେ ମା ତାଙ୍କ ଦ୍ୱି-ମହଲାରେ ନବନିର୍ମିତ କକ୍ଷକୁ ଆସିବା ପରେ ସେ ଆଉ ସେଇଟିକୁ ବଜାଇ ପାରୁ ନ ଥିଲେ । ଦିନେ ମୁଁ ମା'ଙ୍କୁ କହିଲି, 'ମା, ମଝିରେ ମଝିରେ ଅର୍ଗାନ୍‌ଟିକୁ ନ ବଜାଇଲେ ସେଇଟି ଖରାପ ହୋଇଯିବ; ଆଉ ଆମମାନଙ୍କ ଭିତରୁ କେହି ଜଣେ ବି ତୁମ ଅର୍ଗାନ୍ ବଜାଇବାକୁ ଚାହିଁବେ ନାହିଁ ।' ସେଇଠୁ ମା କହିଲେ, 'ତା'ହେଲେ କ'ଣ କରାଯିବ !' ମୁଁ ତାଙ୍କୁ ପ୍ରସ୍ତାବ ଦେଲି, 'ମା, ତୁମର ଏହି ନୂତନ କକ୍ଷଟିରେ ଅର୍ଗାନ୍‌ଟିକୁ ଆଣି ରଖିଦେବୁ । ତୁମେ ପୂର୍ବ ଭଳି ନିତି ବଜାଇବ ।' ମୋର ଏହି କଥାରେ ସେ ରାଜି ହେଲେ ନାହିଁ । କହିଲେ, 'ଏହି କକ୍ଷଟିରେ ଆସବାବପତ୍ରସବୁ ଯେମିତି ସଜାଇ

ରଖାଯାଇଛି, ସେଥିରେ ଅର୍ଗାନ୍‌ଟିକୁ ଆଣି ଥୋଇଲେ ଠିକ୍ ଲାଗିବ ନାହିଁ ।' ତା'ପରେ ମୁଁ ଅନ୍ୟ ଏକ ପ୍ରସ୍ତାବ ଦେଲି; 'ମା, ତୁମର ସ୍ନାନାଗାରକୁ ଲାଗି ଛାତରେ ବେଶ୍ ଅନେକ ଫାଙ୍କା ଜାଗା ରହିଛି । ସେଥିରେ ଅର୍ଗାନ୍ ରଖିବା ସକାଶେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠଟିଏ ନିର୍ମାଣ କରି ଦେଲେ କେମିତି ହୁଅନ୍ତା !' ମା ଏହି ପ୍ରସ୍ତାବରେ ସମ୍ମତ ହୋଇ କହିଲେ, 'ତା'ହେଲେ ତାହା ହିଁ କର, ଛୋଟ ମ୍ୟୁଜିକ୍ ରୁମ୍ ନିର୍ମାଣ କରିଦିଅ ।' ସେଇଠୁ ଆମେ ତା'ର ନକ୍ସା କରିବାକୁ ଲାଗି ପଡ଼ିଲୁ ।

''ଅନେକ ଆଗରୁ ମୋର ଜଣେ ନିକଟ ସମ୍ପର୍କୀୟା ମାରି (Mary)ଙ୍କୁ ମହୀଶୂର ମହାରାଜା ଉପହାର ସ୍ୱରୂପ ଦେଇଥିଲେ ଅତୀବ ମନୋହର ରାଜକୀୟ ଓବ୍ୟୁସଁ (Aubusson) ଗାଲିଚା, ବେଶ୍ ବଡ଼ ଆକାରର । ସେ ସେଇଟିକୁ ପଣ୍ଡିଚେରୀରେ ପହଞ୍ଚି ମା'ଙ୍କୁ ଅର୍ପଣ କରିଥିଲେ । ମା ସେଇଟିକୁ ଦେଖି ଖୁବ୍ ଖୁସୀ ହୋଇଥିଲେ; କିନ୍ତୁ କେଉଁଠି ଏହାକୁ ବିଛାଇବେ ସେ ସମ୍ବନ୍ଧେ ସେତେବେଳେ କିଛି ଭାବି ନ ଥିଲେ । ଏହା ସେମିତି ମା'ଙ୍କର ଅନ୍ୟାନ୍ୟ ଉପହାର ଦ୍ରବ୍ୟ ସହିତ ସୁରକ୍ଷିତ ଅବସ୍ଥାରେ ରହିଥିଲା ।

''ତେଣୁ ଆମେ ଏକ ଅଦ୍ଭୁତ କାମ କଲୁ । ସେହି ଗାଲିଚାଟିର ମାପ ନେଇ ଆମେ 'ମ୍ୟୁଜିକ୍ ରୁମ୍'ର ନକ୍ସା ଅଙ୍କନ କଲୁ । ସାଧାରଣତଃ କ'ଣ କରାଯାଇଥାଏ ? ଘର ପ୍ରସ୍ତୁତ ପରେ ଘରର ଚଟାଣ ମାପରେ ଗାଲିଚା ଖୋଜାଯାଏ । ଏ କ୍ଷେତ୍ରରେ ଆମେ ଠିକ୍ ଓଲଟା କାମ କଲୁ – ଗାଲିଚା ମାପରେ ଘରଟିଏ ନିର୍ମାଣ କରିବୁ ବୋଲି ସିଦ୍ଧାନ୍ତ ନେଲୁ । ତେଣୁ ସ୍ୱଭାବତଃ 'ମ୍ୟୁଜିକ୍ ରୁମ୍'ଟି ଅପେକ୍ଷାକୃତ ବଡ଼ ଆକାରର ହେବାକୁ ବାଧ୍ୟ । ପୁଣି ଦେଖିଲୁ ତଥାପି ପୂର୍ବ ଆଡ଼କୁ ଓ ଦକ୍ଷିଣ ଆଡ଼କୁ ଛାତ ବେଶ୍ ଫାଙ୍କା ରହୁଛି । ତେଣୁ ଆମେ ଭାବିଲୁ 'ମ୍ୟୁଜିକ୍ ରୁମ୍'ଟିର ପୂର୍ବ ଓ ଦକ୍ଷିଣ ପାର୍ଶ୍ୱରେ ଆଜ୍‌ବେଷ୍ଟର ଛାଉଣୀ ଥିବା ବାଲ୍‌କୋନି କରି ଦେଲେ ତ ବେଶ୍ ଭଲ ଭାବରେ ବ୍ୟବହାର କରିହେବ ।

''ଆମେ ଠିକ୍ କଲୁ ଯେ ଏଇ ଧରଣର ପରିବର୍ତ୍ତନ ଓ ପରିବର୍ଦ୍ଧନ ସମ୍ବନ୍ଧେ ମା'ଙ୍କୁ କିଛି ନ ଜଣାଇ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଉଦ୍‌ଘାଟନ ନିମିତ୍ତ ତାଙ୍କୁ ସବିନୟରେ ସ୍ୱାଗତ କରି ଆଶ୍ଚର୍ଯ୍ୟାନ୍ୱିତ କରାଇବୁ; ସେ ନିଶ୍ଚୟ ଖୁସୀ ହେବେ । କିନ୍ତୁ ଏପରି ବଡ଼ ଧରଣର ନିର୍ମାଣ କାର୍ଯ୍ୟରେ ଅର୍ଥ ବି ଆଗ ଅପେକ୍ଷା ବେଶୀ ଲାଗିବ । ତେଣୁ ଦ୍ୟୁମାନ୍ ଯିଏକି ଆଶ୍ରମର ପ୍ରତ୍ୟେକଟି କାମ ସକାଶେ ଅର୍ଥ ଯୋଗାଡ଼ କରି ଯୋଗାଇଥା'ନ୍ତି, ତାଙ୍କୁ ଏସବୁ କଥା କହିବାରୁ ସେ ତୀବ୍ର ଭାବରେ ବିରକ୍ତ ହୋଇ ଉଠିଲେ; ତାଙ୍କର ଏପରି ପ୍ରତିକ୍ରିୟା କରିବାର ମୂଳ କାରଣ ଥିଲା – ମା'ଙ୍କୁ ନ ଜଣାଇ, ତାଙ୍କର ବିନାନୁମୋଦନରେ ଏସବୁ ଅଧିକା କାର୍ଯ୍ୟ କରିବାକୁ ଯାଉଛୁ । ତେଣୁ ସେ ବେଶ୍ ଦୃଢ଼ ଭାବରେ ଅସନ୍ତୁଷ୍ଟ ଥିଲେ । କିନ୍ତୁ ...

''ଯେତେବେଳେ ଯୋଜନାନୁସାରେ ନିର୍ମାଣ-କାର୍ଯ୍ୟ ସମାପ୍ତ ହେଲା, ମୁଁ ମା'ଙ୍କୁ ଜଣାଇଲି, 'ମା, ସବୁକିଛି ପ୍ରସ୍ତୁତ ହୋଇଛି, ତୁମେ ଆସି ଥରେ ପରିଦର୍ଶନ କର ।' ମା ପ୍ରଥମେ ମ୍ୟୁଜିକ୍ ରୁମ୍‌କୁ ପ୍ରବେଶ କରି ଚଟାଣରେ ତାଙ୍କର ପସନ୍ଦୋପଯୋଗୀ ଗାଲିଚାଟି ବିଛା ଯାଇଥିବାର ଦେଖି ବେଶ୍ ଖୁସୀ ହୋଇ ଉଠିଲେ; ରୁମ୍‌ଟି ବେଶ୍ ପ୍ରଶସ୍ତ ଏବଂ ତାଙ୍କର ଅର୍ଗାନ୍‌ଟି ମଧ୍ୟ ଉଚିତ ସ୍ଥାନରେ ତାଙ୍କର ସ୍ପର୍ଶ ଲାଭ ପାଇଁ ଅପେକ୍ଷାରତ ! ଅତ୍ୟନ୍ତ ଖୁସୀ ହୋଇ ପୂର୍ବପଟକୁ ଅନାଇ ବାଲ୍‌କୋନି ଦେଖି ସଙ୍ଗେ ସଙ୍ଗେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଉଦାରଙ୍କୁ କହି ଉଠିଲେ, 'ଉଦାର, ଏଇଟି ତୁମେ କ'ଣ କରିଛ ! ଏକ ବାଲ୍‌କୋନି ! ତୁମେମାନେ କ'ଣ ପ୍ରତ୍ୟାଶା କରୁଛ ଯେ ମୁଁ ଏହି ବାଲ୍‌କୋନିରୁ ପୁଣି ଦର୍ଶନ ଦେବାକୁ ଆରମ୍ଭ କରିବି !' ମୁଁ ସବିନୟରେ କହିଲି, 'ମା, ଆମେ କିଛି ବି ଆଶା କରି ଏପରି କରିନୁ; କିନ୍ତୁ ତୁମକୁ ପୂର୍ବରୁ ନ ଜଣାଇ ଏମିତି କରିଛୁ, ଏଥିରେ ତୁମେ ଯେ ଖୁସୀ ହୋଇଛ, କେବଳ ଏତିକି ପ୍ରତ୍ୟାଶା ରଖିଥିଲୁ; ମା ସେଇଠୁ ରୁମ୍‌ର ବାହାରକୁ ଆସି ବାଲ୍‌କୋନିଟିକୁ ଦେଖିବାକୁ ଅଗ୍ରସର ହେଲେ ।

''ଇତିମଧ୍ୟରେ ଆମେ ସାରା ଆଶ୍ରମରେ ଖବର ରଟାଇ ଦେଇଥିଲୁ ଯେ ମା ଆଜି ନୂତନ ମ୍ୟୁଜିକ୍ ରୁମ୍ ଓ ବାଲ୍‌କୋନି ଦେଖିବାକୁ ବାହାରକୁ ଆସିବେ । ତେଣୁ ଖବର ପାଇବା ମାତ୍ରେ ଡିସ୍‌ପେନ୍‌ସରି ସାମନା ରାସ୍ତାରେ ଏବଂ ତତ୍ ସଂଲଗ୍ନ ବାସଭବନସବୁର ଝରକା ପାଖରେ ଓ ଛାତ ଉପରେ ଲୋକମାନଙ୍କର ସେ କି ଭିଡ଼ ! କହିବାକୁ ଗଲେ ଆଶ୍ରମର ସମସ୍ତ ଅନ୍ତେବାସୀଙ୍କ ସହିତ ସ୍ଥାନୀୟ ଅନୁରାଗୀ ବ୍ୟକ୍ତିଗଣ ମଧ୍ୟ ନୀରବରେ ଉର୍ଦ୍ଧ୍ୱମୁଖୀ ହୋଇ ଅନାଇ ରହିଥା'ନ୍ତି । ଅନେକ ମାସ ପରେ ପୁଣି ମା'ଙ୍କୁ ଦର୍ଶନ କରିବେ । ମା ଏସବୁ ସମ୍ବନ୍ଧେ ବିନ୍ଦୁ ମାତ୍ର ନ ଜାଣି ଯେତେବେଳେ ମ୍ୟୁଜିକ୍ ରୁମ୍‌ରୁ ବାହାରି ଆସି ବାଲ୍‌କୋନିର ଧାର ଉପରେ ହାତ ରଖି ସାମନାକୁ ଅନାଇ ଦେଇଛନ୍ତି – କ'ଣ ଦେଖିଲେ ? ଦର୍ଶନାର୍ଥୀଙ୍କର କି ଅପୂର୍ବ ସମାବେଶ ! ନିମ୍ନକୁ ଅର୍ଥାତ୍ ରାସ୍ତାକୁ ଅନାଇବା ମାତ୍ରେ ସେ

କ'ଣ ଦେଖିଲେ ? ଜନସମୁଦ୍ର ! ଅନନ୍ୟୋପାୟ ହୋଇ ସେ ତାଙ୍କର ସ୍ୱଭାବସିଦ୍ଧ ଅପରୂପ ଦିବ୍ୟଠାଣିରେ କିଛି ସମୟ ନିମିତ୍ତ (ପୁରୁଣା ବାଲ୍‌କୋନିରେ ନିତି ସକାଳେ ଯେମିତି କରୁଥିଲେ) ସମସ୍ତଙ୍କ ଉପରେ ମନ୍ଦମଧୁର ହସରେ ତାଙ୍କର ସ୍ନେହ ଓ କୃପାବାରି ବର୍ଷଣ କରି ଧୀର ପଦକ୍ଷେପରେ (ପଶ୍ଚାଦ୍‌ମୁଖୀ ନ ହୋଇ) ମ୍ୟୁଜିକ୍ ରୁମ୍‌କୁ ଅପସରି ଆସିଲେ ।

''ଆମ ସମସ୍ତଙ୍କର ସେଦିନ କି ଆନନ୍ଦ !! ପଶ୍ଚାତରୁ ଦ୍ୟୁମାନ୍ ଆସି ତୀବ୍ର ଆନନ୍ଦରେ ବିଭୋର ହୋଇ ମୋତେ କୁଣ୍ଢାଇ ପକାଇ କହିଲେ, 'ଉଦାର, ମୁଁ ଇତିପୂର୍ବରୁ ତୁମକୁ ଯେଉଁ କର୍କଶ ବ୍ୟବହାର ଦେଖାଇ ଥିଲି ସେସବୁକୁ ଭୁଲିଯାଅ । ଶେଷରେ ଆଶ୍ରମର ସମସ୍ତେ ଆଜି ମା'ଙ୍କର ଦର୍ଶନ ପାଇଲେ !' ମୋ ଆଖିରୁ ଆନନ୍ଦାଶ୍ରୁ ସ୍ୱତଃ ଝରି ପଡ଼ିଲା, ମୁଁ ତାଙ୍କୁ କୁଣ୍ଢାଇ ପକାଇ କହିଉଠିଲି, 'ଦ୍ୟୁମାନ୍ ଭାଇ, ମୁଁ କେବେ ବି ତୁମ ଉପରେ ଅସନ୍ତୁଷ୍ଟ ହୋଇନି, ହେବି ବି ନାହିଁ, କାରଣ ମୁଁ ତୁମକୁ ଭଲପାଏ ।'...''

('The Story of the Main Building', P. 128)

ଉପରୋକ୍ତ ଦର୍ଶନ ଦିବସଟି ଥିଲା ୧୬ ଡିସେମ୍ବର ୧୯୬୨ । ଆମେ ଟିକିଏ ପଶ୍ଚାତକୁ ଯାଇ ଘଟଣାସବୁକୁ କ୍ରମାନ୍ୱୟରେ ବର୍ଣ୍ଣନା କରିବାକୁ ଚେଷ୍ଟା କରିବୁ । ମା ମାର୍ଚ୍ଚ ୧୯୬୨ରେ ଅସୁସ୍ଥ ହୋଇ ପଡ଼ିବାରୁ ସେ ଆଉ ତାଙ୍କର ନବନିର୍ମିତ ଦୁଇ ମହଲା ପ୍ରକୋଷ୍ଠରୁ ତଳକୁ ଓହ୍ଲାଇ ନ ଥିଲେ । ସେ ତାଙ୍କର ନିତ୍ୟ ନୈମିତ୍ତିକ ବାଲ୍‌କୋନି ଦର୍ଶନ ଦେଇଥିଲେ ୧୭ ମାର୍ଚ୍ଚ ଏବଂ ୧୯ ମାର୍ଚ୍ଚ ଏବଂ ଶେଷ ଦର୍ଶନଟି ଥିଲା ୨୦ ମାର୍ଚ୍ଚ ୧୯୬୨ । ଇତିପୂର୍ବରୁ ତାଙ୍କର ଦୁଇ ମହଲା ପ୍ରକୋଷ୍ଠଟିରେ ସଂଯୋଜିତ ହୋଇଥିଲା ତାଙ୍କର ବ୍ୟବହାର ନିମିତ୍ତ ଶୌଚାଗାର । ୨୦ ମାର୍ଚ୍ଚର ଅବ୍ୟବହିତ ପରେ ଶୌଚାଗାରକୁ ଲାଗି ତୁରନ୍ତ ଏକ ସ୍ନାନାଗାର ମଧ୍ୟ ନିର୍ମାଣ କରାଯାଇଥିଲା । ୧୧ ମେ ୧୯୬୨ରେ ଏହା ମା'ଙ୍କର ବ୍ୟବହାରୋପଯୋଗୀ ହୋଇଥିଲା । ଏହା ସାଙ୍ଗକୁ ମ୍ୟୁଜିକ୍ ରୁମ୍ ଓ ନୂତନ ବାଲ୍‌କୋନିର ସମସ୍ତ ନିର୍ମାଣ କାର୍ଯ୍ୟ ୧୫ ଡିସେମ୍ବର ୧୯୬୨ରେ ସମାପ୍ତ ହୋଇଥିଲା । ଠିକ୍ ପରଦିନ, ୧୬ ଡିସେମ୍ବରରେ ମା ସେସବୁର ଉଦ୍‌ଘାଟନ କରିବାକୁ ଆସି ଅନନ୍ୟୋପାୟ ହୋଇ ନୂତନ ବାଲ୍‌କୋନିରେ ଅପେକ୍ଷମାଣ ଦର୍ଶନାର୍ଥୀବୃନ୍ଦଙ୍କୁ ଦର୍ଶନ ଦେଇଥିଲେ । ଯଦିଓ ଏହି ଦିବସଟିକୁ 'ନୂତନ ବାଲ୍‌କୋନି'ରେ ମା'ଙ୍କର ପ୍ରଥମ ଦର୍ଶନ ଦିବସ ରୂପେ ଲିଖିତ ପ୍ରମାଣ ରୂପେ ଲିପିବଦ୍ଧ କରାଯାଇପାରେ, କିନ୍ତୁ ଔପଚାରିକ ଭାବରେ ଏହି ନୂତନ ବାଲ୍‌କୋନି(ପରେ 'ଟେରାସ୍ ଦର୍ଶନ' ନାମରେ କଥିତ)ରୁ ମା'ଙ୍କ ଦର୍ଶନ ଲବ୍ଧ ହୋଇଥିଲା ୨୧ ଫେବ୍ରୁଆରୀ ୧୯୬୩ ଦର୍ଶନ ଦିବସରେ; ସନ୍ଧ୍ୟା ଛ'ଟା ପନ୍ଦର ମିନିଟରେ ।

ତେଣୁ ମା'ଙ୍କ 'ବାଲ୍‌କୋନି ଦର୍ଶନ' କହିଲେ ଆଶ୍ରମର ଉତ୍ତର ପଟରେ ଅବସ୍ଥିତ ପ୍ରଥମ ମହଲାରେ ଥିବା ବାଲ୍‌କୋନିରୁ ଦର୍ଶନ । ଏହି ଦର୍ଶନଟି ଥିଲା, କହିବାକୁ ଗଲେ ପ୍ରତିଦିନ ପ୍ରାତଃ, ପ୍ରାୟ ଛ'ଟା ପନ୍ଦର ମିନିଟରେ । ଏହା ଥିଲା ୧୯୩୮ରୁ ମାର୍ଚ୍ଚ ୧୯୬୨ ପର୍ଯ୍ୟନ୍ତ । ଏବଂ 'ଟେରାସ୍ ଦର୍ଶନ' କହିଲେ ଆଶ୍ରମର ପୂର୍ବପଟରେ ଅବସ୍ଥିତ ଦ୍ୱି-ମହଲାରେ ଥିବା ବାଲ୍‌କୋନିରୁ ଦର୍ଶନ, ୧୯୬୩ରୁ ୧୯୭୩ ପର୍ଯ୍ୟନ୍ତ ଅପରାହ୍ଣ ସମୟରେ । ଏହି ଟେରାସ୍‌ରୁ, କେତେକ ବିଶେଷ ଦିବସ ବ୍ୟତୀତ, ମା ବର୍ଷର ଚାରିଟି ଦର୍ଶନ ଦିବସରେ, ଅର୍ଥାତ୍ ୨୧ ଫେବ୍ରୁଆରୀ, ୨୪ ଏପ୍ରିଲ, ୧୫ ଅଗଷ୍ଟ ଏବଂ ୨୪ ନଭେମ୍ବରରେ ଦର୍ଶନ ଦେଉଥିଲେ । ମା ଶେଷ ଦର୍ଶନ ଦେଇଥିଲେ ୧୫ ଅଗଷ୍ଟ ୧୯୭୩ରେ । ଏହି ଦର୍ଶନର ସମୟ, ମାସ ଓ ବର୍ଷ ଉପରେ ନିର୍ଭର କରି ସନ୍ଧ୍ୟା ପାଞ୍ଚଟା ପନ୍ଦର ମିନିଟରୁ ଛ'ଟା ପନ୍ଦର ମିନିଟ ମଧ୍ୟରେ ସଂଘଟିତ ହେଉଥିଲା ।

ମା'ଙ୍କର 'ମ୍ୟୁଜିକ୍ ରୁମ୍'ଟି ମଧ୍ୟ ତାଙ୍କ ସକାଶେ ବେଶ୍ ଉପଯୋଗୀ ହୋଇ ଉଠିଥିଲା । ସେ ସେହି ରୁମରେ ଅର୍ଗାନ୍ ମ୍ୟୁଜିକ୍ ବଜାଇବାର ସୁଯୋଗ ପାଇବା ସଙ୍ଗେ ସଙ୍ଗେ ବିଶେଷ ବିଶେଷ ପରିସ୍ଥିତିରେ ତାହା ତାଙ୍କର 'ସାକ୍ଷାତ୍‌କାର ରୁମ୍' ମଧ୍ୟ ହୋଇ ଉଠିଥିଲା ।

('The Story of the Main Building', P. 132 & 128)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ଭଗବାନଙ୍କ ପ୍ରତି ନମ୍ରତା ହେଉଛି ଯଥାର୍ଥ ନମ୍ରତା ।

– ଶ୍ରୀମା

# ଶ୍ରୀମା କିଏ ? ତାଙ୍କ କାର୍ଯ୍ୟ କ'ଣ ?

## ରାମକୃଷ୍ଣ ଦାସ

ଶ୍ରୀମା କିଏ ? ତାଙ୍କ କାର୍ଯ୍ୟ କ'ଣ ? ସେ ତାଙ୍କ କାର୍ଯ୍ୟ ଶେଷ କରିଛନ୍ତି କି ନାହିଁ ? — ଏହି ପ୍ରଶ୍ନଗୁଡ଼ିକ ଅତ୍ୟନ୍ତ ଜଟିଳ, ଗହନ ଏବଂ ଅଥଳ ସମୁଦ୍ର । ସେଠାରେ ମନ-ବୁଦ୍ଧି ପହଞ୍ଚିବା ସମ୍ଭବ ନୁହେଁ, କିନ୍ତୁ ଜାଣିବା କିଂବା ବୁଝିବାର ଏହା ହିଁ ଆମ୍ଭମାନଙ୍କର ଯନ୍ତ୍ର । ଏହାଛଡ଼ା ଆମ୍ଭମାନଙ୍କ ପାଖରେ ଅନ୍ୟ ଉପାୟ ବି ନାହିଁ । ଆମ୍ଭମାନଙ୍କର ଏହି ସୀମିତ ମନବୁଦ୍ଧିରୂପକ ଯନ୍ତ୍ରରେ ଅସୀମକୁ ଜାଣିବା କିଂବା ବୁଝିବା ସମୁଦ୍ରକୂଳରେ ଛିଡ଼ା ହୋଇ ଆମ୍ଭର ଏହି ସ୍ଥୂଳ ନେତ୍ରରେ ତା'ର ବିସ୍ତୃତତା ଦେଖିବା ଏବଂ ତା'ର ଗଭୀରତାର ଥଳ ନେବା ସଦୃଶ ଅସମ୍ଭବ । ଅସମ୍ଭବ ବୋଲି ଯେ ଛାଡ଼ିଦେବା ତାହା ବି ଠିକ୍ ନୁହେଁ ।

ତେବେ ଏହି ମନ-ବୁଦ୍ଧିରେ ବୁଝିବାକୁ ହେଲେ ଗୋଟିଏ ମାତ୍ର ଉପାୟ ବିଶ୍ୱାସ । ଶ୍ରୀମାଶ୍ରୀଅରବିନ୍ଦଙ୍କ ବାକ୍ୟରେ ବିଶ୍ୱାସ କଲେ କିଂବା ପୂର୍ଣ୍ଣରୂପେ ନିଜକୁ ତାଙ୍କ ଚରଣରେ ସମର୍ପଣ କଲେ ତାଙ୍କରି କୃପାରୁ କିଛି ଅଂଶରେ ବୁଝିପାରିବା । ଏହାଛଡ଼ା ଅନ୍ୟ ପନ୍ଥା ନାହିଁ ।

ଶ୍ରୀଅରବିନ୍ଦ ଯେଉଁ ଅତିମାନସ ଚେତନାରେ ବାସ କରୁଥିଲେ ଶ୍ରୀମା ମଧ୍ୟ ସେହି ଅତିମାନସ ଚେତନା ଦ୍ୱାରା ରୂପାନ୍ତର କାର୍ଯ୍ୟ କରୁଥିଲେ । ଉଭୟେ ଅତିମାନସ ଚେତନା ପ୍ରାପ୍ତ ହୋଇ ଥିବାରୁ ଉଭୟେ ଉଭୟଙ୍କୁ ବୁଝିବାରେ ସହଜ ହୋଇଥିଲା । ଯଦି ଶ୍ରୀମା'ଙ୍କୁ ବୁଝିବାକୁ ହୁଏ ତେବେ ଶ୍ରୀମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ ଯାହା କହିଛନ୍ତି ସେହି ବାକ୍ୟରେ ଆମେ ବିଶ୍ୱାସ କରିବା । ଯଦି ଶ୍ରୀଅରବିନ୍ଦଙ୍କୁ ଜାଣିବାକୁ ହୁଏ ତେବେ ତାଙ୍କ ବିଷୟରେ ଶ୍ରୀମା ଯାହା କହିଛନ୍ତି ସେଥିରେ ଆମେ ବିଶ୍ୱାସ କରିବା । ଅଥବା ସେମାନେ ନିଜ ନିଜ ସମ୍ବନ୍ଧେ କିଂବା ସେମାନଙ୍କ ନିଜ ନିଜ କର୍ମ ସମ୍ବନ୍ଧେ ଯାହାସବୁ କହିଛନ୍ତି ସେସବୁଥିରେ ବିଶ୍ୱାସ ସ୍ଥାପନ କରିବା । ସେମାନଙ୍କ ବାକ୍ୟରେ ବିଶ୍ୱାସ ରଖି ସେମାନଙ୍କ ପ୍ରଦର୍ଶିତ ଯୋଗମାର୍ଗରେ ପ୍ରବେଶ କରି ଅଗ୍ରସର ହେଲେ ଆମର ବିଶ୍ୱାସ ଅଧିକରୁ ଅଧିକ ଦୃଢ଼ ହେବ । କିନ୍ତୁ ସାଧନା ଦ୍ୱାରା ମାନସ-ଚେତନାକୁ ଅତିକ୍ରମ କରିଗଲେ ଶ୍ରୀମା-ଶ୍ରୀଅରବିନ୍ଦଙ୍କ କହିଥିବା ସତ୍ୟ କ୍ରମଶଃ ଉପଲବ୍ଧ ହୋଇପାରିବ ।

ଅଧ୍ୟାତ୍ମ ସତ୍ୟ ପ୍ରାପ୍ତି ହିଁ ବିଶ୍ୱାସ ଉପରେ ପ୍ରତିଷ୍ଠିତ । ବିଶ୍ୱାସ ବିନା ଅଧ୍ୟାତ୍ମ ସିଦ୍ଧି ଅସମ୍ଭବ । କିନ୍ତୁ ବିଶ୍ୱାସ ସ୍ୱୟଂ ସତ୍ୟ ଏବଂ ତାହା ଅନ୍ତରାତ୍ମାର ଗୁଣ । ଆତ୍ମାର କିଂବା ଅନ୍ତରର ବିଶ୍ୱାସରେ ଭ୍ରାନ୍ତି ହୁଏ ନାହିଁ କିଂବା ବ୍ୟକ୍ତି କଦାପି ବିପଦରେ ପଡ଼େ ନାହିଁ । ସେହି ବିଶ୍ୱାସ ହିଁ ବ୍ୟକ୍ତିକୁ ସତ୍ୟ ମାର୍ଗରେ ପରିଚାଳିତ କରେ । ସ୍ୱାର୍ଥସାଧନ କିଂବା ମନ-ପ୍ରାଣରେ ସାଂସାରିକ ବସ୍ତୁ ପ୍ରାପ୍ତ ହେବା ସକାଶେ ବିଶ୍ୱାସ ଦ୍ୱାରା ବ୍ୟକ୍ତି ଭୁଲ୍ ମାର୍ଗରେ ପଡ଼ିପାରେ । ଆତ୍ମା ବା ହୃଦୟରେ ବିଶ୍ୱାସ ଥିବା ବ୍ୟକ୍ତି କେବେ ବି ବିପଥଗାମୀ ହୁଏ ନାହିଁ । ଆତ୍ମାର ବିଶ୍ୱାସ ସ୍ୱୟଂପ୍ରକାଶ । ତା' ପାଖକୁ ଭ୍ରମ ଆସିପାରେ ନାହିଁ । ଆତ୍ମାର ନିବାସ ହୃଦୟର ଗଭୀରରେ । ସେ ଭଗବାନଙ୍କ ସ୍ୱରୂପ, ଭଗବାନଙ୍କ ପ୍ରତିଭୂ ଅଥବା ଭଗବାନଙ୍କ ଅଂଶ; ସେ ଭଗବାନଙ୍କ ସହିତ ଅଭେଦ, ଏକ ଏବଂ ସ୍ୱୟଂ ଭଗବତ୍ ତତ୍ତ୍ୱ । ତା' ମଧ୍ୟରେ ଭଗବତ୍ ଜ୍ଞାନ ଏବଂ ଭଗବତ୍ ଗୁଣଧର୍ମ ବିଦ୍ୟମାନ ଥାଏ । ସେ ସର୍ବଥା ଏହି ମନ-ପ୍ରାଣ-ଶରୀରରେ ହିଁ ଭଗବତ୍ ଉପଲବ୍ଧି ଚାହେଁ । କିନ୍ତୁ ତା'ର ଅଧିକ ବିକାଶ ନ ହେବା ପର୍ଯ୍ୟନ୍ତ ସେ ମନ ଓ ପ୍ରାଣର ପଶ୍ଚାତରେ ଥାଏ । ତା'ର ଚାହିଁବା ପ୍ରକାଶ ପାଏ ମନ ଓ ପ୍ରାଣ ମଧ୍ୟଦେଇ । ମନ ଓ ପ୍ରାଣରେ ଅଧିକ କାମନା-ବାସନା, ଅହଂ ଓ ସ୍ୱାର୍ଥ ଥିବା ଯୋଗୁଁ ଆତ୍ମାର ଚାହିଁବା ସେମାନଙ୍କ ମଧ୍ୟରେ ବିକୃତ ହୋଇଯାଏ । ଏହି ବିକୃତି ଯୋଗୁଁ ସେମାନେ ସର୍ବଥା ସାଂସାରିକ ଭୋଗବିଳାସ, ନାମଯଶଃ, ଅଧିକାର ଇତ୍ୟାଦି ଚାହାନ୍ତି । ଏପରିକି ଯେଉଁମାନଙ୍କର ସାଂସାରିକ ବିଷୟରେ ଅତ୍ୟଧିକ ବୁଦ୍ଧିର ବିକାଶ ହୋଇଥାଏ ସେମାନଙ୍କ ବୁଦ୍ଧି ସାଂସାରିକ କର୍ମଦକ୍ଷତାରେ ଲୋକଙ୍କୁ ଚକିତ କରିପାରେ, କିନ୍ତୁ ସେମାନେ ମଧ୍ୟ ଜୀବନର ଏକମାତ୍ର ଉଦ୍ଦେଶ୍ୟ ଯେ ଭଗବତ୍ ପ୍ରାପ୍ତି ତାହା ବୁଝିପାରନ୍ତି ନାହିଁ କିଂବା ଆତ୍ମା ତଥା ଭଗବାନଙ୍କୁ ବିଶ୍ୱାସ କରିପାରନ୍ତି ନାହିଁ । ଏହି କାରଣରୁ ଆତ୍ମାର ଚାହିଁବା କାର୍ଯ୍ୟ ସମ୍ପାଦନ କରିହୁଏ ନାହିଁ । ଭଗବାନଙ୍କ କୃପା କିଂବା କ୍ରମବିକାଶ ପ୍ରଣାଳୀରେ ଆତ୍ମାର ବିକାଶ ହେଲେ ସେ ସମ୍ମୁଖକୁ ଆସେ । ତେବେ ଯାଇ ତା'ର ଗୁଣଧର୍ମର ଚାପ ମନ, ବୁଦ୍ଧି ଉପରେ ପଡ଼େ ଏବଂ ମନ ଓ ବୁଦ୍ଧି ଅଧ୍ୟାତ୍ମ ସତ୍ୟ ପ୍ରତି ଆକୃଷ୍ଟ ହୁଅନ୍ତି ତଥା ବିଶ୍ୱାସ କରନ୍ତି ।

ଆତ୍ମାର ପ୍ରଭାବରେ ମନ ଓ ପ୍ରାଣ ଭଗବାନଙ୍କୁ ସ୍ୱୀକାର କରିବା ଏବଂ ପ୍ରାପ୍ତ ହେବା ସକାଶେ ଦୃଢ଼ ସଂକଳ୍ପକୁ ହିଁ କୁହାଯାଏ କେନ୍ଦ୍ରୀୟ ସଂକଳ୍ପ । ଥରେ ଏହି କେନ୍ଦ୍ରୀୟ ସଂକଳ୍ପ ହେଲେ ବ୍ୟକ୍ତିର ପ୍ରଯତ୍ନ ବୈରାଗ୍ୟରେ ତଥା ଭଗବାନଙ୍କ ଉପରେ ଭରସା ଅନୁପାତରେ ବିଳମ୍ବ ବା ଶୀଘ୍ର ହୋଇପାରେ କିନ୍ତୁ ଭଗବତ୍ ପ୍ରାପ୍ତିର ଲକ୍ଷ୍ୟସିଦ୍ଧି ନିର୍ଦ୍ଧାରିତ ହୋଇଯାଏ । ଏହି କେନ୍ଦ୍ରୀୟ ସଂକଳ୍ପ ହେବା ପରେ ବି ଆତ୍ମା ସର୍ବଦା ସମ୍ମୁଖରେ ରହେ ନାହିଁ । ଆତ୍ମା ବାରଂବାର ସମ୍ମୁଖକୁ ଆସେ ଏବଂ ମନ-ପ୍ରାଣ ପଶ୍ଚାତକୁ ଯାଏ । ମନ-ପ୍ରାଣ ସମ୍ମୁଖରେ ରହିବା ସମୟରେ ବିରୋଧୀ ଶକ୍ତିସବୁ ଏସବୁକୁ ଯନ୍ତ୍ର କରି ବାରଂବାର ଅବିଶ୍ୱାସ, ହତାଶା, ନିରାଶା, ବିଷାଦ, ଲୋଭ, ମୋହର ପ୍ରେରଣା ଦିଅନ୍ତି, କିନ୍ତୁ ଅଧ୍ୟାତ୍ମ ମାର୍ଗରୁ ସର୍ବଦା ବ୍ୟକ୍ତିକୁ ଟାଣିନେଇ ପାରନ୍ତି ନାହିଁ । ନାନା ପ୍ରକାର ବାଧା ସୃଷ୍ଟି କରନ୍ତି, ଏପରିକି ଯେବେ ଅନ୍ଧକାର ଓ ଅଜ୍ଞାନର ମେଘ ଘୋଟି ଆସେ ସେତେବେଳେ ଭଗବାନ୍ କୃପା କରନ୍ତି, ଆତ୍ମା-ସୂର୍ଯ୍ୟକୁ ସମ୍ମୁଖକୁ ଆଣି ଅଜ୍ଞାନ ମୋହର ତିମିର ବିନାଶ କରିଦିଅନ୍ତି । ଆତ୍ମା ସ୍ଥାୟୀ ରୂପେ ସମ୍ମୁଖରେ ରହିବା ପର୍ଯ୍ୟନ୍ତ ବ୍ୟକ୍ତି ମଧ୍ୟରେ ଏହିପରି ସଂଘର୍ଷ ଚାଲିଥାଏ ।

ଆତ୍ମା ଜାଗ୍ରତ୍ ହେବା ପୂର୍ବରୁ ଯଦି ପ୍ରବଳ ଯୁକ୍ତି ଦ୍ୱାରା ବୁଦ୍ଧି ଭଗବତ୍ ତତ୍ତ୍ୱକୁ ସ୍ୱୀକାର କରିନିଏ, ତଥାପି ଅଧ୍ୟାତ୍ମ ସତ୍ୟକୁ ଗ୍ରହଣ କରେ ନାହିଁ ବା ଗ୍ରହଣ କରିବାକୁ ପ୍ରୟାସ କରେ ନାହିଁ । କଦାଚିତ୍ ପାରିପାର୍ଶ୍ୱିକ ବାତାବରଣ ଓ ସାଙ୍ଗସାଥୀଙ୍କ ଚାପରେ ଯଦି ବ୍ୟକ୍ତି ଅଧ୍ୟାତ୍ମ ମାର୍ଗରେ ପ୍ରବେଶ କରେ ତେବେ କିଛି ଦିନ ପରେ ତାକୁ ଫେରି ଆସିବାକୁ ପଡ଼େ । ଯଦି ବୁଦ୍ଧିରେ ବିବେକ ଉତ୍ପନ୍ନ ହୋଇଥାଏ, ସେ ବିରୋଧୀ ଶକ୍ତିଙ୍କ ପ୍ରେରଣାରେ ଅଧ୍ୟାତ୍ମ ମାର୍ଗ ଓ ଅଧ୍ୟାତ୍ମ ମାର୍ଗର ସାଙ୍ଗସାଥୀଙ୍କ ସମ୍ପର୍କ ତ୍ୟାଗ ନ କରେ, ତେବେ ତା'ର ଅନ୍ତରାତ୍ମା ଜାଗ୍ରତ୍ ହୁଏ ତଥା ସେ ନିଷ୍ଠାର ସହିତ ଅଗ୍ରସର ହୋଇ ଲକ୍ଷ୍ୟସିଦ୍ଧି କରିପାରେ । ଯେଉଁମାନଙ୍କର ଅହଂ, ସ୍ୱାର୍ଥ, ନାମଯଶଃର ଦୃଢ଼ ପାଶରେ ମନ-ବୁଦ୍ଧି ଆବଦ୍ଧ ଥା'ନ୍ତି ସେମାନଙ୍କ ସକାଶେ ଏହା ସମ୍ଭବ ହୁଏ ନାହିଁ ।

ମନ-ବୁଦ୍ଧି ସୀମିତ । ସେ କେବଳ ସାଂସାରିକ ସ୍ଥୂଳ ଦୃଶ୍ୟମାନ ବସ୍ତୁକୁ ହିଁ ବିଶ୍ୱାସ କରେ । ସୂକ୍ଷ୍ମ ବା ମନର ଉର୍ଦ୍ଧ୍ୱ ଚେତନା କିଂବା ଅଧ୍ୟାତ୍ମ ସତ୍ୟ ତା' ପକ୍ଷେ ଦୁରୂହ ପ୍ରତୀତ ହୁଏ । ତା'ର ଅର୍ଦ୍ଧଜ୍ଞାନ ଅଭ୍ରାନ୍ତ ନ ଥାଏ । ତା'ର ବିବେକର ଅଭାବ ଯୋଗୁଁ ଯଥାର୍ଥ-ଅଯଥାର୍ଥ ବୁଝିପାରେ ନାହିଁ । ଏହି କାରଣରୁ ମନ-ପ୍ରାଣର ବିଶ୍ୱାସ ବହୁତ ସମୟରେ ବିଫଳ ହୁଏ । ବୁଦ୍ଧିର ଯୁକ୍ତିରେ ସେ ଯେଉଁ ବସ୍ତୁକୁ ବିଶ୍ୱାସ କରିଥାଏ, ତା'ଠାରୁ ପ୍ରବଳ ଯୁକ୍ତି ହେଲେ ସେ ତା'କୁ ଅବିଶ୍ୱାସ କରିପାରେ । ଆଜି ଯେଉଁ ବସ୍ତୁକୁ ସତ୍ୟ ବୋଲି ଘୋଷଣା କରିଥାଏ, କିଛି ଦିନ ପରେ ତାହା ଅସତ୍ୟ ବୋଲି ପ୍ରମାଣିତ କରେ । ମନ-ପ୍ରାଣର ବିଶ୍ୱାସ ପଶ୍ଚାତରେ ସ୍ୱାର୍ଥ ଏବଂ ଅହଂ ଥାଏ । ସାଧାରଣତଃ ସେସବୁ ସାଂସାରିକ ବସ୍ତୁ ଚାହାନ୍ତି । ମନ-ପ୍ରାଣ କେବେ ବି ଅଧ୍ୟାତ୍ମ ସତ୍ୟ ବା ଭଗବାନଙ୍କୁ ଚାହାନ୍ତି ନାହିଁ । ଯଦି କଦାଚିତ୍ ଚାହାନ୍ତି ତେବେ ସେଥିରେ ସେସବୁର ସ୍ୱାର୍ଥ, ନାମଯଶଃ, ସାଂସାରିକ ସୁଖସୁବିଧାର ଆଶା ଥାଏ । ଅଧ୍ୟାତ୍ମ ସତ୍ୟ ବାହାନାରେ ସାଂସାରିକ ବସ୍ତୁ ସିଦ୍ଧ କରିବା ଚାହାନ୍ତି । କିଛିଦିନ ପରେ ଅଧ୍ୟାତ୍ମ ମାର୍ଗରୁ ଫେରିଯା'ନ୍ତି । ଆତ୍ମବିଶ୍ୱାସରେ ବ୍ୟକ୍ତି ଅଧ୍ୟାତ୍ମ ମାର୍ଗରୁ ଫେରିଯିବା ପ୍ରଶ୍ନ ନ ଥାଏ । ତା'ର ଲକ୍ଷ୍ୟପ୍ରାପ୍ତିରେ ଯେତେ ବିଳମ୍ବ ହେଉ, ଯେତେ ବାଧାବିପତ୍ତି ଆସୁ, ବାରଂବାର ବିଫଳତା ସହିତ ସଂଘର୍ଷ କରିବାକୁ ହେଉ, କିନ୍ତୁ ସେ ପଶ୍ଚାତ୍‌ପଦ ହୁଏ ନାହିଁ । ତା'ର ସେହି ବାଧାବିପତ୍ତି ଓ ପ୍ରତିକୂଳ ଘଟଣା ଦ୍ୱାରା ବିକାଶ ଅଧିକରୁ ଅଧିକ ବଳବତୀ ହେଉଥାଏ । ଶେଷରେ ବିଶ୍ୱାସ ଏବଂ ଲକ୍ଷ୍ୟ ଏକ ହୋଇ ଉପଲବ୍ଧ ହୁଏ ।

ବ୍ୟକ୍ତି ଆନ୍ତରିକ ଆତ୍ମବିଶ୍ୱାସ ତଥା ମନ-ପ୍ରାଣର ବିଶ୍ୱାସରେ ପ୍ରଭେଦ ବୁଝେ ନାହିଁ; ବହୁ ସମୟରେ ମନ-ପ୍ରାଣର ବିଶ୍ୱାସରେ ତ୍ରୁଟି ଦେଖି ଆତ୍ମବିଶ୍ୱାସକୁ ହିଁ ଅନ୍ଧବିଶ୍ୱାସର ସଂଜ୍ଞା ଦେଇଥାଏ । ଯଥାର୍ଥରେ ଆତ୍ମବିଶ୍ୱାସ କେବେ ବି ଅନ୍ଧ ନୁହେଁ । ତାହା ସ୍ୱୟଂପ୍ରକାଶ । ସୂର୍ଯ୍ୟ ପାଖକୁ ଅନ୍ଧକାର ଆସି ନଷ୍ଟ ହୋଇଯିବା ସଦୃଶ ତା' ପାଖରେ ଭ୍ରମ ନଷ୍ଟ ହୋଇଯାଏ । ଅତୀତରେ ବିଶ୍ୱାସ ଦ୍ୱାରା ଅଧ୍ୟାତ୍ମ ସତ୍ୟ ଉପଲବ୍ଧି କରିଥିବା ଘଟଣା ଆମ୍ଭେମାନେ ପ୍ରତ୍ୟକ୍ଷ ରୂପେ ଦେଖିବାକୁ ପାଉ । ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଯେତେ ଅଧ୍ୟାତ୍ମ ସତ୍ୟର ଉପଲବ୍ଧି, ଯେତେ ମହାପୁରୁଷ ଏବଂ ଋଷିମୁନିଙ୍କ ସତ୍ୟମାର୍ଗ ପ୍ରଦର୍ଶନ, ସେସବୁ କେବଳ ବିଶ୍ୱାସ ଦ୍ୱାରା ଗ୍ରହଣ କରାହୋଇ ଆସୁଛି । ପରେ ତାହାର ସତ୍ୟ ଉପଲବ୍ଧ ହୋଇଛି ।

ଅଧ୍ୟାତ୍ମ ସତ୍ୟର ଉପଲବ୍ଧି କରିବାରେ ବିଶ୍ୱାସ ଛଡ଼ା ଅନ୍ୟ ପନ୍ଥା ନାହିଁ । ଭୌତିକ ବସ୍ତୁର ପ୍ରାପ୍ତି ହିଁ ଅଧିକ ପରିମାଣରେ ବିଶ୍ୱାସ ଉପରେ ନିର୍ଭର କରେ । ଏପରିକି

ଜଡ଼ବିଜ୍ଞାନ ନୂତନ ବସ୍ତୁର ଆବିଷ୍କାର କରିବା ପୂର୍ବରୁ ନାନା ପ୍ରଣାଳୀର ପରୀକ୍ଷା କରିବାରେ ପ୍ରଥମରେ ଥାଏ ବୁଦ୍ଧିର ବିଶ୍ୱାସ । ପ୍ରଥମେ ବ୍ୟକ୍ତି ବିଶ୍ୱାସ କରେ, ତା'ପରେ କାର୍ଯ୍ୟରେ ପ୍ରବେଶ କରେ ଏବଂ ପରୀକ୍ଷା କରେ । ବିଶ୍ୱାସ ତା'ର ମୂଳ ସ୍ୱରୂପରେ ଶୁଦ୍ଧ ଏବଂ ଆତ୍ମାର ଗୁଣଧର୍ମ । ଅନ୍ୟାନ୍ୟ ବସ୍ତୁ, ଯଥା : ଶୁଦ୍ଧ ପ୍ରେମ, ଶୁଦ୍ଧ ବ୍ୟକ୍ତିତ୍ୱ ଇତ୍ୟାଦି ଯେପରି ମନ-ପ୍ରାଣର ସଂସ୍ପର୍ଶରେ ବିକୃତ ହୋଇଛନ୍ତି, ସେହିପରି ଆତ୍ମାର ବିଶ୍ୱାସ ମନ-ପ୍ରାଣର ସଂସ୍ପର୍ଶରେ ଆସିଲେ ତା'ର ପରିଣାମରେ ବିକୃତି ଆସେ । ଅତଏବ ବିଶ୍ୱାସର ମୂଳ ସ୍ୱରୂପରେ କେବେ ବି ଭ୍ରମ ନ ଥାଏ, ଭ୍ରମ ଉତ୍ପନ୍ନ ହୁଏ ମନ-ପ୍ରାଣ ଦ୍ୱାରା ବ୍ୟବହୃତ ହେଲେ । ଅତଏବ ଆତ୍ମବିଶ୍ୱାସରେ ଅଧ୍ୟାତ୍ମ ସତ୍ୟ କିଂବା ଭଗବତ୍ ଉପଲବ୍ଧି କରିବାରେ କେବେ ବି ଭ୍ରମ ଆସିପାରେ ନାହିଁ । ଯେଉଁମାନେ ସତ୍ୟ ଚାହାନ୍ତି, ଯେଉଁମାନଙ୍କର ଲକ୍ଷ୍ୟ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି, ସେହିମାନେ ମା'ଙ୍କୁ ଜାଣିବା ସକାଶେ ଶ୍ରୀଅରବିନ୍ଦଙ୍କ ବାକ୍ୟ ଓ ତାଙ୍କ ଲେଖାରେ ବିଶ୍ୱାସ କରିବେ ଏବଂ ସତ୍ୟର ଉପଲବ୍ଧି ମଧ୍ୟ କରିବେ । ଯେଉଁମାନେ ଆନ୍ତର ବିଶ୍ୱାସ ଛଡ଼ା ଅନ୍ୟ ଉପାୟରେ ବିଶ୍ୱାସ କରିବାକୁ ଚାହିଁବେ, ସେମାନଙ୍କୁ ବିଶ୍ୱାସ କରିଥିବା ବ୍ୟକ୍ତିଙ୍କ ଉପଲବ୍ଧି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ପ୍ରଥମରେ ଆମ୍ଭେମାନେ ବିଚାର କରିବା ଶ୍ରୀମା କିଏ ? ପରେ ଆଲୋଚନା କରିବା ଶ୍ରୀମାଙ୍କର କାର୍ଯ୍ୟ କ'ଣ ଏବଂ ତାଙ୍କର କାର୍ଯ୍ୟ ସେ ଶେଷ କରିଛନ୍ତି କି ନାହିଁ ? ଏହି ବିଷୟ ଜାଣିବା ସକାଶେ ଶ୍ରୀଅରବିନ୍ଦ ଏବଂ ଶ୍ରୀମା'ଙ୍କ ଲେଖା ଆଲୋଚନା କରିବା ।

*(ଅବଶିଷ୍ଟାଂଶ ଆରଥରକୁ...)*

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,*
ପ୍ରଥମ ଖଣ୍ଡ, ପୃଷ୍ଠା : ୭୯୧-୭୯୩) ❑

## ବିଶେଷ ସୂଚନା

ଭାରତୀୟ ଡାକ ବିଭାଗର ସୂଚନା ଓ ନିର୍ଦ୍ଦେଶ ଅନୁଯାୟୀ ଆମେ 'ନବପ୍ରକାଶ' ପତ୍ରିକା ପଠାଉ ଥିବା ଖୋଳ(Cover) ଉପରେ ଠିକଣା ବ୍ୟତୀତ ଅନ୍ୟ କିଛି ଲେଖିପାରିବୁ ନାହିଁ । ସାଧାରଣତଃ ଆମେ ଠିକଣା ସହ ଗ୍ରାହକ ନମ୍ବର ଓ ଯେଉଁ ମାସରେ ଆପଣ ପତ୍ରିକା ନବୀକରଣ କରିବା ଆବଶ୍ୟକ ତାହା ସୂଚାଇ ଦେଇଥାଉ । ବର୍ତ୍ତମାନ ଠିକଣା ସହ ତାହା ଲେଖିବା ସମ୍ଭବ ନୁହେଁ । ଆପଣ ଯଦି ପତ୍ରିକାର ଗ୍ରାହକ ନମ୍ବର ଓ ପତ୍ରିକାର ଦେୟ କେବେ ଜମା କରିବେ ଲେଖି ନରଖି ଥା'ନ୍ତି ତେବେ ନବଜ୍ୟୋତି କାର୍ଯ୍ୟାଳୟକୁ ସକାଳ ୯.୩୦ରୁ ୧୧.୩୦ ସମୟ ଅବଧି ଭିତରେ ଫୋନ୍ କରି ତାହା ସଂଗ୍ରହ କରିପାରନ୍ତି ଏବଂ କାର୍ଯ୍ୟାଳୟ ସହ ସମ୍ପର୍କ ରଖିବା ପାଇଁ ମୋବାଇଲ ନମ୍ବରଟି ଦେବା ଉପଯୋଗୀ ହେବ । ଏତଦ୍ ବ୍ୟତୀତ ଯେଉଁମାନେ ନୂତନ ଗ୍ରାହକ ହେଉଛନ୍ତି ସେମାନେ ତାଙ୍କର ଠିକଣା ସହ ମୋବାଇଲ ନମ୍ବର ଦେବାକୁ ଅନୁରୋଧ ।

ନବଜ୍ୟୋତି କାର୍ଯ୍ୟାଳୟ
(୦୪୧୩ -୨୨୩୩୬୩୩)

# କ୍ରୋଧାଗ୍ନି

**ସନ୍ତୋଷ ରଥ**

ଅଗ୍ନି ନୁହେଁ ଖାଲି ତେଜା ଦୀପଶିଖା
ଜଳନ୍ତା ଚୁଲିର ଧାସ
ଧୂର୍ଜଟି ସାଜି ଭସ୍ମୀଭୂତ କରେ
ଭବିଷ୍ୟତ୍ ଇତିହାସ ।

ବାଡ଼ବାଗ୍ନି ଶିଖା ସାଗରୁ ସମ୍ଭୂତ
ଦାବାନଳ ଦହେ ବନ
ଜଠରାଗ୍ନିର ଦହନ ଜ୍ୱଳନ
ଉପଚାର ଅଟେ ଭିନ୍ନ ।

କ୍ରୋଧାଗ୍ନି କବଳୁ ନ ମିଳେ ନିସ୍ତାର
ଯତି ମତି ହୁଏ ନାଶ
ସୁର ଅବା ନର ସଭିଏଁ ନାଚାର
ଚେତନାକୁ କରେ ଧ୍ୱଂସ ।

କ୍ରୋଧ ସର୍ବଗ୍ରାସୀ ଅତି ଭୟାନକ
ବଶରୁ ହେଲେ ବାହାର
ହରେ ହିତାହିତ ସାତ ଜନ୍ମ ତପ
ପଶୁ ତୁଲ୍ୟ ହୁଏ ନର ।

ସ୍ଥିତପ୍ରଜ୍ଞ ନର ସ୍ଥିତଧୀ ମାନସ
କ୍ରୋଧକୁ କରେ ବର୍ଜନ
ରୂପାନ୍ତର ଲକ୍ଷ୍ୟ ସେହି ଏକା କ୍ଷମ
ଯା’ ହୃଦେ ତୋର ଆସ୍ଥାନ । ❑

Power is noble, when it overtops anger; destruction is grandiose, but it loses caste when it proceeds from vengeance. Leave these things, for they belong to a lower humanity.

(On Thoughts and Aphorisms : 211) – Sri Aurobindo

(CWM. Vol. 10, p. 276)

କ୍ରୋଧକୁ ନିଜର ବଶ କରି ରଖିଥିବା ସମୟରେ କ୍ଷମତା ସୁନ୍ଦର ଓ ଉଦାର ଦିଶେ; ଧ୍ୱଂସସାଧନ ମଧ୍ୟ ଭବ୍ୟ ହୋଇପାରେ, ମାତ୍ର ପ୍ରତିଶୋଧ ଦ୍ୱାରା ପ୍ରେରିତ ହୋଇଥିବା ସମୟରେ ତାହା ନିଜର ଜାତିକୁ ହରାଇ ଦେଇଥାଏ । ତୁମେ ଏସବୁକୁ ପରିତ୍ୟାଗ କର, କାରଣ ଏସବୁ ହେଉଛି ଏକ ନିମ୍ନସ୍ତରୀୟ ମନୁଷ୍ୟପଣର ସନ୍ତକ ।

– ଶ୍ରୀଅରବିନ୍ଦ

# ଭାରି ଭଲ ଲାଗେ


## ଦୀପ୍ତି ମିଶ୍ର


ଭାରି ଭଲ ଲାଗେ କାହିଁକି କେଜାଣି
ଭାବିବାକୁ ତୁମ କଥା,
ଭାରି ଭଲ ଲାଗେ ଅନ୍ତର ତଳର
ନିଃଶବ୍ଦ ନୀରବତା । (୧)

ଭାରି ଭଲ ଲାଗେ ଶୁଣିବାକୁ ତୁମ
ଦିବ୍ୟ ମଧୁର ବାଣୀ,
ତୁମ ଅନୁଭୂତି ନୀତି ଉପଦେଶ
ମଧୁର ସତ୍ୟ କାହାଣୀ । (୨)

ଭାରି ଭଲ ଲାଗେ ଦେଖିବାକୁ ତୁମ
ଶାନ୍ତ ମଧୁର ରୂପ,
ସ୍ନିଗ୍ଧ ଚାହାଣୀ କହୁଥାଏ ଅବା
ଅୟୁତ ଯୁଗର ଗପ । (୩)

ଭାରି ଭଲ ଲାଗେ ପାଇବାକୁ ସଦା
ମଧୁର ଛୁଆଁ ତୁମରି,
ହେଉ ପଛେ ସ୍ୱପ୍ନ ତୁମରି ପରଶେ
ଉଦାସତା ଯାଏ ମରି । (୪)

ନୂଆ ଅନୁଭୂତି ନୂଆ ଅନୁଭବ
ପ୍ରତିକ୍ଷଣେ ଜନ୍ମନିଏ,
ବଞ୍ଚିବାର ଏକ ନୂତନ ଆବେଗ
ସେଇଥିରୁ ମିଳିଯାଏ । (୫)

ଭାରି ଭଲ ଲାଗେ ଗାଇବାକୁ ତୁମ
ପ୍ରେମ ବନ୍ଦନା ଗୀତି,
ଭଲ ଲାଗେ ହୃଦେ ରଖିବାକୁ ତୁମ
ରୂପ କମନୀୟ କାନ୍ତି । (୬)

ଭାରି ଭଲ ଲାଗେ କହିବାକୁ ନିଜ
ଅନ୍ତର ଗୋପନ କଥା,
ତେଜି ଦୂରେ ଗର୍ବ, ଅହଂକାର, ମିଥ୍ୟା
ଛଳ ଆଉ କପଟତା । (୭)

ହୁଅନ୍ତା କି ମାଆ ଏ ସାରା ସଂସାର
ଦିବ୍ୟ ଏକ ପରିବାର,
ନ ଥାଆନ୍ତା ଯହିଁ ହିଂସା, ଈର୍ଷା, ଦ୍ୱେଷ
ଖେଦ ଅନ୍ୟ ଜଣକର । (୮)

ରୋଗ, ଶୋକ, ଜରା ମୃତ୍ୟୁ ବି ନ ଥାଆନ୍ତା
ଖାଲି ସ୍ରୋତ ଆନନ୍ଦର,
ସେହି ସ୍ରୋତେ ମିଶି ଯାଆନ୍ତୁ ସଭିଏଁ
ହୋଇ ଦିବ୍ୟ ଏକାକାର । (୯)

ଭାରି ଭଲ ଲାଗେ ସତେ ଗୋ ଜନନୀ
ଦେଖିବାକୁ ସ୍ୱପ୍ନ ତୋର,
ଦିବ୍ୟ ପୃଥିବୀରେ ଆମେ ତ ହସିବୁ
ଗାଇ ଗୀତି ମିଳନର । (୧୦) ❑

ଆସ, ଆମ ହୃଦୟରେ ପ୍ରଗତିର ବହ୍ନିଶିଖାକୁ ପ୍ରଜ୍ୱଳିତ ରଖିବା ।
– ଶ୍ରୀମା

କାହାଣୀ :

# ଉଜ୍ଜ୍ୱଳ ଭବିଷ୍ୟତ୍ !

## ମନୋଜ ଦାସ

ଗୁରୁ ବୁଝାଉ ଥିଲେ ଶିଷ୍ୟମାନଙ୍କୁ, ''ସର୍ବଦା ବର୍ତ୍ତମାନ ଓ ଭବିଷ୍ୟତ୍ ଉପରେ ଆସ୍ଥା ରଖିବ । ଅଭିଜ୍ଞତା ଭଲ ହେଉ, ମନ୍ଦ ହେଉ, ଜାଣିଥିବ ଯେ ତାହାରି ଭିତର ଦେଇ ବିଧାତା ତୁମକୁ – ଅର୍ଥାତ୍ ତୁମ ଚେତନାକୁ ଆଗେଇ ନେଇ ଯାଉଛି । କିନ୍ତୁ ଆଶାବାଦୀ ହେବା ସଙ୍ଗେ ସଙ୍ଗେ ବାସ୍ତବବାଦୀ ହେବ । ନିଜ ସାଧାରଣ ଜ୍ଞାନ ବିସର୍ଜନ ଦେବ ନାହିଁ ।''

''ଗୁରୁଦେବ, ସାଧାରଣ ଜ୍ଞାନ ଅଥବା ବାସ୍ତବ ଜ୍ଞାନ ବିନା ମଧ୍ୟ କ'ଣ ଜଣେ ଆଶାବାନ୍ ହୋଇପାରେ ?''– ପଚାରିଲେ ଜଣେ ଶିଷ୍ୟ ।

ଗୁରୁ ହସିଲେ ଓ କହିଲେ ଏହି କାହାଣୀ ଗୋଟିକ :

ଜଣେ ଥିଲା ଗଧ ବେପାରୀ । ଗଧ-ଶାବକମାନଙ୍କର ସେ ଯତ୍ନ ନିଏ । ସେମାନେ ହୃଷ୍ଟପୁଷ୍ଟ ହେଲେ ସେମାନଙ୍କୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରେ ।

ଦୁଇଟି ସବଳ ସୁନ୍ଦର ତରୁଣ ଗଧଙ୍କର ସେ ନାମକରଣ କରିଥାଏ ମହାଗଧ ଏବଂ ସୁଗଧ । ଦିନେ ଏକ ସମୟରେ ସେମାନଙ୍କୁ କିଣିନେଲେ ଦୁଇଜଣ କ୍ରେତା । ମହାଗଧକୁ କିଣିଲା ରାଜାଙ୍କର ଜଣେ କର୍ମଚାରୀ । ସୁଗଧକୁ କିଣିଲା ଜଣେ ବ୍ୟବସାୟୀ ।

ସୁଗଧ କହିଲା, ''ଭାଇ ମହାଗଧ ! ତୋ'ର ଭାଗ୍ୟ କେଡ଼େ ଭଲ । ତୁମ ରାଜାଙ୍କ ଘରେ ଖଟିବୁ । ତୋତେ କେତେ ଭଲ ଖାଇବାକୁ ମିଳିବ । ମୋ ଖାଉନ୍ଦ ଜଣେ ବ୍ୟବସାୟୀ । ବେପାରୀ, ବ୍ୟବସାୟୀମାନେ ଲାଭ ଛଡ଼ା ଆଉ କ'ଣ ବୁଝନ୍ତି ? ସେମାନେ ମୋତେ ଖଟାଇ ଖଟାଇ ମାରିବେ ।''

ମହାଗଧ କହିଲା, ''ମୋର ଧାରଣା ବି ସେଇଆ । ମୁଁ ଆଶାବାଦୀ । ରାଜାଙ୍କ ଘରେ ସୁଖରେ ଚଳିବି ଅବଶ୍ୟ ।''

''ତୋ'ର ଆଶା ନିରାଶାରେ ପରିଣତ ନ ହେଉ, ମୁଁ ଏହି ଶୁଭେଚ୍ଛା ପୋଷଣ କରୁଛି ।'' ବ୍ୟବସାୟୀ ଦ୍ୱାରା ଟଣା ହୋଇଯିବା ପୂର୍ବରୁ ସୁଗଧ କହିଲା ।

ମହାଗଧର ଆଶା କିନ୍ତୁ ନିରାଶାରେ ପରିଣତ ହେବାକୁ ଅଧିକ ବିଳମ୍ବ ହେଲା ନାହିଁ । ରାଜାଙ୍କ ଘୋଡ଼ାଶାଳ ନିକଟରେ ତାକୁ ରଖା ହୋଇଥାଏ । ଘୋଡ଼ାମାନେ ତାକୁ ଚାହିଁଚାପରା କରନ୍ତି । ଭୃତ୍ୟମାନେ ଘୋଡ଼ାମାନଙ୍କ ଭଲ ତତ୍ତ୍ୱ ନିଅନ୍ତି, କାରଣ ସ୍ୱୟଂ ରାଜା ସେମାନଙ୍କ ଅବସ୍ଥା ଦେଖିବାକୁ ଆସନ୍ତି । ଗଧକୁ କେହି ପଚାରନ୍ତି ନାହିଁ ।

ଅଥଚ ମହାଗଧକୁ ପ୍ରଚୁର ଖଟିବାକୁ ପଡ଼େ । ସବୁଦିନ ହାଟ ବଜାରରୁ ରାଜପ୍ରାସାଦ ପାଇଁ ଆସେ କେତେ କେତେ ଜିନିଷ । ବିଚରାକୁ ସବୁ ବହନ କରି ଆଣିବାକୁ ହୁଏ । ବଜାରକୁ ଗଲାବେଳେ ହେଲେ ବିନା ବୋଝରେ ଯିବାର ସୁଯୋଗ ମିଳନ୍ତା ! ନା, ତାହା ମଧ୍ୟ ହୁଏ ନାହିଁ । କିଣାକିଣି କରିବାକୁ ଯାଉଥିବା ପ୍ରାସାଦର କର୍ମଚାରୀମାନଙ୍କ ଭିତରୁ ପାଳି କରି ଜଣେ ଜଣେ ତାହା ଉପରେ ଚଢ଼ି ବସନ୍ତି ।

ତିନି ଚାରିବର୍ଷ ପରେ ଦିନେ ମହାଗଧ ଉପରେ ଲୁଗାପଟା ଓ ପୂଜାପାର୍ବଣର ଜିନିଷପତ୍ର ଲଦା ହେଲା । ରାଣୀ ଓ ରାଜକନ୍ୟା ନଦୀଘାଟକୁ ଯାଉଥିଲେ କୌଣସି ପୁଣ୍ୟପର୍ବ ଉପଲକ୍ଷେ ବୁଡ଼ ଦେବା ପାଇଁ । ସେମାନଙ୍କ ପାଲିଙ୍କି ପଛେ ପଛେ ସେ ଯାଉଥାଏ ।

ନଦୀଘାଟକୁ ଆସିଥା'ନ୍ତି ସୁଗଧକୁ କିଣିଥିବା ବ୍ୟବସାୟୀଙ୍କ ପରିବାର । ପରସ୍ପର ସାକ୍ଷାତ୍ ହୁଅନ୍ତେ ଦୁଇ ଗଧ ବହୁତ ଖୁସି ହେଲେ ଏବଂ ସୁଖଦୁଃଖ ହେଲେ ।

''ମୁଁ ଭାବୁଛି ନଦୀକୁ ଡେଇଁପଡ଼ି ପ୍ରାଣ ହାରିବି ।'' କହିଲା ମହାଗଧ । ''ଏଡ଼େ କଷଣ ଆଉ ସହିପାରୁ ନାହିଁ ।''

''ନା ନା, ସେମିତି କହନା । ମୋତେ ବି କମ୍ କଷ୍ଟ ସହିବାକୁ ହୁଏନା । କିନ୍ତୁ ଆତ୍ମହତ୍ୟା ମହାପାପ ବୋଲି ଶୁଣିଛି । ବରଂ ଗୋଟିଏ କାମ କରିବା । ଏ ନଦୀ ସେପାରିରେ ଯେଉଁ ବଣ ଅଛି, ତହିଁ ଭିତରେ ବାଘ ଭାଲୁ ଭଳି ଭୟଙ୍କର ପଶୁ ନାହାନ୍ତି । ଏଠାରୁ ପଳାଇଯାଇ ସେ ବଣରେ ଆଶ୍ରୟ ନେବା । ଆହୁରି ଆଶାର କଥା ହେଲା, ବଣର ଶେଷ ସୀମାରେ ଜଣେ ଜୈନ ଗୁରୁଙ୍କର ଆଶ୍ରମ ଅଛି । ସେଠାରେ ଯେକୌଣସି ବୁଢ଼ା, ହଡ଼ା, ଅସୁସ୍ଥ, କ୍ଳାନ୍ତ ପଶୁଙ୍କୁ ଆଶ୍ରା ମିଳେ । ଅନେକ ନିର୍ମମ ଲୋକ ଅଛନ୍ତି, ଯେଉଁମାନେ ସେମାନଙ୍କ ଅକର୍ମଣ୍ୟ ଗଧ,

ଘୋଡ଼ା, ଓଟମାନଙ୍କୁ ନେଇ ସେ ବଣରେ ଛାଡ଼ିଦେଇ ସେମାନଙ୍କୁ ପୋଷିବା ଦାୟିତ୍ୱରୁ ମୁକ୍ତି ପାଇଯା'ନ୍ତି । ଆଶ୍ରମବାସୀମାନେ ସେସବୁ ପଶୁଙ୍କୁ ପାଳନ କରନ୍ତି । ଆମେ ସେଇଠାରେ ପହଞ୍ଚିଗଲେ ଆଉ ଚିନ୍ତା ରହିବ ନାହିଁ ।''

ମହାଗଧ ଏ ପ୍ରସ୍ତାବ ଆନନ୍ଦରେ ମାନିନେଲା । ସେତିକିବେଳେ ରାଣୀ, ରାଜକନ୍ୟା ଏବଂ ସୁଗଧର ମାଲିକ ବ୍ୟବସାୟୀଙ୍କ ପତ୍ନୀ ନଦୀରେ ସ୍ନାନ ଓ ପୂଜା ସମାପନ ଅନ୍ତେ ନିଜ ନିଜ ପାଲିଙ୍କି ଆରୋହଣ କରିବା ନିମନ୍ତେ ସେଠାକୁ ଆସିଗଲେ । ବ୍ୟବସାୟୀଙ୍କ ପତ୍ନୀ ରାଣୀଙ୍କୁ ଜୁହାର ହୋଇ କହିଲେ, ''ତା'ହେଲେ ପୁଣି ଆଗାମୀ ବର୍ଷ ଏହି ଦିନରେ ଏହିଠାରେ ହେବ ଦେଖା !''

''ନିଶ୍ଚୟ !'' ରାଣୀ କହିଲେ ।

ସୁଗଧ ମହାଗଧକୁ ଚୁପିଚୁପି କହିଲା, ''ବର୍ଷଟିଏ ସବୁ ସହିଯା' । ଆଗାମୀ ଥର ଏହି ଦିନ ଦେବା ବଣ ଭିତରକୁ ଚମ୍ପଟ । ନଦୀରେ ଠାଏଁ ପାଣି ଖୁବ୍ କମ୍ ଥାଏ । ସେହି ବାଟେ ପଳାଇବା ।''

''ସନ୍ଦେହ ଅଛି ?'' ଆନନ୍ଦରେ ମହାଗଧ ଦେଲା ସମ୍ମତି ।

ବର୍ଷେ ବିତିଗଲା । ପୁନର୍ବାର ଦେଖାହେଲା ଦୁଇ ଗଧବନ୍ଧୁଙ୍କର ସେହି ନଦୀତଟରେ । ସୁଗଧ ଲକ୍ଷ୍ୟ କଲା, ମହାଗଧର ଚେହେରା ବଦଳି ଯାଇଛି । ସେ ଦିଶୁଛି ଉତ୍‌ଫୁଲ୍ଲ ।

ସୁଗଧ କିନ୍ତୁ ପୂର୍ବ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତ ଥାଏ । ସେ ପଚାରିଲା, ''ଯିବାଟି ?''

''ନା ଭାଇ'', ହସିଦେଇ କହିଲା ମହାଗଧ, ''ମୁଁ ବର୍ତ୍ତମାନ ଖୁବ୍ ଆଶାବାଦୀ । ମୋର ଭବିଷ୍ୟତ୍ ଉଜ୍ଜ୍ୱଳ ।''

କୌତୂହଳୀ ସୁଗଧର ପ୍ରଶ୍ନରେ ଏହାପରେ ମହାଗଧ ଯାହା କହିଲା, ତା'ର ବିଷୟବସ୍ତୁ ଏହିପରି :

ରାଜକନ୍ୟା ଅତ୍ୟନ୍ତ ଜିଦ୍‌ଖୋର । ରାଜା ତାଙ୍କ ପାଇଁ ଯେତେ ବରପାତ୍ର ଠିକଣା କରୁଛନ୍ତି, ସେ ସମସ୍ତଙ୍କୁ ନାପସନ୍ଦ କରୁଛନ୍ତି । ରାଜା ଅବଶେଷରେ ବିରକ୍ତ ହୋଇ ପ୍ରାୟ ଛଅ ମାସ ତଳେ ଦିନେ ମହାଗଧର ଉପସ୍ଥିତିରେ କହିଲେ, ''ଶୁଣ ! ପରବର୍ତ୍ତୀ ଯେଉଁ ପ୍ରସ୍ତାବଟି ଆସିବ, ତୁ ଯଦି ସେଥିରେ ନାମଙ୍ଗ ହେବୁ, ତେବେ ତୋତେ ଏହି ଗଧ ସହ ବାହା କରେଇ ଦେବି ! ସାବଧାନ !''

ପୁଲକିତ, ଶିହରିତ ମହାଗଧ ବନ୍ଧୁ ସୁଗଧକୁ କହିଲା, ''ବୁଝୁଛୁ ଟି ? ମୋ ଆଗରେ ରହିଛି ଏମନ୍ତ ଉଜ୍ଜ୍ୱଳ ସମ୍ଭାବନା । ପଳାଇବି କିପରି ? କଳ୍ପନା କର ମୋର ଭବିଷ୍ୟତ୍...''

ସୁଗଧର ଧୈର୍ଯ୍ୟହାନି ହେଲା । ସେ ତା' ନିଜ ଯୋଜନା କାର୍ଯ୍ୟକାରୀ କଲା ସେହି ମୁହୂର୍ତ୍ତରେ । ଆଶାୟୀ ମହାଗଧ ପୁନର୍ବାର ରାଣୀ ଓ ରାଜକନ୍ୟାଙ୍କର ଓଦା ଲୁଗାତକ ପିଠିରେ ବୋହି ପ୍ରାସାଦ ଅଭିମୁଖେ ସେମାନଙ୍କ ପାଲିଙ୍କିକୁ କଲା ଅନୁସରଣ ।

ଗୁରୁ କାହାଣୀ ଶେଷ କରି କହିଲେ, ''ବୁଝିଲଟି ବାସ୍ତବତାହୀନ ଆଶାବାଦ କ'ଣ ? ଆମ ସମାଜ ଭିତରେ ସେ ମହାଗଧୀୟ ଚେତନା ସମ୍ୱଳିତ ମଣିଷ ନାହାନ୍ତି, ସେକଥା କିଏ କହିପାରିବ ?''

❑❑❑


## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଇଚ୍ଛାପୁର, ସା/ପୋ. ଲହଙ୍ଗା, ଭାୟା. କଟରା, ଜି. ଜଗତସିଂପୁର, ପିନ୍ – ୭୫୪ ୧୦୩, ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ +3 କଳା କିଂବା ବିଜ୍ଞାନ ବା ତଦୁର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ୪ ଜଣ ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

ଯୋଗାଯୋଗ : ସମ୍ପାଦକ : ୯୭୭୭୭ ୭୭୯୯୮

ପରିଚାଳକ : ୯୪୪୨୫ ୨୧୧୦୧

# ଏକ ଅନାଗତ ଭବିଷ୍ୟତର ଆଭିମୁଖ୍ୟ

## ପ୍ରପତ୍ତି

ବର୍ତ୍ତମାନ ସମଗ୍ର ମାନବ ସମାଜ ଏକ ଅଭୂତପୂର୍ବ ଅସ୍ଥିରତା ଓ ଅନିଶ୍ଚିତତା ଭିତର ଦେଇ ଗତି କରୁଛି । ଯେଉଁ ପୁରାତନ ପରମ୍ପରା, ଐତିହ୍ୟ ଥିଲା, ସେ ସକଳ ପ୍ରାୟ ଭୁଶୁଡ଼ି ପଡ଼ିଛି । ନୈତିକତା, ସାମାଜିକତା ଓ ଅନ୍ୟାନ୍ୟ ସକଳ ପ୍ରକାର ଆଚାର-ବିଚାର, ନ୍ୟାୟ ଓ ସଂସ୍କୃତି ଏପରି ବିରକ୍ତିକର ଓ ନିରର୍ଥକ ବୋଧ ହେଉଛି ଯେ ମନୁଷ୍ୟ ସେସବୁକୁ ସ୍ୱୀୟ ଜୀବନଧାରାରୁ ବାଦ୍ ଦେଇ ସାରିଲାଣି । ନୈତିକତାର ଏକାବେଳକେ ପତନ ହୋଇଯାଇଛି । ଧର୍ମ ଉପରେ ଆଧାରିତ ଜୀବନଧାରା ଆଜି ଘୋର ବିକ୍ଷୋଭର ସମ୍ମୁଖୀନ ହେଉଛି । ସବୁ ଯେପରି ଅତି ପୁରାତନ, ଜୀର୍ଣ୍ଣଶୀର୍ଣ୍ଣ, ଶୁଷ୍କ ଓ ନୀରସ ବୋଧ ହେଉଛି । ଏଥିପାଇଁ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ବିପର୍ଯ୍ୟୟ ଓ ଅକଳ୍ପନୀୟ ବିଶୃଙ୍ଖଳା ଦେଖା ଦେଇଛି । ଏପରି ବେଳେ ବେଳେ ବୋଧ ହେଉଛି ଯେ ମାନବ ସମାଜ ହୁଏତ ଏକ ପ୍ରଳୟର ସମ୍ମୁଖୀନ ହେବ । ବୁଦ୍ଧି, ବିଦ୍ୟା, ଅତୁଳନୀୟ ସମ୍ପଦର ଅଧିକାରୀ ହୋଇ ସୁଦ୍ଧା ମନୁଷ୍ୟ ନିଜକୁ ହତାଶା ଓ ଅବସାଦ ଭିତରେ ଛାଡ଼ି ଦେଇଛି ।

ଏପରି ଏକ ଅନ୍ଧକାର, ବିଶୃଙ୍ଖଳା ଓ ହତାଶାର କ୍ଷେତ୍ରରେ ମନୁଷ୍ୟ କେଉଁ ରାସ୍ତା ଧରି ଅଗ୍ରଗତି କରିବ ? କେହି କେହି ଚିନ୍ତା କରୁଛନ୍ତି, ଆଉ ହୁଏତ ଏହି ମାନବ ସମାଜ ବେଶୀ ଦୂର ଅଗ୍ରଗତି ନ କରି ଏହିଠାରେ ହିଁ ଧ୍ୱଂସ ପାଇଯିବ । ମନୁଷ୍ୟ ମନରେ ଯେଉଁ ପ୍ରଶ୍ନ ଉଠୁଛି ତାହାର ସମାଧାନ ମଧ ହୋଇପାରୁ ନାହିଁ । ଆମ ଜୀବନ ଓ ପୃଥିବୀର ଭବିଷ୍ୟତ୍ କ'ଣ ? ସାମାଜିକ, ରାଷ୍ଟ୍ରୀୟ, ବ୍ୟକ୍ତିଗତ ଜୀବନ କେଉଁ ଦିଗରେ ଗତି କରିବ ଏବଂ କିପରି ଭାବରେ ପରିଚାଳିତ ହେବ ? କିଏ ବା ଏହି ପରିଚାଳନାର ଭାର ନେଇପାରିବ ? ସନ୍ଦେହ, ଭୟ, ଆଶଙ୍କାରେ ମଣିଷର ମନ ଓ ହୃଦୟ କ୍ରମଶଃ ଦବି ଯାଉଛି ।

ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ତିକ୍ତତା, ନିରୁତ୍ସାହ ଓ ବ୍ୟସ୍ତତା ବଢ଼ି ଚାଲିଛି । ହତ୍ୟା, ଆତ୍ମହତ୍ୟା, ନାନାବିଧ ପାଗଳାମି ବଢ଼ି ଚାଲିଛି । ଯଥାର୍ଥରେ ଏସବୁ ଘଟିବାର କାରଣ କ'ଣ ? କଥାରେ ଅଛି ପକ୍ଷୀ ଖୋଜେ ନୀଡ଼, ମନୁଷ୍ୟ ଖୋଜେ ପଥ । ଏହି ପଥର ସନ୍ଧାନ ଦେବ କିଏ ?

ଏହିପରି ଘୋର ଅନ୍ଧକାର ଓ ସନ୍ଧିକ୍ଷଣରେ ଶ୍ରୀଅରବିନ୍ଦ ମାନବଜାତିକୁ ଯେଉଁ ଆଶା ଓ ଆଶ୍ୱାସନାର ବାଣୀ ଶୁଣାଇଛନ୍ତି, ତାହା ନିଶ୍ଚୟ ହିଁ ମନୁଷ୍ୟ ମନରେ ଏକ ସାହସ ଓ ଶକ୍ତିର ସଞ୍ଚାର କରିବ । ଶ୍ରୀମା'ଙ୍କ ଭାଷାରେ :

"Sri Aurobindo's message is an immortal sunlight radiating over the future."

(CWM, Vol. 13, P. 19) – The Mother

ଅର୍ଥାତ୍ ''ଶ୍ରୀଅରବିନ୍ଦଙ୍କ ବାଣୀ ଏକ ଅମର ସୂର୍ଯ୍ୟାଲୋକ, ଯାହାର ବିକିରଣ ଭବିଷ୍ୟତକୁ ଉଦ୍ଭାସିତ କରୁଛି ।''

ଅନ୍ୟ ଏକ ବାଣୀରେ ଆହୁରି ସ୍ପଷ୍ଟ ଭାବରେ ଶ୍ରୀମା ଘୋଷଣା କରିଛନ୍ତି :

... "Sri Aurobindo belongs to the future; he is the messenger of the future. He still shows us the way to follow in order to hasten the realisation of a glorious future fashioned by the Divine Will."

(CWM, Vol. 13, P. 14) – The Mother

ଅର୍ଥାତ୍, ''ଶ୍ରୀଅରବିନ୍ଦ ଭବିଷ୍ୟତର ଅଟନ୍ତି; ସେ ଭବିଷ୍ୟତର ବାର୍ତ୍ତାବହ । ଦିବ୍ୟ ସଂକଳ୍ପ ଦ୍ୱାରା ନିର୍ଦ୍ଧାରିତ ଏକ ଗୌରବମୟ ଭବିଷ୍ୟତର ସିଦ୍ଧିକୁ ତ୍ୱରାନ୍ୱିତ କରିବା ସକାଶେ ବର୍ତ୍ତମାନ ମଧ ସେ ଆମ୍ଭମାନଙ୍କୁ ପଥ ଦେଖାଉଛନ୍ତି ।''

ଏଥିରୁ ଏହା ହିଁ ସୁସ୍ପଷ୍ଟ ଯେ ଶ୍ରୀଅରବିନ୍ଦ ସମଗ୍ର ମାନବଜାତି ନିମିତ୍ତ ଭବିଷ୍ୟତର ଦ୍ୱାର ଉନ୍ମୁକ୍ତ କରିଛନ୍ତି, ପଥ ଦେଖାଇଛନ୍ତି । ତାଙ୍କରି ସୂର୍ଯ୍ୟଦୀପ୍ତ ପଥର ଅନ୍ୱେଷଣ କରି ପାରିଲେ ବର୍ତ୍ତମାନ ମନୁଷ୍ୟ ଘୋର ଦୁର୍ଦ୍ଦିନ, ଝଡ଼ଝଞ୍ଜା ମଧ୍ୟରୁ ରକ୍ଷା ପାଇପାରିବ ।

ଶ୍ରୀଅରବିନ୍ଦ ଘୋଷଣା କରୁଛନ୍ତି ଯେ ମନୁଷ୍ୟ ବର୍ତ୍ତମାନ ଯେଉଁ ମନୋମୟ ସ୍ତରରେ ଆସି ପହଞ୍ଚିଛି ତାକୁ ଅତିକ୍ରମ କରି ଆଉ ଏକ ସ୍ତର ଓ ଭୂମିରେ ଉପସ୍ଥିତ ହେବାକୁ ହେବ । ଏହା

ହିଁ ତାହାର ନିୟତି । ମନୁଷ୍ୟ ହିଁ ଆଜି ବିବର୍ତ୍ତନର ଶୀର୍ଷାଂଶରେ ପହଞ୍ଚିଛି । ମନୋମୟ ଜୀବନ ଧାରା ତାହାରି ଭିତରେ ପ୍ରକାଶ ପାଉଛି । ମନୁଷ୍ୟ ଏକ ତ୍ରି-ବର୍ଗ ବିଶିଷ୍ଟ ଜୀବନ ନେଇ ଗତି କରୁଛି । ମନୁଷ୍ୟ ଦେହ-ମନ-ପ୍ରାଣ ବିଶିଷ୍ଟ ସତ୍ତା । ମନ ହିଁ ବର୍ତ୍ତମାନ ବିକଶିତ ସୃଷ୍ଟିର ଚରମ ପାହାଚ । କିନ୍ତୁ ମନ ଏକ ଅପରିଣତ, ଅସମାପ୍ତ ଓ ଖଣ୍ଡିତ ଚେତନାକୁ ଧାରଣ କରିଛି । ଏହି ମନୋମୟ ଜୀବନଧାରାକୁ ଅତିକ୍ରମ କରି ଆମକୁ ଚେତନାର ଚତୁର୍ଥ ବର୍ଗରେ ଉପନୀତ ହେବାକୁ ହେବ । ଚେତନାର ଯେଉଁ ତିନୋଟି ବର୍ଗ ପ୍ରକାଶିତ ହୋଇଛି ତାହା ହେଲା ଶରୀର, ପ୍ରାଣ ଓ ମନ ଏବଂ ଚତୁର୍ଥ ବର୍ଗ ହେଲା ଅତିମାନସ ବା ବିଜ୍ଞାନ ଭୂମି । ଅତିମାନସ ହେଲା ପୂର୍ଣ୍ଣାଙ୍ଗ ଦିବ୍ୟ-ଅଧ୍ୟାତ୍ମ ଭୂମି । ଏହା ପରାର୍ଦ୍ଧର ତତ୍ତ୍ୱ ଏବଂ ସୃଷ୍ଟିର ପ୍ରତ୍ୟେକ ବସ୍ତୁ ଭିତରେ ପ୍ରଜ୍ଞା-ପୁରାଣୀ ବା ଋତ୍-ଚିତ୍ ରୂପେ ବିଦ୍ୟମାନ । ବର୍ତ୍ତମାନ ଏହି ଚତୁର୍ଥ ବର୍ଗର ବିକାଶ ହେବାର ସମୟ ଉପସ୍ଥିତ ହୋଇଥିବାରୁ ପୃଥିବୀ ଏକ ସନ୍ଧିକ୍ଷଣର ସମ୍ମୁଖୀନ ହୋଇଛି । ଗୋଟିଏ ଯୁଗ ଚାଲିଯିବ ଓ ଆଉ ଏକ ନୂତନ ଯୁଗ ଦେଖାଦେବ । ଏହି ଅତିମାନସ ଶକ୍ତିର ସନ୍ଧାନରେ ଓ ଏହି ଶକ୍ତିକୁ ଆଣି ମନୁଷ୍ୟ ହସ୍ତରେ ଦେବା ନିମିତ୍ତ ଶ୍ରୀଅରବିନ୍ଦଙ୍କ ସାଧନାର ମୂଳ ଲକ୍ଷ୍ୟ । ଏହି ଶକ୍ତିର ଅବତରଣ ଫଳରେ ମନୁଷ୍ୟର, ଏପରିକି ସକଳ ବସ୍ତୁର ଏକ ପରିବର୍ତ୍ତନ ଦେଖାଦେବ । ବିଶ୍ୱ ସୃଷ୍ଟିରେ ଯେଉଁ ତିନୋଟି ସ୍ତର – ଭୌତିକ, ପ୍ରାଣିକ ଓ ମାନସିକ ସ୍ତର ପ୍ରକାଶ ପାଇଛି ତାହା ସହିତ ଏହି ଚତୁର୍ଥ ସ୍ତରଟି ପ୍ରକାଶିତ ହେବ ।

ଶ୍ରୀଅରବିନ୍ଦ ଏହି ସ୍ତରଟିର ନାମ ଅତିମାନସ ବୋଲି ଅଭିହିତ କରିଛନ୍ତି । ଏହି ବିଶାଳ, ମହାନ୍, ବ୍ୟାପକ ଅଧ୍ୟାତ୍ମ ସତ୍ୟ ଓ ଚେତନାକୁ ବେଦରେ ଋତ-ଚିତ୍ ନାମ ଦିଆଯାଇଛି । ଉପନିଷଦ୍‌ରେ ବିଜ୍ଞାନ ଭୂମି ବୋଲି କୁହାଯାଇଛି । ପ୍ରାଚୀନ କାଳରେ କେହି କେହି ଋଷି ଏହି ସତ୍ୟର ଦର୍ଶନ କରିଥିଲେ । ବେଦର ବିଭିନ୍ନ ମନ୍ତ୍ରରେ ଏହାର ସୂଚନା ସ୍ପଷ୍ଟ ରୂପେ ରହିଛି । ଏସବୁ ସତ୍ତ୍ୱେ ଏହି ତତ୍ତ୍ୱ ଯେ ଦିନେ ପୃଥିବୀରେ ଅବତରଣ କରି ପାର୍ଥିବ ଜୀବନକୁ ରୂପାନ୍ତରିତ କରିବ, ମନୁଷ୍ୟକୁ ଦୁଃଖ, ଶୋକ, ଜରା, ରୋଗ, ମୃତ୍ୟୁ କବଳରୁ ମୁକ୍ତ କରିବ, ଏକଥା କେହି କଳ୍ପନା କରି ନ ଥିଲେ । ପାର୍ଥିବ ଜୀବନରେ ଅତିମାନସ ସତ୍ୟ ଏକ ସକ୍ରିୟ ଶକ୍ତି (Dynamic Power) ରୂପେ କ୍ରିୟାଶୀଳ ହେବ – ଏକଥା ମଧ୍ୟ କେହି ଚିନ୍ତା କରି ନ ଥିଲେ । ପୃଥିବୀର ବିବର୍ତ୍ତନରେ ହୁଏତ ସେ ସମୟ ଆସି ଉପସ୍ଥିତ ହୋଇ ନ ଥିଲା । ଏକଥା ମନେ ରଖିବା ଉଚିତ ଯେ ଅତିମାନସ ହେଲା ପରାର୍ଦ୍ଧର ତତ୍ତ୍ୱ ଏବଂ ପରାର୍ଦ୍ଧର ଦିବ୍ୟଧାରାରେ ହିଁ କାର୍ଯ୍ୟ କରିପାରିବ । ଅପରାର୍ଦ୍ଧରେ ଏହା କାର୍ଯ୍ୟ କରିବା ତ ଦୂରର କଥା, ଅବତରଣ କରିବା ମଧ୍ୟ ଅସମ୍ଭବ । କିନ୍ତୁ ଏହି ସୃଷ୍ଟିର ସକଳ ବସ୍ତୁର ପଶ୍ଚାତରେ, ଅନ୍ତରରେ ଏହି ପରମା ଦିବ୍ୟଶକ୍ତି ଏକ ଅଖଣ୍ଡ ସତ୍ୟ ରୂପେ ପ୍ରତିଷ୍ଠିତ । ଏହି ସତ୍ୟ ବିବର୍ତ୍ତନ ଧାରାରେ ନିଶ୍ଚୟ ହିଁ ନିଜକୁ ମୁକ୍ତ କରିବ । ଯଦି ପ୍ରାକୃତିକ ବିବର୍ତ୍ତନ ଧାରାରେ ଏହି ସତ୍ୟର ଅବତରଣ ଓ କ୍ରିୟା ନିମିତ୍ତ ଅପେକ୍ଷା କରାଯାଏ ତେବେ କୋଟି କୋଟି ବର୍ଷ ବିତିଯିବ । ଯେହେତୁ ମନୁଷ୍ୟ ଏକ ସଚେତନ ଓ ପ୍ରଜ୍ଞାବାନ୍ ସତ୍ତା, ସେ ନିଜ ଉଦ୍ୟମ ଓ ପ୍ରଚେଷ୍ଟା ବଳରେ ଏହି ସତ୍ୟକୁ ପାର୍ଥିବ ଚେତନା ସଙ୍ଗେ ସଂଯୋଜିତ କରିପାରେ । ଶ୍ରୀଅରବିନ୍ଦ ସ୍ୱୀୟ ଦୁରଧିଗମ୍ୟ ତପସ୍ୟା ଦ୍ୱାରା ମାନବଜାତିର ପ୍ରତିନିଧି ରୂପେ ଏହି ପରମ ସତ୍ୟକୁ ମାନବଜାତିର ହିତାର୍ଥେ ଅବତରଣ କରାଇଛନ୍ତି । ଏହା ପାର୍ଥିବ ବାୟୁମଣ୍ଡଳ ମଧ୍ୟରେ ଆଜି କ୍ରିୟାଶୀଳ । ଏହି ଅତିମାନସ ଶକ୍ତି, ଜ୍ୟୋତିଃ ଓ ଚେତନା ହିଁ ନୂତନ, ଅନାଗତ ଭବିଷ୍ୟତର ପରମ ସତ୍ୟ ଓ ଧାରା । ଏହି ସତ୍ୟ ଧୀରେ ଧୀରେ ଅନିବାର୍ଯ୍ୟ ରୂପେ ପାର୍ଥିବ ଜୀବନରେ ନିଜକୁ ପ୍ରତିଷ୍ଠା କରିବ । କିନ୍ତୁ ମନୁଷ୍ୟ ଯଦି ଏ ସମ୍ବନ୍ଧରେ ସଚେତନ ହୁଏ ଏବଂ ଏହି ସତ୍ୟକୁ ନିଜ ଚେତନା ସହିତ ଯୁକ୍ତ କରିପାରେ ତେବେ ଏହି ଚେତନା ପାର୍ଥିବ ଜୀବନର ରୂପାନ୍ତର ଘଟାଇବ ଏବଂ ଏହା ଫଳରେ ପାର୍ଥିବ ଜୀବନର ବହୁବିଧ ଅମୀମାଂସିତ ସମସ୍ୟାର ସମାଧାନ ହେବ ।

ଏହି ପରମ ଦିବ୍ୟ ଅତିମାନସ ସତ୍ୟ ଓ ଜ୍ଞାନକୁ ଜୀବନରେ ସ୍ଥାନ ଦେବାକୁ ହେଲେ ମନୁଷ୍ୟ ଆଧ୍ୟାତ୍ମିକ ଧାରାରେ ନିଜକୁ ପରିଚାଳିତ କରିବା ଉଚିତ । ପ୍ରଥମତଃ, ନିଜକୁ ଏହି ଚେତନା ଦିଗରେ ଖୋଲି ଧରିବାକୁ ହେବ । ଦ୍ୱିତୀୟତଃ, ଏହି ଚେତନା ନିକଟରେ ପୂର୍ଣ୍ଣ ସମର୍ପଣ କରିବାକୁ ହେବ । ଯଦି ବ୍ୟକ୍ତି ସଚେତନ ରହି ନିଜ କ୍ରିୟାବଳୀ ଓ ଜୀବନଧାରାକୁ ଉନ୍ନତ ମାର୍ଗରେ ପରିଚାଳନା କରିବାକୁ ଚାହେଁ ତେବେ ବର୍ତ୍ତମାନ ଏହି ଶକ୍ତିର ସାହାଯ୍ୟ ନେଲେ ସେ ଉପକୃତ ହେବ – ଏଥିରେ ସନ୍ଦେହ ନାହିଁ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୧୯୯-୨୦୧)

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୪୯)

## ମହେନ୍ଦ୍ରନାଥ ସ୍ୱାଇଁ

**ମା'ଙ୍କ ସାନ୍ନିଧ୍ୟରେ :**

ଅନନ୍ତକାଳର ପ୍ରବାହ ତୁଳନାରେ ଆମ ଏହି ପୃଥିବୀରେ ମାନବକୃତ ସମୟର ପରିମାପ ଅତ୍ୟନ୍ତ କ୍ଷୁଦ୍ର ଓ ସୀମିତ । ବର୍ଷମାନେ ଆଗତ ବର୍ଷରେ ନିମଜ୍ଜିତ ହୋଇ ଯାଆନ୍ତି, ଦଶନ୍ଧି ସକଳ ଖୁବ୍ କ୍ଷିପ୍ର ବେଗରେ ଆମକୁ ପଛରେ ପକାଇ ଦେଇ ଆଗକୁ ଚାଲି ଯାଆନ୍ତି । ଜୀବନର ସାୟାହ୍ନ ଯେ କେତେବେଳେ ଅପ୍ରତ୍ୟାଶିତ ଭାବରେ ଉପସ୍ଥିତ ହୋଇଯାଏ, ଆମେ ତାହା ଜାଣିପାରୁ ନାହିଁ । ପ୍ରତ୍ୟେକ ଅତିକ୍ରାନ୍ତ ବର୍ଷ ସହିତ ଆମର ବୁଝାମଣା କିଛିଟା ବିକାଶ ପ୍ରାପ୍ତ ହୋଇଥାଏ, ପ୍ରୟାସ କଲେ ଅନ୍ତର୍ଦୃଷ୍ଟି ପରିଷ୍କାର ହେବାକୁ ଆରମ୍ଭ କରେ, ଆମର ଲକ୍ଷ୍ୟସ୍ଥଳ ଅଧିକ ସ୍ପଷ୍ଟ ଭାବରେ ଦୃଷ୍ଟି ପଥାରୂଢ଼ ହୁଏ । ଆମ ଭିତରେ ସବୁ ସତ୍ତା ପରମ ପ୍ରଭୁଙ୍କ ପାଖକୁ ଯିବା ପାଇଁ ପ୍ରସ୍ତୁତ ହୋଇ ଯାଆନ୍ତି – ପରମ ପ୍ରେମିକ ପ୍ରଭୁଙ୍କ ସାନ୍ନିଧ୍ୟ ପାଇଁ ଆମର ସମସ୍ତ ସତ୍ତା ଅଭୀପ୍ସା କରୁଥା'ନ୍ତି । ସେତେବେଳେ ଆମର ସକଳ ଚିନ୍ତା, ଅନୁଭବ, ସମ୍ବେଦନା ଭାବପ୍ରବଣତା ବିଶୁଦ୍ଧ ହୋଇଯାଏ, ଅଭୀପ୍ସା ଅଧିକ ଦୃଢ଼ ହୋଇଯାଏ, ଇଚ୍ଛାଶକ୍ତି ଅଧିକ ରୁଦ୍ଧିମନ୍ତ ହୋଇଯାଏ । ଏହି ମୁହୂର୍ତ୍ତରେ ଯଦି ଆମେ ଆମ ଆତ୍ମା ସହ ଗୋଟିଏ ମୁହୂର୍ତ୍ତ ପାଇଁ ସମ୍ପର୍କ ସ୍ଥାପନା କରୁ, ଆମେ ଯଦି ଆମ ପ୍ରଭୁଙ୍କ ପାଦତଳେ ନିମେଷକ ପାଇଁ ଉପବେଶନ କରୁ, ଶତାବ୍ଦୀ ସକଳ ଯେଉଁ ପ୍ରାପ୍ତିକୁ ଅପେକ୍ଷା କରି ନିଷ୍ଫଳ ଗତି କରି ଚାଲି ଯାଇଛନ୍ତି, ତଥାପି ସେ ସମସ୍ତ ସର୍ବୋତ୍ତମ ଭାବରେ ସମୁଚିତ ଉପଯୁକ୍ତ ବ୍ୟବସ୍ଥା ବୋଲି ପ୍ରତୀୟମାନ ହେବେ ।

ନଭେମ୍ବର ୨୨, ୧୯୧୩ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି :

"A few minutes passed in silence before Thee are worth centuries of felicity...

Grant, O Lord, that all shadows may be dispelled and that I may be more and more Thy faithful servant in constancy and serenity. Before Thee may my heart be pure as a pure crystal, so that wholly it may reflect Thee.

Oh ! the sweetness of abiding in silence before Thee...."

(Prayers and Meditations, Page. 34)

''ହେ ପ୍ରଭୁ, ଆପଣଙ୍କ ସମ୍ମୁଖରେ ଅଳ୍ପ କେତୋଟି ମୁହୂର୍ତ୍ତ ନୀରବତା ଭିତରେ ଅତିବାହିତ କଲେ ତାହାର ମୂଲ୍ୟ ଶତାବ୍ଦୀ ଶତାବ୍ଦୀର ଆନନ୍ଦ ଉତ୍ସବ ସଦୃଶ ପ୍ରତୀୟମାନ ହୁଏ... ।

''ହେ ପ୍ରଭୁ, ଦୟାକରି ଏହି ବର ପ୍ରଦାନ କରନ୍ତୁ ଯାହା ଫଳରେ ସକଳ ଅନ୍ଧକାରର ଛାୟା ଯେପରି ଦୂରୀଭୂତ ହୋଇଯାଏ ଏବଂ ମୁଁ ଯେପରି ଅଧିକରୁ ଅଧିକ ନିରବଚ୍ଛିନ୍ନ ଏବଂ ସ୍ଥୈର୍ଯ୍ୟର ସହିତ ଆପଣଙ୍କର ବିଶ୍ୱସ୍ତ ଭୃତ୍ୟଟିଏ ହୋଇପାରେ । ଆପଣଙ୍କ ସମ୍ମୁଖରେ ମୋ ହୃଦୟ ଉଜ୍ଜ୍ୱଳ ସ୍ୱଚ୍ଛ ସ୍ଫଟିକ ସଦୃଶ ବିଶୁଦ୍ଧ ହୋଇଯାଉ । ଫଳତଃ ତାହା ଆପଣଙ୍କୁ ସମ୍ପୂର୍ଣ୍ଣ ଭାବେ ପ୍ରତିଫଳିତ କରିବାରେ ସମର୍ଥ ହେବ ।

''ଓଃ ! ଆପଣଙ୍କ ସମ୍ମୁଖରେ ନୀରବତାର ସହିତ ଉପସ୍ଥିତ ରହିବା କେତେ ମାଧୁର୍ଯ୍ୟପୂର୍ଣ୍ଣ ସତେ... ।''

ଏହି କ୍ଷୁଦ୍ର ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା ପ୍ରଭୁଙ୍କ ସମୀପରେ ରହିବା ଏବଂ ମିଳିତ ହେବାର ଗୁପ୍ତ ଚାବିକାଠିଟିକୁ ଆମ ହାତରେ ଧରାଇ ଦେଇଛନ୍ତି । ପ୍ରଭୁ ଆମ ପାଖକୁ ସର୍ବଦା ଆସୁଛନ୍ତି, ତାଙ୍କ ମୃଦୁ ମଧୁର ପଦଶବ୍ଦ ଶ୍ରବଣ କରିବାକୁ ହେଲେ ଆମକୁ ଗଭୀର ନୀରବତା ଭିତରେ ବୁଡ଼ି ରହିବାକୁ ହେବ । ସିଏ ତ ଆମ ପାଖରେ ଅଛନ୍ତି । ଆମର ଚତୁଃପାର୍ଶ୍ୱରେ ତଥା ଅନ୍ତରର ଚିନ୍ତା, ଭାବନା, କାମନା-ବାସନା ଏବଂ ବାତାବରଣର ଯେଉଁ ସ୍ଥୂଳ ପରିବେଶ ଆମେ ସୃଷ୍ଟି କରିଛେ ତାହା ଏକ ପରଦା ସଦୃଶ ପ୍ରଭୁଙ୍କୁ ଆମ ସମୀପରୁ ଘୋଡ଼ାଇ ରଖିଛି । ଆମେ ଯଦି ଏକ ଆନ୍ତର ନୀରବତାର ବାତାବରଣ ନିଜ ମଧ୍ୟରେ ସୃଷ୍ଟି କରି ପାରିବା ଏବଂ ତା'ର ପ୍ରଭାବରେ ବାହ୍ୟ ବାତାବରଣକୁ ଶାନ୍ତ

କରି ପାରିବା; ତାହା ହେଲେ ପରମ ପ୍ରଭୁଙ୍କ ଉପସ୍ଥିତିକୁ ଅନୁଭବ କରିବାକୁ ସମର୍ଥ ହୋଇପାରିବା ।

ସୁତରାଂ ଆମେ ନିରାଶା ହେବାର ବା ସାହସ ହରାଇବାର କିଛି କାରଣ ନାହିଁ, ଯଦି ଆମ ଜୀବନର ଅନ୍ତିମ ମୁହୂର୍ତ୍ତରେ ସିଏ କ୍ଷଣଟିଏ ପାଇଁ ପ୍ରକାଶିତ ହୋଇ ଯାଆନ୍ତି, ତାହାହେଲେ ଆମର ସମସ୍ତ ବିଫଳତା ସଫଳତାରେ ପରିଣତ ହୋଇଯିବ । ପ୍ରଭୁ ଦୟାର ସାଗର, ଆମ ଉପରେ କରୁଣା ଓ କୃପା ଢାଳି ଦେଇ ଆମ ଜୀବନକୁ ଧନ୍ୟ କରିଦେବେ । ଶହ ଶହ ବର୍ଷ ଧରି ଆମେ ପ୍ରଭୁଙ୍କୁ ଆରାଧନା କରି ଆସୁଛେ, କିନ୍ତୁ ଗୋଟିଏ ମୁହୂର୍ତ୍ତ ଯଦି ଆମେ ଯଥାର୍ଥରେ ନୀରବ ରହିପାରିବା ତେବେ ସେହି ନୀରବତାର ଶକ୍ତି ତାହାଠାରୁ ଅଧିକ ଫଳପ୍ରଦ ହେବ ।

ଉକ୍ତ ପ୍ରାର୍ଥନାରେ ଶ୍ରୀମା ପ୍ରଭୁଙ୍କ ନିକଟରେ ଅଳି କରୁଛନ୍ତି, ନିବେଦନ କରୁଛନ୍ତି – ଅଧିକରୁ ଅଧିକ ତାଙ୍କ ପାଖରେ ବିଶ୍ୱସ୍ତ ଭୃତ୍ୟଟିଏ ହୋଇ ରହିବା ପାଇଁ, ସେବାକାରୀଟିଏ ହୋଇ ପାଖରେ ରହିବା ପାଇଁ । କାରଣ ପ୍ରଭୁଙ୍କ ସାନ୍ନିଧ୍ୟରେ ରହିଲେ ହୃଦୟ ପବିତ୍ର ହୋଇଯାଏ, ସ୍ୱଚ୍ଛ ହୋଇଯାଏ, ଅସ୍ୱଚ୍ଛ ତଥା ଅପବିତ୍ର ହେବାର ଅବକାଶ ରହେ ନାହିଁ । ପ୍ରଭୁଙ୍କ ଦୃଷ୍ଟି ସର୍ବଦା ଭକ୍ତ ଉପରେ ନ୍ୟସ୍ତ ଥାଏ, ସେଥିପାଇଁ ଅନେକ ସାଧକ ଭକ୍ତ ଶ୍ରୀମାଶ୍ରୀଅରବିନ୍ଦଙ୍କ ନୈକଟ୍ୟ ଲାଭ କରିବାକୁ, ତାଙ୍କର ସାନ୍ନିଧ୍ୟରେ ରହି କାର୍ଯ୍ୟ କରିବାକୁ ଆଶ୍ରମକୁ ଆସିଥିଲେ । ଶ୍ରୀଅରବିନ୍ଦଙ୍କ ଆଲିପୁର ଜେଲର ରହଣୀକାଳ ମଧ୍ୟରେ ତାଙ୍କ ସହିତ ତାଙ୍କର ଅନେକ ସହଯୋଗୀ ବନ୍ଧୁ, ଅନୁଗାମୀ ମଧ୍ୟ ଜେଲରେ ଥିଲେ । ସେମାନଙ୍କ ମଧ୍ୟରୁ 'ସୁଧୀର ସରକାର' ଅନ୍ୟତମ । ଶ୍ରୀଅରବିନ୍ଦ ଯେତେବେଳେ କାରାମୁକ୍ତ ହେଲେ ସୁଧୀର ଆପଣାର ଅଶ୍ରୁ ସମ୍ବରଣ କରିପାରି ନଥିଲେ । ଏହାର କାରଣ ପଚାରିବାରୁ ସେ କହିଲେ, ''ଆମେ ତାଙ୍କ ଦୃଷ୍ଟି ସମ୍ମୁଖରେ ଥିଲୁ, ଯେତେବେଳେ ଜେଲ ଭିତରେ ଆମ ଉପରେ ଅତ୍ୟାଚାର ହେଉଥିଲା, ମାଡ଼ ଦିଆ ଯାଉଥିଲା, କଷ୍ଟ ଦିଆ ଯାଉଥିଲା ଆମେ ସହି ଯାଉଥିଲୁ, କାରଣ ତାଙ୍କୁ ଦେଖି ଦେଲେ ସବୁ ଭୁଲି ଯାଉଥିଲୁ, ସିଏ ଚାଲି ଯାଉଛନ୍ତି ସେଥିପାଇଁ କାନ୍ଦ ଲାଗିଲା ।''

ମା'ଙ୍କର ଆଲୋଚ୍ୟ ପ୍ରାର୍ଥନାଟି କ୍ଷୁଦ୍ର ହେଲେ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିପରି ଜଣେ ଭକ୍ତ ପ୍ରଭୁଙ୍କର ବିଶ୍ୱସ୍ତ ହୋଇପାରିବ ମା ତା'ର ସୂତ୍ରଟି ଉକ୍ତ ପ୍ରାର୍ଥନାରେ ବତାଇ ଦେଇଛନ୍ତି । ଏଥିରେ "Constancy" and "Serenity" ଭଳି ଦୁଇଟି ଚମତ୍କାର ଶବ୍ଦକୁ ମା ଉଲ୍ଲେଖ କରିଛନ୍ତି । "Constancy"ର ଅର୍ଥ ନିରବଚ୍ଛିନ୍ନ ଭାବରେ ଏବଂ "Serenity"ର ଅର୍ଥ ନୀରବ ନିଶ୍ଚଳ । ଯଦି ଆମେ ପ୍ରଭୁଙ୍କ ନିକଟରେ ବିଶ୍ୱସ୍ତ ଭୃତ୍ୟ ହୋଇ ରହିବାକୁ ଇଚ୍ଛା କରୁ, ଅଭୀପ୍ସା କରୁ ତେବେ ଏହି ଦୁଇଟି ଶବ୍ଦ ଆମର ଧ୍ୟେୟ ହେବା ଉଚିତ ।

ପ୍ରାର୍ଥନାଟିର ଶେଷ ଧାଡ଼ିଟିରେ ମା କହୁଛନ୍ତି, ''ଓଃ ! ଆପଣଙ୍କ ସମ୍ମୁଖରେ ନୀରବରେ ବସି ରହିବା କେତେ ଆହ୍ଲାଦଦାୟକ ସତେ !...'' । କେବଳ ପ୍ରଭୁଙ୍କ ସାନ୍ନିଧ୍ୟ ନିମନ୍ତେ ମା ନିବେଦନ କରିଛନ୍ତି । ସେଇ ସାନ୍ନିଧ୍ୟ ତ ସବୁକିଛି, ସେତିକି ମାତ୍ର ପ୍ରାପ୍ତ ହୋଇ ଗଲେ ସବୁକିଛି ପ୍ରାପ୍ତ ହୁଏ ବୋଲି ମା ପ୍ରକାଶ କରିଛନ୍ତି ।

ଉକ୍ତ ''ସାନ୍ନିଧ୍ୟବାସ'' ଓ ତତ୍‌ଜନିତ ଅନୁଭବ ସମ୍ପର୍କରେ ଆଶ୍ରମର ଜନୈକ ସାଧକ ଭକ୍ତ ଶ୍ରୀ ଲାଲଜିଭାଇ ହିନ୍ଦୁଚା ଯାହା କହିଛନ୍ତି ତାହା ଉଲ୍ଲେଖ କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ହେଲା –

ଲାଲଜିଭାଇଙ୍କର ଆଫ୍ରିକାରେ ବ୍ୟବସାୟ ପ୍ରତିଷ୍ଠାନମାନ ଥିଲା । ସେ ୧୯୬୨ ମସିହାରେ ଏକ ବ୍ୟବସାୟିକ ମିଟିଙ୍ଗ୍‌ରେ ଯୋଗଦେବା ପାଇଁ ଆଫ୍ରିକା ଯିବା ନିମନ୍ତେ ଇଚ୍ଛା କରି ମା'ଙ୍କ ଅନୁମତି ପ୍ରାର୍ଥନା କଲେ । ମା କହିଲେ, ''ଲାଲଜିଭାଇ ତୁମେ କାହିଁକି ଆଫ୍ରିକା ଯିବାକୁ ଚାହୁଁଛ ? ଆଫ୍ରିକାର ଅବସ୍ଥା ଆଗକୁ ଖରାପ ହେବ, ତୁମର ଯଦି ସେଠାରେ କିଛି ସମ୍ପତ୍ତି ଅଛି ସେସବୁକୁ ଏଠାକୁ ନେଇଆସ । ମୁଁ ତୁମକୁ ଆଫ୍ରିକାସ୍ଥିତ ସବୁକିଛି ବ୍ୟବସାୟ ତୁଟାଇଦେଇ ଫେରି ଆସିବାକୁ ଅତି ବେଶୀରେ ଆଜିଠାରୁ ଦଶବର୍ଷ ସମୟ ଦେଇପାରେ । ସସମ୍ମାନେ ସେଠାରୁ ଫେରିଆସ । ଅନ୍ୟଥା ତୁମେ ବିପଦର ସମ୍ମୁଖୀନ ହେବ । ବର୍ତ୍ତମାନଠାରୁ ପ୍ରତ୍ୟେକ ବର୍ଷ ସେଠାକାର ଅବସ୍ଥା ଖରାପରୁ ଅଧିକ ଖରାପ ଆଡ଼କୁ ଗତି କରିବ । ଆଫ୍ରିକୀୟ ଅନ୍ତରୀପ (cape)ଠାରୁ ଇଜିପ୍ଟର 'କାଇରୋ' ପର୍ଯ୍ୟନ୍ତ ଆଗାମୀ ପଚାଶ ବର୍ଷ ଧରି ଘୋର ବିପଦର କଳାବାଦଲ ଘୋଟି ରହିବ, ତା'ପରେ କ'ଣ ହେବ ମୁଁ ବର୍ତ୍ତମାନ ଦେଖିପାରୁ ନାହିଁ ।

ଲାଲଜିଭାଇ ମା'ଙ୍କୁ ବିନମ୍ର ଭାବରେ ନିବେଦନ କରି କହିଲେ, ''ମା ଆପଣ ଯଦି ଅନୁମତି ଦେବେ ଆଫ୍ରିକାରେ ଥିବା ମୋର ଆତ୍ମୀୟ-ସ୍ୱଜନ ଏବଂ ବନ୍ଧୁମାନଙ୍କୁ ଏକଥା ଜଣାଇ ଦେଇ ପାରିବି କି ?''

ମା'ଙ୍କ ଉତ୍ତର, ''You can definitely tell them. It will help them, if they follow it faithfully.''

ଅର୍ଥାତ୍, ''ତୁମେ ନିଶ୍ଚିତ ଭାବରେ ସେମାନଙ୍କୁ ଜଣାଇ ଦେଇପାର । ଏହା ସେମାନଙ୍କୁ ସାହାଯ୍ୟ କରିବ ଯଦି ସେମାନେ ଏହାକୁ ବିଶ୍ୱସ୍ତ ଭାବରେ ଅନୁସରଣ କରନ୍ତି ।''

ଦିବ୍ୟଜନନୀ ଶ୍ରୀମାଙ୍କ ଅନୁମତି ପ୍ରାପ୍ତ ହୋଇ ଲାଲଜିଭାଇ ଆଫ୍ରିକା ଗଲେ । ମା'ଙ୍କ ବାଣୀ ନିଜର ସମସ୍ତ ବନ୍ଧୁବାନ୍ଧବ, ଆତ୍ମୀୟ-ସ୍ୱଜନଙ୍କୁ କହିଲେ, କିନ୍ତୁ କେହି ବିଶ୍ୱାସ କଲେ ନାହିଁ, କାରଣ ସେତେବେଳେ ସେମାନଙ୍କର ବ୍ୟବସାୟ ଉନ୍ନତିର ଚରମ ସୀମାରେ । ଲାଲଜିଭାଇ ଦଶବର୍ଷ ଭିତରେ ଆଫ୍ରିକାସ୍ଥ ତାଙ୍କର ସବୁ ବ୍ୟବସାୟ ପ୍ରତିଷ୍ଠାନ କଳକାରଖାନା ବନ୍ଦ କରି ଦେଲେ, କେତେକ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ସେସବୁକୁ ଦେଇ ଦେଲେ; ବିକ୍ରୟ ଲବ୍ଧ ଅର୍ଥ ଏକତ୍ରିତ କରି ପଣ୍ଡିଚେରୀ ଫେରି ଆସି ମା'ଙ୍କ ପାଦପଦ୍ମରେ ନିବେଦନ କରି ଦେଲେ ।

ଠିକ୍ ଦଶବର୍ଷ ଭିତରେ ୧୯୭୨ ମସିହାରେ, ମା'ଙ୍କର ଭବିଷ୍ୟତ୍ ବାଣୀ ଅନୁସାରେ ଆଫ୍ରିକାର ଉଗାଣ୍ଡାରେ ଭାରତୀୟ ବ୍ୟବସାୟୀ ଓ ଶିଳ୍ପପତିମାନଙ୍କ ପ୍ରତି ବିପଦ ଘନେଇ ଆସିଲା । ସେଠାକାର ତତ୍କାଳୀନ ସରକାର ସେମାନଙ୍କ ବାଣିଜ୍ୟ ପ୍ରତିଷ୍ଠାନମାନଙ୍କୁ ଉଚ୍ଛେଦ କରି ନିଜ ଅଧୀନକୁ ନେଇ ଗଲେ । କେତେକ ବ୍ୟବସାୟୀ ବନ୍ଦୀ ହୋଇ ଜେଲରେ ରହିଲେ । ଲାଲଜିଭାଇ ବି.ବି.ସି.(B.B.C.) ରେଡ଼ିଓ ସମ୍ବାଦ ପରିବେଷଣରୁ ଏହା ଜାଣି ସଙ୍ଗେ ସଙ୍ଗେ ମା'ଙ୍କ ପାଖକୁ ଯାଇ ଅବଗତ କରାଇଲେ ଏବଂ ଆଫ୍ରିକାରେ ଥିବା ସମସ୍ତ ଭାରତୀୟଙ୍କ ସୁରକ୍ଷା ନିମନ୍ତେ ମା'ଙ୍କୁ ପ୍ରାର୍ଥନା କଲେ । ମା କହିଲେ, ''Granted''.

ତା'ପରେ ଚମତ୍କାର (miracle) କିଛି ଘଟିଲା । ମା'ଙ୍କ ଅନୁକମ୍ପା ଓ କୃପା ବଳରେ ଅଧିକାଂଶ ଭାରତୀୟ ''ଉଗାଣ୍ଡା''ରୁ ସୁରକ୍ଷିତ ଭାବେ ଭାରତକୁ ଫେରି ଆସିଲେ । କିନ୍ତୁ ଜନୈକ ବିଖ୍ୟାତ ଭାରତୀୟ ବ୍ୟବସାୟୀ ତଥା ଲାଲଜିଭାଇଙ୍କ ସମ୍ପର୍କୀୟ ସେଠାକାର ଜେଲରେ ଥାଆନ୍ତି । ଲାଲଜିଭାଇ ଏହା B.B.C. ସମ୍ବାଦରୁ ଜାଣିପାରି ପୁନଶ୍ଚ ମା'ଙ୍କ ପାଖକୁ ଯାଇ ତାଙ୍କ ପାଇଁ ମା'ଙ୍କ ସୁରକ୍ଷା ଏବଂ ଆଶୀର୍ବାଦ ନିମନ୍ତେ ପ୍ରାର୍ଥନା ଜଣାଇଲେ । ମା' ସବୁ ଶୁଣିଲେ ଏବଂ କହିଲେ, ''Send this Blessing packet to him.'' ଲାଲଜିଭାଇ କହିଲେ, ''ମା ବର୍ତ୍ତମାନ ତ ସେଠାକୁ ଚିଠିପତ୍ର ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି, କିପରି ପଠାଇବି ?'' ମା'ଙ୍କ ଉତ୍ତର ''Never mind. He will be quite all right.'' ଦିବ୍ୟଜନନୀଙ୍କ ଓଷ୍ଠାଧାରରେ ସୁରକ୍ଷା ପ୍ରଦାନକାରୀ ସ୍ମିତହାସ୍ୟ – ଆଉ କେଉଁ ବିରୋଧୀ ଶକ୍ତି ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ପାରିବ ?

ଦିନ କେତୋଟି ପରେ ଲାଲଜିଭାଇଙ୍କ ସମ୍ପର୍କୀୟ ଜେଲରୁ ମୁକ୍ତ ହେଲେ । ଏହି ସମ୍ବାଦ ପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ସେ ମା'ଙ୍କ ପାଖକୁ ଅଣନିଃଶ୍ୱାସୀ ହୋଇ ଦୌଡ଼ିଲେ, ଆଖିରେ କୃତଜ୍ଞତାର ଅଶ୍ରୁ । ଦିବ୍ୟଜନନୀଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ମା ଆନନ୍ଦରେ ଲାଲଜିଭାଇଙ୍କୁ ଆଶୀର୍ବାଦ ପ୍ରଦାନ କଲେ । ଲାଲଜିଭାଇ ତାଙ୍କ ବନ୍ଧୁଙ୍କ ପାଖକୁ ବମ୍ବେ ଠିକଣାରେ ଚିଠିଟିଏ ଲେଖିଲେ,"The Mother had granted you blessings and whether you believe it or not, you were saved by her." ତାଙ୍କ ବନ୍ଧୁ ଏକଥାକୁ ବିଶ୍ୱାସ କଲେ ଏବଂ ସପରିବାରେ ପଣ୍ଡିଚେରୀ ଆସି ଲାଲଜିଭାଇଙ୍କୁ ଅନୁରୋଧ କଲେ ମା'ଙ୍କ ଦର୍ଶନ ନିମନ୍ତେ । ମା ତାଙ୍କୁ ଦର୍ଶନ ନିମନ୍ତେ ଅନୁମତି ପ୍ରଦାନ କଲେ ଏବଂ ସେ ମା'ଙ୍କ ପାଦତଳେ ଲୋଟିଯାଇ କୃତଜ୍ଞତା ଜ୍ଞାପନପୂର୍ବକ ଆଶୀର୍ବାଦ ଗ୍ରହଣ କଲେ । ଏହା ହିଁ ମା'ଙ୍କ ସାନ୍ନିଧ୍ୟ ଓ ସୁରକ୍ଷା ।

ବାସ୍ତବିକ୍ ମା'ଙ୍କ ସାନ୍ନିଧ୍ୟରେ ରହିବାର ଅର୍ଥ ଆମ ହୃଦୟ ଭିତରେ ତାଙ୍କୁ ଧରି ରଖିବା ଏବଂ ତାଙ୍କ ପ୍ରତିକୃତି ସମ୍ମୁଖରେ ଦଣ୍ଡାୟମାନ ରହି ବା ଉପବେଶନ କରି ସବୁକଥା ଟିକିନିଖି ଭାବରେ ତାଙ୍କୁ ଜଣାଇ ଦେବା, ନିବେଦନ କରିବା ।

(*How they came to Sri Aurobindo and The Mother* by Shyam Kumari, ପୃଷ୍ଠା ୭୦-୭୧ରୁ ସଂଗୃହୀତ)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**


୧. Prayers and Meditations : The Mother

୨. Musing with the Prayers and Meditations of the Mother – Shyam Kumari

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୭୭)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ମୁଁ ବୁଝିପାରୁନି କାହିଁକି ତୁମେ ସ୍ତ୍ରୀଲୋକମାନଙ୍କର ସାଧାରଣ ବିବାଦ ଓ ଈର୍ଷା ସହିତ ଯୌନ ସମ୍ବନ୍ଧୀୟ ବିବାଦ ଓ ଈର୍ଷାର ଏତେ ପାର୍ଥକ୍ୟ କରୁଛ – ଉଭୟଙ୍କର ଉତ୍ସ ଏକ ହିଁ ଆଦିମ ପ୍ରେରଣାରୁ – ଅଧିକାର ସୂଚକ ସ୍ୱାଭାବିକ ବୃତ୍ତି ଯାହା ହେଉଛି ସାଧାରଣ ପ୍ରାଣିକ ଭଲ ପାଇବାର ଭିତ୍ତି । ଶେଷଟି କ୍ଷେତ୍ରରେ ପ୍ରାୟ ହିଁ ଯୌନ ସମ୍ବନ୍ଧୀୟ ଈର୍ଷା ସମ୍ଭବ ନୁହେଁ, ମନ ଅନ୍ୟାନ୍ୟ ଉଦ୍ଦେଶ୍ୟ ନେଇ ନିଜକୁ ସମର୍ଥନ କରେ ଯାହା ତା'ର ନିଜର ମନେ ହୁଏ ଯଥେଷ୍ଟ ଯୁକ୍ତିଯୁକ୍ତ ଓ ନ୍ୟାୟସଙ୍ଗତ – ସେ ହୁଏତ ସଚେତନ ନୁହେଁ ଯେ ପ୍ରାଣ ହିଁ ତାକୁ ଠେଲି ଦିଏ, କିନ୍ତୁ ବିବାଦ ଏବଂ ଅମେଳର ପ୍ରାଣଶକ୍ତି ଯଦିଓ ଏକ ପ୍ରକାରର ହିଁ ଥାଏ । ତୁମର ଦୁଇ ପ୍ରକାରର ଥିଲା କି ନାହିଁ ତାହା ବିଶେଷ ଏକ ଗୁରୁତ୍ୱପୂର୍ଣ୍ଣ କିଛି ନୁହେଁ ଏବଂ ସେଥିରେ ଜିନିଷଟିକୁ ବେଶୀ ଭଲ ବା ମନ୍ଦ କରେ ନାହିଁ । ଏଇ ଅଧିକାର ସୂଚକ ସ୍ୱାଭାବିକ ବୃତ୍ତିରୁ ମୁକ୍ତ ହେବା ହିଁ ହେଉଛି ଅସଲ କଥା, ତାହା ମନସ୍ତାତ୍ତ୍ୱିକତାର ଦିଗ ଦେଇ ହେଉ ବା ଆଧ୍ୟାତ୍ମିକ ପରିବର୍ତ୍ତନର ଦିଗ ଦେଇ ହେଉ ।

ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରକୃତ ସତ୍ୟ ହେଉଛି, ଯାହା ତୁମେ ନିଜେ ହିଁ ଦେଖିବାକୁ ପାଉଛ ଯେ, ତୁମେ ଯେ ତୁମର ପୁରାତନ ବ୍ୟକ୍ତିତ୍ୱକୁ ଫୋପାଡ଼ି ଦେଇଥିଲ ତାହା ପୁଣି ଆପାତତଃ ତୁମକୁ ପୁଣି ଅଧିକାର କରିଛି । ସେଇଟି ତୁମ ମନକୁ ବିଭ୍ରାନ୍ତ କରିଛି ନ ହେଲେ ତୁମେ ଏଇ ପ୍ରଶ୍ନ ପଚାରି ନ ଥାଆନ୍ତ ଯେ, ମୁଁ ଯେ ମାଆଙ୍କ ପାଇଁ ତୁମର ଆସ୍ପୃହା ଏବଂ ମାଆଙ୍କ ଆଡ଼କୁ ସମ୍ପୂର୍ଣ୍ଣ ଉନ୍ମୁକ୍ତ ରହିବାର ଆଭାସକୁ ସତ୍ୟ ଏବଂ ବାସ୍ତବ ବୋଲି ବର୍ଣ୍ଣନା କରିଥିଲି ତାହା ବର୍ତ୍ତମାନ ରହିଛି କି ନାହିଁ ଏବଂ କିପରି ତାହା ତୁମର ବର୍ତ୍ତମାନ ଅବସ୍ଥା ସହ ମିଶିପାରେ ।

ଅବଶ୍ୟ ହିଁ ସେସବୁ ସତ୍ୟ, ଯଥାର୍ଥ ଏବଂ ଐକାନ୍ତିକ ଥିଲା ଏବଂ ବର୍ତ୍ତମାନ ମଧ୍ୟ ଅଛି, ଯଦିବା ମୁହୂର୍ତ୍ତକ ପାଇଁ ତାହା ଆଚ୍ଛନ୍ନ ହୋଇଯାଇ ଥିଲେ ବି । ଏତେଦିନ ମଧ୍ୟରେ ତୁମେ ଭଲ କରି ଜାଣ ଯେ ସମସ୍ତ ସତ୍ତା ଗୋଟିଏ ଅଖଣ୍ଡ ପିଣ୍ଡ ନୁହେଁ ଯେ ତା'ର ଯଦି ଗୋଟିଏ ଅଂଶରେ ପରିବର୍ତ୍ତନ ହୁଏ ତେବେ ତା' ସହ ସବୁ ଅଂଶର ହିଁ ଏକ ସଙ୍ଗେ ଅଲୌକିକ ଭାବେ ପରିବର୍ତ୍ତନ ହୋଇଯିବ । କିଛି ପୁରାତନ ଜିନିଷ ତା'ର ଗଭୀରରେ ନିମଗ୍ନ ହୋଇ ରହିଥାଏ ଏବଂ ପୁଣି ଉପରକୁ ଉଠେ ଯଦି ତାକୁ ପ୍ରତ୍ୟାଖ୍ୟାନ କରିବାର ସ୍ଥିର ସଂକଳ୍ପର ଚାପ ଶିଥିଳ ହୋଇ ଆସେ । ମୁଁ ଠିକ୍ ବୁଝି ପାରୁନି ତୁମେ ଯଥାର୍ଥରେ କ'ଣ କହିବାକୁ ଚାହୁଁଛ ଯେତେବେଳେ ତୁମେ ଉଲ୍ଲେଖ କରୁଛ, 'ଆଲୋକ ଏବଂ ଅନ୍ଧକାର, ସତ୍ୟ ଏବଂ ମିଥ୍ୟା ଏକ ସଙ୍ଗେ ରହି ପାରେନା' – ନିଶ୍ଚୟ ଏଇଟା ହିଁ ତା'ର ଅର୍ଥ ଯେ ଆଧ୍ୟାତ୍ମିକ ପ୍ରଚେଷ୍ଟାରେ ସେସବୁକୁ ଏକ ସଙ୍ଗେ ରହିବାକୁ ଦେବା ଅନୁମୋଦନ କରେନା – ଆଲୋକ ଏବଂ ସତ୍ୟ ରହିବ ଏବଂ ଅନ୍ଧକାର, ମିଥ୍ୟା ଏବଂ ଭ୍ରମାତ୍ମକ ଭାବଧାରାସବୁର ସମ୍ୟକ୍ ଉଦୟକୁ ଏକେବାରେ ବହିଷ୍କୃତ କରିବାକୁ ହେବ । ତା' ବୋଲି ତା'ର ଏଇ ଅର୍ଥ କେବେ ବି ହୋଇ ପାରେନା ଯେ ସାଧାରଣ ମନୁଷ୍ୟ ମଧ୍ୟରେ ହୁଏତ କେବଳ ଆଲୋକ ନ ହେଲେ କେବଳ ଅନ୍ଧକାର ରହିବ ଏବଂ ଯାହା ଭିତରେ କୌଣସି ଦୁର୍ବଳତା ଥିବ ତା'ର ପ୍ରକୃତିରେ କୌଣସି ଆଲୋକ, ସତ୍ୟ ନିମନ୍ତେ କୌଣସି ଐକାନ୍ତିକ ଆସ୍ପୃହା ରହି ନ ପାରେ । ଯଦି ତାହା ହୁଅନ୍ତା ତା'ହେଲେ ଯୋଗ କରିବା ଅସମ୍ଭବ ହୁଅନ୍ତା । ଆଶ୍ରମର ସମସ୍ତ ସାଧକ ହିଁ ଏଇ ଅପରାଧରେ ଅପରାଧୀ ବୋଲି ପ୍ରତିପନ୍ନ ହୋଇଥାଆନ୍ତା ଯେ ସେମାନେ ଐକାନ୍ତିକ ନୁହନ୍ତି ଏବଂ ସେମାନଙ୍କ ମଧ୍ୟରେ କୌଣସି ସତ୍ୟ ସାଧନା ନାହିଁ – କାରଣ ଏପରି କିଏ ଅଛି ଯାହା ମଧ୍ୟରେ ଅନ୍ଧକାର ଅବା ଅଜ୍ଞାନତାର ଗତିବୃତ୍ତି ନାହିଁ ?

ଯେଉଁ ଚେତନାରେ ତୁମେ ରହିଥିଲ ସେଇଥିରୁ ଯଦି ତଳକୁ ଖସି ଯାଇଥାଅ ତେବେ ତା'ର କାରଣ ହେଉଛି 'କ' ସଙ୍ଗେ ତୁମର ବାଦାନୁବାଦକୁ ଏକ ସାମୟିକ ଗତିବୃତ୍ତି ବୋଲି ଅଗ୍ରାହ୍ୟ ନ କରି ସେଇଟିକୁ ନେଇ ତୁମେ ଚିନ୍ତା କରିବାକୁ ଆରମ୍ଭ କଲ ଏବଂ ସେପରି କରି ତାକୁ ଭୁଲ୍ ବାଟ ଧରାଇ ଦେଲ ।

ତୁମ ମଧ୍ୟରେ ସୃଷ୍ଟ ହେଉଥିବା ସେଇସବୁ ସାମୟିକ ଗତିବୃତ୍ତିର ଅନୁଭୂତି ମଧ୍ୟରେ ନିଜକୁ ସଂଶ୍ଳିଷ୍ଟ ରଖିବାରେ କୌଣସି ଅର୍ଥ ନ ଥାଏ । ତେଣୁ ତୁମକୁ ବର୍ତ୍ତମାନ କେବଳ ଏହା ହିଁ କରିବାକୁ ହେବ ଯାହା ମୁଁ ତୁମକୁ କରିବାକୁ କହିବା ପାଇଁ ଏତେଦିନ ଚେଷ୍ଟା କରି ଆସିଛି; ଓହରି ଆସ ସେସବୁଥିରୁ ଏବଂ ତୁମ ପ୍ରକୃତି ମଧ୍ୟରେ ବର୍ତ୍ତମାନ ସୁଦ୍ଧା କ'ଣ ରହିଯାଉଛି ତାକୁ ଦେଖି, ତାକୁ ଶାନ୍ତ ଭାବେ ଏଡ଼ାଇ ଦେଇ ପୁନର୍ବାର ତୁମର ସତ୍ୟ ଚେତନା ଆଡ଼କୁ ଘୂରି ଛିଡ଼ାହୁଅ ନିଜକୁ ଖୋଲି ଧରି ପୁଣି ଥରେ ଗ୍ରହଣ କରିବାକୁ ସେଇ ସତ୍ୟକୁ ଯାହା ତୁମକୁ ନୂତନ କରି ଗଢ଼ି ତୋଳିଥିଲା ଏବଂ ତାକୁ ତୁମର ସମସ୍ତ ପ୍ରକୃତି ମଧ୍ୟକୁ ଅବତରଣ କରିବାକୁ ଦିଅ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ନିଜର ଏକ ସଂକଳ୍ପ ରହିଥିବା କଥା କହି ମୁଁ ଏହା କହିବାକୁ ଚାହିଁଥିଲି ଯେ ଶରୀର ମଧ୍ୟରେ ଏପରି କିଛି ଅଛି ଯାହା ଅସୁସ୍ଥତାକୁ ବରଣ କରି ନିଏ । ତା' ମଧ୍ୟରେ ଏପରି ଏକ ପ୍ରତିକ୍ରିୟା ଶକ୍ତି ଅଛି ଯାହା ତାକୁ ଫଳବତୀ କରେ – ସେମିତି ଅପରପକ୍ଷରେ ଦୈହିକ ସଚେତନ ଅଂଶଗୁଡ଼ିକର ମଧ୍ୟ ସର୍ବଦା ହିଁ ଏହାର ବିପକ୍ଷରେ ଏକ ସଂକଳ୍ପ ରହିବା ନିହାତି ଉଚିତ ଯଦ୍ଦ୍ୱାରା ଏକାନ୍ତ ଶାରୀରିକ ଏଇ ଗତିବୃତ୍ତିରୁ ସେ ସମ୍ପୂର୍ଣ୍ଣ ରୂପେ ମୁକ୍ତି ପାଏ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# କବି ନିଶିକାନ୍ତ

## (୮)

ପ୍ରଥମରୁ ହିଁ ନିଶିକାନ୍ତଙ୍କ ସହ ଦିଲୀପଙ୍କର ଅତ୍ୟନ୍ତ ଶୋଭନ ଓ ସାର୍ଥକ ମିଳନ ହୋଇଛି, ଅତି ସୁନ୍ଦର ଓ ଶୁଭଙ୍କର ସଂଯୋଗ, 'ମଣିକାଞ୍ଚନ ସଂଯୋଗ' । 'ଗୁରୁ ବିନା ଜ୍ଞାନ କୈସେ, ସୁର୍ ବିନା ଗାନ୍ କୈସେ' – ଜନୈକ ଦରଦୀ କବିଙ୍କର ଏହି ଗାନ ଏଠାରେ ସ୍ମରଣରେ ଆସେ । ଦିଲୀପଙ୍କର ସୁର ଜ୍ଞାନ ଥିଲା ସତ, କିନ୍ତୁ ଗାନ ରଚନା ବା ସୃଜନ ସମ୍ବନ୍ଧେ ତାଙ୍କର ସେତେଟା ନିପୁଣତା ନ ଥିଲା । ନିଶିକାନ୍ତଙ୍କର ଗାନ ସୃଜନ କରିବାର ଅପୂର୍ବ କ୍ଷମତା ଥିଲା ସତ, କିନ୍ତୁ ସୁର-ଜ୍ଞାନରେ ତାଙ୍କର ସେତେଟା ନିପୁଣତା ନ ଥିଲା । ଇତିପୂର୍ବରୁ ଦିଲୀପଙ୍କର ସଙ୍ଗୀତ ଚର୍ଚ୍ଚାରେ ଗୁରୁ ପ୍ରାପ୍ତି ହୋଇଥିବା ବେଳେ ନିଶିକାନ୍ତ ସଦ୍ୟ ଗୁରୁ ପ୍ରାପ୍ତ କରିଛନ୍ତି ।

କବିଗୁରୁ ରବୀନ୍ଦ୍ରନାଥଙ୍କ ସହିତ ଚିଠିପତ୍ର ମାଧମରେ ଯୋଗାଯୋଗ ରଖିଥିବା ଦିଲୀପ ଆନନ୍ଦାତିଶଯ୍ୟରେ ନିଶିକାନ୍ତଙ୍କର ଆଶ୍ରମରେ ରହିଯିବାର ଖବର କବିଗୁରୁଙ୍କୁ ଜଣାଇଛନ୍ତି । ଉତ୍ତରରେ କବିଗୁରୁ ଜଣାଇଛନ୍ତି, ''ନିଶିକାନ୍ତ ତୁମମାନଙ୍କର ଆଶ୍ରମରେ ରହିଛି ଶୁଣି ମୁଁ ଖୁବ୍ ଖୁସୀ । କାରଣ ତା' ମଧ୍ୟରେ ପ୍ରତିଭା ପ୍ରଚ୍ଛନ୍ନ ଅଛି । ଯଦି ମନ ସ୍ଥିର କରି ସେଠାରେ ତୁମମାନଙ୍କ ଗହଣରେ ତିଷ୍ଠି ରହିପାରେ, ତା'ହେଲେ ତା'ର ଶକ୍ତି ପୂର୍ଣ୍ଣତା ଲାଭ କରିବ । ଅନେକ ଦିନରୁ ମୁଁ ତା'ର ଅସାଧାରଣ ପ୍ରତିଭା ସମ୍ବନ୍ଧେ ଜାଣିଛି । ତା'ର ସ୍ୱକୀୟ ଉଦ୍ଭାବନା ଶକ୍ତି ରହିଛି, ଆତ୍ମନିର୍ଭରଶୀଳତାର ବି ଅଭାବ ନାହିଁ । ତା'ର ମନନ ଶକ୍ତି ତୁମମାନଙ୍କର ସେଠାରେ ଉପଯୁକ୍ତ ଆବହାଓଆ ପାଇଲେ ସ୍ୱତଃ ସଫଳତା ଲାଭ କରିବ ।''

ନିଶିକାନ୍ତ ଆଶ୍ରମର ନିୟମାନୁସାରେ କର୍ମରେ ନିଜକୁ ବ୍ୟାପୃତ ରଖିବା ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କୁ ପତ୍ର ଲେଖିବାକୁ ଯାଇ ଲେଖିଛନ୍ତି :

''ଶ୍ରୀଚରଣେଷୁ,

ଗୁରୁଦେବ ! କର୍ମରେ ନିଜକୁ ବ୍ୟାପୃତ ରଖିବାର ଉତ୍ସାହ ଓ ଆଶାରେ ଦୁଇଦିନ ଧରି କ୍ଷୀରୋଦ ବାବୁଙ୍କ ନିକଟକୁ ଯାଇ ଦେଖାକରି ଆସିଲି । କିନ୍ତୁ ସେ ମୋତେ କହିଲେ ଯେ ଚନ୍ଦୁଲାଲ ଏବେ ବି ତୁମ ସକାଶେ କାମ ଠିକ୍ କରି ନାହାନ୍ତି । ଆପଣଙ୍କ ନିର୍ଦ୍ଦେଶାନୁସାରେ ମୁଁ କ୍ଷୀରୋଦ ବାବୁଙ୍କଠାରୁ ଶାରୀରିକ କର୍ମ ଚାହିଁଥିଲି । କୌଣସି ପ୍ରକାର ହିସାବ-ନିକାଶର କର୍ମ ବା ବସି ବସି କାମ କରିବାକୁ ହେଲେ ମୋ ପକ୍ଷରେ କଠିନ ହେବ । କାରଣ ବସି ରହିବାର ସୁଯୋଗ ପାଇଲେ କବିତା ରଚନା ବା ଛବି ଆଙ୍କିବା ମୋତେ ଆକ୍ରମଣ କରିବାକୁ ଛାଡ଼ିବେ ନାହିଁ; ଅନ୍ତତଃ ମୋ ମନ ମଧ୍ୟରେ ଉଦିତ ହୋଇ ଗୋଳମାଳ ସୃଷ୍ଟି କରିବେ, ଏତତ୍ ବ୍ୟତୀତ ଏବେ ମୁଁ ପୁଣି ଛବି ଆଙ୍କିବା ରାଜ୍ୟରେ ପ୍ରବେଶ କରିଛି । ମୁଁ ପୂରା ଗୋଟିଏ ଓଳି ଶାରୀରିକ କାମ କରିବାକୁ ଚାହେଁ । ଅନ୍ୟ ଗୋଟିଏ ଓଳି (ଉପର ଓଳି) ଛବି ସକାଶେ ରଖିଛି । ରାତିରେ ପଢ଼ାପଢ଼ି କରିବା ପାଇଁ ଓ କବିତା କପି (ଲେଖା କବିତାସବୁ ଭଲ ଅକ୍ଷରରେ ଅବିକଳ ନକଲ) କରିବା ସକାଶେ ରଖିଛି । ମୋର ଲିଖିତ ସବୁ କବିତାକୁ ଭଲ କରି ଲେଖି ଏକତ୍ର ଆପଣ ଓ ମା'ଙ୍କୁ ଅର୍ପଣ କରିବି ବୋଲି ଠିକ୍ କରିଥିଲି । ଠିକ୍ ଏହି ସମୟରେ ମୋତେ ନୀରଦବରଣ ବାଧା ଦେଲେ । କହିଲେ, 'ଏତେ ବଡ଼ ଗଣ୍ଠିଲି ବାନ୍ଧି ଗୁରୁଙ୍କ ନିକଟକୁ ପଠାଇବା ହେଉଛି ତାଙ୍କୁ ବ୍ୟତିବ୍ୟସ୍ତ କରିବା; ବିଶେଷ କରି ଯେତେବେଳେ ସବୁ କବିତା କପି ହୋଇନି ଏବଂ ଗୁରୁ ଯେତେବେଳେ ଆପଣଙ୍କୁ କବିତା ପ୍ରକାଶ କରିବାକୁ ଅନୁମତି ଦେଇଛନ୍ତି ଏବଂ ପ୍ରତ୍ୟେକଟି ପତ୍ରିକାର ସମ୍ପାଦକ ହିଁ ଆପଣଙ୍କଠାରୁ କବିତା ଚାହାନ୍ତି ।... ଇତ୍ୟାଦି ।'

''କାନାଇ ବାବୁ ମଧ ମୋତେ କବିତା ସମ୍ବନ୍ଧେ ଅନେକ କିଛି କହିଲେ । ସେ କହିଲେ, 'କବିତା (ଲେଖା)କୁ ଆପଣ କାହିଁକି ସାଧନାରେ ବାଧା ବୋଲି ମନେ କରୁଛନ୍ତି ? କବିତା ହିଁ ତ ଆପଣଙ୍କର ମାନସିକ ପ୍ରସାର ଓ ଅନ୍ତରର ଉନ୍ନତି ଆନୟନ କରେ ।...' ଇତ୍ୟାଦି । ମୁଁ ମନେ କରିଥିଲି ଯେ ଆଉ କବିତା ଲେଖିବି ନାହିଁ । କବିତା ପ୍ରତି ମୋର ବିଦ୍ରୋହ ଜନ୍ମିଥିଲା । ତା'ର କାରଣ, କବିତାରେ ଯେଉଁ ପ୍ରଚଣ୍ଡ ବିଶ୍ୱାସ, ଆତ୍ମସମର୍ପଣ ଏବଂ ଉପଲବ୍ଧିର କଥାସବୁ ଆଜି ପର୍ଯ୍ୟନ୍ତ କହି ଆସିଛି, ଏବେ ମୋ ଶାରୀର-ଜୀବନର ବାଧା ଓ ବିପ୍ଳବ ମଧ୍ୟରେ ଘାଣ୍ଟି ହୋଇ ସେସବୁ ଭିତ୍ତିଶୂନ୍ୟ ବୋଲି ମନେ ହେଉଛି । ଏହି ଅବସ୍ଥାରେ କେମିତି କବିତା ଉପରେ ଶ୍ରଦ୍ଧା ରହିବ ? ଆପଣମାନେ ହିଁ

କୁହନ୍ତୁ ? ମନେହୁଏ ମୁଁ ରୁଗ୍ଣମୂଳ ବୃକ୍ଷରେ ଫୁଲଫଳ ଧରାଇଛି, ଭିତ୍ତିହୀନ ପ୍ରାସାଦ ଗଢ଼ାଇଛି ଇତ୍ୟାଦି । ଏ ସମ୍ବନ୍ଧରେ ଆପଣ ଦୁହେଁ (ଶ୍ରୀମାଶ୍ରୀଅରବିନ୍ଦ) ମତାମତ ଜଣାଇବେ । ମୋ ଶାରୀର ଜୀବନର ଯଦି କୌଣସି ପରିବର୍ତ୍ତନ ନ ହୁଏ, ତା'ହେଲେ କବିତା ତ ତୁଚ୍ଛ; ନିତି କେବଳ ଥରେ ମାତ୍ର ଶିବ, କୃଷ୍ଣ, କାଳୀ ଇତ୍ୟାଦି ଭଗବଦ୍ ଦର୍ଶନରେ ବି ମୋର କିଛି ହେବ ନାହିଁ ବୋଲି ମନେ କରେ । ଆପଣ ଦୁହେଁ ମୋର ଭକ୍ତି ପ୍ରଣାମ ଗ୍ରହଣ କରିବେ ।''

(ଇତି) ପ୍ରଣତଃ
ନିଶିକାନ୍ତ

ଶ୍ରୀଅରବିନ୍ଦଙ୍କ ଉତ୍ତର : ''ଏହା ସୁସ୍ପଷ୍ଟ ଯେ କାବ୍ୟ-କବିତା କେବେହେଲେ ସାଧନାର ଏକ ପ୍ରତିଭୂ ବା ପ୍ରତିକଳ୍ପ (substitute) ହୋଇ ପାରେନା; ଏହା ସାଧନାର ଏକ ଆନୁଷଙ୍ଗିକ ସହାୟକ (accompaniment) ହୋଇପାରେ । ଯଦି ଏମିତି (ଭକ୍ତି, ସମର୍ପଣ ଇତ୍ୟାଦିର) ହୃଦ୍‌ଗତ ସୂକ୍ଷ୍ମାନୁଭବ (feeling) ହୁଏ, ତା'ହେଲେ ସେଇଟିକୁ କବିତାରେ ପ୍ରକାଶ କରାଯାଇ ପାରେ ଏବଂ ନିର୍ଭୁଲତାର ସହିତ ଦୃଢ଼ୀଭୂତ କରାଯାଇ ପାରେ; ଯଦି ଏକ ଗଭୀର ଅଭିଜ୍ଞତା (experience) ବା ଆଧ୍ୟାତ୍ମିକ ଅଭିଜ୍ଞତା ହୁଏ, ତେବେ ସେଇଟିକୁ ମଧ୍ୟ କବିତା ମାଧ୍ୟମରେ ପ୍ରକାଶ କରାଯାଇ ପାରେ ଏବଂ ଅଭିଜ୍ଞତାଟିର ଅନ୍ତର୍ନିହିତ ଶକ୍ତିକୁ ଅଧିକ ଶକ୍ତିଶାଳୀ ବା ତୀବ୍ରତର ଭାବରେ ବ୍ୟକ୍ତ କରାଯାଇ ପାରେ । ଯେମିତି ଉପନିଷଦ୍ ବା ଗୀତା ପ୍ରଭୃତି ପାଠ କଲେ ବା ଭକ୍ତିମୂଳକ ସଙ୍ଗୀତ ଗାନ କରିବାରେ ସାଧନାର ଏକ ଏକ ସମୟରେ ବିଶେଷ ସାହାଯ୍ୟ ମିଳିଥାଏ, ସେମିତି କାବ୍ୟ-କବିତା ରଚନା ମଧ୍ୟ ସହାୟ ହୋଇଥାଏ । ଏତତ୍‌ବ୍ୟତୀତ ଏହି ସୃଜନୀ-ଶକ୍ତି ସାଧକର ବାହ୍ୟ-ଚେତନା ଏବଂ ଆନ୍ତର ମନ କିଂବା ପ୍ରାଣ ମଧ୍ୟରେ ଏକ ପ୍ରବେଶ ପଥ ବା ଯୋଗସୂତ୍ରର ଉନ୍ମୀଳନ ଘଟାଇ ପାରେ । କିନ୍ତୁ ସାଧକ ଏଇ ପର୍ଯ୍ୟନ୍ତ ଅଗ୍ରଗତି କରି ଯଦି ଆଉ ଆଗକୁ ଅଗ୍ରସର ନ ହୁଏ, ଏଇ ସ୍ତରରେ ଅଟକି ରହିଯାଏ, ତା'ହେଲେ ବିଶେଷ କିଛି ଲାଭ କରା ଯାଏନି । ସାଧକର ସାଧନା ହିଁ ହେବା ଉଚିତ ତା'ର ପ୍ରଧାନ ଉଦ୍ଦେଶ୍ୟ ବା ଲକ୍ଷ୍ୟ ଏବଂ ସାଧନାର ଅର୍ଥ ସାଧକର ସ୍ୱଭାବ ବା ପ୍ରକୃତିର ବିଶୋଧନ, ପବିତ୍ରୀକରଣ, ସ୍ୱ-ସତ୍ତାର ପରିପୂର୍ଣ୍ଣ ଉତ୍ସର୍ଗ, ଚୈତ୍ୟସତ୍ତା ଓ ଆନ୍ତର ମନ-ପ୍ରାଣର ଉନ୍ମୀଳନ, ଭଗବାନଙ୍କ ସହିତ ସମ୍ପର୍କ ସ୍ଥାପନ ଏବଂ ତାଙ୍କର ସାନ୍ନିଧ୍ୟ ଲାଭ, ସର୍ବତ୍ର ଓ ସର୍ବଭୂତରେ ଭଗବତ୍ ଉପଲବ୍ଧି, ସମର୍ପଣ, ଭକ୍ତି, ଆରାଧନା, ବ୍ୟକ୍ତି-ଚେତନାକୁ ବିଶ୍ୱଗତ ଦିବ୍ୟ-ଚେତନାରେ ପରିବ୍ୟାପ୍ତ କରିବା, ସର୍ବଭୂତରେ ପରମାତ୍ମାଙ୍କର ଉପସ୍ଥିତି ଅନୁଭବ କରିବା, ବ୍ୟକ୍ତି-ପ୍ରକୃତିର ଚୈତ୍ୟ ଓ ଆଧ୍ୟାତ୍ମିକ ରୂପାନ୍ତର ସାଧନ କରିବା । ଯଦି ଏସବୁ ଦିଗରେ ସଦାଉନ୍ନିଦ୍ର ନ ରହି, ଏସବୁ ପ୍ରତି ଅବହେଳା କରି ସବୁ ସମୟରେ କେବଳ କାବ୍ୟ-କବିତା ଓ ମାନସିକ ଚର୍ଚ୍ଚାଦି କରି ସେସବୁ ଦିଗରେ ଉନ୍ନତି ସାଧନ କରିବାରେ ଏକାଗ୍ରତା ରଖାଯାଏ ଏବଂ ସାମାଜିକ ମିଳାମିଶାରେ ସର୍ବକ୍ଷଣ ନିଜକୁ ବ୍ୟସ୍ତ ରଖାଯାଏ, ଏହାକୁ ସାଧନା କୁହାଯିବ ନାହିଁ । ପୁନଶ୍ଚ କବିତା ଲେଖିବାକୁ ହେଲେ ନିଶ୍ଚିତ ରୂପେ ଯଥାର୍ଥ ମନୋଭାବ ଅର୍ଥାତ୍ ଉନ୍ନତ ଚେତନାରେ ଅବଗାହନପୂର୍ବକ ସୃଜନ କରିବାକୁ ହେବ, କେବେହେଲେ ଯଶ, ଖ୍ୟାତି ବା ଆତ୍ମ-ସନ୍ତୁଷ୍ଟି ଲାଭ ସକାଶେ ନୁହେଁ, ହଠାତ୍ ଆସୁଥିବା ସୃଜନଶୀଳ ଭାବନା ବା ପ୍ରେରଣା ମାଧ୍ୟମରେ ଭଗବାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବାର ଅଭିପ୍ରାୟ ସ୍ୱରୂପ କବିତା ଲେଖିବା ବା ନିଜର ଆନ୍ତର ସତ୍ତାର ଅବସ୍ଥିତିକୁ ପ୍ରକାଶ କରିବାର ଏକ ମାଧ୍ୟମ ରୂପେ କବିତା ରଚନା କରିବା ଉଚିତ; ଦୃଷ୍ଟାନ୍ତ ସ୍ୱରୂପ ପୁରାକାଳର ଭାରତବର୍ଷରେ ମହାନ୍ କବିଗଣଙ୍କର ଭକ୍ତିମୂଳକ ଓ ଆଧ୍ୟାତ୍ମିକ କାବ୍ୟ ସୃଷ୍ଟି ଏବେ ବି ଜନମାନସରେ ଅମ୍ଳାନ ଭାବରେ ବେଶ୍ ଆଦୃତ ହୋଇ ରହିଛି, କାଳଜୟୀ ହୋଇ ରହିଛି । କେବଳ ପାଶ୍ଚାତ୍ୟ କବି, କଳାକାର ବା ସାହିତ୍ୟିକ (ବିଶେଷତଃ ଉପନ୍ୟାସ, କବିତା ଓ ନାଟକ ରଚୟିତା)ଙ୍କର ମନୋଭାବ ନେଇ ଯଦି କବିତା ଲେଖାଯାଏ ତେବେ ସାଧନାରେ କୌଣସି ସାହାଯ୍ୟ ମିଳେ ନାହିଁ । ଏପରିକି କର୍ମ (ଭଗବାନଙ୍କ ସକାଶେ କର୍ମ ବା ଆଶ୍ରମର ପ୍ରତିଟି କର୍ମ) ଏବଂ ଧ୍ୟାନ-ଧାରଣା ମଧ୍ୟ ସାଧନାରେ ସଫଳତା ଆଣି ଦେଇପାରେ ନାହିଁ ଯଦି ସେସବୁକୁ ଯଥାର୍ଥ ମନୋଭାବ ସହ ସମ୍ପାଦନ କରା ନ ଯାଏ; ଅର୍ଥାତ୍ ସ୍ୱଭାବର ଅନ୍ୟ ସବୁକିଛି ଉପରେ ପ୍ରଭୁତ୍ୱ ବିସ୍ତାର କରି ସର୍ବାନ୍ତଃକରଣରେ କେନ୍ଦ୍ରୀଭୂତ ହୋଇ ଉତ୍ସର୍ଗୀକୃତ ଓ ଆଧ୍ୟାତ୍ମିକ ଆସ୍ପୃହାର ମନୋଭାବ ସହ ସେସବୁକୁ ସମ୍ପାଦନ କରାଯିବା ଉଚିତ । ସମଗ୍ର ଜୀବନକୁ ତଥା ନିଜ ପ୍ରକୃତିକୁ ସର୍ବାନ୍ତଃକରଣରେ କେନ୍ଦ୍ରୀଭୂତ କରି କେବଳ ଗୋଟିଏ ମାତ୍ର ଲକ୍ଷ୍ୟ ଦିଗରେ ଏକାଗ୍ର ହୋଇ ଉଠିବାର ଅଭାବ ହିଁ ଏଠାରେ ବାସ କରୁଥିବା ଅନେକଙ୍କର ତ୍ରୁଟି ସ୍ୱରୂପ ତିଷ୍ଠି ରହିଛି ଏବଂ ଏଠାକାର ପରିବେଶକୁ ନିମ୍ନଗାମୀ କରାଇବାରେ

ସଦାତତ୍ପର ରହିଛି ଏବଂ ମୋ ଦ୍ୱାରା ଏବଂ ଶ୍ରୀମା'ଙ୍କ ଦ୍ୱାରା ସୃଷ୍ଟ ଏକ ଅଭିନବ କର୍ମଧାରାରେ ବାଧାସ୍ୱରୂପ ଦଣ୍ଡାୟମାନ ରହିଛି ।''

(୧୯.୫.୧୯୩୮)                (C.W.S.A, Vol. 31, P. 65)

ଶାନ୍ତିନିକେତନର 'ଚାନ୍ଦକବି' ଏବେ ଶ୍ରୀମା-ଶ୍ରୀଅରବିନ୍ଦଙ୍କର ସ୍ପର୍ଶ ଓ ସଂସ୍ପର୍ଶରେ ଆସି ହୋଇ ଉଠିଛନ୍ତି 'ସାଧକ-କବି' । ପୃଥ୍ୱୀନ୍ଦ୍ରଙ୍କ ସହିତ ଖୁସୀ ମନରେ ଅନ୍ତରଙ୍ଗତାର ସହିତ କଥାବାର୍ତ୍ତା ହେଉଥିବା ବେଳେ କଥାଛଳରେ ନିଶିକାନ୍ତ କହିଥିଲେ, ''ପୃଥ୍ୱୀନ୍, ତୁମେ ଦେଖିବ, ଏମିତି ଦିନ ଆସିବ ଯେତେବେଳେ ଲୋକମାନେ ଆନ୍ତରିକତାର ସହିତ ଆନନ୍ଦାତିଶଯ୍ୟରେ 'ସାଧକ-କବି' ନିଶିକାନ୍ତର ମହିମା ରଟାଇବେ ।...''

('ଅଥଃ ନିଶିକାନ୍ତ', ପଣ୍ଡିଚେରୀର୍ ଦିନଗୁଲି, ପୃ. ୧୧୪)

ନିଶିକାନ୍ତ ତାଙ୍କର ଆଶ୍ରମ ଜୀବନଧାରାର ସେଇ ପ୍ରାରମ୍ଭିକ ଅବସ୍ଥାରେ ଦିଲୀପଙ୍କର ବାସଭବନରେ ନିତି ଉପର ଓଳି ସଙ୍ଗୀତ ଆସରରେ ପ୍ରାୟ ଉପସ୍ଥିତ ରହୁଥିଲେ । ସଙ୍ଗୀତର ରସରେ ବୁଡିଯାଇ ମଥା ଦୋହଲାଇ ହୃଦୟଭରି ଉପଭୋଗ କରୁଥିଲେ । ଦିନ ପରେ ଦିନ, ମାସ ପରେ ମାସ ଉଚ୍ଚମାନର ସଙ୍ଗୀତ ତାଙ୍କ କର୍ଣ୍ଣକୁହରରେ କ୍ରମଶଃ ସୁର-ତାଳ-ଛନ୍ଦ ନେଇ ଅନୁରଣିତ ହେବାକୁ ଲାଗିଲା । ଆନ୍ତର ସୃଜନ-ଶକ୍ତିର ଏକ ନୂତନ ଦ୍ୱାର ଉଦ୍‌ଘାଟିତ ହେଲା । ଦିନେ ଦିଲୀପଙ୍କର ସଙ୍ଗୀତ-ଆସରରୁ ତନ୍ମୟ ଅବସ୍ଥାରେ ନିଜ ବାସଭବନକୁ ଯାଇ ଗୋଟିଏ ସଙ୍ଗୀତ ରଚନା କରି ତହିଁ ଆର ଦିନ ବଡ଼ି ଭୋରରେ ଦିଲୀପଙ୍କ ହାତରେ ଦେଇ ନମ୍ର ଭାବରେ କହିଲେ, ''ଏଇଟି ଲେଖିଛି; ଦିଲୀପ-ଦା, ଏଇ ସଙ୍ଗୀତରେ ସୁର ଦେଇ କ'ଣ ଗାଇ ହେବ ?'' ଦିଲୀପ ତତ୍‌କ୍ଷଣାତ୍ ସଙ୍ଗୀତଟିକୁ ମୌନ ଭାବେ ଆମୂଳଚୂଳ ପାଠ କଲେ; ତାଙ୍କ ସମ୍ମୁଖରେ ପ୍ରତ୍ୟାଶାର ନୂତନ ଦିଗନ୍ତ ଖୋଲିଗଲା । ସେ ଆନନ୍ଦାତିଶଯ୍ୟରେ ନିଶିକାନ୍ତଙ୍କୁ କହି ଉଠିଲେ, ''ଗାଇ ହେବ ମାନେ ! ଆପଣ ଯେ କାଙ୍ଗାଳକୁ ଶାକବାଟିକା ଦେଖାଇ ଦେଲେ !!'' ସେଇ ସମାନ ଦିନ ଉପରଓଳି ସଙ୍ଗୀତ ଆସରରେ ଦିଲୀପ ସୁର ଦେଇ ଉପସ୍ଥିତ ସଙ୍ଗୀତ ପିପାସୁଙ୍କୁ ସେଇ ଗୀତଟି ଗାଇ ଶୁଣାଇଲେ । ତଥାପି ତାଙ୍କର ଉଲ୍ଲାସ ସେତିକିରେ ସନ୍ତୁଷ୍ଟ ନ ହେବାରୁ ଗୀତଟିକୁ ଇଂରାଜୀରେ ଅନୁବାଦ କରି ମୂଳଲେଖା ସହିତ ଶ୍ରୀଅରବିନ୍ଦଙ୍କ ନିକଟକୁ ପଠାଇ ଦେଲେ । ଶ୍ରୀଅରବିନ୍ଦ ସେଇଟିକୁ ପଢ଼ି ସ୍ୱହସ୍ତରେ କେବଳ ଗୋଟିଏ ସ୍ଥାନରେ ଶୁଦ୍ଧ କରି ଦେଇଥିଲେ ।

ନିଶିକାନ୍ତଙ୍କର ସେଇ ପ୍ରଥମ ସଙ୍ଗୀତ, ଯଦ୍ଦ୍ୱାରା ସେ ଉଚ୍ଚମାନର ଗୀତିକାର* ହିସାବରେ ଆବିଷ୍କୃତ ହେଲେ । ଏହାପରେ ଦିଲୀପ କୁମାର ନିଶିକାନ୍ତଙ୍କୁ ଆହ୍ୱାନ ଜଣାନ୍ତି : ''ଆସନ୍ତୁ, ନିଶିକାନ୍ତ ବାବୁ, ଆମେ ଦୁହେଁ କାବ୍ୟ ଓ ସଙ୍ଗୀତର ଯୋଡ଼ା ଗାଡ଼ି ଚଳାଇବା । ଆପଣ କଥା ଦେଇ ମାଳା ଗୁନ୍ଥନ୍ତୁ, ମୁଁ ସେଥିରେ ସୁର ଦେଇ ସେଇଟିକୁ ଦୋଳାୟମାନ କରିବି ।''...

('କବି ନିଶିକାନ୍ତ', ଡାଲିୟା ସରକାର, ପୃ. ୮୬)

ଗୁରୁଙ୍କର ସଂସ୍ପର୍ଶରେ ଆସି କବି ନିଶିକାନ୍ତଙ୍କର କବିତା-ସୃଜନରେ ଅକଳ୍ପନୀୟ ଭାବରେ ଉନ୍ନତି ଘଟିଛି । କବିଙ୍କ ସମ୍ବନ୍ଧେ ପରବର୍ତ୍ତୀ କାଳରେ କହିବାକୁ ଯାଇ ନଳିନୀକାନ୍ତ ଉଲ୍ଲେଖ କରିଛନ୍ତି :

''ନିଶିକାନ୍ତଙ୍କର କବିତା ମା'ଙ୍କର ବାଙ୍‌ମୟୀ ମୂର୍ତ୍ତି, ଐଶ୍ୱର୍ଯ୍ୟମୟୀ, ମହିମାମୟୀ, ରାଜରାଜେଶ୍ୱରୀ ମୂର୍ତ୍ତି । ବାକ୍-ରାଜ୍ୟରୁ ସେ ସବୁ ପ୍ରକାର – ଯାହା କିଛି ସମ୍ଭବ – ଉପାଦାନ ସଂଗ୍ରହ କରିଛନ୍ତି : ଅକ୍ଷର, କଥା, ଧ୍ୱନିର ସ୍ପନ୍ଦନ, ଯେତେ ପ୍ରକାର ରଙ୍ଗରେ ପ୍ରତିଫଳିତ ହୋଇପାରେ, ଯେତେ ପ୍ରକାର ରେଖାରେ ଲୀଳାୟିତ ହୋଇ ଉଠିପାରେ, ସେସବୁର ମହତ୍ତମ, ମଧୁରତମ ସମାହାର ଦ୍ୱାରା ସେ ଗଢ଼ି ତୋଳିଛନ୍ତି ମା'ଙ୍କର ଏଇ ବାକ୍-ଶ୍ରୀମୂର୍ତ୍ତି । ଏସବୁ ଯେ ମା'ଙ୍କର ଅଳଙ୍କାର ସ୍ୱରୂପ ହୋଇ ଉଠିଛି, କେବଳ ତା' ନୁହେଁ, ତାଙ୍କର ପୋଷାକ-ପରିଚ୍ଛଦ, ବେଶଭୂଷା ନୁହେଁ; ଏସବୁ ହେଉଛି ତାଙ୍କର ଅଙ୍ଗ-ପ୍ରତ୍ୟଙ୍ଗ, ଜୀବନ୍ତ ଦେହର ପ୍ରତିଟି କୋଷ; ଏସବୁ ଜୀବନ୍ତ, ଜାଗ୍ରତ୍ ହୋଇ ଉଠି ମା'ଙ୍କର ଏକ ଚିନ୍ମୟ ଦେହ ଗଢ଼ି ଦେଇଛି । ନିଶିକାନ୍ତଙ୍କର ବାକ୍ ବା ବାଣୀ ବସ୍ତୁ ସତ୍ୟ ଉପରେ ଆରୋପ

* ଅବଶ୍ୟ ଶାନ୍ତିନିକେତନରେ ସେ ଯେଉଁସବୁ ଗୀତିକବିତା ଲେଖିଥିଲେ, ନଳିନୀକାନ୍ତଙ୍କ ଉକ୍ତିରେ ସେସବୁ ଥିଲା 'ଖଣ୍ଡ-କବିତା' ଏବଂ ସେ ତାଙ୍କ ସହପାଠୀ ତଥା ବନ୍ଧୁବର୍ଗଙ୍କୁ ଖୁସୀ କରାଇବା ଉଦ୍ଦେଶ୍ୟରେ ପ୍ରାଣିକ ଆବେଗରେ ରଚନା କରିଥିଲେ । ସେସବୁଥିରେ ତାଙ୍କ ଚରିତ୍ରର ରହସ୍ୟପ୍ରିୟତା ଦିଗଟିର ଏକାନ୍ତ ସ୍ଫୁରଣ ଘଟିଥିଲା । କିନ୍ତୁ ପଣ୍ଡିଚେରୀରେ ରଚିତ ଗୀତି-କବିତାସବୁ ହୋଇ ଉଠିଲା ଗୁଣରେ, ମାନରେ, ଭାବଗାମ୍ଭୀର୍ଯ୍ୟରେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର, ଉଚ୍ଚକୋଟୀର ସୃଜନ । – ସଂଗ୍ରାହକ

ମାତ୍ର ନୁହେଁ, ତା' କେବଳ ଆଲେଖ୍ୟ, ଉପମା, ପ୍ରତୀକାତ୍ମକ ନୁହେଁ, ସେଇଟି ସତ୍ୟର ନିଜସ୍ୱ ଶରୀର, ଅପରୂପ ଏକ ସୂକ୍ଷ୍ମ ଅଥଚ ଜୀବନ୍ତ ଶରୀର । ଏହି ଯାଦୁ କେବଳ ସେ ହିଁ ଜାଣନ୍ତି କି ପ୍ରକାରେ ସେଇଟିକୁ ସେ ଆୟତ୍ତ କରିଛନ୍ତି ।...

''ବୈଦିକ ଋଷି କହିଛନ୍ତି, କବି ତା'ର କବିତ୍ୱ ଶକ୍ତି ଦେଇ ସ୍ୱର୍ଗର ସୁନ୍ଦର ରୂପ-ମାଧୁରୀର ପରିପ୍ରକାଶ କରିଛନ୍ତି; ନିଶିକାନ୍ତଙ୍କର କବିତ୍ୱ ଏଇ ଧରଣର ଶକ୍ତି – ସେଇ ମନ୍ତ୍ରଶକ୍ତି ଯାହା ଉଦ୍‌ଘାଟିତ ଓ ଉଦ୍ଭାସିତ କରିଛି ମା'ଙ୍କର ଜାଗ୍ରତ୍ ସାନ୍ନିଧ୍ୟ । ସେ ନିଜେ ତାଙ୍କର 'ପରିଚୟ' କବିତାରେ ତାଙ୍କର ସୃଷ୍ଟି ସମ୍ବନ୍ଧେ ବର୍ଣ୍ଣନା କରିଛନ୍ତି : '...ଆମାର୍ ଧୂସର ମ୍ଳାନଧୂଳି... ।'...

''ସ୍ମରଣରେ ଆସେ ଶ୍ରୀଅରବିନ୍ଦଙ୍କର ସେଇ ବାକ୍ୟଟି – A cry that persevered into eternity. (ଇଏ ହେଉଛି ସେଇ କଣ୍ଠ ଯା'ର ଅନୁରଣନ ଭେଦି ଯାଇଛି ଅନନ୍ତର କୋଳ ଅବଧି ।)

''ନିଶିକାନ୍ତଙ୍କ ମଧ୍ୟରେ ପୂର୍ବତନ ନିଶିକାନ୍ତର ଯେଉଁସବୁ ଅନୁକ୍ତ ଥିଲା, ପରେ ମୁକ୍ତି ପାଇ ତା' ହୋଇଛି ଉକ୍ତ, ଉଦାର ଉଦାତ୍ତ କଣ୍ଠରେ; ଯାହାଥିଲା ମୂକ, ତା' ହୋଇ ଉଠିଛି ମୁଖର, ପ୍ରାୟ ପ୍ରଗଲ୍‌ଭ – ଆପୂର୍ଯ୍ୟମାନ (ପରିପୂର୍ଣ୍ଣ) ନିର୍ଝର ସଦୃଶ ଅନର୍ଗଳ କଲ୍ଲୋଳୋଚ୍ଛଳ – କେଉଁ ସୁନାର କାଠିର ସ୍ପର୍ଶେ ?''

('ପୁରୋଧା', ଜୁଲାଇ, ୧୯୭୩, ପୃ. ୭୦, ୭୫)

ନୀରଦବରଣ ଶ୍ରୀଅରବିନ୍ଦଙ୍କ ସହିତ ଚିଠିପତ୍ର ବିନିମୟ ସମୟରେ ବିଭିନ୍ନ ସମୟରେ ନିଶିକାନ୍ତଙ୍କର ଆକସ୍ମିକ, କ୍ଷିପ୍ର, ଅଭାବନୀୟ ଓ ଅକଳ୍ପନୀୟ ଅଗ୍ରଗତି ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ କରିଛନ୍ତି । ତନ୍ମଧ୍ୟରୁ ଶ୍ରୀଅରବିନ୍ଦଙ୍କର ଦୁଇଟି ଉତ୍ତର ଉଲ୍ଲେଖ କରୁଛୁ :

''ନିଶିକାନ୍ତ ଏଠାକୁ ଆସିବା ବେଳେ ସେ ନିଜେ ସେମିତି କିଛି ଗୁରୁତ୍ୱପୂର୍ଣ୍ଣ ଉଚ୍ଚମାନର କାବ୍ୟ ସୃଷ୍ଟି କରି ନଥିଲା... ଏଠାରେ ସେ ଏକ ସ୍ପର୍ଶ ଲାଭ କଲା ଯଦ୍ୱାରା ତା' ଭିତରେ କେତେକ ପ୍ରଚଣ୍ଡ ଶକ୍ତିଶାଳୀ ପ୍ରାଣିକ ସୂକ୍ଷ୍ମଦୃଷ୍ଟି ଓ ବାକ୍‌ର ପରିପ୍ରକାଶ ଘଟିଲା, ଯାହାକି ନିଶ୍ଚିତ ରୂପେ ଇତିପୂର୍ବରୁ ତା' ଭିତରେ ରହିଥିବାର କୌଣସି ପୂର୍ବଲକ୍ଷଣ ପରିଲକ୍ଷିତ ହୋଇ ନଥିଲା ବା ହୁଏତ ଅବିକଶିତ ବା ସୁପ୍ତ ରହିଥିଲା ।''

("Nirodbaran's Correspondence with Sri Aurobindo", p. 553)

ପୁନଶ୍ଚ, ''...ପଙ୍ଗୁ ଲଂଘୟତେ ଗିରି' ସଦୃଶ ନିଶିକାନ୍ତଙ୍କ କ୍ଷେତ୍ରରେ ଆଶୁ ସୃଜନୀ-ପ୍ରେରଣାର ବ୍ରହ୍ମପୁତ୍ରର ପରିପ୍ରକାଶ ଘଟିଛି (a sudden Brahmaputra of inspiration)'' । (ତତ୍ରୈବ, ପୃ. ୭୪୬)

ଅନ୍ୟତ୍ର ନିଶିକାନ୍ତଙ୍କ ସମ୍ବନ୍ଧେ ନୀରଦବରଣ ଉଲ୍ଲେଖ କରିଛନ୍ତି : ''ନିଶିକାନ୍ତଙ୍କ କବି-ପ୍ରତିଭା ସମ୍ବନ୍ଧେ ଏତେ ଉଚ୍ଚାଶା ପୋଷଣ କରିବାର ମୂଳରେ ଥିଲା ଶ୍ରୀଅରବିନ୍ଦଙ୍କର ନାନା ମତ ବିଶେଷ କରି ଗୋଟିଏ ଉକ୍ତି । ସେଦିନ ଶ୍ରୀଅରବିନ୍ଦ ବିଛଣାରେ ଶୋଇଥା'ନ୍ତି, ଆମେ କେତେ ଜଣ ତାଙ୍କୁ ଘେରି ବସି କବି ଓ କାବ୍ୟ ସମ୍ବନ୍ଧେ ପ୍ରଶ୍ନବାଣରେ ପୀଡ଼ା ଦେଉଥିଲୁ । ସେ ସ୍ମିତହାସ୍ୟରେ ପ୍ରତ୍ୟେକଟିର ଉତ୍ତର ଦେଉଥିଲେ । ପ୍ରସଙ୍ଗ ଉଠିଲା କବି ପ୍ରତିଭା (poetic genius) ସମ୍ବନ୍ଧେ; କେଉଁ କବିଙ୍କୁ ଅସାଧାରଣ ସୃଜନଶୀଳ ବ୍ୟକ୍ତି (genius) ଆଖ୍ୟା ଦିଆଯିବା ଉଚିତ । ରବୀନ୍ଦ୍ରନାଥ, ମାଇକେଲ୍ ମଧୁସୂଦନ, ହାରୀନ୍ ପ୍ରଭୃତିଙ୍କ ପରେ ମୁଁ ତାଙ୍କୁ ପଚାରିଲି, 'ନିଶିକାନ୍ତଙ୍କ ସମ୍ବନ୍ଧେ ଆପଣଙ୍କ ମତ କ'ଣ ?' ତତ୍‌କ୍ଷଣାତ୍ ଶ୍ରୀଅରବିନ୍ଦ କହିଉଠିଲେ, 'Oh, Nishikanto ! (ଓଃ, ନିଶିକାନ୍ତ !) କହି ଦୁଇ ବାହୁକୁ ଏମିତି ବିସ୍ତାର କରି ଦେଲେ ଯେ ତାଙ୍କର ଏମିତି ସୁସ୍ପଷ୍ଟ ବାଗ୍ମୀ, ଉଚ୍ଛ୍ୱାସ ଅଙ୍ଗଭଙ୍ଗୀ, ଯାହାକି ଏକେବାରେ ବିରଳ, କହିବାକୁ ଗଲେ ତାଙ୍କର ସ୍ୱଭାବବିରୁଦ୍ଧ, ପୁନଶ୍ଚ ସେଥିରେ ଏମିତି ଶକ୍ତି ଭରପୂର ରହିଥିଲା ଯେ ତାଙ୍କର ସେଇ ଭଙ୍ଗୀଟି ଚିରକାଳ ସକାଶେ ମୋର ଅବିସ୍ମରଣୀୟ ହୋଇ ରହିଛି, ମୋ ସ୍ମୃତିପଟରେ ଅମ୍ଳାନ, ଜାଜ୍ୱଲ୍ୟମାନ ହୋଇ ରହିଛି ।...''

('Mother India', Nov.-Dec., 1959 p. 37
ଏବଂ 'ରଚନା-ବିଚିତ୍ରା', ପୃ. ୧୫୪)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

ସାଧନାରେ ସଫଳତା ନିମନ୍ତେ ଏକ ସ୍ଥିର ମନ ଓ ସ୍ଥିର ପ୍ରାଣ ହେଉଛି ପ୍ରଥମ ସର୍ତ୍ତ ।

- ଶ୍ରୀମା

# ସୁସ୍ଥତାର ପରମ ଗୋପନୀୟତା

## (୯)

## ସୂର୍ଯ୍ୟକାନ୍ତି ମହାନ୍ତି

### ବିଚାର ଶକ୍ତି

ମନୁଷ୍ୟ ଶରୀରର ବାରଟି ମନଃଶକ୍ତି ମଧ୍ୟରୁ ବିଚାର ଶକ୍ତି ଅନ୍ୟତମ । ଏହା ଅବଚେତନ ମନର କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ । ବିଚାର ଶକ୍ତି ସୋଲାର୍ ପ୍ଲେକ୍ସସ୍‌ରେ ପାକସ୍ଥଳୀ କ୍ଷେତ୍ରରେ ଅବସ୍ଥିତ । ଭାରତୀୟ ଦର୍ଶନ ଅନୁଯାୟୀ ଏହା ମଣିପୁର ଚକ୍ର ଭାବରେ ପରିଚିତ; ଯାହାର ରଙ୍ଗ ହଳଦିଆ, ମୌଳିକ ଉପାଦନ ଅଗ୍ନି ଏବଂ ଧ୍ୱନି ରାମ୍ ଅଟେ । ପାକସ୍ଥଳୀ ହେଉଛି sympathetic systemର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ।

ପାକସ୍ଥଳୀର କାର୍ଯ୍ୟ ହେଉଛି ଶରୀରକୁ ଯୋଗା ଯାଉଥିବା ଖାଦ୍ୟକୁ ପରିପାକ କରିବା ଏବଂ ମନ ଓ ଆବେଗକୁ ପ୍ରଦାନ କରାଯାଉଥିବା ବିଷୟକୁ ବିଚାର କରିବା । ଏଣୁ ସମସ୍ତ ପ୍ରକାର ନକାରାତ୍ମକ ଆବେଗ ପାକସ୍ଥଳୀରେ ତଥା ସମଗ୍ର ଉଦର ଅଞ୍ଚଳରେ ପ୍ରତିକ୍ରିୟା ସୃଷ୍ଟି କରେ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହି ଯେ ମସ୍ତିଷ୍କ ପରି ପାକସ୍ଥଳୀରେ grey matter ଦେଖାଯାଏ ଏବଂ ଏହା ମଧ୍ୟ ସ୍ମୃତିଶକ୍ତିର କୋଷ ଦ୍ୱାରା ପୂର୍ଣ୍ଣ । ପୁନଶ୍ଚ ଉଦର ଅଞ୍ଚଳ ଅବଚେତନ ମନର ସ୍ଥାନ ହୋଇଥିବାରୁ ବହୁ ଅତୀତରେ ଘଟିଥିବା ଏବଂ ବିସ୍ମୃତ ହୋଇଥିବା କୌଣସି ତିକ୍ତ ଅନୁଭୂତିକୁ ଏହା ଉଜ୍ଜୀବିତ ରଖି ନୀରବରେ ଏହି ପରିସରରେ କ୍ରିୟାଶୀଳ କରି ରଖିଥାଏ । ଏଣୁ ଏହାକୁ great body brain କୁହାଯାଏ । ବହୁ ପୁରାତନ ଯୁଗରେ ଚିକିତ୍ସକମାନେ ଜାଣିଥିଲେ ଯେ ସୋଲାର୍ ପ୍ଲେକ୍ସସ୍ ହେଉଛି ତୀକ୍ଷ୍ଣବୁଦ୍ଧି ସମ୍ପନ୍ନ ପରିସର ।

ପୁନଶ୍ଚ ପାକସ୍ଥଳୀ କାର୍ଯ୍ୟ କରେ ଶରୀରର ପର୍ଯ୍ୟବେକ୍ଷକ ଭାବରେ ଏବଂ ମନ ଯେଉଁ ସମ୍ବାଦ ଏହା ପାଖକୁ ପ୍ରେରିତ କରୁଥାଏ ତାହା ଉପରେ ପାକସ୍ଥଳୀ ନିଷ୍ପତ୍ତି ନେଇଥାଏ । ଏହା ମଧ୍ୟ ମଣିଷର ସର୍ବାଧିକ ସୂକ୍ଷ୍ମ ଓ ଗୁପ୍ତ ଆବେଗକୁ ନିଜ ଭିତରେ ଲିପିବଦ୍ଧ କରିଦିଏ । ଫଳରେ ଏହାର ପ୍ରଭାବ ପାକସ୍ଥଳୀ ସମେତ ଯକୃତ୍ (liver), ପ୍ଲୀହା (spleen), ବୃକକ୍ (kidney) ଓ ଅନ୍ତ୍ର (intestine) ଉପରେ ପଡ଼େ । ସୋଲାର୍ ପ୍ଲେକ୍ସସ୍ ସ୍ନାୟୁକେନ୍ଦ୍ରର ଏକ ଦର୍ପଣ ପରି । ମଣିଷର ଗଭୀର ଅନୁଭୂତି ସୂକ୍ଷ୍ମ ଭାବରେ ଏଥିରେ ପ୍ରତିଫଳିତ ହୁଏ । ଫଳରେ ସମଗ୍ର ଶରୀର ସ୍ନାୟୁ ମାଧ୍ୟମରେ ପ୍ରଭାବିତ ହୁଏ । ଦେଖାଯାଏ ଯେ ଜଣକର ଖାଦ୍ୟ ଗ୍ରହଣ ପ୍ରକ୍ରିୟା ଠିକ୍ ଥିଲେ ମଧ୍ୟ ଭୟ ଓ ଉତ୍ତେଜନା କାରଣରୁ ବାନ୍ତି ବାନ୍ତି ଭାବ ଅନୁଭୂତ ହୁଏ । ଜଣେ ଅନ୍ୟକୁ ନିନ୍ଦା କଲେ କିଂବା ନିନ୍ଦିତ ହେଲେ ଅସୁସ୍ଥ ଅନୁଭବ କରେ । ଏହିପରି ଭାବରେ ସମସ୍ତ ପ୍ରକାର ଆବେଗିକ ଅସନ୍ତୁଳନତା ସୋଲାର୍ ପ୍ଲେକ୍ସସ୍ ପରିସରକୁ ପ୍ରଭାବିତ କରେ ।

ଏପରିକି ମଣିଷର ତୃପ୍ତି, ଆନନ୍ଦ ଓ ଖୁସି ମଧ୍ୟ ସୋଲାର୍ ପ୍ଲେକ୍ସସ୍‌ର ସ୍ନାୟୁକେନ୍ଦ୍ରରେ ତତ୍‌କ୍ଷଣାତ୍ ପ୍ରତିକ୍ରିୟା ସୃଷ୍ଟି କରେ । ପୁନଶ୍ଚ ଏପରି ହୋଇଥାଏ ଯେ ଜଣେ କହୁଥିବା କଥା ବା ଭାଷା ପ୍ରତି ଏହା ସମ୍ବେଦନଶୀଳ ଥାଏ । ଶରୀରର ପାକସ୍ଥଳୀ ବ୍ୟତୀତ ଏପରି ଅନ୍ୟ କୌଣସି ଅଙ୍ଗ ନାହିଁ ଯାହା ଏତେ ଶୀଘ୍ର ଜଣକର ମନର ପ୍ରବୃତ୍ତି ବା ମିଜାଜ ଦ୍ୱାରା ପ୍ରଭାବିତ ହୋଇଥାଏ । ବାସ୍ତବରେ ମଣିଷ ଯାହା ଭଲ ପାଏ ବା ଯାହା ଘୃଣା କରେ – ସେସବୁ ଆନନ୍ଦ ବା ଯନ୍ତ୍ରଣାର କୋଷ ନିର୍ମାଣ କରେ । ଏଣୁ ସମଗ୍ର ଶରୀର ଅପେକ୍ଷା କରେ ପାକସ୍ଥଳୀର ବିଜ୍ଞ ବିଚାରଶୀଳତା ଉପରେ – ଯାହା ହାଡ଼, ମାଂସପେଶୀ, ସ୍ନାୟୁ ଆଦିର ଗଠନ ନିମନ୍ତେ ଆବଶ୍ୟକୀୟ ଉପାଦାନ ଯୋଗାଇ ଦେଇଥାଏ ।

ଏହିପରି ଭାବରେ ପ୍ରତ୍ୟେକ କ୍ଲେଶ, ଘୃଣା, ଭୟ ଓ ଉତ୍ତେଜନା ଆଦି ଯୋଗୁଁ ବୃକକ୍ ଉତ୍ତେଜିତ ହୁଏ ଓ ଯକୃତ୍‌ର କାର୍ଯ୍ୟ ବିଶୃଙ୍ଖଳିତ ହୁଏ । ଏପରିକି ପାକସ୍ଥଳୀର ଶେଷ ଭାଗରେ ଥିବା ପ୍ଲୀହା ବି ପ୍ରଭାବିତ ହୁଏ । ପୁରାତନ ଯୁଗରେ ଏହାକୁ ଶରୀରର କ୍ରୋଧ, ଉତ୍ତେଜନା ଓ ଅବସାଦର କେନ୍ଦ୍ର ବୋଲି ବିବେଚନା କରାଯାଉଥିଲା । ଏହା ଶକ୍ତିର ବିତରକ ହୋଇଥିବାରୁ ଅନ୍ୟ ଅଙ୍ଗକୁ ପ୍ରଭାବିତ କରି ଆମବାତ (Rheumatism), ଗଣ୍ଠିବାତ (Arthritis), ଘା' (Ulcer), ଫୁଲା, ଦରଜ ଆଦି ରୋଗ ସୃଷ୍ଟି କରେ । ଯେପରି ପାକସ୍ଥଳୀ ହେଉଛି ଶାରୀରିକ ଉପାଦାନର କେନ୍ଦ୍ର ଯାହା ଖାଦ୍ୟ ଗ୍ରହଣ କରି ପାଚନ କରେ, ସେହିପରି ପ୍ଲୀହା ହେଉଛି ମାନସିକ ଉପାଦାନର କେନ୍ଦ୍ର

ଯାହା ମନ ଧରି ରଖିଥିବା ବିଭିନ୍ନ ଧାରଣା ଉପରେ ପ୍ରତିକ୍ରିୟାଶୀଳ ହୁଏ ।

ଏପରି ଦେଖାଯାଏ ଯେ ବିଭିନ୍ନ କାରଣରୁ କିଛି ଲୋକ ଶାରୀରିକ ଅସୁସ୍ଥ, ଆର୍ଥିକ ସ୍ତରରେ ଦୁର୍ବଳ ଏବଂ ପାରିବାରିକ ଜୀବନରେ ଅସୁଖୀ ହୋଇଥା'ନ୍ତି । ଜୀବନରେ ସର୍ବଦା ଅକୃତକାର୍ଯ୍ୟ ହେବା, ବ୍ୟବସାୟରେ ବାରଂବାର କ୍ଷତି ସହିବା, ଅଯଥାରେ ସମାଲୋଚିତ ହେବା ଆଦି ଏହାର ଅନ୍ତର୍ଭୁକ୍ତ । ଏପରି ଅବସ୍ଥାରେ ଜଣଙ୍କର ଭାଗ୍ୟ ଖରାପ ବୋଲି କୁହାଯାଇଥାଏ । ତା' ସତ୍ତ୍ୱେ ଜଣେ ଦୃଢ଼ ମନୋବଳ ସହ ଏସବୁକୁ ଅତିକ୍ରମ କରି ସୌଭାଗ୍ୟ ପ୍ରାପ୍ତ କରିପାରେ ।

ମାତ୍ର ଏହାକୁ କିପରି ଲାଭ କରାଯାଇପାରେ ?

**ପ୍ରଥମତଃ :** ଜୀବନର ଦୁଃଖକୁ ଭୁଲିଯିବାକୁ ଚେଷ୍ଟା କରିବା । ଏହା ହେଉଛି ସଫଳତା ପାଇଁ ଶକ୍ତିଶାଳୀ ମନୋଭାବ । କାରଣ ଅତୀତର ତିକ୍ତତା ବର୍ତ୍ତମାନର ସୁସ୍ଥତା ବା ସାଫଲ୍ୟ ପାଇଁ ଆଦୌ ସାହାଯ୍ୟ କରେ ନାହିଁ । ବରଂ ଏହା ମନକୁ ଦୁର୍ବଳ ଓ ଅଚଳ କରିଦିଏ । ମନର ଭାବନା ଉପରେ ଚାବି ପକାଇ ଦେଲେ ଜୀବନର ସମସ୍ତ ଆଗ୍ରହ, ଉଦ୍ଦୀପନା ଓ ପ୍ରେରଣା ବନ୍ଦ ହୋଇଯାଏ । ଏ ପ୍ରକାର ଆବେଗକୁ କୁହାଯାଏ ଅମ୍ଳ ଆବେଗ । ଏହାକୁ ନିଷ୍ଫଳ ବା ନିରପେକ୍ଷ କରିବାକୁ ହେଲେ ଧ୍ୟାନ ମାଧ୍ୟମରେ ମନକୁ ଶାନ୍ତ କରିବାକୁ ହୁଏ ।

ଏକଦା ଜଣେ ଅସୁସ୍ଥ ମହିଳା ସମସ୍ତ ପ୍ରକାର ଚିକିତ୍ସା ସତ୍ତ୍ୱେ ସର୍ବଦା ଶାରୀରିକ ଯନ୍ତ୍ରଣା ଭୋଗ କରୁଥିଲେ । ତାଙ୍କର ଦୁଃଖ ହେଲା ଯେ ତାଙ୍କ ସ୍ୱାମୀ ତାଙ୍କୁ ତ୍ୟାଜ୍ୟ କରି ଦେଲେ । ନିଜର ଛୋଟ ପୁଅଟିକୁ ଧରି ବଞ୍ଚିବା ପାଇଁ ସେ ବିଭିନ୍ନ ଜାଗାରେ ଛୋଟ ମୋଟ କାମ କରିବାକୁ ଲାଗିଲେ । ନିଜର କୋଟିପତି ଭାଇଠାରୁ ମଧ୍ୟ ସେ ସାହାଯ୍ୟ ପାଇଲେ ନାହିଁ । ଏପରି ଅବସ୍ଥାରେ ତାଙ୍କର ଜଣେ ମହିଳା ବନ୍ଧୁ ତାଙ୍କୁ ବହୁତ ବୁଝାଇବା ପରେ ସେ ନିଜ ମନକୁ ହାଲ୍‌କା କରି ପୁନର୍ବାର କାର୍ଯ୍ୟରେ ଅଗ୍ରସର ହେଲେ । ବହୁ କଷ୍ଟ କରି ପୁଅକୁ ମଣିଷ କରାଇଲେ । ବଡ଼ ହୋଇ ପୁଅଟି ଭଲ ରୋଜଗାର କଲା । ନିଜର ଘର, ଗାଡ଼ି ସବୁକିଛି ନେଇ ମା ପୁଅ ଖୁସିରେ ରହିଲେ । ମାତ୍ର ପୁଅର ବିବାହ ପରେ ବୋହୂ ପ୍ରତି କଥାରେ ପ୍ରତିବାଦ କରିବାକୁ ଆରମ୍ଭ କଲା । ପୁନଶ୍ଚ ଏହି ମହିଳା ଜଣକ ଦୁଃଖରେ ଭାଙ୍ଗି ପଡ଼ିଲେ । ଏଥରକ ବି ସେହି ପୂର୍ବତନ ବନ୍ଧୁ ଜଣକ ତାଙ୍କୁ ବୁଝାଇଲେ । ସେ ଦେଖିଲେ ତାଙ୍କ ସ୍ୱାମୀ, ଭାଇ ଏବଂ ପୁତ୍ରବଧୂ ସମସ୍ତେ ବେଶ୍ ଖୁସିରେ ଅଛନ୍ତି । କେବଳ ସେ ନିଜେ ହିଁ ଦୁଃଖରେ ଅଛନ୍ତି । ଏଣୁ ନିଜର ସେଇ ମହିଳା ବନ୍ଧୁଙ୍କ ପରାମର୍ଶରେ ପ୍ରତିଦିନ ସେ ଆଧ୍ୟାତ୍ମିକ ପ୍ରବଚନ ଶୁଣିବାକୁ ଲାଗିଲେ ଏବଂ ଧ୍ୟାନ କରିବାକୁ ଅଭ୍ୟାସ କଲେ । ନିଜର ବନ୍ଧୁ ପରିଜନଙ୍କ ସହ ହସଖୁସିରେ ସମୟ ବିତାଇବା ସହିତ ଧୀରେ ଧୀରେ ସେ ଅତୀତକୁ ଭୁଲି ଯିବାକୁ ପ୍ରୟାସ କଲେ । ପରେ ମାନସିକ ବିଶୃଙ୍ଖଳାରୁ ମୁକ୍ତ ହୋଇ ସେ ସ୍ୱାଭାବିକ ଜୀବନଯାପନ କଲେ ଏବଂ ତାଙ୍କର ଅସୁସ୍ଥତା ଦୂର ହୋଇଗଲା ।

**ଦ୍ୱିତୀୟତଃ :** ଜଣେ ଯଦି ଅନୁଭବ କରନ୍ତି ଯେ ତାଙ୍କ ପ୍ରତି ଘୋର ଅନ୍ୟାୟ କରାଯାଉଛି, ତା'ହେଲେ ତାଙ୍କର ମାନସିକ ସ୍ଥିତି ବିଗିଡ଼ିବାରେ ଲାଗେ । ମାତ୍ର ଏଥିରୁ ମୁକୁଳିବା ପାଇଁ ଉପାୟ ଅଛି ।

କୌଣସି ବ୍ୟକ୍ତି ବା ବାହ୍ୟ ଘଟଣା ଜଣକର ଜୀବନକୁ ନଷ୍ଟ କରୁଥିବା କଥା ଏକ ପ୍ରକାର ଦୃଷ୍ଟିକୋଣରୁ ଠିକ୍ ଲାଗୁଥିଲେ ମଧ୍ୟ ଏହାକୁ ପରିବର୍ତ୍ତନ କରିଦେବା ସମ୍ଭବପର । ପ୍ରଥମରେ ବ୍ୟକ୍ତି ଜଣକ ଜାଣିବା ଦରକାର ଯେ ଏ ବିଶ୍ୱରେ ନ୍ୟାୟର ଏକ ମହାଜାଗତିକ ନିୟମ (A universal law of justice) ଅଛି ଯାହାକୁ ଆବାହନ କଲେ ତାହା ନୀରବରେ କାର୍ଯ୍ୟ କରେ । ଏଣୁ ଯଦି ବ୍ୟକ୍ତି ବିଶେଷ ଏକ ଦୃଢ଼ ଓ ମହତ୍ ଭାବନା ସହିତ ଏହି ମହାଜାଗତିକ ନିୟମକୁ ଆବାହନ କରି ନିଜ ଜୀବନରେ କାର୍ଯ୍ୟକାରୀ କରନ୍ତି, ତାଙ୍କର ସମସ୍ତ ଦୁର୍ଭାଗ୍ୟ ଧୀରେ ଧୀରେ ଅପସରି ଯାଏ ।

**ତୃତୀୟତଃ :** କେବେ କେବେ ଏପରି ହୋଇଥାଏ ଯେ ଜଣକ ପ୍ରତି ହୋଇଥିବା ଅନ୍ୟାୟର ପଶ୍ଚାତରେ ରହିଥାଏ ଦିବ୍ୟ ଇଚ୍ଛା ଏବଂ କିଛି ଉତ୍ତମ ଉଦ୍ଦେଶ୍ୟ । ଅର୍ଥାତ୍, ଅନ୍ୟାୟ ମଧ୍ୟରେ କୌଣସି ଗୁପ୍ତ ନ୍ୟାୟ ଲୁକ୍କାୟିତ ଅବସ୍ଥାରେ ଥାଏ । ପ୍ରଥମ ଅବସ୍ଥାରେ ଜଣେ ଦୁଃଖ ଅନୁଭବ କରୁଥିଲେ ମଧ୍ୟ ତା' ପାଇଁ ଆଉ କିଛି ସୁଖଦ ସମ୍ବାଦ ଅପେକ୍ଷା କରିଥାଏ, ଯାହା ପରବର୍ତ୍ତୀ ସମୟରେ ଜଣାପଡ଼େ ।

ଘଟଣାଟିଏ ଘଟି ଥିଲା ଏହିପରି । ଏକଦା ଜଣେ ସରଳ ଓ ନିରୀହ ଯୁବକ ଯୋଶେଫ୍‌ଙ୍କୁ ତାଙ୍କର ଭାଇମାନେ ବିଭିନ୍ନ କାରଣରୁ ଈର୍ଷା କରୁଥିଲେ । ବିଶେଷ କରି ଯେହେତୁ ତାଙ୍କର ସ୍ୱପ୍ନସବୁ ବ୍ୟାଖ୍ୟା କରିବାର ସାମର୍ଥ୍ୟ ଥିଲା । ଥରେ ଯୋଶେଫ୍ ଏକ ସ୍ୱପ୍ନ ଦେଖିଲେ ଯେ ସୂର୍ଯ୍ୟ, ଚନ୍ଦ୍ର ଏବଂ ତାରାମାନେ ତାଙ୍କୁ ଆଶୀର୍ବାଦ କରୁଛନ୍ତି । ପରଦିନ ସେ ଏକଥା ଭାଇମାନଙ୍କୁ

କହିବାରୁ ସେମାନେ ଈର୍ଷାରେ ଜଳିବାକୁ ଲାଗିଲେ ଏବଂ ସୁବିଧା ଦେଖି ଇଜିପଟ୍‌ର ଜଣେ ବ୍ୟବସାୟୀଙ୍କୁ କ୍ରୀତଦାସ ରୂପେ ତାଙ୍କୁ ବିକ୍ରୟ କରି ଦେଲେ । ଘଟଣାକ୍ରମେ ବ୍ୟବସାୟୀ ଜଣକ ଯୋଶେଫ୍‌ଙ୍କୁ ଇଜିପଟ୍‌ର ସମ୍ରାଟ ଫାରୋ (Pharaoh)ଙ୍କର ଜଣେ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ପୁନର୍ବାର ବିକି ଦେଲେ । ଏତିକିରେ ଯୋଶେଫଙ୍କର ଜୀବନ ଯନ୍ତ୍ରଣାର ପରିସମାପ୍ତି ହେଲାନି । କୌଣସି ଏକ ମିଥ୍ୟା ଅଭିଯୋଗରେ ତାଙ୍କୁ କାରାଦଣ୍ଡ ଭୋଗିବାକୁ ହେଲା । କାରବାସ ସମୟରେ ମଧ୍ୟ ତାଙ୍କର ସ୍ୱପ୍ନସବୁ ବ୍ୟାଖ୍ୟା କରିବାର ସାମର୍ଥ୍ୟ ଜାରି ରହିଥାଏ ।

ଥରେ ସମ୍ରାଟ ଫାରୋଙ୍କର ଏକ ସ୍ୱପ୍ନର ଗୂଢ଼ ଅର୍ଥ କ'ଣ ତାହା ତାଙ୍କର ସଭାସଦ୍ ତଥା ବିଜ୍ଞ ବ୍ୟକ୍ତିମାନେ ବ୍ୟାଖ୍ୟା କରି ପାରିଲେ ନାହିଁ । ମାତ୍ର ଜଣେ କର୍ମଚାରୀଙ୍କ ପରାମର୍ଶକ୍ରମେ ବନ୍ଦୀ ଯୋଶେଫ୍‌ଙ୍କୁ ସ୍ୱପ୍ନଟି ସବିଶେଷ ଜଣାଇବାରୁ ସେ ତା'ର ଯଥାର୍ଥ ବ୍ୟାଖ୍ୟା କରି ଦେଇଥିଲେ । ଏଥିରେ ପ୍ରୀତ ଓ ସନ୍ତୁଷ୍ଟ ହୋଇ ସମ୍ରାଟ ଫାରୋ ତାଙ୍କୁ ନିଜର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ଦେଇ ଥିଲେ ।

ଘଟଣାଟି ଏତିକିରେ ଶେଷ ହୋଇ ନ ଥିଲା । ଦିନେ ଯୋଶେଫ୍‌ଙ୍କର ଭାଇମାନେ ଖାଦ୍ୟଶସ୍ୟ କ୍ରୟ କରିବା ନିମନ୍ତେ ଇଜିପଟ୍ ଯାଇଥିଲେ । ସେମାନଙ୍କୁ ଚିହ୍ନି ପାରି ଯୋଶେଫ୍ ସେମାନଙ୍କୁ ନିଜର ପରିଚୟ ଦେଇ ସେମାନଙ୍କ ସହ ଅନ୍ତରଙ୍ଗ ଆଳାପ ଆଲୋଚନା କରୁଥିବା ବେଳେ କହିଥିଲେ ଯେ ବାସ୍ତବରେ ସେମାନେ ତାଙ୍କୁ ବିକ୍ରୟ କରି ନ ଥିଲେ ବରଂ ସ୍ୱୟଂ ଭଗବାନ୍ ହିଁ ଏଇ କାର୍ଯ୍ୟ କରିଥିଲେ ତାଙ୍କୁ ଏପରି ଏକ ସ୍ଥାନରେ ଅବସ୍ଥାପିତ କରିବା ପାଇଁ ।

**ଚତୁର୍ଥତଃ :** କେତେକ ସମୟରେ ଦିବ୍ୟ ପ୍ରେମର ଆବାହନ ଦ୍ୱାରା ଅନ୍ୟାୟକୁ ନିଷ୍ଫଳ ବା ନିରପେକ୍ଷ କରାଯାଇ ପାରେ । ଫଳରେ ଜୀବନ ପରିବର୍ତ୍ତିତ ହୋଇ ସଫଳତା ପ୍ରାପ୍ତ ହୁଏ ।

ଏଣୁ ନିଜ ମନକୁ ଶାନ୍ତ ରଖି ଭଗବାନଙ୍କର ଦିବ୍ୟ ଇଚ୍ଛା ପୂରଣ ପାଇଁ ସର୍ବଦା ପ୍ରାର୍ଥନା କରିବା ଦରକାର । ଏପରିକି ନିଜକୁ ନିଜେ କହି ହୁଅ – ମୁଁ କାହାରିକୁ ସମାଲୋଚନା କରୁ ନାହିଁ, କାହାରି ତ୍ରୁଟି ଦେଖୁ ନାହିଁ, କାହାରିକୁ ନିନ୍ଦା କରୁ ନାହିଁ କିଂବା ମୁଁ ସମାଲୋଚିତ ବା ନିନ୍ଦିତ ହେଉ ନାହିଁ । ମୋର ପ୍ରତିଶୋଧ ପରାୟଣ ଭାବନା ନାହିଁ । ମୁଁ ଭଗବାନଙ୍କର କୃପାରୁ ମଣିଷ ସମାଜ ସହ ଶାନ୍ତିରେ ଅଛି । ମୁଁ ଅନ୍ୟମାନଙ୍କୁ କ୍ଷମା କରୁଛି । ଭଗବାନ୍ ମୋର ସମସ୍ତ ଭୁଲ୍ ପାଇଁ କ୍ଷମା କରୁଛନ୍ତି । ଏପରି ହେଲେ ଜଣକର ମାନସିକ ସ୍ତରରେ ବହୁତ କିଛି ପରିବର୍ତ୍ତନ ଦେଖାଯିବ ଏବଂ ତାକୁ ସୁସ୍ଥତା, ସମୃଦ୍ଧି ଓ ଶାନ୍ତି ଅନୁସରଣ କରିବ । ତେବେ ମନୁଷ୍ୟ କ'ଣ ସେଥିପାଇଁ ନିଜକୁ ପ୍ରସ୍ତୁତି କରୁଛି କି ?

(କ୍ରମଶଃ)

❑❑❑


**ତଥ୍ୟ ନିର୍ଦ୍ଦେଶିକା :**

୧. 'The Healing Secret of the Ages' by Catherine Ponder, P. 14, Published by Parker Publishing Company.

୨. 'Bach Flower Remedies' by Dr. D. S. Vohra, P. 15, Published by Kuldeep Jain.


## ଭ୍ରମ ସଂଶୋଧନ

ଗତ ଜାନୁଆରୀ (୨୦୨୧) ସଂଖ୍ୟା 'ନବପ୍ରକାଶ'ରେ ପୃଷ୍ଠା ୪୪ ର ପ୍ରଥମ ସ୍ତମ୍ଭର ପ୍ରଥମ ଅନୁଚ୍ଛେଦରେ 'ଲାଟିନ୍ ପଦ Suicerusରୁ Suicere ପଦଟି ଉଦ୍ଧୃତ' ହେବା ପରିବର୍ତ୍ତେ 'ଲାଟିନ୍ ପଦ Sine Cera ରୁ Sincere ପଦଟି ଉଦ୍ଧୃତ' ହେବ । ଉପରୋକ୍ତ ମୁଦ୍ରଣଗତ ତ୍ରୁଟିକୁ ପାଠକମାନେ ମାର୍ଜନା କରିବାକୁ ଅନୁରୋଧ ।

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୧୦)

## ଗୟାଧର ଦାଶ

### ଶିଶୁର ଆବଶ୍ୟକତା

ଶିଶୁର ବୟସୋପଯୋଗୀ ବିଭିନ୍ନ ଆବଶ୍ୟକତା ଉପରେ ପ୍ରତ୍ୟେକ ମାତାପିତା ଓ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କର ଜ୍ଞାନ ରହିବା ଏକାନ୍ତ ଆବଶ୍ୟକ । ଶିଶୁ ଏକ ବର୍ଦ୍ଧିଷ୍ଣୁ ସତ୍ତା, ଏକ କୋମଳ କଳି ପରି । ଯଥାର୍ଥ ଆବଶ୍ୟକତାଗୁଡ଼ିକ ଉପଲବ୍ଧ ନ ହେଲେ କଳିଟି ମଧ୍ୟ ବିକଶିତ ହୋଇ ପାରେନା । ତେଣୁ ଆବଶ୍ୟକତା-ଗୁଡ଼ିକୁ ଜାଣି ଏବଂ ବିଚାର କରି ଯଥା ସମୟରେ ଯୋଗେଇ ଦେଲେ ଶିଶୁଟି ସ୍ୱାଭାବିକ ଭାବେ ଖୁସି ହୁଏ ଏବଂ ସ୍ୱାଭାବିକ ଭାବେ ଅଗ୍ରଗତି କରେ । ଏହା ଯଦି ପୂରଣ ନ ହୁଏ ତେବେ ତାହା ପାଇବା ପାଇଁ ପିଲାଟି ଅନ୍ୟ ପନ୍ଥାର ଆଶ୍ରୟ ନିଏ । ସେସବୁକୁ ଉପେକ୍ଷା କଲେ ତା'ର ପରିଣାମ ଦୁଇ ପ୍ରକାର ହୋଇଥାଏ । ପ୍ରଥମତଃ ଆବଶ୍ୟକତାଗୁଡ଼ିକ ପୂରଣ ନ ହେଲେ ପିଲାଟି ଅସ୍ଥିର ହୁଏ, ଦୁଷ୍ଟାମି କରେ, ଚିଡ଼ିଚିଡ଼ା ପ୍ରକୃତି ବୃଦ୍ଧି ପାଏ, ବିଦ୍ରୋହ କରେ ଏବଂ ନାନା ଖରାପ ଅଭ୍ୟାସ ଓ ପ୍ରବୃତ୍ତିମାନ ଦେଖାଦିଏ । ପିଲାଟି ଜିଦ୍‌ଖୋର ହୋଇଯାଏ ଏବଂ ପରୋକ୍ଷରେ ଆବଶ୍ୟକତାଗୁଡ଼ିକୁ ପାଇବା ପାଇଁ ସେ ମିଥ୍ୟା ଓ ଅନ୍ୟାୟ ପନ୍ଥାର ଆଶ୍ରୟ ନିଏ, ଯାହା ଫଳରେ ପିଲାର ଚରିତ୍ରରେ ନାନା ବିଚ୍ୟୁତି ଓ ବିକୃତି ଦେଖାଦିଏ । ସେ ଛଳନା, ପ୍ରତାରଣା, ମିଥ୍ୟା, ଚୋରୀ, ଠକାମି ଆଦିକୁ ପ୍ରଶ୍ରୟ ଦିଏ । ଦ୍ୱିତୀୟତଃ କେତେକ ବିଶେଷ ଆବଶ୍ୟକତାକୁ ପୂରଣ କରିବାରେ ଅବହେଳା କଲେ ପରିଣାମ ଆହୁରି ଭୟାନକ ହୋଇଥାଏ । ଆବଶ୍ୟକ ପୋଷଣ ନ ପାଇ ପିଲାଟି ଠିକ୍ ଭାବେ ବଢ଼ିପାରେ ନାହିଁ, ତା'ର ବିକାଶ ବ୍ୟାହତ ହୁଏ ଏବଂ ସେ ଅକର୍ମଣ୍ୟ ହୋଇ ଯିବାର ସମ୍ଭାବନା ଥାଏ ।

ଶିଶୁର ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ ସମାଜ ସଂସ୍ପର୍ଶରେ ଆସେ । ଅନ୍ୟମାନଙ୍କ ସହିତ ମିଶେ ଏବଂ ନାନା ପରିସ୍ଥିତିର ସମ୍ମୁଖୀନ ହୁଏ । ତେଣୁ ଧୀରେ ଧୀରେ ତା'ର ଅନେକ କୃତ୍ରିମ ଆବଶ୍ୟକତା ବା ଖିଆଲମାନ ବୃଦ୍ଧି ପାଏ । ଏହା ବି ଠିକ୍ ନୁହେଁ ଯେ ପିଲା ଯାହା ଚାହିଁବ ବା ସେ ତା'ର ଖିଆଲ ବା ଖୁସି ପାଇଁ ଯାହା ଦାବି କରିବ ସେସବୁକୁ ମାତାପିତା ଯୋଗାଇ ଦେବେ । ଏହି ପରିସ୍ଥିତିରେ ଯେଉଁ ମାତାପିତା ପିଲାର ଯାବତୀୟ ଖିଆଲଗୁଡ଼ିକୁ ପୂରଣ କରିବାରେ ଲାଗନ୍ତି, ସେମାନେ ପରୋକ୍ଷରେ ପିଲାର ଅନିଷ୍ଟ ସାଧନ କରନ୍ତି ।

ପିଲାର ଅନେକ ପ୍ରକାରର ଆବଶ୍ୟକତା ରହିଛି । ଆବଶ୍ୟକତାଗୁଡ଼ିକ ସ୍ୱାଭାବିକ ହୋଇପାରେ କିଂବା ମନଗଢ଼ା ହୋଇପାରେ, ଯଥାର୍ଥ ହୋଇପାରେ କିଂବା ଅଯଥାର୍ଥ ହୋଇପାରେ । ଆବଶ୍ୟକତା ମଧ୍ୟରେ କେତେକ ସାଧାରଣ ଆବଶ୍ୟକତା ରହିଛି ଏବଂ କେତେକ ବ୍ୟକ୍ତିଗତ ଆବଶ୍ୟକତା ମଧ୍ୟ ରହିଛି । ଶାରୀରିକ, ପ୍ରାଣିକ, ମାନସିକ ଓ ଚୈତ୍ୟିକ ବିକାଶ ପାଇଁ ଭିନ୍ନ ଭିନ୍ନ ସ୍ତରରେ ଆବଶ୍ୟକତାଗୁଡ଼ିକ ଭିନ୍ନ ଭିନ୍ନ ହୋଇଥାଏ । ଅବଶ୍ୟ ଏହି ଆବଶ୍ୟକତାଗୁଡ଼ିକୁ ଜାଣିବା ସହଜ ନୁହେଁ, ତଥାପି ମାତାପିତା ଓ ଶିକ୍ଷାଦାତାମାନେ ଧୈର୍ଯ୍ୟର ସହ ପିଲାର ପ୍ରତିଟି କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ ଓ ନିରୀକ୍ଷଣ କରିବା ସହ ତା'ର ସ୍ୱଭାବ, ଆଗ୍ରହ, ବୟସ ଓ ପରିସ୍ଥିତି ଆଦିକୁ ଠିକ୍ ଭାବେ ଅଧ୍ୟୟନ କରିବା ଆବଶ୍ୟକ । ପିଲାକୁ ଶ୍ରଦ୍ଧାର ସହ ବୁଝାଇବା ଏବଂ ତା'ର ମତାମତ ଲୋଡ଼ି ଉଚିତ ପଦକ୍ଷେପ ନେବା ଶ୍ରେୟସ୍କର । ପ୍ରକୃତରେ ପିଲାଟିର କ'ଣ ଦରକାର ଯାହା ତା'ର ଅଗ୍ରଗତିରେ ସାହାଯ୍ୟ କରିବ, ତାହା ଯଦି ପିଲାଟି ନିଜେ ବିଚାର କରିବାକୁ ସମର୍ଥ ହୁଏ ତେବେ ଅନେକ ସମସ୍ୟାର ସମାଧାନ ହୋଇଥାଏ । ପିଲାର ଖିଆଲଗୁଡ଼ିକୁ ଯଦି ପୂରଣ କରାଯାଏ ତେବେ ତା'ର ସୀମା ରହିବ ନାହିଁ ବରଂ ପ୍ରତିଦିନ ତାହା ବଢ଼ି ଚାଲିବ । କୃତ୍ରିମ ଆବଶ୍ୟକତାଗୁଡ଼ିକ ପ୍ରାୟ ପରିସ୍ଥିତିରୁ ଏବଂ ବଡ଼ମାନଙ୍କର ଜୀବନଶୈଳୀ, ଆଚରଣ ବା ସମାଜର ପ୍ରଭାବରୁ ଉପୁଜି ଥାଏ । ନିଜକୁ ଦେଖେଇ ହେବା, ବିଭିନ୍ନ ଜିନିଷପତ୍ରରେ ଲାଗିବା, ଗୋଟିଏ କାର୍ଯ୍ୟ ଛାଡ଼ି ଅନ୍ୟ କାର୍ଯ୍ୟରେ ଲାଗିବା, ଅନ୍ୟର ଦୃଷ୍ଟି ଆକର୍ଷଣ କରିବା, ଚଞ୍ଚଳ ହେବା, ଚୁପ୍ ହୋଇ ବସିବା, ଭଙ୍ଗାରୁଜା କରିବା ଆଦିରେ ପିଲାଟିର କୃତ୍ରିମ ଆବଶ୍ୟକତାଗୁଡ଼ିକ ଫୁଟି ଉଠେ । ଯଦି ବଡ଼ମାନେ ଏସବୁ

କାମରେ ହସ୍ତକ୍ଷେପ କରନ୍ତି ତେବେ ପିଲାଟିର ଖିଆଲି ସ୍ୱଭାବଟି କ୍ରିୟାଶୀଳ ହୋଇଥାଏ ଏବଂ କୃତ୍ରିମ ଆବଶ୍ୟକତାଗୁଡ଼ିକ ବଢ଼ି ଚାଲେ । ଏହି କ୍ଷେତ୍ରରେ ମାତାପିତା ଓ ଶିକ୍ଷାଦାତା ସମସ୍ତେ ପିଲାର ମନସ୍ତତ୍ତ୍ୱକୁ ଗଭୀର ଭାବରେ ଅଧ୍ୟୟନ କରିବା ଉଚିତ । ମୂଳ କାରଣଟି ଆବିଷ୍କାର କରି ତା'ର ସମାଧାନ କରିବାକୁ ହେବ । ପିଲାଟି ଯେତେବେଳେ ନିଜ ଶିକ୍ଷାର ଦାୟିତ୍ୱ ନିଜେ ବହନ କରିବ ସେତେବେଳେ ନିଜ ପାଇଁ କ'ଣ ସବୁ ଦରକାର ସେ ତାହା ବିଚାର କରିବାକୁ ସମର୍ଥ ହୋଇପାରିବ କାରଣ ସେ ସେତେବେଳେ ନିଜର ବିବେକ ଦ୍ୱାରା ପରିଚାଳିତ ହୋଇ ଯାହାକିଛି କରିଥାଏ ।

ପିଲାଟିର ସ୍ୱତନ୍ତ୍ରତାକୁ ଯଦି ଆମେ ସହଜରେ ଗ୍ରହଣ କରିନେବା ତେବେ ତା' ପାଇଁ କ'ଣ ଯଥାର୍ଥ ଓ ଅଯଥାର୍ଥ ତାହା ବିଚାର କରିବା କଷ୍ଟସାଧ । କିନ୍ତୁ ଆମକୁ ଏହା ଦେଖିବାକୁ ପଡ଼ିବ ଯେ ପିଲାଟିର ସ୍ୱତନ୍ତ୍ରତା ଯେପରି ଉଚ୍ଛୃଙ୍ଖଳତାରେ ପରିଣତ ନ ହୁଏ । ତେବେ ଯାଇ ପିଲା ଶାନ୍ତ ଓ ନମ୍ର ହୋଇ ନିଜର ଆବଶ୍ୟକତାଗୁଡ଼ିକୁ ବାଛି ପାରିବ । ସେ କ୍ଷେତ୍ରରେ ଗୋଟିଏ ପିଲା ପାଇଁ ଯାହା କୃତ୍ରିମ ଅନ୍ୟ ପିଲା ପାଇଁ ତାହା ଯଥାର୍ଥ ହୋଇପାରେ । ତେଣୁ ଯଥାର୍ଥ ଆବଶ୍ୟକତାଗୁଡ଼ିକୁ ଜାଣିବା ପାଇଁ ଆମକୁ ଅନେକ ପ୍ରୟାସ କରିବାକୁ ପଡ଼ିବ । ପ୍ରକୃତରେ ପିଲାଟି ନିଜର ଆବଶ୍ୟକତାଗୁଡ଼ିକୁ ନିଜେ ପୂରଣ କରିଥାଏ । ମାତାପିତା ଓ ଶିକ୍ଷକର କର୍ତ୍ତବ୍ୟ ହେଲା ଯେଉଁ ପରିସ୍ଥିତିରେ ରହିଲେ ପିଲାଟି ତା'ର ଆବଶ୍ୟକତାଗୁଡ଼ିକୁ ପୂରଣ କରିବାରେ ସମର୍ଥ ହୋଇ ପାରିବ ସେପରି ପରିବେଶ ତାକୁ ଯୋଗାଇ ଦେବା । ଯଥାର୍ଥ ପରିବେଶ ହିଁ ଯଥାର୍ଥ ଆବଶ୍ୟକତାଗୁଡ଼ିକୁ ସୂଚାଇ ଥାଏ । ବାହାର ସମ୍ପର୍କ ଓ ପରିସ୍ଥିତିରୁ ପିଲାଙ୍କ ମନରେ ଅନେକ ଆଶା ଓ ନିରାଶା ସୃଷ୍ଟି ହୁଏ । ଅନେକ ନିଜର ଜ୍ଞାନ, ବୁଦ୍ଧି, ଶକ୍ତି ପ୍ରୟୋଗ କରି ସେସବୁ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି । ତେଣୁ ଆମକୁ ପିଲାର ଆବଶ୍ୟକତା ଉପରେ ବେଶୀ ଦୃଷ୍ଟି ନ ଦେଇ ଯଥାର୍ଥ ପରିବେଶ ସୃଷ୍ଟି କରିବା ଉପରେ ଦୃଷ୍ଟି ଦେବା ସମୀଚୀନ ଅଟେ । ପିଲା ଅନୁକୂଳ ପରିବେଶଟିଏ ପାଇଲେ ନିଜର ଆବଶ୍ୟକତାକୁ ବାଛି ନିଏ କାରଣ ବୟସ୍କମାନଙ୍କ ପରି ଶିଶୁର କୌଣସି ଖରାପ ଅଭ୍ୟାସ, ଖିଆଲ ଓ କାମନାବାସନା ନ ଥାଏ । ପ୍ରେମ ଓ ବନ୍ଧୁତାର ବାତାବରଣ ମଧ୍ୟରେ ପିଲାଟି ସ୍ୱତଃସ୍ଫୂର୍ତ୍ତ ଭାବେ ବଢ଼ିଚାଲେ ଏବଂ ସ୍ୱାଧୀନ ଭାବରେ ବିଚରଣ କରେ । ସେ ନିଜର ଖିଆଲର ବଶବର୍ତ୍ତୀ ନ ହୋଇ ଯଥାର୍ଥ ଆବଶ୍ୟକତାଗୁଡ଼ିକୁ ବାଛିନିଏ ଏବଂ ଯାହା ତା' ପାଇଁ କ୍ଷତିକାରକ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରେ ।

**(୧) ବ୍ୟକ୍ତିଗତ ଆବଶ୍ୟକତା :** ପିଲାର ଅନେକ ବ୍ୟକ୍ତିଗତ ଆବଶ୍ୟକତା ରହିଛି ଯାହା ଶରୀର, ପ୍ରାଣ ଓ ମନର ବୃଦ୍ଧି ଅନୁସାରେ ପ୍ରତ୍ୟେକ ପିଲା ପାଇଁ ଭିନ୍ନ ହୋଇଥାଏ । କେତେକ କ୍ଷେତ୍ରରେ ଶରୀରର ଅଙ୍ଗ ପ୍ରତ୍ୟଙ୍ଗରେ ଥିବା ତ୍ରୁଟି, ଇନ୍ଦ୍ରିୟମାନଙ୍କର ବିକୃତି, ମାନସିକ ବିକୃତି, ଖରାପ ଅଭ୍ୟାସ, ଆଚରଣଗତ ଏବଂ ଆବେଗଗତ ତ୍ରୁଟିମାନ ରହିଥାଏ । ସେସବୁକୁ ଜାଣିବା ଏବଂ ସେଗୁଡ଼ିକର ପ୍ରତିକାର ସକାଶେ ଆବଶ୍ୟକ ପଦକ୍ଷେପ ନେବା ବାଞ୍ଛନୀୟ ।

**(୨) ଭୌତିକ ବା ଶାରୀରିକ ଆବଶ୍ୟକତା :** ପିଲାକୁ ଲାଳନପାଳନ କରିବାକୁ ହେଲେ ତା'ର ଖାଦ୍ୟ, ପୋଷାକ, ବିଶ୍ରାମ ଓ ବ୍ୟାୟାମ ଉପରେ ନଜର ଦେବାକୁ ହେବ । ଏ କ୍ଷେତ୍ରରେ କୃପଣତା ରହିବ ନାହିଁ କି ଆତିଶଯ୍ୟ ରହିବ ନାହିଁ ।

**(୩) ମନସ୍ତାତ୍ତ୍ୱିକ ଆବଶ୍ୟକତା :** ପିଲାର ମନସ୍ତତ୍ତ୍ୱକୁ ଜାଣି ସେହି ଅନୁସାରେ ତା'ର ଆବଶ୍ୟକତାକୁ ପୂରଣ କରିବା ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାର ଏକ ବିଶେଷ ଦିଗ । ଖୁବ୍ କମ୍ ମାତାପିତା, ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ପିଲାର ଏହି ମନସ୍ତାତ୍ତ୍ୱିକ ଆବଶ୍ୟକତା ପ୍ରତି ନଜର ରଖିଥାଆନ୍ତି । ସେଗୁଡ଼ିକୁ ଜାଣିବାକୁ ହେଲେ ପିଲାଟି ସହିତ ବ୍ୟକ୍ତିଗତ ଭାବେ ମିଶି ଗଭୀରଭାବେ ତା'ର କାର୍ଯ୍ୟ, କଥା ଓ ଚିନ୍ତାକୁ ନିରୀକ୍ଷଣ କରିବାକୁ ପଡ଼ିବ । ମନସ୍ତତ୍ତ୍ୱକୁ ଜାଣିଲେ ପିଲାଟି କ'ଣ ଚାହୁଁଛି, କେଉଁଥିରେ ତା'ର ଆଗ୍ରହ ଅଛି, ତା'ର ଇଚ୍ଛା, ଅନିଚ୍ଛା, ପସନ୍ଦ, ଅପସନ୍ଦଗୁଡ଼ିକୁ ଜାଣି ହୁଏ । ଏହି କ୍ଷେତ୍ରରେ ପିଲାଟି ଯଦି ଉପଯୁକ୍ତ ଖୋରାକ ନ ପାଏ ତେବେ ସେ ଅମାନିଆ ହୋଇଥାଏ ଏବଂ ଅନେକ ସମୟରେ ପିଲାଟିର ଖରାପ ଅଭ୍ୟାସମାନ ସୃଷ୍ଟି ହୁଏ ଓ ମାନସିକ ବିକୃତି ଦେଖାଦିଏ । ଅନ୍ୟ ପିଲାମାନଙ୍କ ସହ ତୁଳନା କରି ପିଲାଟି ଯେତେବେଳେ ନିଜକୁ ଅଧମ ବା ନ୍ୟୂନ ବୋଲି ଭାବେ କିଂବା ସେ ଯଦି ତା'ର ଚାହିଦା ମୁତାବକ ସୁବିଧା ଓ ସୁଯୋଗ ନ ପାଏ ଏବଂ ସେଥିପାଇଁ ଅନ୍ତର୍ନିହିତ ପ୍ରତିଭାଗୁଡ଼ିକ ବିକଶିତ ହୋଇପାରୁ ନାହିଁ ବୋଲି ଯଦି ସେ ଅନୁଭବ କରେ ତେବେ ପିଲାଟି ଆଗକୁ ବଢ଼ିପାରେ ନାହିଁ । ତା' ଭିତରେ ଅସନ୍ତୋଷର ଅଗ୍ନି ଜଳି ଉଠେ ଏବଂ ସେ ବିଦ୍ରୋହ କରେ । ତା'ର ପ୍ରାଣଶକ୍ତିଟି କ୍ରିୟାଶୀଳ ହୋଇ ଅନ୍ୟଦିଗକୁ ଗତି

କରେ ଏବଂ ସେ ବିପଥଗାମୀ ହେବାର ସମ୍ଭାବନା ଥାଏ । ନିଜର ଆଶା ଓ ଅଭିଳାଷ ପୂରଣ ହୋଇପାରୁ ନ ଥିବାର ଦେଖି ସେ ହତାଶା, ନିରାଶା ମଧ୍ୟରେ କାଳ କାଟେ ଏବଂ ଅନେକ ସ୍ଥଳରେ ଏହି ପ୍ରକାର ପରିସ୍ଥିତି ଯୋଗୁଁ ପିଲାଟିର ଚରିତ୍ର ନଷ୍ଟ ହୋଇଯାଏ । ତେଣୁ ପ୍ରତ୍ୟେକ ମାତାପିତା ପିଲାଟିର ମନକୁ ଅଧ୍ୟୟନ କରି, ତା' ମନର ପରାମର୍ଶ ନେଇ ତା'ର ଅଭିବୃଦ୍ଧି ସକାଶେ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ଦିଗରେ ତତ୍ପରତା ପ୍ରକାଶ କରିବା ଉଚିତ ।

**(୪) ଆବେଗଗତ ଆବଶ୍ୟକତା :** ଆବେଗଗତ ଆବଶ୍ୟକତା ହେଉଛି ପିଲାର ମୌଳିକ ଅଧିକାର । ସବୁପ୍ରକାର ଆବଶ୍ୟକତା ମଧ୍ୟରେ ଏହି ଆବଶ୍ୟକତାର ଛାପ ପଡ଼ିଥାଏ । ଏହି ଆବଶ୍ୟକତାଗୁଡ଼ିକ ହେଲା ସ୍ନେହ, ଶ୍ରଦ୍ଧା, ମମତା ଓ ସହାନୁଭୂତି ଆଦି । ଏଗୁଡ଼ିକ ବାହାରେ ମିଳେ ନାହିଁ କି ବଜାରରେ ବିକ୍ରି ହୁଏ ନାହିଁ । ଏଗୁଡ଼ିକ ସ୍ୱତଃସ୍ଫୂର୍ତ୍ତଭାବେ ବିକଶିତ ହୁଏ । ଗୋଟିଏ ହୃଦୟ ସହ ଅନ୍ୟ ହୃଦୟର ମିଳନ, ଆତ୍ମା ସହିତ ଆତ୍ମାର ସମ୍ପର୍କଟି ଯଥାର୍ଥ ହେଲେ ପ୍ରେମ ଓ ସହାନୁଭୂତିଟି ବିକଶିତ ହୁଏ । ପିଲାକୁ ଅତ୍ୟଧିକ ଗେହ୍ଲା କରିବା, ତା'ର ଯାବତୀୟ ଖିଆଲଗୁଡ଼ିକୁ ପୂରଣ କରିବା ବା ସେ ଦିଗରେ ଉତ୍ସାହିତ କରିବା କେବେ ବି ପ୍ରକୃତ ପ୍ରେମର ପରିଚୟ ଦିଏନା । ଏପରିକି ପିଲାଟିକୁ ଦୁର୍ବଳ ଭାବି, ଛୋଟ ପିଲା ଭାବି ତା'ର ପ୍ରତ୍ୟେକଟି ତ୍ରୁଟି ପ୍ରତି ଦୟା ବା ସହାନୁଭୂତି ପ୍ରଦର୍ଶନ କରିବା ମଧ୍ୟ ପ୍ରକୃତ ସହାନୁଭୂତି ନୁହେଁ । ଶୁଦ୍ଧ ପ୍ରେମରେ ଦାବି, ପ୍ରତ୍ୟାଶା, ଅଧିକାର, ଆସକ୍ତି, ଅହଂକାର ଆଦିର ସ୍ଥାନ ନ ଥାଏ । ପ୍ରେମ ହିଁ ତ୍ୟାଗ, ନିଃସ୍ୱାର୍ଥପରତା, ହୃଦୟର ମହାନୁଭବତା, ସଙ୍ଗତି, ଶାନ୍ତି ଓ ଆନନ୍ଦକୁ ବହନ କରେ । ତେଣୁ ଆବେଗଗତ ଆବଶ୍ୟକତାଗୁଡ଼ିକୁ ଜାଣିବା ଏବଂ ସେଗୁଡ଼ିକୁ ପୂରଣ କରିବା ଦିଗରେ ଆମେ ଅଧିକ ସତର୍କ ଓ ଯତ୍ନବାନ୍ ହେବା ଉଚିତ । ପିଲାଙ୍କର ଅଗ୍ରଗତି ସକାଶେ ଆମ ପାଖରେ ଯଥେଷ୍ଟ ସମୟ ରହିବା ଆବଶ୍ୟକ । ନିଜେ ଅଗ୍ରଗତି କରିବା ସହ ପିଲାଟି ତା'ର ଆତ୍ମ-ଆବିଷ୍କାର, ଆତ୍ମ-କର୍ତ୍ତୃତ୍ୱ ଲାଭ ଦିଗରେ କିପରି ସର୍ବଦା ଅଗ୍ରଗତି କରିପାରିବ ସେଥିପ୍ରତି ଯତ୍ନଶୀଳ ହେବା ଉଚିତ । ଏହା କେବଳ ସମ୍ଭବ ହୋଇପାରିବ ଯଦି ମାତାପିତା ଓ ପିଲାଙ୍କ ମଧ୍ୟରେ ମଧୁର ସମ୍ପର୍କ ରହେ । ଏହି ସମ୍ପର୍କ ବିଶ୍ୱାସ, ଶ୍ରଦ୍ଧା, ଅନୁରାଗ ଉପରେ ପ୍ରତିଷ୍ଠିତ ହେବା ଉଚିତ । ବାରଂବାର ଶାସନ କରିବା, କଡ଼ା କଥା କହିବା, ଗାଳିଦେବା, ଦଣ୍ଡଦେବା, କାର୍ଯ୍ୟକୁ ନାପସନ୍ଦ କରି ବାରଂବାର ବାରଣ କରିବା ଦ୍ୱାରା ପିଲାଟି ହତୋତ୍ସାହିତ ହୋଇଥାଏ ଏବଂ ତା'ଠାରେ ଭୟ, ଆଶଙ୍କା, ନ୍ୟୂନଭାବ ଆଦି ଜାତ ହୁଏ । ତେଣୁ ଏସବୁରୁ ବିରତ ହେବା ଶ୍ରେୟସ୍କର । ଅନ୍ୟପକ୍ଷରେ ତା' ସହିତ ଖୁସିରେ ଗପସପ ହେବା, ନରମ କଥା କହି ଘନିଷ୍ଠତା ପ୍ରତିଷ୍ଠା କରିବା, ଶାନ୍ତ ଓ କୋମଳ ଭାବ ରଖିବା, ଆଦର୍ଶ ଆଚରଣ ପ୍ରଦର୍ଶନ କରିବା, ତା'ଉପରେ ବିଶ୍ୱାସ ଓ ଆସ୍ଥା ରଖିବା, ତା'ର କଥା, ଚିନ୍ତା, କାର୍ଯ୍ୟ ଓ ଆବେଗକୁ ସମ୍ମାନ ଦେବା, ଆତ୍ମୀୟତା ବୃଦ୍ଧି କରିବା, ତା'ର ଯଥାର୍ଥ ପଦକ୍ଷେପରେ ଉତ୍ସାହିତ କରିବା, ବିଫଳତାରେ ଆଶା ଓ ଭରସା ଦେବା, ତା' ଭିତରେ ଥିବା ସାମର୍ଥ୍ୟ ପ୍ରତି ତାକୁ ଅବଗତ କରାଇବା ଏବଂ ତା'ର ସ୍ୱଭାବକୁ ଜାଣି ସେ ଦିଗରେ ପରିଚାଳିତ କରିବା ଆଦି ଦ୍ୱାରା ପିଲାଟିର ଆବେଗଗତ ଆବଶ୍ୟକତାଗୁଡ଼ିକ ପୂରଣ ହୋଇଥାଏ ।

ପିଲାଟିର ଆବେଗଗତ ଆବଶ୍ୟକତାଗୁଡ଼ିକ ପୂରଣ ହେଲେ ସେ ନିଜକୁ ନ୍ୟୂନ ମନେ କରେନା, ଏକୁଟିଆ ଓ ଅସୁରକ୍ଷିତ ବୋଲି ଅନୁଭବ କରେନା, ନିଜର ଦୁର୍ବଳତାକୁ ସ୍ୱୀକାର କରେନା, ଶାରୀରିକ ଅସୁସ୍ଥତା ଓ ଅକ୍ଷମତାକୁ ଅଗ୍ରଗତିର ପ୍ରତିବନ୍ଧକ ରୂପେ ଗ୍ରହଣ କରେନା । ବରଂ ସେ ନିଜର ଶକ୍ତି ଓ ସାମର୍ଥ୍ୟ ଉପରେ ଆସ୍ଥା ସ୍ଥାପନ କରେ ଏବଂ ସକଳ ପରିସ୍ଥିତିକୁ ସାହସର ସହିତ ସମ୍ମୁଖୀନ ହେବାକୁ ଆଗଭର ହୁଏ ।

ଅନ୍ୟପକ୍ଷରେ ପିଲାଟି ଆମକୁ ମଧ୍ୟ ନିରୀକ୍ଷଣ କରେ, ଆମର ପ୍ରତିଟି ଚାଲିଚଳନ, କଥାବାର୍ତ୍ତା, ଆଚାରବ୍ୟବହାର, ଇଙ୍ଗିତ, ନିର୍ଦ୍ଦେଶ, ଭାବ, ଅନୁଭବ, କ୍ରିୟାପ୍ରତିକ୍ରିୟା ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖେ ଏବଂ ଆବଶ୍ୟକ ସ୍ଥଳେ ସେଥିପ୍ରତି ସଜାଗ ହେବା ପାଇଁ ସେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ପରାମର୍ଶ ଦିଏ । ସେ କ୍ଷେତ୍ରରେ ଆମେ ମିଜାଜ ଖରାପ ନ କରି, ଗାଳି ନ ଦେଇ ଓ ସମାଲୋଚନା ନ କରି ଧୈର୍ଯ୍ୟ ଓ ସହାନୁଭୂତିର ସହ ନିଜକୁ ନିୟନ୍ତ୍ରଣରେ ରଖିବା, ନିଜର ତ୍ରୁଟିଗୁଡ଼ିକୁ ସଂଶୋଧନ କରିବା ପାଇଁ ପ୍ରୟାସ କରିବା ଏବଂ ତା' ପ୍ରତି ସହୃଦୟ ହେବା ଓ ତା'ର ଏ ପ୍ରକାର ସାହାଯ୍ୟ ପାଇଁ କୃତଜ୍ଞତା ଜଣାଇବା ସର୍ବୋତ୍ତମ ଅଟେ ।

ବାଲ୍ୟାବସ୍ଥା ପରେ ଯୌବନାବସ୍ଥା ଆସେ । ଏହି ସମୟରେ ପୁଅ ଝିଅଙ୍କର ଶାରୀରିକ, ପ୍ରାଣିକ ଓ ମାନସିକ ସ୍ତରରେ ଅନେକ ପରିବର୍ତ୍ତନ ଆସେ । ପିଲାଟି ନିଜର ଅନୁଭବ,

ଆଗ୍ରହ, ଆବେଗ, ସମ୍ବେଦନ ଓ ପ୍ରବୃତ୍ତିଗୁଡ଼ିକୁ ବୁଝିବାକୁ ଚେଷ୍ଟା କରେ । ନିଜର ସ୍ୱଭାବ ସହିତ କ୍ରିୟା ଓ ପ୍ରତିକ୍ରିୟାରେ ସାମଞ୍ଜସ୍ୟ ରଖିବାକୁ ପ୍ରୟାସ କରେ । ନିଜ ଭିତରୁ ସମସ୍ୟାର ସମାଧାନ ଖୋଜିବାକୁ ଚେଷ୍ଟା କରେ । ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କ ସହିତ ଏବଂ ବିଭିନ୍ନ ଅନୁଷ୍ଠାନ ସହିତ ସମ୍ପର୍କ ସ୍ଥାପନ କରିବାକୁ ଆଗଭର ହୁଏ । ଏ ବୟସରେ ସେ ଅନେକ ସ୍ୱପ୍ନ ଦେଖେ ଏବଂ ସେହି ସ୍ୱପ୍ନକୁ ସାକାର କରିବା ପାଇଁ ତତ୍ପରତା ପ୍ରକାଶ କରେ । ସେ ନିଜକୁ, ସମାଜକୁ, ବିଶ୍ୱପ୍ରକୃତି ଏବଂ ଈଶ୍ୱରଙ୍କୁ ବୁଝିବାକୁ ଚେଷ୍ଟା କରେ । ଅଧ୍ୟୟନ କରିବା, ଆତ୍ମ-ନିରୀକ୍ଷଣ ଓ ଆତ୍ମ-ସମୀକ୍ଷା କରିବାରେ ମନ ବଳାଏ । ଜୀବନର ଉଦ୍ଦେଶ୍ୟ ଓ ସୃଷ୍ଟିର ଲକ୍ଷ୍ୟ ସମ୍ବନ୍ଧରେ ଜାଣିବାକୁ ଆଗ୍ରହ ପ୍ରକାଶ କରେ । କାର୍ଯ୍ୟ ସାଧନରେ ଅନୁକୂଳ ପରିବେଶ ନ ପାଇଲେ ପିଲାଟି ହତୋତ୍ସାହ ହୋଇ ବିପଥଗାମୀ ହୋଇଥାଏ । ଏହି ସମୟଟି ଭବିଷ୍ୟତ୍ ଜୀବନ ପାଇଁ ଏକ ଘଡ଼ିସନ୍ଧି ମୁହୂର୍ତ୍ତ । ଜୀବନର ଛକ ରାସ୍ତାରେ ପିଲାଟି ହୁଏତ ବାଟବଣା ହୋଇ ଯାଇପାରେ । ତେଣୁ ମାତାପିତା ଓ ଶିକ୍ଷକମାନେ ପିଲାଟିର କଥାବାର୍ତ୍ତା, ଆଚରଣ, ଭାବନା ତଥା କାର୍ଯ୍ୟକଳାପରେ ସତର୍କ ଦୃଷ୍ଟି ରଖି ଆବଶ୍ୟକ ସ୍ଥଳେ ଉଚିତ ପରାମର୍ଶ ସହ ଯତ୍ପରୋନାସ୍ତି ସାହାଯ୍ୟ ଓ ସହଯୋଗ କରିବା ଉଚିତ । ଏହି ସମୟରେ ପିଲାଟିର କାର୍ଯ୍ୟଧାରାରେ ଅନେକ ତ୍ରୁଟି ରହିପାରେ । ସେଗୁଡ଼ିକୁ ଦେଖି ମାତାପିତା ହତୋତ୍ସାହ ନ ହୋଇ ପିଲାଟି କିପରି ନିଜେ ତାହାକୁ ସୁଧାରି ନେବ ସେଥିପାଇଁ ସମୟ ଓ ସୁଯୋଗ ଦେବା ବିଧେୟ । ଏପରି ପରିସ୍ଥିତିରେ ନୀରବ ସହାନୁଭୂତି ଏବଂ ଆବଶ୍ୟକ ସ୍ଥଳେ ଉତ୍ସାହପ୍ରଦ କେତୋଟି କଥା ମଧ୍ୟ ଖୁବ୍ ଚମତ୍କାର ଫଳ ଦେଇଥାଏ ।

**(୫) ଚୈତ୍ୟ ଆବଶ୍ୟକତା :** ଚୈତ୍ୟ ଆବଶ୍ୟକତାଟି କ'ଣ ତାହା ଅଧିକାଂଶ ମାତାପିତା ଜାଣନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଏକ ଚୈତ୍ୟସତ୍ତା ରହିଛି ଯାହାକୁ ଆମେ ଅନ୍ତରାତ୍ମା ବୋଲି କହିଥାଉ । ଏହି ଚୈତ୍ୟସତ୍ତା ଜନ୍ମ ଜନ୍ମ ଧରି ବିବର୍ତ୍ତନ ଧାରାରେ ବିକଶିତ ହୋଇ ଆସୁଛି ଏବଂ ବ୍ୟକ୍ତିର ମନ, ପ୍ରାଣ ଓ ଶରୀରର ପଶ୍ଚାତରେ ରହି ସେଗୁଡ଼ିକୁ ସୁସଙ୍ଗଠିତ କରିବାରେ ଲାଗିଛି । ଏହି ଚୈତ୍ୟସତ୍ତା ହେଉଛି ବ୍ୟକ୍ତିର ଜନ୍ମ ଜନ୍ମର ସାଥୀ । ଚୈତ୍ୟସତ୍ତା ବ୍ୟକ୍ତିର ଜୀବନକାଳ ମଧ୍ୟରେ ନାନା ଅନୁଭୂତି ଲାଭ କରି ଧୀରେ ଧୀରେ ବୃଦ୍ଧିଲାଭ କରୁଥିବାରୁ ଶିଶୁକୁ ଆମେ ଏକ ବର୍ଦ୍ଧିଷ୍ଣୁ ସତ୍ତା ବୋଲି କହିଥାଉ । ବଢ଼ିବା ଓ ବଞ୍ଚିବା ହେଉଛି ଶିଶୁର ସ୍ୱଧର୍ମ ଓ ତା'ର ସ୍ଥିତିର ନିୟମ । ବଢ଼ିବାର ଅର୍ଥ ଏହା ନୁହେଁ ଯେ ବେଲୁନ୍ ଭିତରେ ପବନ ପୂରାଇ ଦେଲେ ତାହା ଯେପରି ବଢ଼େ ବା ପ୍ରସାରିତ ହୁଏ; ପିଲା କ୍ଷେତ୍ରରେ ବଢ଼ିବାର ଅର୍ଥ ହେଲା କିଛି କରିବା । ସେହି କାର୍ଯ୍ୟ ପାଇଁ ତା'ର ଶରୀର ଶକ୍ତି ଆବଶ୍ୟକ କରେ । ସେଥିପାଇଁ ସେ ତା'ର ଇଚ୍ଛାଶକ୍ତିକୁ ପ୍ରୟୋଗ କରେ, ମନକୁ ପଚାରେ, ଯୁକ୍ତି ଓ ବିଚାର କରିବାକୁ ଲାଗେ, ନିଷ୍ପତ୍ତି ନିଏ, ଶରୀରକୁ ସୁନ୍ଦର ଓ ସବଳ କରିବା ପାଇଁ ଚେଷ୍ଟା କରେ । କାର୍ଯ୍ୟ ସମ୍ପାଦନ ପାଇଁ ନାନା ପନ୍ଥା ଅବଲମ୍ବନ କରେ । କାର୍ଯ୍ୟ ମାଧ୍ୟମରେ ଜ୍ଞାନ ଧୀରେ ଧୀରେ ବଢ଼େ, ଅନୁଭୂତି ଲାଭ ହୁଏ ଏବଂ ସେହି ଜ୍ଞାନ ଓ ଅନୁଭୂତିକୁ ନେଇ ସେ ଧୀରେ ଧୀରେ ଆଗକୁ ବଢ଼େ । ଏହିପରି ସମଗ୍ର ସତ୍ତା ସେଥିରେ ସମ୍ପୃକ୍ତ ହୁଏ । ଏହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ସ୍ୱାତନ୍ତ୍ର୍ୟ । ପିଲାଟି ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଉଚିତ । ତା'ର କାର୍ଯ୍ୟ ବା ଖେଳରେ କିଏ ବାଧା ସୃଷ୍ଟି କରୁ, ଅଯଥା ହସ୍ତକ୍ଷେପ ବା ସମାଲୋଚନା କରୁ, ଏହା ସେ ଚାହେଁନା । ସେ ଯଦି ଆଗ୍ରହର ସହ କିଛି କରୁଛି ଏବଂ ଏକାଗ୍ର ହୋଇ କିଛି କରୁଛି ତେବେ ସେହି କାର୍ଯ୍ୟରେ ତା'ର ଅନ୍ତରାତ୍ମାର ସମ୍ମତି ରହିଛି ବୋଲି ଜାଣିବା । ସେତେବେଳେ ତା'ର କାର୍ଯ୍ୟରେ ବାଧା ଦେଲେ ସେ ବିରକ୍ତ ହୁଏ, ବିଦ୍ରୋହ କରେ, ଦୁଷ୍ଟାମି କରେ । ସେ ତା'ର କାର୍ଯ୍ୟରେ ଅଗ୍ରଗତି କରି ନ ପାରିଲେ ଅସ୍ୱସ୍ତି ବୋଧ କରେ ଏବଂ ତାହା ଦୂର କରିବା ପାଇଁ ସେ ନିଜେ ଚେଷ୍ଟା କରେ । ଆବଶ୍ୟକ ସ୍ଥଳେ ତା' କାର୍ଯ୍ୟ ପାଇଁ ଅନ୍ୟର ସାହାଯ୍ୟ ଓ ସହଯୋଗ ଲୋଡ଼େ । ଏପରି ସ୍ଥଳେ ମାତାପିତା ଓ ଶିକ୍ଷାଦାନ କରୁଥିବା ପ୍ରତ୍ୟେକ ଭାଇ ଓ ଅପାମାନେ ପ୍ରେମ ଓ ବନ୍ଧୁତାର ହାତ ବଢ଼ାଇ ଦେବା ଉଚିତ । ନିଜର କାର୍ଯ୍ୟ ସମ୍ପାଦନରେ ପିଲାଟି ଯେପରି କୌଣସି ସାମଗ୍ରୀର ଅଭାବ ଅନୁଭବ ନ କରେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ଏକ ଆଗ୍ରହପୂର୍ଣ୍ଣ, ଶାନ୍ତ, ସୁନ୍ଦର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ହିଁ ପିଲାଟିକୁ ବିକଶିତ ହେବାରେ ସାହାଯ୍ୟ କରିଥାଏ ।

(କ୍ରମଶଃ)

❑❑❑

# ଅଧ୍ୟବସାୟ ସମ୍ପର୍କରେ

## କୁମାର ଚନ୍ଦ୍ର ମିଶ୍ର

[ଦିବ୍ୟଜନନୀ ଶ୍ରୀମାଙ୍କ ପ୍ରତୀକରେ ଦର୍ଶାଯାଇଥିବା ୧୨ଟି ପୁଷ୍ପ ପାଖୁଡ଼ା ବାରଟି ଶ୍ରେୟ ଗୁଣକୁ ପ୍ରତିନିଧିତ୍ୱ କରେ । ସେଇ ଶ୍ରେୟ ଗୁଣମାନଙ୍କ ମଧ୍ୟରୁ ''ଅଧ୍ୟବସାୟ''(Perseverance) ଅନ୍ୟତମ । ନିମ୍ନଲିଖିତ ଆଲୋଚନାଟିରେ ଅଧ୍ୟବସାୟ ସମ୍ପର୍କିତ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି । ମାଣିକଚାନ୍ଦ ଗେଣ୍ଡୁ ଫୁଲ ଯାହାକୁ ଉଦ୍ଭିଦ ବିଜ୍ଞାନରେ Calendula officianalis ବା Pot Marigold କୁହାଯାଏ, ଏହି ପୁଷ୍ପଟି 'ଅଧ୍ୟବସାୟ'ର ପ୍ରତୀକ ଅଟେ ।]

ସ୍ରଷ୍ଟା ସୃଷ୍ଟି କରିବା ନିମିତ୍ତ ଧୈର୍ଯ୍ୟର ସହ ଯେଉଁ ଶ୍ରମ କରି ଚାଲିଛନ୍ତି ତାହାର ନାମ ହେଲା – ଅଧ୍ୟବସାୟ । ଘାସ ଫୁଲଟିଏ କିଂବା ପତ୍ରଟିଏ ଉତ୍ପନ୍ନ କରିବାଠାରୁ ହିମାଳୟର ସୃଷ୍ଟି କରିବା ଯାଏ ସେ ନିରନ୍ତର ଜାଗତିକ ଶକ୍ତିର ବିନିଯୋଗ କରି କର୍ମ କରି ଚାଲିଛନ୍ତି ।

ଉଈ ହୁଙ୍କା ତିଆରି କରେ । ବାଇ ଚଢ଼େଇ ଉଚ୍ଚ ବୃକ୍ଷର ଡାଳରେ ତା'ର ସନ୍ତାନମାନଙ୍କ ନିରାପତ୍ତା ପାଇଁ ବସା ନିର୍ମାଣ କରିଥାଏ, ଯାହାକୁ ଝଡ଼ ବତାସ ନଷ୍ଟ କରିପାରେ ନାହିଁ । ମନେ ପଡ଼େ ପିଲାଦିନର ସେହି ଗୀତପଦକ : ''ବାଇ ଚଢ଼େଇର କି ଯାଏ, ବାଆ କଲେ ବସା ଦୋହଲୁ ଥାଏ ।'' ମଧୁ ମକ୍ଷିକା ନିରଳସ ଭାବେ ଫୁଲରୁ ଫୁଲକୁ ଉଡ଼ି ମଧୁ ସଂଗ୍ରହ କରି ମହୁଫେଣା ତିଆରି କରିଥାଏ । ପିମ୍ପୁଡ଼ି ବା ଜନ୍ଦାମାନେ ଧାଡ଼ି ବାନ୍ଧି ଗୋଟିଏ ନିର୍ଦ୍ଦିଷ୍ଟ ଦିଗରେ ଆଗେଇ ଚାଲିଥା'ନ୍ତି । ସେମାନଙ୍କ ମଧ୍ୟରୁ ଜଣେ ହୁଏତ ଗୋଟିଏ ଗୁଡ଼ ଟେଳାର ସନ୍ଧାନ ପାଇଛି ଓ ନିଜ ପ୍ରଜାତିମାନଙ୍କୁ ନେତୃତ୍ୱ ଦେଇ ସେ ଦିଗରେ ଆଗେଇ ନେଉଛି । ହଠାତ୍ ବାଟରେ ସେମାନେ ଗୋଟିଏ ପଥରର ସମ୍ମୁଖୀନ ହେଲେ । ସେମାନେ ସେଠାରେ କ'ଣ ଅଟକି ଯା'ନ୍ତି ? କଦାପି ନୁହେଁ । ବାଟକାଟି ଅନ୍ୟ ଏକ ଦିଗରେ ସେମାନଙ୍କର ଧାଡ଼ି ଲମ୍ବିଯାଏ । ଏହିପରି ପ୍ରତିବନ୍ଧକସବୁ ଅତିକ୍ରମ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ଯାଏ ସେମାନଙ୍କର ଯାତ୍ରା ରହିଥାଏ ଅବ୍ୟାହତ । ବିଶ୍ୱ ପ୍ରକୃତିରେ ଏହିପରି ଅନେକ କାର୍ଯ୍ୟ ନିରନ୍ତର ଚାଲିଛି ଯାହାକୁ ଆମେ ଅଧ୍ୟବସାୟର ଏକ ଏକ ଉଦାହରଣ ବୋଲି କହିପାରିବା । ଶ୍ରୀମା କହିଛନ୍ତି : "Perseverance : the decision to go to the very end."

ଅର୍ଥାତ୍, ''ଅଧ୍ୟବସାୟ : ସର୍ବଶେଷ ସୋପାନରେ ପହଞ୍ଚିବା ଲାଗି ଏକ ନିଷ୍ପତ୍ତି ।''

*

"Perseverance is patience in action."

''କ୍ରିୟାଶୀଳ ଧୃତି ବା ତିତିକ୍ଷା ହିଁ ଅଧ୍ୟବସାୟ ଅଟେ ।''

*

"Perseverance breaks down all obstacles."

''ଅଧ୍ୟବସାୟ ଯାବତୀୟ ପ୍ରତିବନ୍ଧକକୁ ଚୂର୍ଣ୍ଣ କରିଦିଏ ।''

*

"Persevere and all obstacles will be conquered."

''ତୁମେ ଅଧ୍ୟବସାୟ କରିଚାଲ ତେବେ ସକଳ ପ୍ରତିବନ୍ଧକ ଉପରେ ବିଜୟ ହାସଲ କରିପାରିବ ।''

(CWM, Vol. 14, p. 162)

ଅଧ୍ୟବସାୟ, ସହନଶୀଳତା ଓ ଧୈର୍ଯ୍ୟ (Perseverance, Endurance and Patience) ଗୋଟିଏ ପରିବାରର ଯମଜ ସନ୍ତାନ ବୋଲି କହିଲେ ଅତ୍ୟୁକ୍ତି କିଂବା ଅପ୍ରାସଙ୍ଗିକ ହେବ ନାହିଁ । ଏହି ବିଷୟଟିକୁ ବୁଝାଇବାକୁ ଯାଇ ଦିବ୍ୟଜନନୀ ଗୋଟିଏ ବାସ୍ତବ ଘଟଣା ଉତ୍ଥାପନ କରିଛନ୍ତି – ''ଜଣେ ଅତିବ୍ୟସ୍ତ ଥିବା ଲୋକ ପାଖରୁ ତୁମର କିଛି ମାଗିବାକୁ ଅଛି । ସେଥିପାଇଁ ତୁମେ ତାଙ୍କ ଘରକୁ ଗଲ । ଯାଇ ଦେଖିଲ ସେଠାରେ ଆହୁରି କେତେ କେତେ ଲୋକ ଆଗରୁ ଆସି ଅପେକ୍ଷା କରି ରହିଛନ୍ତି । ତେଣୁ ସେହି ବ୍ୟକ୍ତିଙ୍କୁ ସାକ୍ଷାତ୍ କରିବା ପାଇଁ ତୁମକୁ ବହୁତ ସମୟ ଅପେକ୍ଷା କରିବାକୁ ପଡ଼ିଲା । ତୁମେ ସେଠାରେ ଧୀରସ୍ଥିର ହୋଇ ଅପେକ୍ଷା କଲ, ହୁଏତ ଏକାଧିକ ଘଣ୍ଟା ଅପେକ୍ଷା କଲ । ତଥାପି ତୁମର ଧୈର୍ଯ୍ୟଚ୍ୟୁତି ଘଟିଲା ନାହିଁ ।

ଆଉ ଥରେ ତୁମେ ଜଣେ ବ୍ୟକ୍ତିଙ୍କ ସହ ଦେଖା କରିବା ପାଇଁ ତାଙ୍କ ଘରକୁ ଗଲ । ସେତେବେଳେ ସେ ଘରେ ନ ଥିଲେ । ତା' ପରଦିନ ପୁଣି ସେଠାକୁ ଗଲ, ତଥାପି କବାଟ ବନ୍ଦ ଥିଲା ।

ତୁମେ ଆହୁରି ଥରେ ଗଲ । କିନ୍ତୁ ଏଥର ସେ ଅସୁସ୍ଥ ଥିଲେ ଏବଂ ତେଣୁ ସେ ତୁମକୁ ଦେଖା ଦେଲେ ନାହିଁ । ତୁମେ ଆଉ କିଛି ଦିନ ବ୍ୟବଧାନରେ ପୁଣି ଆଉ ଥରେ ସେଠାକୁ ଗଲ । ଯଦି ଏଥର ମଧ୍ୟ କୌଣସି କାରଣରୁ ତାଙ୍କ ସହିତ ଦେଖା ହୋଇପାରିଲା ନାହିଁ ତେବେ ତୁମେ ତଥାପି ସେଥିରେ ଆଦୌ ହତାଶ ହେଲ ନାହିଁ । ତାଙ୍କ ସହ ଦେଖା କରିବା ଲାଗି ସେଠାକୁ ଅନେକ ଥର ଗଲ ଏବଂ ଶେଷରେ ଦେଖା ମଧ୍ୟ ହେଲା । ଏହିପରି ବାରଂବାର ଧୈର୍ଯ୍ୟ ନ ହରାଇବାକୁ ଅଧ୍ୟବସାୟ ବୋଲି କୁହାଯାଏ ।

ଅଧ୍ୟବସାୟକୁ ଆମେ ସକ୍ରିୟ ଧୈର୍ଯ୍ୟଶୀଳତା ବୋଲି କହିବା, କଦାପି ନିରସ୍ତ ନ ହୋଇ ଅଗ୍ରଗତି କରିବାକୁ ଧୈର୍ଯ୍ୟଶୀଳତା ବୋଲି କହିବା ।''

(CWM, Vol. 2, P. 198)

ପ୍ରତ୍ୟେକ କୃତିତ୍ୱ ବା ସଫଳତାର ପଶ୍ଚାତରେ ଅଧ୍ୟବସାୟର ଭୂମିକା ରହିଥାଏ – ହିମାଳୟ ଗିରିଶୃଙ୍ଗ ଆରୋହଣ କରିବା ହେଉ, ଆଣ୍ଟାର୍କଟିକାର ଆବିଷ୍କାର ହେଉ, ଗ୍ରହ-ଗ୍ରହାନ୍ତର ଯାତ୍ରା ହେଉ କିଂବା ଯାବତୀୟ ବୈଜ୍ଞାନିକ ଉଦ୍ଭାବନ ହେଉ – ଅଖଣ୍ଡ ଧୈର୍ଯ୍ୟ, ସହନଶୀଳତା ଓ ଅଧ୍ୟବସାୟ ବିନା ସଫଳତା ପ୍ରାପ୍ତ ହୋଇ ନ ଥାଏ । ମହାଯୋଗୀ ଶ୍ରୀଅରବିନ୍ଦ ଧୈର୍ଯ୍ୟର ସହ ପରିଶ୍ରମ କରି ସାଧକମାନଙ୍କ ନିକଟକୁ ଦୈନିକ ଆଠ ଘଣ୍ଟା ଧରି ଚିଠି ଲେଖୁଥିଲେ, ସେମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିଲେ ତଦ୍ୱାରା ସେମାନଙ୍କର ଅନେକ ଜଟିଳ ସମସ୍ୟାର ସମାଧାନ କରି ଦେଉଥିଲେ । ଏହା ପ୍ରଚଣ୍ଡ ଅଧ୍ୟବସାୟର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ନୁହେଁ କି ?

ଖ୍ରୀଷ୍ଟୋଫର୍ କଲମ୍ବସ୍ (Christopher Columbus) ୧୪୫୧ ମସିହାରେ ଇଟାଲୀ ଦେଶର ଜେନୋଆ ସହରରେ ଜନ୍ମ ଲାଭ କରିଥିବା ଜଣେ ଦକ୍ଷ ନାବିକ ଥିଲେ । କିଛି ନୂଆ ଦେଶ ବା ଭୂଖଣ୍ଡ ଆବିଷ୍କାର କରିବା ନିମିତ୍ତ ସେ ସ୍ପେନ୍ ଦେଶରୁ ପଶ୍ଚିମ ଦିଗରେ ସମୁଦ୍ର ଯାତ୍ରା ଆରମ୍ଭ କରିଥିଲେ । ଉଦ୍ଦେଶ୍ୟ ଥିଲା କୌଣସି ନୂତନ ଭୂଖଣ୍ଡ ବା ଦେଶ ଆବିଷ୍କାର କରିବା । ସେତେବେଳେ କୃତ୍ରିମ ଉପଗ୍ରହ କ୍ଷେପଣ କରି ପୃଥିବୀ ପରିକ୍ରମା କରିବା ଅବସରରେ ଫଟୋଚିତ୍ର ଉତ୍ତୋଳନ କରି ସମଗ୍ର ପୃଥିବୀର ସ୍ପଷ୍ଟ ଚିତ୍ର ଉପଲବ୍ଧ ହୋଇ ନ ଥିଲା । ସେ ଯାହାହେଉ ଦିନ ପରେ ଦିନ, ସପ୍ତାହ ପରେ ସପ୍ତାହ ଗଡ଼ି ଚାଲିଥାଏ; କେଉଁଠି ହେଲେ ସ୍ଥଳଭାଗର ଚିହ୍ନ ବର୍ଣ୍ଣ ଦୃଶ୍ୟମାନ ହେଉ ନ ଥାଏ । କଲମ୍ବସ୍‌ଙ୍କ ସହଯାତ୍ରୀଗଣ ଅତିଷ୍ଠ ହୋଇ ଆପତ୍ତି ଅଭିଯୋଗ କରିବା ଆରମ୍ଭ କରି ଦେଇଥିଲେ । କିନ୍ତୁ କଲମ୍ବସ୍ ତାଙ୍କର ସଂକଳ୍ପରେ ଅଟଳ ରହି ଯାବତୀୟ ଅସୁବିଧା, ପ୍ରତିବନ୍ଧକ, ବିରୋଧ ଓ ବିଳମ୍ବନ ସତ୍ତ୍ୱେ ପରିଶେଷରେ ଆମେରିକାର ଏକ ଦ୍ୱୀପରେ ପହଞ୍ଚି ଯାଇଥିଲେ । ଏକ ନୂତନ ଭୂଖଣ୍ଡର ଆବିଷ୍କାରକ ରୂପେ ବିଶ୍ୱ ଇତିହାସର ପୃଷ୍ଠାରେ ନିଜ ନାମକୁ ଚିରଦିନ ଲାଗି ଲିପିବଦ୍ଧ କରି ନେଲେ । କଲମ୍ବସ୍ ନିଜର ଲକ୍ଷ୍ୟ ହାସଲ କରିବା ଲାଗି କାହାରି ସାହାଯ୍ୟ ନେଇ ନ ଥିଲେ । କେବଳ ଆପଣା ଅଦମ୍ୟ, ଅଟଳ ଦୃଢ଼ସଂକଳ୍ପ ଓ ଅଧ୍ୟବସାୟ ହିଁ ତାଙ୍କ ପାଇଁ ସଫଳତାର ଦ୍ୱାର ଉନ୍ମୋଚନ କରି ଦେଇଥିଲା ଓ ସେ ଚିରସ୍ମରଣୀୟ ହୋଇ ରହିଗଲେ । ବର୍ତ୍ତମାନ ୟୁରୋପ ଓ ଆମେରିକାରେ ୨୭ଟି ସହର କଲମ୍ବସ୍‌ଙ୍କ ନାମରେ ନାମିତ କରାଯାଇଛି । ସେଥି ମଧ୍ୟରୁ ୨୩ଟି ସହର ଉତ୍ତର ଆମେରିକାରେ ହିଁ ଅବସ୍ଥିତ ଓ ପର୍ତ୍ତୁଗାଲ, ଇଟାଲୀ, ଫ୍ରାନ୍ସ ଓ ସ୍ପେନ୍‌ରେ ଗୋଟିଏ ଗୋଟିଏ ସହର ତାଙ୍କର ନାମ ବହନ କରେ । ନ୍ୟୁୟର୍କ ସହରରେ ଅବସ୍ଥିତ କଲମ୍ବସ୍ ବିଶ୍ୱ-ବିଦ୍ୟାଳୟ ପୃଥିବୀରେ ସୁନାମ ଅର୍ଜନ କରିପାରିଛି ।

ୟୁରାନିୟମ୍ ଓ ପୋଲୋନିୟମ୍ ପରି ତେଜସ୍କ୍ରିୟ ଧାତୁ ପ୍ରକୃତିରେ ସହଜରେ ଲଭ୍ୟ ହୁଏ ନାହିଁ । ସେସବୁ ସୁନାଠାରୁ ମଧ୍ୟ ଅଧିକ ମୂଲ୍ୟବାନ୍ । ୧୯୦୨ ମସିହାରେ ବୈଜ୍ଞାନିକ ମାଡାମ୍ କ୍ୟୁରୀ (Madame Curie) କେତେ ଟନ୍ (୧ ଟନ୍ = ୧୦୦୦ କିଲୋଗ୍ରାମ୍) ପିଚ୍ ବ୍ଲେଣ୍ଡ୍ (Pitch blende) ଖଣିଜ ପିଣ୍ଡରୁ ଏକ ଦଶମାଂଶ ଗ୍ରାମ୍‌ର ୟୁରାନିୟମ ପ୍ରସ୍ତୁତ କରି ପାରିଥିଲେ । ସେ ଏଥି ସମ୍ବନ୍ଧିତ ବୈଜ୍ଞାନିକ ସନ୍ଦର୍ଭ ପାଇଁ ୧୯୦୩ ମସିହାରେ ନୋବେଲ ପୁରସ୍କାର ପାଇଥିଲେ । ୧୯୧୧ ମସିହାରେ ରସାୟନ ବିଜ୍ଞାନରେ ପୁନର୍ବାର ନୋବେଲ ପୁରସ୍କାର ପାଇ ମାଡାମ୍ କ୍ୟୁରୀ ବିଶ୍ୱର ପ୍ରଥମ ମହିଳା ନୋବେଲ ପୁରସ୍କାର ବିଜେତା ରୂପେ ଖ୍ୟାତି ଅର୍ଜନ କରିଥିଲେ । ମାଡାମ୍ କ୍ୟୁରୀଙ୍କ ଜୀବନୀ ପର୍ଯ୍ୟାଲୋଚନା କଲେ ତାଙ୍କର ଅକ୍ଳାନ୍ତ ଶ୍ରମ, ଅଟଳ ଧୈର୍ଯ୍ୟ ଓ ଅତୁଳନୀୟ ଅଧ୍ୟବସାୟର ପରିଚୟ ମିଳେ । ୧୮୬୭ ମସିହା ନଭେମ୍ବର ୭ରେ ପୋଲାଣ୍ଡ ଦେଶରେ ଜନ୍ମଲାଭ କରିଥିବା ଏହି ମହୀୟସୀ ମହିଳା ଅନ୍ୟ ଏକ ବିରଳ ତେଜସ୍କ୍ରିୟ ଧାତୁ ଆବିଷ୍କାର କରିଥିଲେ । ତାହା ତାଙ୍କରି ଜନ୍ମସ୍ଥାନ ପୋଲାଣ୍ଡର ନାମାନୁସାରେ ''ପୋଲୋନିୟମ୍'' (Polonium) ନାମରେ ରସାୟନ ବିଜ୍ଞାନ କ୍ଷେତ୍ରରେ ପରିଚିତ ହେଲା । ଏହିସବୁ

ବିରଳଧାତୁ ଅଣୁ ବୋମା ପ୍ରସ୍ତୁତ କରିବାରେ, କର୍କଟ ରୋଗକୁ ଆରୋଗ୍ୟ କରିବା ଲାଗି (radiation therapy), ନାଭିକୀୟ ଶକ୍ତି ଉତ୍ପାଦନ କରିବା ଲାଗି ବ୍ୟବହୃତ ହୋଇଥାଏ । ତେବେ ଦୀର୍ଘ ୪ ଦଶନ୍ଧି କାଳ ତେଜସ୍କ୍ରିୟ ପଦାର୍ଥରୁ ନିର୍ଗତ ବିକିରଣ ଯୋଗୁଁ ୧୯୩୪ ମସିହାରେ ମାଡାମ୍ କ୍ୟୁରୀ ରକ୍ତ କର୍କଟ ଦ୍ୱାରା ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ, ଅଥଚ ତାଙ୍କରି ଦୀର୍ଘ ଅଧ୍ୟବସାୟର ପରିଣତି ସ୍ୱରୂପ ବିଶ୍ୱବାସୀ ବିଭିନ୍ନ ଦିଗରୁ ଉପକୃତ ହୋଇ ପାରିଥିଲେ । ବିଜ୍ଞାନ ଜଗତରେ ସେ ଚିର ସ୍ମରଣୀୟ ହୋଇ ରହିଲେ ।

ଲକ୍ଷ୍ୟ ଉପରେ ଦୃଢ଼ ବିଶ୍ୱାସ ନଥିଲେ ଅଧ୍ୟବସାୟ ଜାରି ରଖିବା ନିମିତ୍ତ ଉତ୍ସାହ ରହେ ନାହିଁ । ଲକ୍ଷ୍ୟ ସମ୍ପର୍କରେ ସ୍ପଷ୍ଟ ଧାରଣା ରହିବା ସଙ୍ଗେ ସଙ୍ଗେ ତାହାର ସଫଳତା ଉପରେ ମଧ୍ୟ ଦୃଢ଼ ପ୍ରତ୍ୟୟ ରହିଥିବା ଆବଶ୍ୟକ । ଅଧ୍ୟବସାୟ କରୁଥିବା ମାର୍ଗରେ ବାଧାବିଘ୍ନ ଓ ବିଫଳତା ଉଭା ହେଲେ ସେଗୁଡ଼ିକୁ ଅତିକ୍ରମ କରିଯିବା ଲାଗି ଯଥେଷ୍ଟ ସାହସ ରହିଥିବା ଆବଶ୍ୟକ । ବାରଂବାର ପ୍ରୟାସ କରି ସାଧକ ଯଦି ବିଫଳ ହୁଏ ତେବେ ସେ ନିଜ ଶକ୍ତି ଉପରେ ଆଉ ନିର୍ଭର କରି ରହିପାରେ ନାହିଁ । ପରମ ଦିବ୍ୟସତ୍ତାଙ୍କ ନିକଟରେ ସବୁକିଛି ସମର୍ପଣ କରିଦେଇ ତାଙ୍କରି ସାହାଯ୍ୟ ଓ କୃପା ଭିକ୍ଷା କରେ । ପ୍ରେରଣା ପ୍ରାପ୍ତ କରି ପୁଣି ନୂତନ ଉତ୍ସାହ ସହ ଆଗଭର ହୁଏ । ଏଥିରୁ ଏହି କଥା ସ୍ୱତଃସିଦ୍ଧ ହେଉଛି ଯେ ଅଧ୍ୟବସାୟ, ଧୈର୍ଯ୍ୟ ଓ ସହନଶୀଳତା ସହ ବିଶ୍ୱାସ, ସାହସ ଓ ସମର୍ପଣର ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ରହିଛି – ଯଦ୍ଦ୍ୱାରା ଜଣେ ସଫଳତା ହାସଲ କରିପାରେ ।

ନିଜର କୌଣସି ତ୍ରୁଟି ବା ଦୋଷ ଦୁର୍ବଳତାକୁ ଦୂର କରିବା ଲାଗି ବିନିଯୁକ୍ତ ଅଧ୍ୟବସାୟଟି ଖୁବ୍ ଜିଦ୍‌ଖୋର, ଏକବାଗିଆ ବା ଅବାଧ୍ୟ (obstinate) ହେବାକୁ ପଡ଼େ । ସାଧାରଣତଃ ଏକବାଗିଆପଣ କ୍ଷତିକାରକ ଓ ଅବାଞ୍ଛିତ ବୋଲି ବିବେଚିତ ହୋଇଥାଏ । କିନ୍ତୁ ସକାରାତ୍ମକ ଭାବେ ପ୍ରୟୋଗ କରାଯାଉଥିବା ଅଧ୍ୟବସାୟଟି ଅବାଧ୍ୟ ହେବା ଉପଯୋଗୀ ଓ ଉଚିତ ମଧ୍ୟ ।

ଅଧ୍ୟବସାୟ ସମ୍ବନ୍ଧିତ ଅନେକ ଉଦାହରଣ ଉପସ୍ଥାପନ କରାଯାଇପାରେ । କାରଣ ଜଣେ ଜଡ଼ବାଦୀ ହେଉ କିଂବା ବୈରାଗୀ ହେଉ, ସଂସାରରେ ରହିଥାଉ କିଂବା ନିକାଞ୍ଚନରେ ସାଧନା କରୁ, ସେ ତା' ନିଜ ପରିସର ମଧ୍ୟରେ ସଫଳତା ପାଇବା ଲାଗି ଅଧ୍ୟବସାୟ କରିବାକୁ ହିଁ ହେବ । ଜଡ଼ବାଦୀ ଜଡ଼ ସମ୍ପର୍କିତ ତଥ୍ୟ ଉଦ୍ଭାବନ କରିବା ଲାଗି ଓ ସନ୍ନ୍ୟାସୀ ଧ୍ୟାନ ଓ ଧାରଣା ଦ୍ୱାରା ନୂତନ ଅନୁଭୂତି ଓ ସିଦ୍ଧିପ୍ରାପ୍ତ କରିବା ଲାଗି ଅଧ୍ୟବସାୟକୁ ହିଁ ଅନୁସରଣ କରିଥା'ନ୍ତି । ସେହିପରି କେତେ ଜଣ ସଂସାରୀ ଓ ବୈରାଗୀଙ୍କ ଅଧ୍ୟବସାୟଯୁକ୍ତ ସାଧନା ବିଷୟରେ ଉପସ୍ଥାପନା କରାଯାଉଛି ।

ସମଗ୍ର ଦେଶରେ ଯୁଗୋପଯୋଗୀ ଆଧ୍ୟାତ୍ମିକ ବିପ୍ଳବ ଆଣିଥିବା ଆଦିଶଙ୍କରାଚାର୍ଯ୍ୟ ଶୈଶବ କାଳରୁ ହିଁ ସନ୍ନ୍ୟାସୀ ହେବା ଲାଗି ସଂକଳ୍ପ କରିଥିଲେ । ତାଙ୍କ ମାଆ ଏହା ପଶ୍ଚାତରେ ରହିଥିବା ମହତ୍ତ୍ୱକୁ ଉପଲବ୍ଧି କରିଥିଲେ ବି ଅନେକ ବର୍ଷ ଯାଏ ତାଙ୍କୁ ସନ୍ନ୍ୟାସ ମାର୍ଗ ଗ୍ରହଣ କରିବା ଲାଗି ଅନୁମତି ଦେଇ ନ ଥିଲେ । ଦିନେ ମାଆ ଓ ପୁଅ ନଦୀକୁ ଗାଧୋଇ ଯାଇଥିଲେ । ପାଣିକୁ ଡେଇଁ ପଡ଼ିବା ମାତ୍ରେ ଶଙ୍କର ତାଙ୍କ ଗୋଡ଼କୁ ଗୋଟିଏ କୁମ୍ଭୀର ଆସି ଧରିବାର ଅନୁଭବ କରିଥିଲେ । ମୃତ୍ୟୁ ସୁନିଶ୍ଚିତ ବୋଲି ସେ ଜାଣି ପାରିଥିଲେ । କିନ୍ତୁ ଏହିପରି ଭୟଙ୍କର ସଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ ମଧ୍ୟ ସେହି ସାହସୀ ବାଳକ କେବଳ ଆପଣା ଜୀବନର ସେହି ମହାନ୍ କଳ୍ପନା ବିଷୟରେ ହିଁ ଭାବିଥିଲେ । ତେଣୁ ସେ ଉଚ୍ଚ ସ୍ୱରରେ ଚିତ୍କାର କରି ନଦୀ କୂଳରେ ଦଣ୍ଡାୟମାନା ତାଙ୍କ ମାଆଙ୍କୁ ଡାକି କହିଲେ : ''ଏଥର ମୋ କଥା ସରିଲା । କୁମ୍ଭୀର ମୋତେ ତଳକୁ ତଳ ଟାଣିବାରେ ଲାଗିଛି । କିନ୍ତୁ ତୁମେ ଚାହିଁଲେ ମୁଁ ଜଣେ ସନ୍ନ୍ୟାସୀ ରୂପରେ ତ ମରିପାରି ଥା'ନ୍ତି ।'' ତାଙ୍କ ମାଆ ଅନନ୍ୟୋପାୟ ହୋଇ କହିଲେ : ''ହଁ, ହଁ ରେ ବାବୁ, ତୁ ଯାହା ଇଚ୍ଛା କରୁଛୁ ସେହି କଥା ହିଁ ହେବ ।'' ବ୍ୟାକୁଳ ଭାବେ ତାଙ୍କ ମାଆ କାନ୍ଦି କାନ୍ଦି ଏଇ ଉତ୍ତର ଦେଇଥିଲେ । ଏକଥା ଶୁଣି ଶଙ୍କର ଆନନ୍ଦରେ ଏପରି ହୃଷ୍ଟ ହୋଇ ଉଠିଲେ ଯେ କୁମ୍ଭୀର କବଳରୁ ନିଜ ଗୋଡ଼କୁ ମୁକ୍ତ କରିଦେବା ଲାଗି ଯଥେଷ୍ଟ ବଳ ପାଇଗଲେ ଏବଂ ପୁନର୍ବାର ନଦୀକୂଳକୁ ଫେରି ଆସିଥିଲେ । ସେହି ମୁହୂର୍ତ୍ତରୁ ହିଁ ସେ ବୟସରେ ଯେପରି ବଢ଼ିଲେ ତେଣେ ବିଦ୍ୟାରେ ମଧ୍ୟ ସେପରି ପ୍ରବୀଣ ହେବାକୁ ଲାଗିଲେ । ଅଷ୍ଟାଦଶ ଶତାବ୍ଦୀରେ ସେ ଜଣେ ଜଗଦ୍ ଗୁରୁ ରୂପେ ପ୍ରତିଷ୍ଠା ଲାଭ କରିଥିଲେ । ତାଙ୍କର ଅଦ୍ଭୁତ ପ୍ରତିଭା ଯୋଗୁଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅଦ୍ୱୈତ ବେଦାନ୍ତ ପ୍ରଚାର କରି ଜଣେ ଅନନ୍ୟ ଦାର୍ଶନିକ, ପ୍ରଖ୍ୟାତ ତାର୍କିକ ଓ ବିଭୂତି ରୂପେ ସମଗ୍ର ଦେଶରେ ପରିଚିତ ହୋଇଥିଲେ ।

ଦିବ୍ୟଜନନୀଙ୍କ ଦ୍ୱାରା ଆଶ୍ରମର ଶିଶୁମାନଙ୍କୁ କଥିତ ଆଉ କେତୋଟି ପ୍ରେରଣାଦାୟକ ବାସ୍ତବ କାହାଣୀ ନିମ୍ନରେ ଉପସ୍ଥାପନ କରାଯାଉଛି ।

ଏକ ଲକ୍ଷ ଶ୍ଲୋକ ସମ୍ବଳିତ ମହାକାବ୍ୟ ମହାଭାରତ ବେଦବ୍ୟାସଙ୍କ ଦ୍ୱାରା ପ୍ରଥମେ ସଂସ୍କୃତ ଭାଷାରେ ରଚିତ ହୋଇଥିଲା । ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ସଂସ୍କୃତ ଜାଣି ନ ଥିବା କୌଣସି ୟୁରୋପୀୟ ଏହି ମହାକାବ୍ୟ ଓ ସେଥିରେ ଉଲ୍ଲେଖ ହୋଇଥିବା ଶ୍ରୀମଦ୍ ଭଗବଦ୍ ଗୀତା ପଢ଼ିବାର ସୁଯୋଗ ପାଇ ନ ଥିଲେ । ତେଣୁ କୌଣସି ୟୁରୋପୀୟ ଭାଷାରେ ଏହି ଅନନ୍ୟ ମହାକାବ୍ୟଟିକୁ ଅନୁବାଦ କରିବା ଅନିବାର୍ଯ୍ୟ ହୋଇ ପଡ଼ିଥିଲା ।

ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲାରେ ବାବୁ ପ୍ରତାପ ଚନ୍ଦ୍ର ରାୟ ୧୫ ମାର୍ଚ୍ଚ ୧୮୪୨ରେ ଜନ୍ମ ଗ୍ରହଣ କରିଥିଲେ । ସେ ଦିଲ୍ଲୀସ୍ଥିତ ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ M.A. ଡିଗ୍ରୀ ହାସଲ କରି କଲିକତାରେ ଗୋଟିଏ ଛୋଟ ପ୍ରେସ ଓ ବହି ଦୋକାନ ଖୋଲି ଜୀବିକା ନିର୍ବାହ କରୁଥିଲେ । ସେ କୃଷ୍ଣଦ୍ୱୈପାୟନ ବ୍ୟାସଙ୍କ କୃତ ମହାଭାରତର ଅନୁବାଦ କାର୍ଯ୍ୟଟିକୁ ସମ୍ପନ୍ନ କରିବା ନିମିତ୍ତ ସଂକଳ୍ପ କଲେ । ନିଜ ପ୍ରଦେଶର ଜଣେ ବନ୍ଧୁଙ୍କ ମାଧ୍ୟମରେ କିଶୋରୀ ମୋହନ ଗାଙ୍ଗୁଲି ନାମକ ଜଣେ ଇଂରେଜୀ ଭାଷା ବିଶାରଦଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ଅନେକ ପ୍ରବର୍ତ୍ତନା ପରେ କିଶୋରୀ ମୋହନ ଗାଙ୍ଗୁଲି ମହାକାବ୍ୟଟିକୁ ଇଂରାଜୀରେ ଅନୁବାଦ କରିବା ଲାଗି ସ୍ୱୀକୃତି ଦେଲେ ଓ କାବ୍ୟଟି ଶତାଧିକ ଖଣ୍ଡରେ ଗୋଟି ଗୋଟି କରି ପ୍ରକାଶିତ ହେବାକୁ ଲାଗିଲା । ପ୍ରତାପ ଚନ୍ଦ୍ର ରାୟ ୧୨ ବର୍ଷକାଳ ଏହି କାର୍ଯ୍ୟଟିରେ ବ୍ୟାପୃତ ହୋଇ ରହିଥିଲେ । ଗ୍ରନ୍ଥଟିକୁ ପ୍ରକାଶ କରିବା ଲାଗି ଆପଣାର ସମସ୍ତ ସମ୍ବଳକୁ ଆଣି ଖଟାଇବାକୁ ପଡ଼ିଥିଲା । ଯେତେବେଳେ ତାଙ୍କର ସମସ୍ତ ସମ୍ବଳ ଶେଷ ହୋଇଗଲା ସେତେବେଳେ ସେ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ସାହାଯ୍ୟ ସଂଗ୍ରହ କରିବା ଲାଗି ଭାରତସାରା ବୁଲିବାକୁ ଲାଗିଲେ । ରାଜା, କୃଷକ, ପଣ୍ଡିତ ଓ ଜନସାଧାରଣ ସମସ୍ତେ ଏ କାର୍ଯ୍ୟଟି ଲାଗି ତାଙ୍କୁ ସାହାଯ୍ୟ କରିଥିଲେ ।

ଏହିପରି ଅର୍ଥ ସଂଗ୍ରହ କରିବା ଲାଗି ଭ୍ରମଣରତ ଥିଲାବେଳେ ଏକ ବିଷମ ଜ୍ୱରରେ ଆକ୍ରାନ୍ତ ହୋଇ ୧୮୯୫ ମସିହାରେ ସେ ମୃତ୍ୟୁବରଣ କରିଥିଲେ । ଜ୍ୱରରେ ଶଯ୍ୟାଶାୟୀ ହୋଇ ପଡ଼ିଥିବା ସମୟରେ ତାଙ୍କର ସମସ୍ତ ଭାବନା ଆପଣାର ସେହି କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିବାରେ ହିଁ କେନ୍ଦ୍ରିତ ହୋଇ ରହିଥିଲା । ଏପରିକି ପାଟିଖୋଲି କଥା କହିବା ମଧ୍ୟ ଯେତେବେଳେ ତାଙ୍କ ଲାଗି କଷ୍ଟଦାୟକ ହେଲା ସେତେବେଳେ ସେ ନିଜ ସ୍ତ୍ରୀଙ୍କୁ କହିଥିଲେ : ''ଗ୍ରନ୍ଥଟିକୁ ଯେକୌଣସି ପ୍ରକାରେ ଶେଷ କରିବାକୁ ପଡ଼ିବ । ଯଦି ଛାପା କାର୍ଯ୍ୟ ଲାଗି ପଇସା ଦରକାର ଥାଏ ତେବେ ମୋର ଶ୍ରାଦ୍ଧକାର୍ଯ୍ୟରେ ଆଦୌ ପଇସା ଖର୍ଚ୍ଚ କରିବ ନାହିଁ, ଯେପରିକି ମହାଭାରତର କାର୍ଯ୍ୟଟି ଲାଗି ଯଥେଷ୍ଟ ଅର୍ଥର ସଂଚୟ ସମ୍ଭବ ହୋଇପାରିବ ।''

ଭାରତ ପ୍ରତି ଓ ଭାରତର ସେହି ମହାନ୍ ସଂସ୍କୃତି ସମ୍ବଳିତ ଗ୍ରନ୍ଥ ପ୍ରତି ଶ୍ରଦ୍ଧାପୂର୍ଣ୍ଣ ହୃଦୟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ତାଙ୍କର ପତ୍ନୀ ସୁନ୍ଦରୀବାଲା ରାୟ ଗଭୀର ନିଷ୍ଠାର ସହିତ ତାଙ୍କର ସେହି ମହାନ୍ ଇଚ୍ଛାଟି ଅନୁସାରେ କାର୍ଯ୍ୟ କରିଥିଲେ ଓ ୟୁରୋପର ଜନସମାଜ ସମଗ୍ର କାବ୍ୟଟି ପଢ଼ିବାର ସୁଯୋଗ ହରାଇ ନ ଥିଲେ ।

ପ୍ରତାପ ଚନ୍ଦ୍ର ରାୟ ଓ ଆଉ ଯେଉଁ ପରୋପକାରୀ ବ୍ୟକ୍ତିଗଣ ଏପରି ଅଧ୍ୟବସାୟ କରିପାରନ୍ତି, ସେମାନଙ୍କ ପ୍ରୟାସରୁ ଏହିପରି ଫଳ ହିଁ ମିଳିଥାଏ ।

ଦିବ୍ୟଜନନୀ ଶ୍ରୀମା କହିଥିବା ଅଧ୍ୟବସାୟର ଅନ୍ୟ ଏକ ବାସ୍ତବ କାହାଣୀ ନିମ୍ନରେ ଉପସ୍ଥାପନ କରାଗଲା ।

ବିଖ୍ୟାତ ପାତ୍ର ନିର୍ମାତା ବର୍ନାର୍ଡ଼ ପାଲିସି ନାନା ବର୍ଣ୍ଣର ଐଶ୍ୱର୍ଯ୍ୟମୟ ଛଟାରେ କଲେଇ କରାଯାଇଥିବା ପୁରାତନ ଓ ଉଜ୍ଜ୍ୱଳ ସୁନ୍ଦର ଚୀନା ମାଟିରେ ତିଆରି ପାତ୍ରଗୁଡ଼ିକର ନିର୍ମାଣରୀତିକୁ ପୁନରୁଦ୍ଧାର କରିବା ଲାଗି ଇଚ୍ଛା କରିଥିଲେ ।

ମାସ ମାସ ଓ ବର୍ଷ ବର୍ଷ ଧରି ସେ ଅକ୍ଳାନ୍ତ ଭାବରେ ସେହି ସଂକଳ୍ପଟିକୁ ନେଇ କେତେ କ'ଣ ପ୍ରୟୋଗ ଓ ପରୀକ୍ଷା କରିବାକୁ ଲାଗିଲେ । ଅନେକ ବର୍ଷ ବିତିଗଲା, ତଥାପି ସେ ପୁରାତନ ଚୀନା ବାସନଗୁଡ଼ିକର ଔଜ୍ଜ୍ୱଲ୍ୟଟିକୁ ପୁନରୁଦ୍ଧାର କରିପାରିଲେ ନାହିଁ । ନିଜ ନିକଟରେ ଯାହାକିଛି ସମ୍ବଳ ଓ ସାମଗ୍ରୀ ଥିଲା ସବୁକିଛିକୁ ତାଙ୍କର ଏହି ଅନ୍ୱେଷଣ କାର୍ଯ୍ୟରେ ବିନିଯୋଗ କରିଦେଲେ ଏବଂ ନିଜେ ସେହି ଉଦ୍ଦେଶ୍ୟରେ ତିଆରି କରିଥିବା ଭାଟିଟି ପାଖରେ ତାଙ୍କୁ ଲଗାତାର ଅନେକ ଦିନ ଓ ଅନେକ ରାତି ଉଜାଗର ହୋଇ ବସି ରହିବାକୁ ପଡ଼ିଲା ଓ ଆପଣାର ପାତ୍ରଗୁଡ଼ିକୁ ତିଆରି କରିବାର ଏହି ଭାଟିଟି ଉପରେ ଚଢ଼ାଇବାର ନାନା ନୂଆ ପଦ୍ଧତିରେ ପରୀକ୍ଷା କରୁ କରୁ ତାଙ୍କର ଦୀର୍ଘ ସମୟ ଅତିବାହିତ ହୋଇ ଯାଇଥିଲା । ସେତେବେଳେ ତାଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିବା ଦୂରେ ଥାଉ, ବରଂ ତାଙ୍କର ବନ୍ଧୁ ଓ ପଡ଼ୋଶୀମାନେ ତାଙ୍କୁ ଜଣେ ପାଗଳ ବୋଲି

ସମାଲୋଚନା କରୁଥିଲେ ଏବଂ ତାଙ୍କର ଏହିସବୁ ଅସଫଳ ବୃଥା କାର୍ଯ୍ୟ ସକାଶେ ତାଙ୍କୁ ନିଜ ସ୍ତ୍ରୀଙ୍କଠାରୁ ମଧ୍ୟ ଗାଳି ଶୁଣିବାକୁ ପଡ଼ୁଥିଲା ।

ସାମଗ୍ରୀ ଓ ସମ୍ବଳର ଅଭାବ ହେତୁ ତାଙ୍କୁ ଏକାଧିକବାର ଆପଣାର ଯାବତୀୟ ପରୀକ୍ଷା-ନିରୀକ୍ଷାକୁ ବନ୍ଦ କରି ଦେବାକୁ ପଡୁଥିଲା । ମାତ୍ର ପୁନର୍ବାର ଟିକିଏ ସାମର୍ଥ୍ୟ ମିଳିବା ମାତ୍ରକେ ସେ ନୂତନ ସାହସ ଓ ଉତ୍ସାହର ସହ ସେଗୁଡ଼ିକୁ ଆରମ୍ଭ କରି ଦେଉଥିଲେ । ଦିନେ ଏପରି ଅବସ୍ଥା ହେଲା ଯେ ଭାଟି ଲଗାଇବା ସକାଶେ ତାଙ୍କ ପାଖରେ ଆବଶ୍ୟକ କାଠ ବି ନ ଥିଲା । ତେଣୁ ଘରଣୀଙ୍କର କୌଣସି ପ୍ରତିବାଦ ଓ ଭୟ ପ୍ରଦର୍ଶନ ପ୍ରତି ଆଦୌ ଭ୍ରୁକ୍ଷେପ ନ କରି ଘରେ ନିଜର ଯାହାକିଛି କାଠ ତିଆରି ଆସବାବପତ୍ର ଥିଲା ସେଗୁଡ଼ିକୁ ମଧ୍ୟ ଭାଟିରେ ପକାଇ ଶେଷ କରିଦେଲେ ଏବଂ ଯେତେବେଳେ ସବୁଯାକ ଜଳିସାରିଲା ସେତେବେଳେ ସେ ଭାଟିଟିକୁ ଖୋଲି ଖେଳାଇ ଦେଖିଲେ; ଭାଟି ଭିତରେ ସେ ଆଜିଯାଏ ଅନ୍ୱେଷଣ କରି ଆସିଥିବା ସେହି ପ୍ରସିଦ୍ଧ ଉଜ୍ଜ୍ୱଳ ପାତ୍ରଗୁଡ଼ିକ ପୂର୍ଣ୍ଣ ହୋଇ ରହିଥିବାର ଦେଖିବାକୁ ପାଇଥିଲେ । ଯାହା ତାଙ୍କୁ ଏତେ ପ୍ରଖ୍ୟାତି ଆଣି ଦେଲା ତାହାକୁ ଆବିଷ୍କାର କରିବା ଲାଗି ତାଙ୍କୁ ଏତେଗୁଡ଼ାଏ ବର୍ଷର ଦୀର୍ଘ ସମୟ ଅପେକ୍ଷା କରିବାକୁ ହୋଇଥିଲା । ଅନ୍ୟ କାହାରି ପ୍ରୋତ୍ସାହନ, ପ୍ରେରଣା ବା କିଞ୍ଚିତ୍ ସାହାଯ୍ୟ ନ ପାଇ, ସକଳ ପ୍ରକାର କଷ୍ଟ, ନିନ୍ଦା ଓ ଅପମାନ ସତ୍ତ୍ୱେ ତାଙ୍କୁ ଶେଷରେ ଯାହା ବିଜୟମଣ୍ଡିତ କରିଥିଲା – ତାହାକୁ ହିଁ ଆମେ ଅଧ୍ୟବସାୟ ବୋଲି କହିବା ଏବଂ ତାହାକୁ ସବୁଠାରୁ ଶକ୍ତିଶାଳୀ ସାଧନଟିଏ ବୋଲି ଜାଣିବା ।

ପୃଥିବୀରେ ଏପରି କୌଣସି କାର୍ଯ୍ୟ ନାହିଁ ଯାହାକୁ ଅଧ୍ୟବସାୟ ଦ୍ୱାରା ସାଧନ କରାଯାଇ ନ ପାରେ । ଛୋଟ ଛୋଟ ଅନେକ ଅକ୍ଳାନ୍ତ ନିରବଚ୍ଛିନ୍ନ ପ୍ରୟାସ ଦ୍ୱାରା ବୃହତ୍ତମ ଯୋଜନାଗୁଡ଼ିକ ସଫଳ ହୋଇଥାଏ ।

ପ୍ରକାଣ୍ଡ ପ୍ରସ୍ତର ଖଣ୍ଡ ଉପରେ ବର୍ଷା ପାଣି ବିନ୍ଦୁ ପରେ ବିନ୍ଦୁ ଗୋଟିଏ ଜାଗାରେ ପଡ଼ିବା ଦ୍ୱାରା କାଳକ୍ରମେ ପଥରଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥାଏ ।

ଗୋଟିଏ ବାଲିକଣା ଅବଶ୍ୟ ଖୁବ୍ ଗୋଟାଏ ଶକ୍ତିଶାଳୀ ବସ୍ତୁ ବୋଲି କହିବା ନାହିଁ । କିନ୍ତୁ ଏହି ବାଲିକଣାସବୁ ଯେତେବେଳେ ଅନେକ ସଂଖ୍ୟାରେ ଏକତ୍ରିତ ହୋଇଯା'ନ୍ତି ସେମାନେ ଏପରି ଗୋଟାଏ ବନ୍ଧରେ ପରିଣତ ହୋଇଯା'ନ୍ତି ଯାହାକି ମହାସମୁଦ୍ରର ପଥକୁ ବି ବଦଳାଇ ଦେଇପାରେ । ଛୋଟ ଛୋଟ ସାମୁଦ୍ରିକ ପ୍ରାଣୀ ଏକତ୍ର ଗଦା ହୋଇ ଗୋଟାଏ ଗୋଟାଏ ପର୍ବତ ତିଆରି କରି ଦେଇପାରନ୍ତି । ଏପରି ପ୍ରକ୍ରିୟା ଅବିରାମ ସଙ୍ଗଠିତ ହେଲେ ସମୁଦ୍ର ମଧ୍ୟସ୍ଥ ସମତଳ ସ୍ଥାନରେ ଦ୍ୱୀପ ଓ ଦ୍ୱୀପପୁଞ୍ଜ ସୃଷ୍ଟି ହୋଇ ଯାଇଥାଏ । ଯେକୌଣସି ବ୍ୟକ୍ତି ନିଜର କ୍ଷୁଦ୍ର ଅଥଚ ଅପ୍ରତିହତ ପ୍ରୟାସ ଦ୍ୱାରା ଅନେକ ବଡ଼ ବଡ଼ କାର୍ଯ୍ୟ ସମ୍ପାଦିତ କରି ଦେଇପାରେ ।

"In this wide world, there is no lack of noble work to be accomplished, nor is there any lack of good people to undertake it; but what is very often lacking is the perseverance which alone can carry it through to the end."

(CWM, Vol. 2, P. 202) – The Mother

''ଏହି ବିଶାଳ ପୃଥିବୀରେ ସମ୍ପନ୍ନ କରିବାକୁ ରହିଥିବା ମହତ୍ କାର୍ଯ୍ୟର ଆଦୌ କୌଣସି ଅଭାବ ନାହିଁ, ସେହି କାର୍ଯ୍ୟଟି ସମ୍ପନ୍ନ କରିବା ଲାଗି ଉତ୍ତମ ବ୍ୟକ୍ତିଙ୍କର ମଧ୍ୟ ଅଭାବ ନାହିଁ । କିନ୍ତୁ, କେବଳ ଯେଉଁ ଅଧ୍ୟବସାୟ ବଳରେ ସେମାନେ ସେହି କାର୍ଯ୍ୟଗୁଡ଼ିକୁ ଶେଷ ପର୍ଯ୍ୟନ୍ତ କରିପାରନ୍ତେ, ଅଧିକାଂଶ କ୍ଷେତ୍ରରେ ସେହି ଅଧ୍ୟବସାୟର ହିଁ ପ୍ରକୃତରେ ଅଭାବ ରହିଛି ।

– ଶ୍ରୀମା

ପ୍ରଗତି ପଥରେ ତିତିକ୍ଷାଯୁକ୍ତ ଅଧ୍ୟବସାୟ ହିଁ ଆମର ଏକମାତ୍ର ପାଥେୟ ହୋଇ ରହିଛି ।

ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦ୍ୱାରା ରଚିତ ୩୭ ଖଣ୍ଡ ବୃହତ୍ ଗ୍ରନ୍ଥରେ ନିକ୍ଷିପ୍ତ ହୋଇ ରହିଥିବା ଜ୍ଞାନ ଓ ପ୍ରଜ୍ଞାର ସ୍ରୋତସ୍ୱିନୀ ପ୍ରବାହ, ଦିବ୍ୟଜନନୀ ଶ୍ରୀମାଙ୍କ ଦ୍ୱାରା କଥିତ ଓ ଲିଖିତ ୧୭ ଖଣ୍ଡ ମାତୃରଚନାବଳୀ ଓ ୧୩ ଖଣ୍ଡ ମା'ଙ୍କ ଏଜେଣ୍ଡା (Mother's Agenda), ଆଶ୍ରମ ଓ ଅରୋଭିଲ୍‌ର ସଂରଚନା ଯେ ବିପୁଳ ଅଧ୍ୟବସାୟର ଜ୍ୱଳନ୍ତ ନିଦର୍ଶନ – ଏହା ଅବିସମ୍ବାଦିତ ଏକ ବାସ୍ତବ ସତ୍ୟ ।

ନୂତନ ଯୁଗ, ନୂତନ ସମାଜ, ନୂତନ ଚେତନା ପ୍ରତିଷ୍ଠା କରିବା ଲାଗି ଦିବ୍ୟଜନନୀ ଶ୍ରୀମା ଓ ପରମ ପ୍ରଭୁ ଶ୍ରୀଅରବିନ୍ଦ ଯେଉଁ ଅପରିମେୟ, ଅପରିମିତ ଅଧ୍ୟବସାୟ କରିଯାଇଛନ୍ତି – ବିଶ୍ୱ ଇତିହାସରେ ତାହା ଅନନ୍ୟ, ଅଦ୍ୱିତୀୟ ଓ ଅତୁଳନୀୟ ।

❑❑❑

# ଦିବାସ୍ୱପ୍ନ

## (୩)

## ଗିଜୁଭାଇ ବଧେକା

['ଦିବାସ୍ୱପ୍ନ' ଗୋଟିଏ କାହାଣୀ । ଏଥିରେ ଜଣେ କାଳ୍ପନିକ ଶିକ୍ଷକ ଶିକ୍ଷାର ଗତାନୁଗତିକ ଧାରା ବିରୋଧରେ କେବଳ ସ୍ୱର ଉତ୍ତୋଳନ କରିଛନ୍ତି, ସେତିକି ନୁହେଁ; ତା'ର ବିକଳ୍ପ ପାଇଁ ମଧ୍ୟ ପନ୍ଥା ଉଦ୍ଭାବନ କରିଛନ୍ତି । ତାଙ୍କର ଶିକ୍ଷାର୍ଥୀମାନଙ୍କ ପାଇଁ ନିରୋଳା ଭଲପାଇବା, ସମ୍ମାନ, ସହୃଦୟତା ସେମାନଙ୍କୁ ଶିକ୍ଷିତ ହେବାରେ ପ୍ରେରଣା ଯୋଗାଇଛି । ସମସ୍ତ ପ୍ରତିକୂଳ ପରିବେଶରେ ସମାଜ ଓ ପ୍ରଚଳିତ ଶିକ୍ଷାର ପରିବର୍ତ୍ତନ ଦିଗରେ ନିଜର ଅନୁସୃତ ପନ୍ଥାକୁ ସେ ସଫଳ ଭାବେ ପ୍ରୟୋଗ କରି ପାରିଛନ୍ତି । ତାଙ୍କର ତାତ୍ତ୍ୱିକ ଭିତ୍ତି ରହିଛି ମଣ୍ଟେସୋରୀଙ୍କ ଅନୁସୃତ ଶିକ୍ଷାପଦ୍ଧତି ଉପରେ ।

କାହାଣୀଟିର ରଚନା କାଳ ୧୯୩୨ ମସିହା । ସେତେବେଳେ ପରାଧୀନ ଭାରତର ସଂଖ୍ୟା ଗରିଷ୍ଠ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ, ଜୀବନ ଯନ୍ତ୍ରଣାରେ ଜର୍ଜରିତ । ସ୍ଥଳବିଶେଷରେ ସାଧାରଣ ଲୋକଙ୍କ ପାଇଁ ସର୍ବନିମ୍ନ ଶିକ୍ଷା ବି ଥିଲା ଅପହଞ୍ଚ । ବିଦ୍ୟାଳୟ, ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ କେହି ବି ଯଥେଷ୍ଟ ସାମର୍ଥ୍ୟବାନ୍, ଯୋଗ୍ୟ ବା ଅଙ୍ଗୀକାରବଦ୍ଧ ନଥିଲେ ଶିଶୁମାନଙ୍କୁ ଯଥାର୍ଥ ଭାବେ ଶିକ୍ଷିତ କରିବାକୁ ।

ତେବେ କେବଳ ସ୍ୱପ୍ନ ଦେଖିଲେ ତ ଯଥେଷ୍ଟ ହେବ ନାହିଁ; ସେସବୁକୁ ସାକାର କରିବା ପାଇଁ ଯଥେଷ୍ଟ ସାମର୍ଥ୍ୟ ଓ ପାଥେୟ ଥିବା ଆବଶ୍ୟକ । ଅବଶ୍ୟ ମରମୀ ଶିକ୍ଷକ ଜଣଙ୍କର ପ୍ରସ୍ତୁତ 'ପ୍ରଣାଳୀ' ଓ 'ପ୍ରୟୋଗ' ଗ୍ରହଣ କରିବାର ମାନସିକତା ଅଭିଭାବକ ଅଥବା ସହକର୍ମୀ ଶିକ୍ଷକ/ଶିକ୍ଷିକାଙ୍କର ନଥିଲା । ତେବେ କ'ଣ ସେ ଓହରି ଯିବେ ନିଜ ସଂକଳ୍ପରୁ ! ଏବେ ଜାଣିବା ସେ କିପରି ନିଜର ସ୍ୱପ୍ନକୁ ଅଧିକ ସୁଦୃଢ଼ କାର୍ଯ୍ୟକ୍ଷମ କରୁଛନ୍ତି ପିଲାମାନଙ୍କୁ ଶିକ୍ଷିତ କରିବା ପାଇଁ । କୌଣସି ଧରାବନ୍ଧା ନିୟମର ଅନୁଶୀଳନରେ ନୁହେଁ, ବରଂ ହୃଦୟର ଅନ୍ୱେଷଣ ହିଁ ଶିକ୍ଷକଙ୍କୁ ପଥ ଦେଖାଇଛି ପିଲାମାନଙ୍କୁ ସାଥୀ କରି ଚାଲିବା ପାଇଁ ।... ...]

### ପ୍ରୟୋଗର ଆରମ୍ଭ

### (VIII)

ସଭା ହେଲା । କିନ୍ତୁ ଏହାକୁ ତ ସଭା କୁହାଯାଇ ନ ପାରେ । ଚାଳିଶି ଜଣ ମାଆ/ବାପାଙ୍କ ପାଖକୁ ଚିଠି ପଠାଯାଇଥିଲା । କିନ୍ତୁ ମାତ୍ର ସାତ ଜଣ ଆସିଥିଲେ । ମୋର ନିରାଶାର ସୀମା ରହିଲାନି । ମୁଁ ବଡ଼ ସୁନ୍ଦର ଭାଷଣ ପ୍ରସ୍ତୁତ କରିଥିଲି । କିନ୍ତୁ କ'ଣ କରିବି ? ମୁଁ କିନ୍ତୁ ମୋର ଭାଷଣ ଆରମ୍ଭ କରିଦେଲି । ଭାବିଲି, ଚେଷ୍ଟା କରିବାକୁ ତ ଆସିଛି । ଆଉ ଭାଷଣଟି ମଧ୍ୟ ଏ ପ୍ରୟୋଗର ଗୋଟିଏ ଅଂଶ । ଗମ୍ଭୀର ହୋଇ ପ୍ରାୟ ଏକ ଘଣ୍ଟା ଧରି ଭାଷଣ ଦେଲି । ସାତ ଜଣଙ୍କ ଭିତରୁ ଜଣଙ୍କୁ ଘରୁ ଡାକରା ଆସିଲା ଓ ସେ ଚାଲିଗଲେ । ଅନ୍ୟମାନେ କିଛିଟା ବିରକ୍ତିର ସହିତ ଶୁଣୁଥିଲେ । ସବୁତକ କଥା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ସେମାନେ ସବୁ ତାହା ବୁଝିବା ମଧ୍ୟ ବହୁତ ଦରକାରୀ ।

ମୁଁ ସେମାନଙ୍କୁ ପାଠର ଠିକ୍ ଓ ଭୁଲ୍ ଦିଗ ବିଷୟରେ ଟିକିନିଖି କରି ବୁଝାଇଥିଲି । ମୁଁ ସେମାନଙ୍କୁ ମନର ଉନ୍ନତି ସହିତ ପରିଚ୍ଛନ୍ନତାର ସମ୍ପର୍କ ବିଷୟରେ କହିଲି । ଚରିତ୍ର ଗଠନ ଓ ଖେଳର ସମ୍ବନ୍ଧ ଯୋଡ଼ିଲି । ଆତ୍ମ-ସଞ୍ଜମର ମହତ୍ତ୍ୱ ବୁଝାଇଲି । ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଓ ତା'ର ନିୟମ କାନୁନସବୁର ସମାଲୋଚନା କଲି ।

କିନ୍ତୁ ଏସବୁ କାଲା ଆଗରେ ମୂଳା ଚୋବାଇବା ଭଳି ହେଲା । ଯେଉଁ ଦୁଇ, ଚାରିଜଣ ଭଦ୍ରାମୀ ଖାତିରରେ ଆସି ଯାଇଥିଲେ, ସେମାନେ ବ୍ୟସ୍ତ ହୋଇ ପଡ଼ିଥିଲେ । ଭାଷଣ ସରିବା ମାତ୍ରେ ସେମାନେ ମଧ୍ୟ ତରତର ହୋଇ ଘରକୁ ଚାଲିଗଲେ ।

କେବଳ ରହିଗଲେ ଆମର ଶିକ୍ଷକମାନେ ଓ ଆମ ଅଧିକାରୀ । ଅଧିକାରୀ ଜଣଙ୍କ ସାମାନ୍ୟ ହସି କହିଲେ, ''ଲକ୍ଷ୍ମୀଶଙ୍କର ! ତୁମର ପରିଶ୍ରମସବୁ ପାଣିରେ ପଡ଼ିଗଲା । ତୁମର ଦର୍ଶନକୁ ଏଠି ବୁଝୁଛି କିଏ ?''

ପଛରୁ କେହି ଜଣେ ଶିକ୍ଷକ ଧୀରେ ଧୀରେ କହିଲେ – ‘‘ଆଜ୍ଞା, ପୂରା ମୂର୍ଖ ।’’

ମୋତେ ତ ଭଲ ଲାଗିଲା ନାହିଁ, ତଥାପି ମୁଁ କିଛି କହିଲି ନାହିଁ । ମୁଁ ମନେ ମନେ ଏହା ବି ଅନୁଭବ କଲି ଯେ ମୁଁ ଏବେ କିଛି ପୋଥି ବାଇଗଣ ଚଷୁଛି । ସାଧାରଣ ଲୋକଙ୍କୁ କିପରି ବୁଝାଇବାକୁ ହେବ, ତା’ ମୁଁ ଏବେ ବି ଜାଣିନି ।

ସବୁ ଶିକ୍ଷକ ହସି ହସି ଘରକୁ ଫେରିଲେ ।

## (IX)

ଦଶ, ବାରଦିନ ବିତିଗଲା ଓ ପୁସ୍ତକାଳୟର କାମ ଆରମ୍ଭ କରାଗଲା । ବହୁତ ଗପ କୁହା ସରିଥିଲା । ପିଲାମାନେ ଚତୁର୍ଥ ଶ୍ରେଣୀରେ ପଢ଼ିଲେଣି । ତେଣୁ ସେମାନେ ଏବେ ନିଜେ ବହି ପଢ଼ିବା ବହୁତ ଦରକାର ।

ମୁଁ ପିଲାମାନଙ୍କୁ କହିଲି, ‘‘କାଲି ସାହିତ୍ୟ ଓ ଇତିହାସ ବହିର ପଇସା ନେଇ ଆସିବ । ଏଇଠୁ ସବୁ ଯୋଗାଡ଼ କରିବା ।’’

ଦ୍ୱିତୀୟ ଦିନ ଗୋଟିଏ ପିଲା ସାହିତ୍ୟ ଓ ଇତିହାସ ବହି ନେଇ ଚାଲି ଆସିଲା । କହିଲା, ‘‘ମୁଁ ଯେଉଁଦିନ ଚତୁର୍ଥ ଶ୍ରେଣୀକୁ ଆସିଲି, ମୋ ବାପା କିଣି କରି ନେଇ ଆସିଥିଲେ ।’’

ଦ୍ୱିତୀୟ ଜଣକ କହିଲା, ‘‘ମୋ ବଡ଼ଭାଇର ଏ ବହିସବୁ ଥିଲା । ମୁଁ ତାକୁ ନେଇ ଆସିଲି ।’’

ତୃତୀୟ ଜଣକ କହିଲା, ‘‘ମୋ ପିଇସା ବମ୍ବେରୁ ପଠାଇ ଦେବେ । ତେଣୁ ମୁଁ ଏଠାରୁ ବହି ନେବିନି ।’’

ଆଉ ଗୋଟିଏ ପିଲା କହିଲା, ‘‘ମୋ ବାପା ପଇସା ଦେବାକୁ ମନା କଲେ । କହିଲେ, ସେ ବହି କିଣି ଦେବେ ।’’

ମୁଁ ଭାବିଲି, ‘‘ମରିଗଲି ! କଳ୍ପନାରେ ପୁସ୍ତକାଳୟ କରିବା ତ ବହୁତ ସହଜ, କିନ୍ତୁ ପ୍ରକୃତ କ୍ଷେତ୍ରରେ ଏହା ବହୁତ କଷ୍ଟ କାମ ।’’

କେତେଜଣ ପିଲା ପଇସା ବି ଆଣିଥିଲେ । ମୁଁ ପଇସା ରଖି ତାଙ୍କୁ ରସିଦ ଦେଇ କହିଲି, ‘‘ବହୁତ ଭଲ କଥା ।’’ ତା’ ପରଦିନ ପିଲାସବୁ ତାଙ୍କର ସାହିତ୍ୟ ଓ ଇତିହାସ ବହି ମାଗିବାକୁ ଲାଗିଲେ ।

ମୁଁ କହିଲି, ‘‘ତୁମ ପଇସାରେ ମୁଁ ଏ ଗପ ବହିସବୁ କିଣି ଆଣିଛି । ତୁମେ କହୁଥିଲ ନା ତୁମକୁ ଗପ ବହିସବୁ ପଢ଼ିବା ପାଇଁ ଖୁବ୍ ମଜା ଲାଗେ ?’’

ସୁନ୍ଦର ସୁନ୍ଦର ରଙ୍ଗୀନ୍ ଚିତ୍ର ଥିବା ବହିସବୁ ଦେଖି ପିଲାମାନେ ବହୁତ ଖୁସି ହୋଇଗଲେ ।

ମୁଁ କହିଲି, ‘‘ଆମ ପାଖରେ ଏବେ ମୋଟେ ପନ୍ଦରଟି ବହି ଅଛି । ପନ୍ଦର ଜଣ ପିଲା ମାତ୍ର ପଢ଼ିପାରିବେ । ବାକି କୋଡ଼ିଏ ଜଣ ପିଲା ମୋ ପାଖକୁ ଆସ । ମୁଁ ପଢ଼ିବି ଓ ତୁମେ ଶୁଣିବ ।

ପନ୍ଦର ଜଣ ପିଲା ପନ୍ଦରଟି ଯାକ ବହି ଝାମ୍ପି ନେଲେ । ମୁଁ କହିଲି, ‘‘ଦେଖ, ଜଣେ ଗୋଟିଏ ବହି ପଢ଼ି ସାରିଲା ପରେ ତାକୁ ଆଣି ଟେବୁଲ ଉପରେ ରଖିଦିଅ । ଏଠି ଅନ୍ୟ କିଛି ବହି ଥିଲେ ନେଇ ପଢ଼ । ଏମିତି କଲେ ଜଣ ଜଣ ହୋଇ ତୁମେ ସମସ୍ତେ ସବୁ ବହି ପଢ଼ିପାରିବ ।’’

ବାକି ପିଲାମାନଙ୍କୁ ମୁଁ ମୋ ପାଖରେ ବସାଇ ପଢ଼ିବାକୁ ଆରମ୍ଭ କଲି । ମୁଁ ଭାବଭଙ୍ଗୀ ଦେଖାଇ, ଅଭିନୟ କରି ଶବ୍ଦଗୁଡ଼ିକୁ ଠିକ୍ ଭାବେ ଉଚ୍ଚାରଣ କରି ପଢ଼ିବାକୁ ଲାଗିଲି । କିନ୍ତୁ ଏକା ଏକା ପଢୁଥିବା ପନ୍ଦର ଜଣ ବହୁତ ଜୋର୍‌ରେ ପାଟି କରି ପଢୁଥିଲେ । ଟିକିଏ ପରେ ମୁଁ କହିଲି, ‘‘ଦେଖ ! ତୁମେ ମନେ ମନେ ପଢ଼ । ତୁମ ପାଟିରେ ଆମେ ହଇରାଣ ହେଉଛୁ । କିଛି ସମୟ ପାଇଁ ପାଟିତୁଣ୍ଡ କମିଗଲା । କିନ୍ତୁ ସେମାନେ ଚୁପ୍‌ଚାପ୍ ପଢ଼ିବା ଶିଖି ନାହାନ୍ତି । ସେମାନେ କେବଳ ପାଟି କରି ପଢ଼ି ଜାଣନ୍ତି । କିଛି ସମୟ ଅଳ୍ପ ପାଟିରେ ପଢ଼ିଲା ପରେ ପୁଣି ତାଙ୍କ ପାଟି ବଢ଼ି ଯାଉଥାଏ । ମୁଁ ତାଙ୍କୁ ବାରଣ୍ଡାରେ ଅଲଗା ଅଲଗା ବସି ପଢ଼ିବାକୁ କହିଲି ଓ ନିଜେ ଶ୍ରେଣୀ ଭିତରେ ରହିଲି ।

ଆମର ଗପ ଭଲ ଚାଲିଲା । ଗପଟି ବହୁତ ଭଲ ଥିଲା । ତେଣୁ ସମସ୍ତେ ମନଧ୍ୟାନ ଦେଇ ଶୁଣୁଥା’ନ୍ତି । ଘଣ୍ଟି ବାଜିବା ପର୍ଯ୍ୟନ୍ତ ପଢ଼ା ଚାଲିଲା ।

## (X)

ଗପ, ଖେଳ, ପୁସ୍ତକାଳୟ, କଥାବାର୍ତ୍ତା, ପରିଷ୍କାର-ପରିଚ୍ଛନ୍ନତାର ବ୍ୟବସ୍ଥା କରୁ କରୁ ଦୁଇ, ତିନି ମାସ ବିତିଗଲା ।

ମୁଁ ମୋ କାମର ହିସାବ କରିବାକୁ ଲାଗିଲି । ଯେତେସବୁ କାମ ହୋଇ ସାରିଛି ତାକୁ ପୁଣି ଥରେ ମନେ ପକାଇଲି । ମୋତେ ଲାଗିଲା ବର୍ତ୍ତମାନ ପର୍ଯ୍ୟନ୍ତ ଚାରି ଭାଗରୁ ଭାଗେ କାମ ବି ହୋଇନି । ପାଠ୍ୟକ୍ରମର ହିନ୍ଦୀ, ଗଣିତ, ଇତିହାସ, ବିଜ୍ଞାନ ଇତ୍ୟାଦିର ତ ଆରମ୍ଭ ବି ହୋଇନି । ଅନ୍ୟ ଶ୍ରେଣୀଗୁଡ଼ିକରେ ତ ବହୁତ ପାଠ ସରିଯାଇଛି । ବର୍ଷ ଶେଷ

ବେଳକୁ ତ ମୋତେ ଏସବୁ କରିକି ଦେଖାଇବାକୁ ପଡ଼ିବ । ମୋ ପ୍ରୟୋଗର ସର୍ତ୍ତ ମଧ୍ୟ ଏଇଆ ଥିଲା । ଛାଡ଼ ! ଏସବୁ ତ ଠିକ୍ ଅଛି । କିନ୍ତୁ ମୁଁ କ'ଣ କ'ଣ କରି ସାରିଛି ! ଗପ କୁହା ଖୁବ୍ ଭଲ ଚାଲିଛି । ସେଥିପାଇଁ ପିଲାମାନଙ୍କର ଆଗ୍ରହ ବଢ଼ିଛି ଏବଂ ସେମାନେ କିଛିଟା ଶୃଙ୍ଖଳିତ ହୋଇ ଯାଇଛନ୍ତି । କିନ୍ତୁ ଚମ୍ପକଲାଲ ଓ ରମଣଲାଲକୁ ଗପ ଭଲ ଲାଗୁନି । ରାମଜୀବନ ଓ ଶଙ୍କରଲାଲକୁ ଏ ଗପସବୁ ବହୁତ ସରଳ ଲାଗୁଛି । ଗପ କହୁଥିବା ସମୟରେ ରାଘବ ଓ ମାଧବ ଆଖି ମିଟିକା ମାରୁଛନ୍ତି, ଆଙ୍ଗୁଠି ଫୁଟାଉଛନ୍ତି, ଅନ୍ୟକୁ ଖତେଇ ହେଉଛନ୍ତି । ଏସବୁ ମୋତେ ଠିକ୍ କରିବାକୁ ପଡ଼ିବ । ଖେଳିବା ଦ୍ୱାରା ଅବଶ୍ୟ ପିଲାମାନେ ମୋ ସହିତ ଖୁବ୍ ଭଲ ଭାବରେ ମିଶି ପାରୁଛନ୍ତି । ମୋତେ ନିଜର ବୋଲି ଭାବୁଛନ୍ତି । ମୋତେ ଡରୁ ନାହାନ୍ତି । ଖେଳିବା ପରେ ମୁଁ ଯାହାସବୁ କହୁଛି ତାକୁ ମନ ଧ୍ୟାନ ଦେଇ ଶୁଣୁଛନ୍ତି । କିନ୍ତୁ ଖେଳରେ ଏବେ ଅବ୍ୟବସ୍ଥା ଓ ପାଟିତୁଣ୍ଡ ନାମକୁ ମାତ୍ର କମିଛି । ମୁଁ ତ ଖୁବ୍ ଚେଷ୍ଟା କରୁଛି, କିନ୍ତୁ ଏବେ ବି ଅନେକ କିଛି ବାକି ଅଛି ।

ପୁସ୍ତକାଳୟରେ ଏବେ ବହୁତ କମ୍ ବହି ଅଛି । ମୁଁ ଏପର୍ଯ୍ୟନ୍ତ ବି ମାଆବାପାମାନଙ୍କୁ ବୁଝାଇ ପାରିନି ଯେ ପୁସ୍ତକାଳୟ କାହିଁକି ଦରକାର । ମୁଁ ଭାବିଥିଲି ଯେ ଭାଷଣ ଦେଇ ସବୁକିଛି ଠିକ୍ କରି ଦେବି । କିନ୍ତୁ ଆମ ଅଭିଭାବକଙ୍କର ଏକମାତ୍ର ଚିନ୍ତା ଯେ ଖାଲି ପାଠ ପଢ଼ାଇ ଦିଅ । ଅନ୍ୟ କିଛି କଥା ଶୁଣିବା ପାଇଁ ତାଙ୍କର ସମୟ ନାହିଁ କି ଆଗ୍ରହ ମଧ୍ୟ ନାହିଁ । ଠିକ୍ ଅଛି, ଚିନ୍ତା ନାହିଁ । ମୁଁ ଲାଗି ରହିଲେ ନିଶ୍ଚୟ ହୋଇ ପାରିବ । ଆଜି ନ ହେଲେ ବି କାଲି । ମୋ ପାଖରେ ଯଥେଷ୍ଟ ସମୟ ବି ଅଛି ।

ମୁଁ ପୁଣି ଭାବିଲି – ଏ ପ୍ରୟୋଗ ପୂରା ମହାଭାରତ । ମୋ କଳ୍ପନା, ଜ୍ଞାନ ଓ ଆଦର୍ଶ ଯେତେ ବଡ଼, ମୋର ଅସୁବିଧା ମଧ୍ୟ ସେତିକି ଅଧିକ । ମୋ ମନରେ କେତେଗୁଡ଼ିଏ ପ୍ରଶ୍ନ ଉଠୁଥିଲା । ପରିଷ୍କାର, ପରିଚ୍ଛନ୍ନତା ଦିଗରୁ ଏପର୍ଯ୍ୟନ୍ତ ବି କିଛି ହୋଇ ନ ଥିଲା । ଟୋପିସବୁ ସେମିତି ଅଛି । ଲୁଗାପଟା ଦିନେ ଦୁଇଦିନ ସଫା ହେଲା, ତା'ପରେ ଆଗ ଭଳି ମଇଳା । ନଖସବୁ ପୁଣି ବଢ଼ିଗଲାଣି । ଏସବୁ ପଛରେ ଲାଗିବା ଦରକାର । ସମାଜରେ ନୂଆ ଅଭ୍ୟାସ କରାଇବାକୁ ହେଲେ ଧୈର୍ଯ୍ୟ ଧରିବାକୁ ହେବ । ବାରଂବାର କଲେ ଯାଇ ସଫଳତା ମିଳିବ ।

କେବଳ ପିଲାଙ୍କ ପାଇଁ ଚିନ୍ତା ନୁହେଁ, ଅଧିକାରୀ ବି ବ୍ୟସ୍ତ କରୁଛନ୍ତି । ତାଙ୍କୁ ଉପର ଅଧିକାରୀ ଓ ବିରୋଧୀ ଲୋକଙ୍କର ସାମନା ମଧ୍ୟ କରିବାକୁ ପଡୁଛି । ତେଣୁ ସେ ମଧ୍ୟ ଏହି ପ୍ରୟୋଗର ସଫଳତାର କିଛି ବାହାଦୂରୀ ନେବାକୁ ଚାହାନ୍ତି । ତେଣୁ ଫଳାଫଳ ପାଇଁ ତରବର । ପୁଣି ମୋତେ ସାହାଯ୍ୟ କରିବାର କ୍ଷମତା ତ ତାଙ୍କର ସୀମିତ ।

ମୋ ସାଙ୍ଗ ଶିକ୍ଷକମାନଙ୍କର ମୋ ଉପରେ ମୋଟରୁ ବିଶ୍ୱାସ ନାହିଁ । ସେମାନେ ମୋତେ ନିପଟ ମୂର୍ଖ ବୋଲି ଭାବନ୍ତି । ହଁ, ମୁଁ ବୋଧହୁଏ ଗୋଟିଏ ମୂର୍ଖ । ଅଭିଜ୍ଞତା ତ କିଛି ନାହିଁ । କିନ୍ତୁ ତାଙ୍କର ବିଶ୍ୱାସ ଓ ପାଠ ପଢ଼ାଇବାର ପଦ୍ଧତିକୁ ମୋର ନମସ୍କାର । ସେସବୁ ଦେଖି ମୋର କମ୍ପ ଆସି ଯାଉଛି । ବିରକ୍ତ ଲାଗୁଛି । ମୁଁ ଯାହା କରୁଛି ତାହା ଲକ୍ଷେ ଗୁଣରେ ଭଲ । ପିଲାମାନେ ମୋତେ ଦେଖିକରି ଦୌଡ଼ି ପଳାଇ ତ ଯାଆନ୍ତି ନାହିଁ । ସେମାନେ ମୋତେ ଯଥେଷ୍ଟ ଭଲ ପାଆନ୍ତି । ଶ୍ରଦ୍ଧା ମଧ୍ୟ କରନ୍ତି । ମୋ କଥା ବି ମାନନ୍ତି । ଅନ୍ୟ ଶିକ୍ଷକମାନଙ୍କୁ ଦେଖି ତାଙ୍କ ପିଲାମାନେ ଦୂରକୁ ଚାଲିଯାଆନ୍ତି । ଶିକ୍ଷକମାନଙ୍କ ପଛରେ ସେମାନେ ଥଟ୍ଟା କରିବା ତ ମୁଁ ମୋ ନିଜ ଆଖିରେ ଦେଖିଛି । ଜଣେ ବି ଏମିତି ପିଲା ନାହିଁ, ଯେ କି ଶିକ୍ଷକଙ୍କ ପାଖରେ ଠିଆ ହୋଇ ହସି କରି ପଦେ କଥା କହିପାରିବ । ସେମାନେ ଶ୍ରେଣୀରେ ହଲଚଲ ନ ହୋଇ କୃତ୍ରିମ ଭାବରେ ଚୁପ୍‌ଚାପ୍ ବସନ୍ତି । କିନ୍ତୁ ବାହାରକୁ ବାହାରିଲେ ଉତ୍ପାତ ହୁଅନ୍ତି । ମୁଁ ମୋ ପିଲାଙ୍କୁ ଯଥେଷ୍ଟ ସ୍ୱତନ୍ତ୍ରତା ଦେଇଛି । ଶ୍ରେଣୀ ଭିତରେ ମଧ୍ୟ ସେମାନଙ୍କର ସ୍ୱାଭାବିକ ଚପଳତା ଦେଖାଇବାର କିଛି ସୁଯୋଗ ସେମାନେ ପାଇଥା'ନ୍ତି । ତେଣୁ ବାହାରେ ଅଧିକ ଉତ୍ପାତ ହୁଅନ୍ତି ନାହିଁ । କିନ୍ତୁ ମୋ ସାଙ୍ଗମାନେ ଅଭିଯୋଗ କରନ୍ତି ଯେ ପିଲାମାନଙ୍କୁ ମୁଁ ଗେହ୍ଲାକରି ନଷ୍ଟ କରି ଦେଉଛି । ସେମାନଙ୍କୁ ଉଦ୍ଦଣ୍ଡ ବନେଇ ଦେଲିଣି । କେବଳ ଗପ ହିଁ ଶୁଣାଉଛି । ପାଠ ବିଲକୁଲ ପଢ଼ାଉ ନାହିଁ । ଖେଳାଇ ଖେଳାଇ ସେମାନଙ୍କୁ ଖରାପ କରି ସାରିଲିଣି । ଠିକ୍ ଅଛି । ଦେଖାଯିବ । ମୋ ବିଚାରରେ ତ ଏ ଗପ ଓ ଖେଳ ହିଁ ଶିକ୍ଷାର ବଡ଼ ଅଂଶ ।

ତଥାପି ମୋର ମନେ ରଖିବା ଦରକାର ଯେ ମୋର କାମ ସହଜ ନୁହେଁ । ଏକଥା କ୍ଷଣେ ମଧ୍ୟ ନ ଭୁଲି ମୋତେ ମୋର ଚେଷ୍ଟା ଚାଲୁ ରଖିବାକୁ ହିଁ ପଡ଼ିବ ।

ଠନ୍ ଠନ୍ ହୋଇ ଘଣ୍ଟାରେ ବାରଟା ବାଜିଲା ଓ ମୋର ଚିନ୍ତାର ଖିଅ ଛିଣ୍ଡିଗଲା – ''ହେ ଭଗବାନ୍ । ତୁମେ ହିଁ ମୋର ସାହାରା ।'' ସାରା ଚିନ୍ତା ମୋର ପରମେଶ୍ୱରଙ୍କୁ ସମର୍ପଣ କଲି ଓ 'କାଲିର ସମସ୍ୟାର ସମାଧାନ କାଲି' କହି ମୁଁ ଶୋଇଗଲି ।

## ଦ୍ୱିତୀୟ ଭାଗ

## ପ୍ରୟୋଗର ପ୍ରଗତି

### (I)

ତୃତୀୟ ମାସ ଆରମ୍ଭ ହେଲା । ମୁଁ ଭାବିଲି ଏବେଠାରୁ ପ୍ରତ୍ୟେକ ଦିନର କାମ ବିଷୟରେ ଲେଖି ରଖିବି, ଯେପରି ଗୋଟିଏ ସପ୍ତାହରେ କେତେ କାମ ହେଲା ଓ ତା' ସଙ୍ଗେ ସଙ୍ଗେ ମୁଁ ପ୍ରତ୍ୟେକ ମାସର କାମର ଯୋଜନା ମଧ୍ୟ ତିଆରି କରିବି । ଏ ଦିନଲିପି ମୋ ହିସାବ ଖାତା ପରି ନ ଥିଲା ବରଂ ମୋ କାମର ଦିଗ ବିଷୟରେ ଧାରଣା ଦେଇ ପାରୁଥିଲା ।

ଗପ ଓ ଖେଳ ତ ପ୍ରତିଦିନ ଚାଲିଥିଲା । ମଝିରେ ମଝିରେ କଥାବାର୍ତ୍ତା, ଆଦର୍ଶ କଥା ଓ ପିଲାମାନଙ୍କର ଶାରୀରିକ ପରିଚ୍ଛନ୍ନତା ପରୀକ୍ଷା ଇତ୍ୟାଦି ମଧ୍ୟ ଚାଲିଥିଲା । ପୁସ୍ତକାଳୟ ବି ଧୀରେ ଧୀରେ ବଢୁଥିଲା ।

### (II)

ମୁଁ ପାଠ୍ୟକ୍ରମରେ ଥିବା ବିଷୟଗୁଡ଼ିକ ଗୋଟିଏ ଗୋଟିଏ ଆରମ୍ଭ କଲି । ଦିନେ ସକାଳେ ମୁଁ କହିଲି, ''ଆଜି ଶ୍ରୁତଲିଖନ ଲେଖ ।'' ପିଲାମାନେ ମୋ ଆଡ଼କୁ ଚାହିଁଲେ । ସେମାନେ ଭାବି ନ ଥିଲେ ଯେ ମୁଁ କେବେ ଶ୍ରୁତଲିଖନ ଡାକିବି, ଘରପଢ଼ା ଦେବି, ବହିରୁ ପ୍ରଶ୍ନ ପଚାରିବି ବା ଏମିତି କିଛି ସାଧାରଣ କାମ କରାଇବି ବୋଲି । ଅବଶ୍ୟ ଦେଖିବାକୁ ଗଲେ ମୁଁ ତ ସେପରି ଭାବରେ ଦେଖୁ ନ ଥିଲି । ମୁଁ ସେମାନଙ୍କୁ ପୁଣି ଲେଖିବାକୁ କହିଲି । ବହୁତ ପିଲାଙ୍କ ପାଖରେ ଖାତା ନ ଥିଲା କି କଲମ ବି ନ ଥିଲା । ଏପର୍ଯ୍ୟନ୍ତ ତାଙ୍କର ଖାତା, କଲମ ବା ବହିର ଦରକାର ବି ପଡୁ ନ ଥିଲା । ତେଣୁ ସେମାନେ ଶ୍ରେଣୀକୁ ଖାଲି ହାତରେ ଆସୁଥିଲେ ।

ପାଖ ଶ୍ରେଣୀରୁ ମୁଁ ଖାତା କଲମ ମଗାଇ ଆଣିଲି ଓ ଶ୍ରୁତଲିଖନ ଲେଖିବାକୁ ବସାଇଲି । କେତେଜଣ ମୁହଁ ବିକୃତ କଲେ । କିଏ କିଏ କହିଲେ, ''ଭାଇ, ଗପ କହିବନି ?'' ଆଉ କିଏ କହିଲେ, ''କିଛି ତ ବହି ପଢ଼ା ହୋଇନି, ଶ୍ରୁତଲିଖନ କେଉଁଥିରୁ ଡାକିବ ?'' ଆଉ ଜଣେ କହିଲା, ''ପ୍ରଥମେ ଆମକୁ ପଢ଼ିବାକୁ ଦିଅନ୍ତୁ । ତା'ହେଲେ ଆମର ଲେଖିବାରେ ଭୁଲ୍ ହେବନି ।''

ମୁଁ ମନକୁ ମନ କହିଲି, ''ଏମାନେ ସବୁ ପୁରୁଣା ପଦ୍ଧତିର ଚେଲା । ଶ୍ରୁତଲିଖନର ପୁରୁଣା ଅର୍ଥଟି ଏମାନେ କେବଳ ଜାଣିଛନ୍ତି । ସେଥିପାଇଁ ସେମାନେ ତା'ଠାରୁ ଦୂରେଇ ରହିବାକୁ ଚାହୁଁଛନ୍ତି । ଶ୍ରୁତଲିଖନ ଏମାନଙ୍କୁ ଭଲ ଲାଗେ ନାହିଁ । ତେଣୁ ଆଗରୁ ପାଠଟିକୁ ଦେଖି ସେଥିପାଇଁ ପ୍ରସ୍ତୁତ ହେବାକୁ ଚାହୁଁଛନ୍ତି ।''

ମୁଁ ପୁସ୍ତକାଳୟରୁ ଗୋଟିଏ ବହି ଆଣିଲି ଓ ସେଥିରୁ ଲେଖାଇବା ଆରମ୍ଭ କଲି । ମୁଁ ପୂରା ଗୋଟିଏ ବାକ୍ୟ ଡାକିବା ଆରମ୍ଭ କଲି । କିନ୍ତୁ ଦୁଇ ଚାରୋଟି ଶବ୍ଦ ଶୁଣୁ ଶୁଣୁ ସେମାନେ ଲେଖିବା ଆରମ୍ଭ କରିଦେଲେ । ଫଳରେ ପୂରା ବାକ୍ୟଟି ଶୁଣି ବି ପାରିଲେ ନାହିଁ । ''ଭାଇ କ'ଣ ?'' ''ଭାଇ କ'ଣ ?'', ''କ'ଣ ଡାକିଲେ ?'' ଇତ୍ୟାଦି ପଚାରିବାରେ ଲାଗିଲେ ।

ମୁଁ କହିଲି, ''ଦେଖ ! କେମିତି ଲେଖିବା କଥା, ସେକଥା ମଧ୍ୟ ମୁଁ ତୁମକୁ ବତାଇବି । ମୁଁ କହିଲା ବେଳେ ତୁମେ ମୋତେ ଚାହଁ, ଠିକ୍ ଭାବରେ ଶୁଣ, ପୂରା ବାକ୍ୟଟି ବୁଝିକରି ଲେଖ । ପୁଣି ଦ୍ୱିତୀୟ ବାକ୍ୟ ପାଇଁ ମୋ ଆଡ଼କୁ ଦେଖ ।'' ମୁଁ ଏମିତି ଲେଖାଇବା ଆରମ୍ଭ କଲି ।

କିନ୍ତୁ ତାଙ୍କର ପୁରୁଣା ଅଭ୍ୟାସସବୁ ଏକାଥରକେ କେମିତି ବା ଚାଲିଯାଆନ୍ତା ? ଧୀରେ ଧୀରେ ସମସ୍ତଙ୍କର ଅଭ୍ୟାସ ହୋଇଗଲା ଓ ବାରଂବାର ପଚାରିବା ଆଉ ଦରକାର ପଡ଼ିଲା ନାହିଁ । ମୁଁ ବି ଥରେ ମାତ୍ର କହୁଥିଲି । ଦ୍ୱିତୀୟ ଥର ମୋଟେ କହେନି ।

ଶ୍ରୁତଲିଖନ ଲେଖା ସରିଲା ଓ ଖାତାସବୁ ମୋ ପାଖକୁ ଆସିଲା । ଦେଖିଲି ଯେ ବହୁତ ବନାନ ଭୁଲ୍ । ଯୁକ୍ତାକ୍ଷରର କିଛି ଠିକ୍ ଠିକଣା ନାହିଁ । ଅକ୍ଷରସବୁ ମଧ୍ୟ ବଙ୍କା, ତେଢ଼ା ଓ ଅସୁନ୍ଦର । ମୁଁ କାହାର କିଛି ଭୁଲ୍ ବାହାର କରୁ ନ ଥିଲି । ଗୋଟି ଗୋଟି କରି ସବୁ ଖାତା ଦେଖି ଫେରାଇ ଦେଲି ।

ସମସ୍ତେ ପଚାରିଲେ, ''କାହାର କେତେଟା ଭୁଲ୍ ? କିଏ ଉପରେ ? କିଏ ତଳେ ?''

ଗୋଟିଏ ପିଲା କହିଲା, ''ଏବେ ତ ଲକ୍ଷ୍ମୀଶଙ୍କରଜି ମଧ୍ୟ ଆମକୁ ସାଧାରଣ ଭାବରେ ପଢ଼ାଇବେ ଏବଂ ନମ୍ବର ଦେବେ ।'' ମୁଁ କହିଲି, ''ମୁଁ ଏମିତି କିଛି ବି କରିବି ନାହିଁ । ଶ୍ରୁତଲିଖନ ଠିକ୍ ଅଛି । ତୁମେ ସବୁ ଲେଖି ଜାଣିଛ । କାଲି ପୁଣି ଲେଖିବ । ଏମିତି କରୁ କରୁ ତୁମେ ବହୁତ ବଢ଼ିଆ ବି ଲେଖି ପାରିବ । ପ୍ରତିଦିନ ଅଭ୍ୟାସ କଲେ ଲେଖା ନ ଆସିବ ବା କାହିଁକି ? ଭୁଲ୍ ବାହାର କରି ମୁଁ କରିବି ବା କ'ଣ ?''

ଏହା ଶୁଣି ଆଉ ଜଣେ ପଚାରିଲା, ''କିନ୍ତୁ ନମ୍ବର, ପାସ୍ ଆଉ ଫେଲ୍ !''

ମୁଁ କହିଲି, ''ଯେତେବେଳେ ତୁମେସବୁ ମୋ'ଠାରୁ ଗପ ଶୁଣୁଛ କ'ଣ ପ୍ରଥମ ଦ୍ୱିତୀୟ ବଛାଯାଉଛି ?''

''ଆଜ୍ଞା ନା'' – ପିଲମାନେ ଉତ୍ତର ଦେଲେ ।

''ଭଲ ଭଲ ଜାମା ପିନ୍ଧିଲେ କ'ଣ ପ୍ରଥମ ଦ୍ୱିତୀୟ ବଛାଯାଏ ?'' ମୁଁ ପଚାରିଲି ।

''ନା'' – ଉତ୍ତର ମିଳିଲା ।

''ଆଉ ଆମେ ଯେଉଁ ଖେଳ ଖେଳୁଛେ ସେଥିରେ କ'ଣ ନମ୍ବର ଦିଆଯାଉଛି ?'' – ମୁଁ ପଚାରିଲି ।

''ଆଜ୍ଞା ନା'' – ପିଲାମାନେ କହି ଉଠିଲେ ।

ମୁଁ କହିଲି, ''ତୁମ ଭିତରୁ କିଏ ଡେଙ୍ଗା, କିଏ ଗେଡ଼ା, କିଏ ମୋଟା, କିଏ ପତଳା, ସେଥିପାଇଁ କ'ଣ ତୁମେ ନମ୍ବର ପାଅ ?''

''ନା'' – ଉତ୍ତର ଆସିଲା ।

– ''ତୁମ ଭିତରୁ କିଏ ଧନୀ, କିଏ ଗରିବ, ସେଥିପାଇଁ କ'ଣ ସ୍କୁଲରେ ତୁମକୁ ନମ୍ବର ଦିଆଯାଏ ? ପ୍ରଥମ, ଦ୍ୱିତୀୟ ହୁଅ ?''

– ''ନା''

– ''ଏଥର ବୁଝିଲ ନା ? ଆମ ଶ୍ରେଣୀରେ କେହି ଆଗୁଆ, ପଛୁଆ, ନମ୍ବର ପାଇବାର ଆବଶ୍ୟକତା ହିଁ ନାହିଁ । ଏଠାରେ ଯେ ଗୀତ ଜାଣେ ସେ ଗାଇବ, ଯେ ନ ଜାଣେ ସେ ଶିଖିବ । ଯଦି ଖେଳି ନ ଆସୁଛି ତେବେ ଦେଖି ଦେଖି କରି ଶିଖ । ଖେଳି ଖେଳି ଖୁବ୍ ମଜା କର । ଯେ ଭଲ ଅକ୍ଷର ଲେଖୁଛି, ତାକୁ ଦେଖି ଦେଖି ଅନ୍ୟମାନେ ବି ଭଲ ଅକ୍ଷର ଲେଖିବେ । ମୁଁ ଯାହାକୁ ପ୍ରଶ୍ନ ପଚାରିବି ଯଦି ତାକୁ ଉତ୍ତର ନ ଆସୁଥିବ ତେବେ ଯାହାକୁ ଆସୁଥିବ ସେ କହିବ । ନ ହେଲେ ମୁଁ କହିବି । ବାସ୍ ଏତିକି କଥା ।'' ମୁଁ କହିବାରେ ଲାଗିଥାଏ ।

ସମସ୍ତେ ବଡ଼ ବଡ଼ ଆଖିରେ ମୋ ଆଡ଼କୁ ଚାହିଁ ରହିଲେ । ସେମାନଙ୍କୁ ବଡ଼ ଆଚମ୍ବିତ ଲାଗୁଥାଏ । ଶେଷରେ ମୁଁ କହିଲି, ''ଆମର ଏହି ଶ୍ରେଣୀଟି ତ ପୂରା ଅଲଗା । ଏଠାରେ ସବୁ କଥା ନୂଆ । ଏଠି ସବୁ କାମ ନୂଆ ଢଙ୍ଗରେ ହେଉଛି । ଏଇଟା ଆମ ଶ୍ରେଣୀ ନା ?''

''ଆମ ଶ୍ରେଣୀ'' ଶବ୍ଦକୁ ଦୁଇ ତିନି ଥର ଜୋର୍‌ରେ ଜୋର୍‌ରେ କହିଲି । ଫଳରେ ପିଲାମାନଙ୍କର ନିଶା ଲାଗିଗଲା । ସମସ୍ତେ କହି ଚାଲିଲେ, ''ଆମ ଶ୍ରେଣୀ, ଆମ ଶ୍ରେଣୀ । ଆମ ଶ୍ରେଣୀ ତ ପୂରା ଅଲଗା । ଆମ ଶ୍ରେଣୀରେ ସବୁ କିଛି ନୂଆ ।''

ଶ୍ରୁତଲିଖନ ଲେଖାଇ ଲେଖାଇ ସପ୍ତାହକ ଭିତରେ ମୁଁ ପ୍ରାୟ ସବୁ ଭୁଲ୍ ସୁଧାରି ଦେଲି ।

ପିଲାମାନଙ୍କୁ ମୁଁ କହିଲି ଯେ ପ୍ରତିଦିନ ଘରେ ଯେକୌଣସି ବହି ଦେଖି ଚାରିଧାଡ଼ି ଠିକ୍ କରି ଲେଖି ଆଣିବ । ମୁଁ ପ୍ରତିଦିନ ଦଶ ମିନିଟ କରି ସେମାନଙ୍କୁ ବାକ୍ୟ ଲେଖାଇଲି । ଜଣେ ଆଉ ଜଣକୁ ଲେଖା ଶିଖାଇବା ଓ ଭୁଲ୍ ଠିକ୍ ନିଜ ନିଜ ମଧ୍ୟରେ ସୁଧାରିବା ପାଇଁ ସବୁଦିନ ମୁଁ ସେମାନଙ୍କୁ ପନ୍ଦର ମିନିଟ ସମୟ ଛାଡ଼ିଦେଲି । ମୁଁ ଚତୁର୍ଥ ଶ୍ରେଣୀ ବହିରେ ଥିବା ଓ ସେମାନଙ୍କୁ କଷ୍ଟ ଲାଗୁଥିବା ଯୁକ୍ତାକ୍ଷରଗୁଡ଼ିକୁ ଖାତାରେ ଲେଖିଦେଲି । ସେ ଖାତାଟି ପିଲାଙ୍କ ପାଖରେ ରହିଲା, ଯେପରି ପ୍ରତ୍ୟେକ ପିଲା ସେ ଖାତାକୁ ପଢ଼ିବେ ଓ ନିଜ ନିଜ ଖାତାରେ ଲେଖିବେ । ଚତୁର୍ଥ ଶ୍ରେଣୀ ବହିରେ ଥିବା କଷ୍ଟ ଶବ୍ଦସବୁର ଗୋଟିଏ ତାଲିକା କରିବା ମଧ୍ୟ ମୁଁ ଆରମ୍ଭ କଲି ଓ ତା'ର ବ୍ୟବହାର ବିଷୟରେ ମନେ ମନେ ଠିକ୍ କରିନେଲି । ତେବେ ଆମର କାମସବୁ ଠିକ୍ ଚାଲିଲା ଭଳି ଲାଗିଲା ।

(କ୍ରମଶଃ)

(ଅନୁବାଦକ : ପୁଷ୍ପଶ୍ରୀ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ) ❑

ଗୋଟିଏ ସାନ ପିଲାର ସରଳ ବିଶ୍ୱାସ ମଧ୍ୟରେ ଏକ ବିରାଟ ଶକ୍ତି ପ୍ରଚ୍ଛନ୍ନ ହୋଇ ରହିଥାଏ ।

(୧୭ ନଭେମ୍ବର ୧୯୫୪) – ଶ୍ରୀମା

# ଦାତା

## ଶ୍ରୀମା

ରାଜା ରନ୍ତିଦେବ ଅରଣ୍ୟକୁ ଯାଇ ସେଠାରେ ଜଣେ ସନ୍ନ୍ୟାସୀ ପରି ଜୀବନଯାପନ କଲେ । ଆପଣାର ସକଳ ସମ୍ପତ୍ତିକୁ ସେ ଦରିଦ୍ରମାନଙ୍କ ଲାଗି ଦାନ କରି ଦେଇଥିଲେ ଏବଂ ଅରଣ୍ୟର ନିର୍ଜନ ନିବାସଟିରେ ଏକ ସରଳ ଜୀବନଯାପନ କରୁଥିଲେ । ଯେତିକି ନିତାନ୍ତ ଆବଶ୍ୟକ, ସିଏ ଏବଂ ତାଙ୍କର ପରିବାରବର୍ଗ ସେତିକିରେ ଚଳି ଯାଉଥିଲେ ।

ଦିନେ ସେ ଅଠଚାଳିଶ ଘଣ୍ଟା ଉପବାସ କରିବା ପରେ ତାଙ୍କ ଲାଗି ତଣ୍ଡୁଳ, କ୍ଷୀର ଓ ଶର୍କରା ଦେଇ ଏକ ସାଧାରଣ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା ।

ସେତିକିବେଳେ ଜଣେ ଦରିଦ୍ର ବ୍ରାହ୍ମଣ ତାଙ୍କ କୁଟୀରର ଦ୍ୱାରଦେଶରେ ଆସି ପହଞ୍ଚିଲେ ଏବଂ ଖାଦ୍ୟ ମାଗିଲେ । ରନ୍ତିଦେବ ତାଙ୍କ ଖାଦ୍ୟରୁ ଅର୍ଦ୍ଧାଂଶ ବ୍ରାହ୍ମଣକୁ ଦାନ କଲେ । ତା'ପରେ ଜଣେ ଶୁଦ୍ର ମଧ୍ୟ ସେହିପରି ଅନ୍ନ ଭିକ୍ଷା କରି ସେଠାରେ ଆସି ପହଞ୍ଚିଲେ ଏବଂ ରନ୍ତିଦେବ ତାଙ୍କୁ ଆପଣା ଅବଶିଷ୍ଟ ଖାଦ୍ୟର ଅର୍ଦ୍ଧାଂଶ ଦାନ କରି ଦେଇଥିଲେ ।

ତା'ପରେ ସେ ଗୋଟିଏ କୁକୁର ଭୋ ଭୋ ହୋଇ ଭୁକୁଥିବାର ଶୁଣି ପାରିଲେ । କୁକୁରଟି ଖାଇବାକୁ ନ ପାଇ କଷ୍ଟ ପାଉଥିବା ପରି ବୋଧ ହେଉଥିଲା । ରନ୍ତିଦେବ ତାଙ୍କ ନିଜ ଲାଗି ବଳିଥିବା ଖାଦ୍ୟକୁ କୁକୁରକୁ ଦାନ କରି ଦେଲେ । ସବାଶେଷରେ ଜଣେ ମେହେନ୍ତର ଆସି ସନ୍ନ୍ୟାସୀଙ୍କର ଦ୍ୱାର-ଦେଶରେ ଉପସ୍ଥିତ ହେଲେ ଏବଂ ସାହାଯ୍ୟ ପ୍ରାର୍ଥନା କଲେ; ରନ୍ତିଦେବ ତାଙ୍କୁ କ୍ଷୀର ଓ ଶର୍କରାତକ ଦାନ କରି ଦେଲେ ଏବଂ ଆପେ ଉପବାସ ଅବିଚ୍ଛିନ୍ନ ରଖିଲେ ।

ତା'ପରେ ଚାରିଜଣ ଦେବତା ଆସି ସେଠାରେ ପହଞ୍ଚିଲେ ଓ କହିଲେ :

''ରନ୍ତିଦେବ, ଆପଣ ଆମ୍ଭମାନଙ୍କୁ ଅନ୍ନଦାନ କରିଛନ୍ତି, କାରଣ ଆମ୍ଭେମାନେ ହିଁ ବ୍ରାହ୍ମଣ, ଶୁଦ୍ର, କୁକୁର ଏବଂ ଦରିଦ୍ର ଅସବର୍ଣ୍ଣ ହୋଇ ଆପଣଙ୍କର ଦ୍ୱାରକୁ ଆସିଥିଲୁ । ଆପଣ ଆମକୁ ଅନେକ ଦୟା ଦେଖାଇଲେ ଓ ଆପଣଙ୍କର ଏହି ଶ୍ରଦ୍ଧାମୟ ବିଚାର ସକାଶେ ଆମେ ଆପଣଙ୍କର ପ୍ରଶଂସା କରୁଛୁ ।''

ଯାହାର ହୃଦୟରେ ଦୟା ଥାଏ, ସିଏ ସବୁ ମଣିଷ ଏବଂ ଏପରିକି ପଶୁଙ୍କୁ ବି ଗୋଟିଏ ପରିବାରର ଅନ୍ତର୍ଭୁକ୍ତ ବୋଲି ବିଚାର କରିଥାଏ,— ଗୋଟିଏ ମନୁଷ୍ୟଜାତିର ଅନ୍ତର୍ଭୁକ୍ତ ବୋଲି ବିଚାର କରିଥାଏ ।

*

ପ୍ରାୟ ସବୁଦିନ କ'ଣ ଆମର ଏପରି ଅନେକ ଲୋକଙ୍କ ସହିତ ସାକ୍ଷାତ୍ ହୁଏ ନାହିଁ ଯେଉଁମାନେ କି ଆମ ତୁଳନାରେ ଅନେକ କମ୍ ଜାଣିଥା'ନ୍ତି ? ସେମାନଙ୍କୁ ଆମେ ଇଚ୍ଛା କଲେ ଖାଦ୍ୟ, ବସ୍ତ୍ର, ବ୍ୟାୟାମ, କର୍ମ ଓ ଅବସର ବିଷୟରେ ଅନେକ କଥା କହି ପାରନ୍ତେ ଓ ତଦ୍ୱାରା ସେମାନଙ୍କର ଅନେକ ଉପକାର ହୁଅନ୍ତା ।

ଭୋକିଲା ମଣିଷକୁ ଖାଦ୍ୟ ଆଣିଦେବା ଆମର ଯେତିକି କର୍ତ୍ତବ୍ୟ, ସେହି ଲୋକମାନଙ୍କୁ ଜ୍ଞାନ ଦାନ କରିବା ମଧ୍ୟ ସେହିପରି ଆମର କର୍ତ୍ତବ୍ୟ ।

ଜଣେ ଅଜ୍ଞାନ ମଣିଷ ନିଜର ଅନେକ କ୍ଷତି କରିଥାଏ, ତା'ର ଚତୁର୍ଦ୍ଦିଗରେ ବାସ କରୁଥିବା ଅନ୍ୟ ମଣିଷମାନଙ୍କର ମଧ୍ୟ କ୍ଷତି କରେ । ସେହି ଖରାପ ବଇଁଶୀ-ବଜାଳି ଯେପରି ବ୍ରାହ୍ମଣ ଲାଗି କେତେ ଦୁଃଖର କାରଣ ହେଲା, ଠିକ୍ ସେହିପରି । ସେକଥା କିପରି ଘଟିଲା ତାହା ତୁମେମାନେ କେବେ ଶୁଣିଛ କି ?

ଦିନେ ଗୋଟିଏ ବ୍ରାହ୍ମଣ ଗ୍ରାମର ପଥ ଦେଇ ଚାଲି ଯାଉଥିବା ସମୟରେ ପାଖରେ ଥିବା ଅଶ୍ୱତ୍ଥ ଗଛରୁ କଣ୍ଠସ୍ୱରଟିଏ ଆସୁଥିବାର ଶୁଣିପାରି ସେ ଭାରି ଆଶ୍ଚର୍ଯ୍ୟ ହୋଇ ଯାଇଥିଲା । ସେହି କଣ୍ଠସ୍ୱରଟି ତାକୁ କେତେଥର ଡାକି କହିଲା ଯେ ସେ ପୋଖରୀରେ ଯାଇ ଗାଧୋଇବ ନାହିଁ, ତା'ର ସନ୍ଧ୍ୟା ଉପାସନା କରିବ ନାହିଁ, ଆହାର ଗ୍ରହଣ କରିବ ନାହିଁ ଓ ସେଠାରୁ ମଧ୍ୟ ଅନ୍ୟତ୍ର ଯିବ ନାହିଁ ।

ତେଣୁ ବ୍ରାହ୍ମଣଟି ଚିତ୍କାର କରି ଉତ୍ତର ଦେଲା, ''ଏସବୁ କରି ତ ମୁଁ କାହାରି କୌଣସି କ୍ଷତି କରୁ ନାହିଁ,— ତୁ କିଏ ମୋତେ ସେହିସବୁ କାର୍ଯ୍ୟକୁ ବନ୍ଦ କରିବା ପାଇଁ କହିବାକୁ ?''

ଅଶ୍ୱତ୍ଥ ଗଛ ଭିତରୁ ସେହି କଣ୍ଠଟି ଉତ୍ତର ଦେଇ କହିଲା :

''ମୁଁ ହେଉଛି ଗୋଟିଏ ବ୍ରହ୍ମରାକ୍ଷସ । ଆର ଜନ୍ମରେ ମୁଁ ଜଣେ ବ୍ରାହ୍ମଣ ଥିଲି, ସଙ୍ଗୀତ ବିଦ୍ୟାରେ ଅତି ପାରଙ୍ଗମ ଥିଲି ମାତ୍ର ମୋର ବିଦ୍ୟାଟିକୁ ଅନ୍ୟ କାହାରିକୁ ଶିଖାଇବା ଲାଗି ଆଦୌ ଇଚ୍ଛୁକ ନ ଥିଲି । ମୋ ବିଦ୍ୟାଟିକୁ ମୁଁ କେବଳ ଆପଣା ପାଖରେ ରଖିବାକୁ ହିଁ ଇଚ୍ଛା କରୁଥିଲି । ବର୍ତ୍ତମାନ ମୁଁ ସେହି ଅପରାଧ ଫଳରେ ଗୋଟିଏ ବ୍ରହ୍ମରାକ୍ଷସ ହୋଇ ରହିଛି ଓ ପ୍ରତ୍ୟେକ ଦିନ ମୁଁ ଜଣେ ବଂଶୀବାଦକର ବଂଶୀ ଶୁଣିବାକୁ ବାଧ୍ୟ ହେଉଛି । ସିଏ ଯେ କେଡ଼େ ଖରାପ ଭାବରେ ବଂଶୀ ବଜାଉଛି ସେକଥା ମୁଁ ତୁମକୁ କ'ଣ କହିବି ? ତାକୁ ଶୁଣିବା ପ୍ରକୃତରେ ଏକ ବଡ଼ ଭୟଙ୍କର କଥା, ଅନେକ ସମୟରେ ମୁଁ ଭାବେ ଯେ ସଙ୍ଗେ ସଙ୍ଗେ ଏଇ ଗଛ ଭିତରୁ ବାହାରକୁ ବାହାରି ଆସିବି, ତା' ହାତରୁ ବଇଁଶୀଟାକୁ ଛଡ଼ାଇ ନେଇଯିବି ଓ କିପରି ବଂଶୀ ବଜାଇବାକୁ ହୁଏ, ଆଙ୍ଗୁଠିଗୁଡ଼ିକ କେଉଁଠାରେ ରଖିବାକୁ ହୁଏ ଏବଂ କିପରି ନିଃଶ୍ୱାସ ନେବାକୁ ହୁଏ, ସବୁକଥା ତାକୁ ଶିଖାଇ ଦେବି । ମାତ୍ର ସେକଥା ମୁଁ କେବେ କହିପାରୁ ନାହିଁ ଏବଂ ତା'ର ସେହି ଭୟଙ୍କର ବାଦନଟିକୁ ଶୁଣିବାରେ ବାଧ୍ୟ ହେବାରେ ଲାଗିଛି ।...''

ବର୍ତ୍ତମାନ ମୁଁ ତୁମମାନଙ୍କୁ ସେହି ଗଳ୍ପଟିର ବାକୀ ଅଂଶଟିକୁ ଆଉ କହିପାରିବି ନାହିଁ । କେବଳ ଏତିକିମାତ୍ର କହିବି ଯେ ତା'ର ସେହି ଦଣ୍ଡଭୋଗରୁ ତାକୁ ନିଷ୍କୃତି ଦେବା ଲାଗି ବ୍ରାହ୍ମଣକୁ ସୌଭାଗ୍ୟବଶତଃ କୌଣସି ଏକ ଉପାୟ ଅବଶେଷରେ ମିଳିଥିଲା । ମାତ୍ର, ଆମର ଚତୁର୍ଦ୍ଦିଗରେ ରହିଥିବା ଲୋକମାନଙ୍କର ଖରାପ କାର୍ଯ୍ୟ, ଖରାପ କଳା ଓ ଖରାପ ସଙ୍ଗୀତ ହେତୁ ଆମକୁ ଯେ କେତେ ଦୁର୍ଦ୍ଦଶାରେ ଆସି ପଡ଼ିବାକୁ ହୁଏ, ତୁମେମାନେ ଏହି ଗଳ୍ପଟିରୁ ସେକଥା ନିଶ୍ଚୟ ହୃଦୟଙ୍ଗମ କରି ପାରୁଥିବ ।

*

ଯଦି କୌଣସି ବ୍ୟକ୍ତିକୁ ଭୋକ କରୁଛି, ତେବେ ତା'ର ସେହି ଦୁଃଖଟିକୁ ଦୂର କରିବା ଲାଗି ଠିକ୍ କେଉଁ ଜିନିଷର ପ୍ରୟୋଜନ ରହିଛି ? ତା'ର ଖାଦ୍ୟ ଲାଗି ହିଁ ପ୍ରୟୋଜନ ରହିଛି । ଯଦି କାହାକୁ ଶୋଷ କରୁଛି, ତେବେ କେଉଁ ପଦାର୍ଥଟି ଦ୍ୱାରା ତାହାର ସେହି ଦୁଃଖଟିର ନିରାକରଣ ହୋଇପାରିବ ? ଜଳ ଦ୍ୱାରା ହିଁ ତାହା ସମ୍ଭବ ହେବ । ଯଦି କେଉଁ ମଣିଷ ଅଜ୍ଞାନ ହୋଇ ରହିଛି, ତେବେ ତାକୁ କିପରି ଭାବରେ ସାହାଯ୍ୟ କରାଯାଇପାରିବ ? ତାହାକୁ ଜ୍ଞାନ ଦାନ କରିବା ଦ୍ୱାରା ।

ଭୋକିଲା ମଣିଷକୁ ଖାଦ୍ୟ ଦେବା, ତୃଷାର୍ତ୍ତକୁ ଜଳ ଦେବା ଏବଂ ଅଜ୍ଞାନକୁ ଜ୍ଞାନ ଦେବା,– ଏହା ହିଁ ସମୁଚିତ କର୍ତ୍ତବ୍ୟ ।

ପଣ୍ଡୁଙ୍କର ପାଞ୍ଚପୁତ୍ର ପାଣ୍ଡବମାନେ ଥରେ ଏପରି ଗୋଟିଏ ସ୍ଥାନରେ ବାସ କରୁଥିଲେ, ଯାହାକୁ ହଠାତ୍ ଅନାଇ ଦେଲାବେଳକୁ ଗୋଟିଏ ଭାରି ସୁନ୍ଦର ଓ ଆରାମଦାୟକ ସ୍ଥାନ ବୋଲି ମନେ ହେଉଥିଲା । ମାତ୍ର ପୁରୋଚନ ନାମକ ସେମାନଙ୍କର ଜଣେ ଶତ୍ରୁ ସେହି ସ୍ଥାନଟିକୁ ତିଆରି କରିଥିଲା । ପୁରୋଚନ ସେହି ଗୃହର ଚଟାଣ, କାନ୍ଥ ଓ ଛାତଗୁଡ଼ିକୁ ଜଉ ଦେଇ ନିର୍ମାଣ କରିଥିଲା । ତା'ର ମତଲବ ଥିଲା ଯେ ଦିନେ ରାତିରେ ପାଣ୍ଡବମାନେ ସେହି ଘରେ ଶୋଇଥିବା ସମୟରେ ସେ ସେଥିରେ ଯାଇ ନିଆଁ ଲଗାଇଦେବ; ତେବେ ଯାଇ ସେ ଘୃଣା କରୁଥିବା ରାଜକୁମାରମାନେ ଏକାବେଳେକେ ବିନଷ୍ଟ ହୋଇଯାଇ ପାରିବେ ।

ସିଏ ପ୍ରକୃତରେ ଏତେ ବେଶୀ ଖଳ ପ୍ରକୃତିର ଥିଲା ଯିଏକି ନିଜର ମନ୍ଦ ଅଭିପ୍ରାୟଟିକୁ ଚରିତାର୍ଥ କରିବା ସକାଶେ କେଡ଼େ କୌଶଳରେ ଘରଟିକୁ ତିଆରି କରିଥିଲା ଏବଂ ଚତୁର ଭାବରେ ଷଡ଼ଯନ୍ତ୍ରଟିକୁ କରିଥିଲା ।

ଥରେ ଜଣେ ଭାରି ଅଭିଜ୍ଞ ସୁଡ଼ଙ୍ଗ ଖୋଳାଳି ସେଠାରେ ଆସି ପହଞ୍ଚିଲା ଓ ରାଜକୁମାରମାନଙ୍କୁ ଗୋପନରେ ଡାକି କହିଲା :

''ଆପଣମାନଙ୍କର ଜଣେ ବନ୍ଧୁ ଆପଣମାନଙ୍କୁ କିଛି ସାହାଯ୍ୟ କରିବା ଲାଗି ମୋତେ ଏଠାକୁ ପଠାଇଛନ୍ତି । ସୁଡ଼ଙ୍ଗ ଖୋଳିବା ହେଉଛି ମୋର କାର୍ଯ୍ୟ । ମୋତେ କୁହନ୍ତୁ ମୁଁ କିପରି ଆପଣମାନଙ୍କୁ ସାହାଯ୍ୟ କରିପାରିବି । ମୁଁ ନିଶ୍ଚିତ ଭାବରେ ଜାଣିଛି ଯେ ଆପଣମାନଙ୍କର ଶତ୍ରୁ ପୁରୋଚନ ଆପଣମାନଙ୍କୁ ଏହି ଘର ଭିତରେ ନିଆଁରେ ଜିଅନ୍ତା ପୋଡ଼ି ମାରିଦେବ ।''

ଏକଥା ଶୁଣି ଜ୍ୟେଷ୍ଠତମ ପାଣ୍ଡବ ତାକୁ କହିଲେ :

''ତେବେ ଆପଣ ଆପଣଙ୍କର ସୁଡ଼ଙ୍ଗ ଖୋଳିବାର କୌଶଳକୁ କାମରେ ଲଗାଇ ଆମ ଲାଗି ମାଟି ତଳେ ଗୋଟିଏ ସୁଡ଼ଙ୍ଗ ଖୋଳି ଦିଅନ୍ତୁ, ଯେପରିକି ବାହାରେ ଫାଟକ ସମ୍ମୁଖରେ ଜଗୁଆଳିମାନେ ଜଗି ରହିଥିଲେ ମଧ୍ୟ ଆମେ ଏଠାରୁ ଖସି ଅନ୍ୟତ୍ର ଚାଲିଯାଇ ପାରିବୁ । କାରଣ ଆପଣଙ୍କର ଦକ୍ଷତା ଦ୍ୱାରା ଆପଣଙ୍କର ଯନ୍ତ୍ରରେ ଖୋଳା ହୋଇଥିବା ଗୁପ୍ତ ପଥଟିରେ ଆମେ ଏହି ଘର ଭିତରୁ ବାହାରି ଚାଲି ଯାଇପାରିବୁ ।''

ପ୍ରାସାଦ ଚଟାଣର ଠିକ୍ ମଝି ସ୍ଥାନରେ ଖୋଳାଳି ଖୋଳିବାକୁ ଆରମ୍ଭ କଲା । ସେହି ଗାତ ଘୋଡ଼ାଇ ରଖିବା ଲାଗି ପାଣ୍ଡବମାନେ କାଠପଟା ଯୋଗାଡ଼ କରି ଆଣିଲେ । କାଠପଟାଗୁଡ଼ିକୁ ସେମାନେ ଗାଲିଚା ଦେଇ ଘୋଡ଼ାଇ ରଖିଲେ । ପୁରୋଚନ ସେହି ଘର ଭିତରକୁ ଆସୁ ଥିବାବେଳେ ସେମାନେ ଗାତ ମୁହଁଟିକୁ ସେହିପରି ଘୋଡ଼ାଇ ରଖୁଥିଲେ । ତେଣୁ ପ୍ରବଞ୍ଚକକୁ ବେଶ୍ ପ୍ରବଞ୍ଚନା କରିଥିଲେ ।

ବାହାରି ଯିବାର ସମ୍ପୂର୍ଣ୍ଣ ପଥଟି ପ୍ରସ୍ତୁତ ବୋଲି ଅବଶେଷରେ ରାଜକୁମାରମାନଙ୍କୁ ସମ୍ବାଦ ଦିଆଗଲା । ସେହି ପଥଟି ଘର ଭିତରୁ ଏକାବେଳକେ ଜଙ୍ଗଲ ଭିତରର ଗୋଟିଏ ମନୋରମ ସ୍ଥାନ ଯାଏଁ ପଡ଼ିଥିଲା ।

ଦିନେ ରାଜକୁମାରମାନେ ସେହି ଘରଟିରେ ନିଆଁ ଲଗାଇ ଦେଇଥିଲେ ଏବଂ ତା'ପରେ ସେମାନେ ଜନନୀ କୁନ୍ତୀଙ୍କ ସହିତ ମାଟିତଳେ ଖୋଳା ହୋଇଥିବା ବାଟଟି ଦେଇ ବାହାରକୁ ପଳାଇଯାଇ ପାରିଥିଲେ । ବାଟଟି ଅନ୍ଧାରୁଆ ହୋଇଥିଲେ ମଧ୍ୟ ଅବଶ୍ୟ ନିରାପଦ ଥିଲା । ମାଆ କୁନ୍ତୀ ଓ ତା'ର ଅନ୍ୟ ଭାଇମାନେ ଯଥେଷ୍ଟ ବେଗରେ ବାହାରି ଯାଇପାରୁ ନ ଥିବାର ଦେଖି ଭୀମ ମାଆଙ୍କୁ ନେଇ କାନ୍ଧ ଉପରେ ବସାଇଲା, ନିଜର ଦୁଇ ଭାଇଙ୍କୁ ନିଜର ପିଠା ଉପରେ ବସାଇଲା ଏବଂ ଅନ୍ୟ ଦୁଇଭାଇଙ୍କୁ କାଖ କରିନେଲା । ନିଜ ଉପରେ ଏହି ସବୁଯାକ ବୋଝକୁ ଲଦି ସେ ପବନ ବେଗରେ ଧାଇଁ ଯିବାକୁ ଲାଗିଲା ଏବଂ ସମସ୍ତଙ୍କୁ ସେହି ଭୀଷଣ ଅଗ୍ନିର କବଳରୁ ରକ୍ଷା କରିଥିଲା ।

ଦକ୍ଷ ସୁଡ଼ଙ୍ଗ-ଖୋଳାଳିର କୌଶଳଟି ଯୋଗୁଁ ପୁରୋଚନର ସବୁ ଷଡ଼୍ଯନ୍ତ୍ର ମାଟି ହୋଇଗଲା । ଆପଣା ଲାଗି କୌଣସି ଧନସମ୍ପଦର ଅନୁସନ୍ଧାନ କରି ସୁଡ଼ଙ୍ଗ ଖୋଳାଳି ସୁଡ଼ଙ୍ଗଟିକୁ ମୋଟେ ଖୋଳି ନ ଥିଲା । ସିଏ ଅନ୍ୟମାନଙ୍କ ସକାଶେ ତାହା କରିଥିଲା । ଆପଣାର ଜ୍ଞାନକୁ ସେ ଅନ୍ୟମାନଙ୍କର କାମରେ ଆଣି ଲଗାଇଲା, ଆପଣାର ବିଜ୍ଞାନଟିକୁ ସେ ଅନ୍ୟମାନଙ୍କର ଉପକାର ଲାଗି ପ୍ରୟୋଗ କରିଥିଲା ।

*

ପୃଥିବୀର ଉନ୍ନତତମ ଜାତିକୁ ମଧ୍ୟ କଦାପି ଯାବତୀୟ ବିଦ୍ୟା ଜଣା ନ ଥାଏ । ତେଣୁ ଆମକୁ ପରସ୍ପରଠାରୁ ମଧ୍ୟ ଶିକ୍ଷା କରିବାକୁ ହିଁ ପଡ଼ିବ; ଜଣେ ବ୍ୟକ୍ତି ଆଉ ଜଣେ ବ୍ୟକ୍ତିଠାରୁ ଶିଖିବ । ଗୋଟିଏ ଜାତି ଆଉ ଗୋଟିଏ ଜାତିଠାରୁ ଶିଖିବ । ପୃଥିବୀର ଗୋଟିଏ ଅଂଶ ଆଉ ଗୋଟିଏ ଅଂଶଠାରୁ ଶିକ୍ଷା କରିବ । ତେଣୁ ପ୍ରତ୍ୟେକ ଜାତି ଓ ପ୍ରତ୍ୟେକ ବ୍ୟକ୍ତି ଯାହାକିଛି ଜାଣିଛି, ସିଏ ତାହାକୁ ଖୁସି ହୋଇ ଅନ୍ୟମାନଙ୍କୁ ଶିକ୍ଷା ଦେବ ।

ପୃଥିବୀର ପାଶ୍ଚାତ୍ୟ ଜାତିମାନେ ପ୍ରାଚ୍ୟ ଜଗତକୁ ଆପଣାର ବିଜ୍ଞାନ, ଯନ୍ତ୍ରବିଦ୍ୟା ଏବଂ ଅର୍ଥନୀତି ପ୍ରଭୃତିର ଯାବତୀୟ ଜ୍ଞାନକୁ ବହନ କରି ଆଣିବେ ।

ଇତିହାସର ଆବହମାନ କାଳରୁ ହିଁ ପ୍ରାଚ୍ୟ ଭୂଖଣ୍ଡର ଜାତିମାନେ ପାଶ୍ଚାତ୍ୟ ଜଗତକୁ ଆପଣାର ଦର୍ଶନ ବିଦ୍ୟା ଦାନ କରି ଆସିଛନ୍ତି, ଆପଣାର ନୀତିଶାସ୍ତ୍ରୀୟ ଜ୍ଞାନକୁ ମଧ୍ୟ ଦେଇ ଆସିଛନ୍ତି । ଏହିପରି ଭାବରେ ବେଦରେ ଯେଉଁ ଜ୍ଞାନ ରହିଛି, ଯଥାର୍ଥ ମାର୍ଗ ବିଷୟରେ ବୁଦ୍ଧଦେବ ଯେଉଁସବୁ ଶିକ୍ଷା ଦେଇ ଯାଇଛନ୍ତି ଏବଂ ଏହି ଦେଶର ଅନ୍ୟ ଯାବତୀୟ ପବିତ୍ର ଗ୍ରନ୍ଥରେ ଯେଉଁସବୁ ଜ୍ଞାନ ରହିଛି, ଭାରତବର୍ଷ ଅନ୍ୟ ଦେଶଗୁଡ଼ିକୁ ସେହି ଜ୍ଞାନକୁ ବିତରଣ କରି ଆସିଛି ।

ଜଣେ ସାନ ପିଲା ମଧ୍ୟ ଜ୍ଞାନ ଦାନ କରିବାକୁ ଅବଶ୍ୟ ସମର୍ଥ ହେବ । ଗୋଟିଏ ପିଲା ଆଉ ଗୋଟିଏ ପିଲାକୁ ଅକ୍ଷରଗୁଡ଼ିକୁ ଶିଖାଇ ଦେଇପାରିବ, ସରଳ ପାଟୀଗଣିତ କରିବା ଶିଖାଇ ଦେଇପାରିବ । ତାକୁ ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ବାହାର କରି ଶିଖାଇ ଦେଇପାରିବ । ଗୋଟିଏ ଗଣ୍ଠି ପକାଇ ଶିଖାଇ ଦେଇପାରିବ, କୌଣସି ଏକ ଖେଳ ଶିଖାଇ ଦେଇ ପାରିବ, ଗୋଟିଏ ମଞ୍ଜି ଲଗାଇବା ବି ଶିଖାଇ ଦେଇପାରିବ ।

ଆମେ ସମସ୍ତେ କିଛି ନା କିଛି ଦେବାକୁ ଅବଶ୍ୟ ସମର୍ଥ ହେବା । କୌଣସି ଏକ ପବିତ୍ର ଗ୍ରନ୍ଥରେ ଲିଖିତ ଅଛି, ''ଗ୍ରହଣ କରିବା ଅପେକ୍ଷା ଦେବାରେ ହିଁ ଅଧିକ ଶ୍ରେୟଃ ରହିଛି ।''

(ମାତୃରଚନାବଳୀ, ଦ୍ୱିତୀୟ ଖଣ୍ଡ,
ପୃ. ୩୫୩ - ୩୫୮) ❑

ତିକ୍ତତା ଏକ ବିଭ୍ରାନ୍ତି ଯାହାକି ଦିବ୍ୟପ୍ରେମର ସୂର୍ଯ୍ୟ କିରଣରେ ମିଳାଇଯାଏ ।

— ଶ୍ରୀମା

## ଚେତନାର ଦିଗ୍‌ବଳୟ :

# ଦେବତା ମନୋନୟନ ସମସ୍ୟା

***ପ୍ରଶ୍ନ*** *: ବେଳେବେଳେ ଏକ ବ୍ରହ୍ମ, ଦ୍ୱିତୀୟ ନାସ୍ତି ଜାଣି ମଧ୍ୟ ମନରେ ସନ୍ଦେହ ସୃଷ୍ଟି ହେଉଛି – କାହାକୁ ପୂଜା କରିବା, କାହାକୁ ନ କରିବା । ଏ ଦ୍ୱନ୍ଦ୍ୱର ସମାଧାନ କ'ଣ ?*

**ଉତ୍ତର** : ପ୍ରତ୍ୟେକ ଦେବଦେବୀ ଏକ ହିଁ ପରମ ମହାଶକ୍ତିର ବା ଭଗବାନଙ୍କର ଭିନ୍ନ ଭିନ୍ନ ବିଭବର ପ୍ରତିନିଧି । ପୂଜା ବା ପ୍ରାର୍ଥନା ସକାଶେ ଆମର ଏକ ପ୍ରତୀକ ପ୍ରୟୋଜନ । ପରମ ମହାଶକ୍ତିଙ୍କୁ ଏକ ଆକାର ଦେବା ସମ୍ଭବ ନୁହେଁ । ତାହାଛଡ଼ା ସମଗ୍ର ମଣିଷଜାତିର ବୋଧଶକ୍ତି ଏକ ନୁହେଁ କି ଆବଶ୍ୟକତା ଏକ ନୁହେଁ । କିଏ ଆର୍ତ୍ତ, କିଏ ଅର୍ଥାର୍ଥୀ, କିଏ ବା ଜିଜ୍ଞାସୁ, କିଏ ବା ଜ୍ଞାନୀ । ବିଭିନ୍ନ ଦେବଦେବୀ ବିଭିନ୍ନ ଦିବ୍ୟ ଐଶ୍ୱର୍ଯ୍ୟର ପ୍ରତୀକ ହୋଇଥିବା ଦୃଷ୍ଟିରୁ ଜଣେ ତା' ନିଜ ସ୍ୱଭାବ ଅନୁସାରେ ଏକ ଦିବ୍ୟ ପ୍ରତୀକ ପ୍ରତି ଆକୃଷ୍ଟ ହୁଏ ।

କିନ୍ତୁ ଆପଣ ଯେଉଁ ଦିଅଁଙ୍କୁ ପୂଜା କରନ୍ତୁ ନା କାହିଁକି, ଆପଣଙ୍କ ପ୍ରାର୍ଥନା ଆନ୍ତରିକ ହୋଇଥିଲେ ତାହା ପରମ ମହାଶକ୍ତି ହିଁ ଗ୍ରହଣ କରିବେ । ଯାହା ଅଧିକ ଗୁରୁତ୍ୱପୂର୍ଣ୍ଣ ତାହା ହେଲା ଆମ ପ୍ରାର୍ଥନା ବା ନିବେଦିତ ସଂକଳ୍ପ ବା ଅଭୀପ୍ସାର ଚରିତ୍ର । ଶୁଣିଥିବେ ଏକଥା : ଥରେ ଜଣେ ଯୋଗୀ ତାଙ୍କ ଯାତ୍ରା ପଥରେ ଶିଷ୍ୟଟିଏ ଘରେ ରାତ୍ରିଯାପନ କଲେ । ବିଦାୟ ବେଳେ ଶିଷ୍ୟ କୃତକୃତ୍ୟ ହୋଇ କହିଲା, ''କେଡ଼େ ଭାଗ୍ୟ ମୋର ! ଆପଣ ମୋର ସଙ୍କଟ ବେଳେ ଆସି ପହଞ୍ଚିଲେ । ଆପଣ ଥରେ ଭଗବାନଙ୍କୁ ପ୍ରାର୍ଥନା କଲେ ଆଜିକାଲି ଭିତରେ ବର୍ଷା ହେବ ଏବଂ ମୋର ଫସଲ ରକ୍ଷା ପାଇଯିବ ।'' ପର ସନ୍ଧ୍ୟାରେ ତାଙ୍କୁ ଆଉ ଜଣେ ଶିଷ୍ୟର ଘରେ ରାତ୍ରିଯାପନ କରିବାକୁ ପଡ଼ିଲା । ''ଗୁରୁଦେବ ! ଆପଣ ଟିକିଏ ମୋ ପାଇଁ ପ୍ରାର୍ଥନା କରନ୍ତୁ । ମାତ୍ର ସପ୍ତାହଟିଏ ବର୍ଷା ନ ହେଉ; ମୋ ଇଟାଭାଟି ରକ୍ଷା ପାଇଯିବ !''

ଗୁରୁ ସମ୍ଭବତଃ ଉଭୟଙ୍କ ମଙ୍ଗଳ କାମନା ବ୍ୟତିରେକେ ପ୍ରକୃତିର କାର୍ଯ୍ୟକ୍ରମ ଉପରେ ହସ୍ତକ୍ଷେପ କରିବାକୁ ମନ ବଳାଇ ନ ଥିବେ (ଯଦି ବି ସେଭଳି ଶକ୍ତି ତାଙ୍କ ଆୟତ୍ତାଧୀନ ହୋଇଥିବ) । ମକଦ୍ଦମାରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଏକ ହିଁ ଦିଅଁଙ୍କ ପାଖରେ ନିଜ ନିଜ ବିଜୟ ନିମନ୍ତେ ପ୍ରାର୍ଥନା କରୁଥିବେ । ସହସ୍ର ପରସ୍ପର ବିରୋଧୀ ପ୍ରାର୍ଥନା ଅସଂଖ୍ୟ ଦିଅଁଙ୍କ ନିକଟରେ ଅହରହ ପହଞ୍ଚୁଥିବ । ସେସବୁର ଫଳ କ'ଣ ? ସେସବୁ ନିଷ୍ଫଳ । ପ୍ରାର୍ଥନାକାରୀର ଏକମାତ୍ର ଲାଭ, କିଛି ସମୟ ସକାଶେ ସେ କୌଣସି ଦିବ୍ୟ ଶକ୍ତିର ସହାୟତା ଲୋଡ଼ିଥିଲା; ସେ ଶକ୍ତି ସହ ତା'ର ସଂଯୋଗ ସ୍ଥାପିତ ହୋଇଥିଲା । ପ୍ରାର୍ଥନାର ବିଷୟବସ୍ତୁ ଯାହା ହେଉନା କାହିଁକି, ପ୍ରାର୍ଥନାଶୀଳ ସମୟତକ ଚେତନା ପାଇଁ ଏକ ବିଶ୍ୱାସମୟ ବିଶ୍ରାମ – ଅବଶ୍ୟ ଯଦି ପ୍ରାର୍ଥନାରେ ବିମଳ ଆନ୍ତରିକତା ଥିବ ।

ପ୍ରସଙ୍ଗକ୍ରମେ ଏଠାରେ ଗୋଟାଏ ଅତିଭୌତିକ ବାସ୍ତବତାର ସୂଚନା ଦେବା ଉଚିତ ହେବ । ପ୍ରତ୍ୟେକ ପୂଜାସ୍ଥଳୀରେ, ପ୍ରତ୍ୟେକ ପ୍ରତିମା ମଧ୍ୟରେ କଲ୍ୟାଣମୟ ଦିବ୍ୟ ଉପସ୍ଥିତି ଥିବା ସମ୍ଭବ ନୁହେଁ । ଧରନ୍ତୁ ବିତ୍ତବନ୍ତ ବ୍ୟକ୍ତିଟିଏ ନିଜ ପାଇଁ, ପୁଅ, ପୁତୁରା, ଝିଅ ଜୁଆଁଇ ପାଇଁ କୋଠାଟିମାନ ବନାଇ ଦେଇ ସାରିବା ଅନ୍ତେ ଆଉ କିଞ୍ଚିତ୍ ବ୍ୟୟ କରି ଭଗବାନଙ୍କ ଆଶ୍ରୟ ସକାଶେ ଘରଟିଏ କରି ପୂଜକ ନିୟୋଗ କରିଦେଲା । ତହିଁ ଦିବ୍ୟଶକ୍ତି ବିରାଜମାନ କରିବାକୁ ବାଧ୍ୟ କି ? ଭଗବାନ୍ ସର୍ବତ୍ର ବିଦ୍ୟମାନ, ତାହା ଏକ ଭିନ୍ନ ସ୍ତରର ସତ୍ୟ । କିନ୍ତୁ ଯେଉଁ ଅର୍ଥରେ ଆମେ ଦିଅଁ ପୂଜା କରୁ, ସେ ଦୃଷ୍ଟିରୁ ସେ ସ୍ଥଳରେ ଏଭଳି ଏକ ଦିବ୍ୟ ବିଭୂତି ଥିବାର ଆଶା କରାଯାଏ – ଯେଉଁ ଶକ୍ତି ସହ ଆମର ସଚେତନ ଆଦାନ-ପ୍ରଦାନ ସମ୍ଭବ । ପ୍ରତିଷ୍ଠାତା ମହତ୍ ହୋଇଥିବେ, ପୂଜକ ପୁରୋହିତ ଦିବ୍ୟଶକ୍ତିଙ୍କୁ ଆବାହନ କଲା ଭଳି ଯୋଗ୍ୟତା ଅର୍ଜନ କରିଥିବେ; ଦେବାଳୟ ପରିବେଶରେ ନିଃସର୍ତ୍ତ ଭକ୍ତି ନିବେଦନ କଲା ଭଳି କେହି କେହି ନରନାରୀ ଥିଲେ ନିଃସନ୍ଦେହରେ ସେଠାରେ ଆମ ପାଇଁ ସଚେତନ ଦିବ୍ୟ ଉପସ୍ଥିତି ରହିଥିବ । ଆମ ନିର୍ଦ୍ଦିଷ୍ଟ ପ୍ରାର୍ଥନା ମଞ୍ଜୁର ହୋଇପାରେ, ନ ହୋଇପାରେ । ଦିବ୍ୟଶକ୍ତିର ଏକମାତ୍ର ଉଦ୍ଦେଶ୍ୟ ଆମ ଚେତନାକୁ ଉନ୍ନତ, ପ୍ରସାରିତ ଏବଂ ତାଙ୍କର ନିକଟତର କରିବା । ପ୍ରାର୍ଥନାଟି ପୂରଣ ହେବା ଦ୍ୱାରା ଯଦି ସେ ପ୍ରଗତି ସାଧିତ ହେବ, ତେବେ ଅବଶ୍ୟ ତାହା ପୂରଣ ହେବ; ଯଦି ପୂରଣ

ହେଲେ ସେ ପ୍ରଗତି ବ୍ୟାହତ ହେବ, ତେବେ ତାହା ପୂରଣ ହେବ ନାହିଁ ।

କିନ୍ତୁ ପୂଜା ପାର୍ବଣର ଘମାଘୋଟ ସତ୍ତ୍ୱେ ଯଦି ଦିବ୍ୟଶକ୍ତି ଉପସ୍ଥିତି ନ ଥିବ, ସେଠାରେ କିନ୍ତୁ ଉପସ୍ଥିତ ଥିବେ ଭିନ୍ନ କେହି କେହି ଅତୀନ୍ଦ୍ରିୟ ଶକ୍ତି, ଯେଉଁମାନେ ଆମର ହିତ ବା ସୁଖ ମନାସିବାର କୌଣସି କାରଣ ନାହିଁ । ସେମାନଙ୍କ ବଳ ଥିଲେ ସେମାନେ ଜଣକର କୌଣସି ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ପ୍ରାର୍ଥନା ପୂରଣ ହେବାରେ ସହାୟତା କରିବେ, କିନ୍ତୁ କର୍ମଫଳର ଅନିବାର୍ଯ୍ୟ ନିୟମରେ ଯେତେବେଳେ ସେଭଳି ସଫଳତା ଜଣକର ଚେତନାଗତ ଅଧଃପତନର କାରଣ ହେବ ସେତେବେଳେ ସେମାନେ ଆହ୍ଲାଦିତ ହେବେ ।

ରହିଛି ଏକ ପ୍ରାସଙ୍ଗିକ ଜାପାନୀ କାହାଣୀ । ଅବିକଳ ମନେ ନାହିଁ; ବିଷୟବସ୍ତୁ ଏହିପରି : ଜଣେ ଥାଏ ଭୂସ୍ୱାମୀ । ସେ ଖାଲି ନିଜ ସମ୍ପତ୍ତି ବଢ଼ାଇ ଚାଲିଥାଏ । ଦିନେ ସଦ୍ୟକ୍ରୀତ ଖଣ୍ଡିଏ ଜମି ଉପରୁ ବଣବୁଦା ସଫା କଲାବେଳେ ସେ ଛୋଟିଆ ପଥର ମୂର୍ତ୍ତିଟିଏ ପାଇଲା । ସେ ଗୋଟିକ ଆଣି ସେ ତା' ମୁଣ୍ଡ ପାଖ ଭାଡ଼ି ଉପରେ ଥୋଇଦେଲା । ସକାଳେ ଫୁଲଟିଏ ଚଢ଼ାଇ ଦେଲା । ରାତ୍ରିରେ ସ୍ୱପ୍ନ ଦେଖିଲା, ବନ୍ୟା ସେ ମୁଲକର ଶସ୍ୟ କ୍ଷେତସବୁ ଧ୍ୱଂସ କରୁଛି । ପରଦିନ ସେ ଆଖପାଖରୁ ବିପୁଳ ଶସ୍ୟରାଶି କିଣି ଆଣି ରଖିଲା । ସତରେ ବନ୍ୟା ହେଲା ଏବଂ ଲୋକେ ନାମ ମାତ୍ର ମୂଲ୍ୟରେ ଜମିଜମା ବନ୍ଧକ ରଖି ତା'ଠାରୁ ଶସ୍ୟ ସଂଗ୍ରହ କଲେ ଓ ଜମି ଫେରସ୍ତ ପାଇଲେ ନାହିଁ । ପରେ ପରେ ଆହୁରି କେତୋଟି ଦୁର୍ଯୋଗମୟ ଘଟଣାର ସୁଯୋଗ ନେଇ ଲୋକଟି ବନିଗଲା ମୁଲକଯାକର ସବୁଠାରୁ ଧନୀ ଭୂସ୍ୱାମୀ । ସେ ମୂର୍ତ୍ତିଟି ଆସିବା ପରଠାରୁ ନିଜର ଉନ୍ନତି ହେଉଛି, ସେଥିଯୋଗୁଁ ସେ ମୂର୍ତ୍ତିଟି ଉପରେ ଅଧିକରୁ ଅଧିକ ଫୁଲ ଚଢ଼ାଉ ଥାଏ ।

ଦିନେ ରାତିରେ ଗୋଟାଏ ଅସ୍ୱାଭାବିକ ଧ୍ୱନିରେ ତା' ନିଦ ତୁଟିଗଲା; ଦେଖିଲା, ମୂର୍ତ୍ତିଟି ହସୁଛି । ସେ ଉଠିପଡ଼ି ପାଖକୁ ଯାଆନ୍ତେ ମୂର୍ତ୍ତି ତାକୁ ପଚାରିଲା, ''ମୁଁ କିଏ ବୋଲି ତୁମ ଧାରଣା ?'' ଭୂସ୍ୱାମୀ ଉତ୍ତର ଦେଲା, ''ସୌଭାଗ୍ୟର ଦେବତା ନିଶ୍ଚୟ !'' ମୂର୍ତ୍ତି ହସିଲା ଓ କହିଲା, ''ମୁଁ ଦୁର୍ଭାଗ୍ୟର ଦେବତା ! ତୁମ ଯୋଗୁଁ ନିଃସ୍ୱ ଓ କ୍ଷୁଧାତୁର ଜନତା ବର୍ତ୍ତମାନ ତୁମ କୋଠା ଆଡ଼େ ମାଡ଼ି ଆସୁଛନ୍ତି । ସବୁ ଲୁଣ୍ଠନ କରି ନେବେ । ଗଣ୍ଡଗୋଳ ଭିତରେ ମୋତେ କେହି ଜଣେ ବାହାରକୁ ଫୋପାଡ଼ି ଦେବ । କେଜାଣି କିଏ ମୋତେ ପୁଣି କେତେ ଦିନ ପରେ ପାଇବ ଓ ମୁଁ ପୁଣି ମୋ କରାମତି ସାବ୍ୟସ୍ତ କରିବି !''

ଆମ ପୂଜା ପ୍ରାର୍ଥନା ଭଗବାନଙ୍କ ସମୀପରେ ପହଞ୍ଚିବ ନା କୌଣସି ମନ୍ଦ ଶକ୍ତି ହେବ ତା'ର ଉଦ୍‌ଗ୍ରୀବ ଗ୍ରାହକ – ତାହା ନିର୍ଭର କରେ ଆମ ବିଶ୍ୱାସ, ଆନ୍ତରିକତା ଏବଂ ପ୍ରାର୍ଥନାର ହେତୁ ଉପରେ ।

**– ମନୋଜ ଦାସ** ❑

ମୋ ଭିତରେ ଉଦାର-ପ୍ରସାରିତ ହୁଅ, ହେ ବରୁଣ; ମୋ ଭିତରେ ଶକ୍ତିମୟ ହୁଅ, ହେ ଇନ୍ଦ୍ର; ହେ ସୂର୍ଯ୍ୟ, ହୁଅ ଅତୀବ ଉଜ୍ଜ୍ୱଳ ଓ ଦୀପ୍ତିମାନ୍; ହେ ଚନ୍ଦ୍ର, ହୁଅ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ପରିପୂର୍ଣ୍ଣ । ଉଗ୍ର ଓ ଭୀଷଣ ହୁଅ, ହେ ରୁଦ୍ର; ହେ ମରୁତ୍‌ଗଣ, ହୁଅ ଦୁର୍ବାର ଓ କ୍ଷିପ୍ର; ହେ ଅର୍ଯ୍ୟମା, ହୁଅ ବଳବାନ୍ ଏବଂ ସାହସୀ; ହୁଅ ଭୋଗକ୍ଷମ ଏବଂ ସୁଖମୟ, ହେ ଭଗ; ହୁଅ ସୁକୋମଳ, ଏବଂ ଦୟାଳୁ ଏବଂ ପ୍ରେମମୟ ଏବଂ ଆବେଗମୟ, ହେ ମିତ୍ର; ହୁଅ ପ୍ରଭାମୟ ଏବଂ ପ୍ରକାଶମୟ, ହେ ଉଷା; ହେ ରାତ୍ରି, ହୁଅ ସୁଗମ୍ଭୀର, ହୁଅ ସୁଗର୍ଭା । ହେ ପ୍ରାଣଶକ୍ତି, ହୁଅ ପୂର୍ଣ୍ଣ, ପ୍ରସ୍ତୁତ ଏବଂ ଉତ୍‌ଫୁଲ୍ଲ; ହେ ମୃତ୍ୟୁ, ହର୍ମ୍ୟରୁ ହର୍ମ୍ୟତର ମୋତେ ପଥ ଦେଖାଇ ନେଇଚାଲ । ଏ ସମସ୍ତ ଭିତରେ ସଂହତି ବିଧାନ କର, ହେ ବ୍ରହ୍ମଣସ୍ପତି । ମୁଁ ଯେମିତି ଏସବୁ ଦେବଗଣଙ୍କ ଅଧୀନ ହୋଇ ନ ଯାଏ, ହେ କାଳି ।

(Thoughts and Aphorisms) – ଶ୍ରୀଅରବିନ୍ଦ

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

Statement about ownership and other particulars about the newspaper (NAVAPRAKASH) to be published in the first issue of every year after the last day of February.

**Form–IV**
(See Rule 8)

| | | |
|---|---|---|
| 1. Place of Publication | ··· | Sri Aurobindo Ashram, Pondicherry - 605 002 |
| 2. Periodicity of its Publication | ··· | Monthly |
| 3. Printer's Name | ··· | Swadhin Chatterjee |
| Nationality | ··· | Indian |
| Address | ··· | Sri Aurobindo Ashram Press, Pondicherry - 605 002 |
| 4. Publisher's Name | ··· | Manoj Das Gupta |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 5. Editor's Name | ··· | Madhusudan Mishra |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 6. Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta
*Signature of Publisher*

*Date : 8.3.2021*

**Vol. LII, No. 3** **R.N.I. No. 18163/70.**
Navaprakash (Monthly), March, 2021 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**